

ସମାଧାନ ଶିବିରରେ ଯୋଗଦେଲେ ବିଷ୍ଣୁଦେବ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
Google Play | App Store



ଜବରଦସ୍ତ ଲୁକ୍ ଦେଖାଇଲେ ଦିଶା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୩୯ | Vol. 22 No-39 | 10 MAY 2025 SATURDAY, BHUBANESWAR | ଶନିବାର, ୧୦ ମଇ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


# ଘନଘନ ଡ୍ରୋନ ଆକ୍ରମଣ

## ଭାରତୀୟ ସେନାର ପାଲଟା ଆକ୍ରମଣରେ ସମସ୍ତ ଡ୍ରୋନ ଧ୍ୱଂସ



# ଅଘୋଷିତ ଯୁଦ୍ଧ



## ବାରମ୍ବାର ଅସ୍ତ୍ରବିରତି ଉଲଙ୍ଘନ କରୁଛି ପାକିସ୍ତାନ

# ଉରିରେ ଗୁଳିବର୍ଷା

## ଭିକ ମାଗୁଛି ପାକିସ୍ତାନ

ନୂଆଦିଲ୍ଲୀ,୯ା୫: ଗୋଟିଏ ରାତିର ଯୁଦ୍ଧ ପରେ ପାକିସ୍ତାନ କାଙ୍ଗାଳ ହେବାକୁ ବସିଲାଣି। ଶେଷରେ ନିଜ ପଡ଼ୋଶୀ ରାଷ୍ଟ୍ରକୁ ଭିକ ମାଗିବା ଆରମ୍ଭ କରି ଦେଇଛି। ଏକ୍ସ ଜରିଆରେ ପାକିସ୍ତାନ ପଡ଼ୋଶୀ ରାଜ୍ୟକୁ ଋଣ ମାଗିବା ଆରମ୍ଭ କରିଛି। ପାକିସ୍ତାନର ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ କୁହାଯାଇଛି ଯେ ଶତ୍ରୁଦ୍ୱାରା ହୋଇଥିବା ପ୍ରଚଣ୍ଡ କ୍ଷତି ପରେ ପାକିସ୍ତାନ ସରକାର ଆନ୍ତର୍ଜାତିକ ଅଂଶୀଦାରମାନଙ୍କୁ ଅଧିକ ଋଣ ପାଇଁ ଅନୁରୋଧ କରୁଛନ୍ତି। ବଢୁଥିବା ଯୁଦ୍ଧ ଏବଂ ଷ୍ଟକ୍ ଦୁର୍ଘଟଣା ମଧ୍ୟରେ ଆମେ ଆନ୍ତର୍ଜାତିକ ଅଂଶୀଦାରମାନଙ୍କୁ ଉତ୍ତେଜନା ହ୍ରାସ କରିବାରେ ସହାୟତା କରିବାକୁ ଅନୁରୋଧ କରୁଛୁ। ରାଷ୍ଟ୍ରର ସୁରକ୍ଷା କରିବାକୁ ଅନୁରୋଧ ମଧ୍ୟ କରାଯାଇଛି। ପରବର୍ତ୍ତୀ ସମୟରେ ପାକିସ୍ତାନ ସରକାର ନିଜ ପୋଷ୍ଟରୁ ଓହରିଯାଇ ଦାବି କରିଛି ଯେ ପାକିସ୍ତାନ ଅର୍ଥନୈତିକ ବିଭାଗର ଏକ୍ସ ଆକାଉଣ୍ଟକୁ ହ୍ୟାକ୍ କରାଯାଇଛି।



## ୯୦ ମିନିଟ୍‌ରେ ୧୦୦ ଡ୍ରୋନ୍ ଆକ୍ରମଣ, ଧ୍ୱଂସ କଲା ସେନା

### ପ୍ରତିରକ୍ଷାମନ୍ତ୍ରୀ, ସେନାମୁଖ୍ୟଙ୍କ ସହ ମୋଦୀଙ୍କ ଘନଘନ ବୈଠକ

### ଦିଲ୍ଲୀ ଏମ୍ସର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ

### ପଞ୍ଜାବରେ ଡ୍ରୋନ୍ ଆକ୍ରମଣରେ ଗୋଟିଏ ପରିବାର ଆହତ

ନୂଆଦିଲ୍ଲୀ,୯ା୫: ଅନବରତ ଭାବେ ଅସ୍ତ୍ର ବିରତି ଉଲ୍ଲଂଘନ କରି ଚାଲିଛି ପାକିସ୍ତାନ। ଲଗାତାର ଭାବେ ଦ୍ୱିତୀୟ ଦିନରେ ପୁଣି ଡ୍ରୋନ ଆକ୍ରମଣ କରିଛି ଶତ୍ରୁ ରାଷ୍ଟ୍ର। ରାତି ବଢ଼ିବା ସହ ପାକିସ୍ତାନ ପକ୍ଷରୁ ଜାମ୍ମୁକାଶ୍ମୀର ଓ ଅନ୍ତର୍ଜାତୀୟ ସୀମାରେ ଥିବା ଅନ୍ୟାନ୍ୟ ରାଜ୍ୟ ଯଥା ରାଜସ୍ଥାନରେ ଡ୍ରୋନ ଓ ରକେଟ ଆକ୍ରମଣ ଆରମ୍ଭ ହୋଇଯାଇଛି। ଜାମ୍ମୁ, ପଠାନକୋଟ୍, ଲଖନପୁର ଓ ଉରି ଅଞ୍ଚଳରେ ପ୍ରଚୁର ପରିମାଣର ଡ୍ରୋନ ଆକ୍ରମଣ ଜାରି ରହିଥିବାବେଳେ ଭାରତୀୟ ସେନା ଓ ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ ଏହାକୁ ନଷ୍ଟ କରି ଦେଇଛନ୍ତି। ୯୦ ମିନିଟ୍‌ରେ ୧୦୦ ଡ୍ରୋନ୍ ଆକ୍ରମଣ ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ତେବେ ସମସ୍ତ ଡ୍ରୋନକୁ ନଷ୍ଟ କରିବାରେ ଭାରତୀୟ ସେନା ସଫଳ ହୋଇଛି। ବିଶେଷକରି ୧୧ଟି ସ୍ଥାନରେ ଡ୍ରୋନ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଏହାକୁ ଦୃଷ୍ଟିରେ ରଖି ଉରି, ଶାମ୍ବା, ପଠାନକୋଟ ଆଦି ଅଞ୍ଚଳରେ ବ୍ଲାକଆଉଟ୍ କରାଯାଇଛି। ଭାରତ-ପାକିସ୍ତାନ ଉତ୍ତେଜନାକୁ ଦୃଷ୍ଟିରେ ରଖି କୌଣସି ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ ରଖିବା ଉଦ୍ଦେଶ୍ୟରେ ଦିଲ୍ଲୀ ଏମ୍ସ କର୍ତ୍ତୃପକ୍ଷ ସମସ୍ତ କର୍ମଚାରୀଙ୍କ ଛୁଟିକୁ ବାତିଲ କରିଛନ୍ତି। ଅପରପକ୍ଷରେ ଶୁକ୍ରବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ଦେଶରେ ସ୍ୱାସ୍ଥ୍ୟସେବା ଯେପରି ବାଧାପ୍ରାପ୍ତ ନ ହୁଏ ସେ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ଥିତିର ସମୀକ୍ଷା ପାଇଁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଏନଏସଏ ଅଜିତ ଡୋଭାଲ, ସିଡିଏସ୍ ଜେନେରାଲ ଅନୀଲ ଚୌହାନ, ଓ ତିନିସେନା ମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି। ଡ୍ରୋନ ଆକ୍ରମଣରେ ପଞ୍ଜାବର ଫିରୋଜପୁରର ଗୋଟିଏ ପରିବାରର ସମସ୍ତ ସଦସ୍ୟ ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

## ୪୦୦ ଡ୍ରୋନ୍ ଖସାଇବାରେ ସକ୍ଷମ ହୋଇଥିଲା ଭାରତୀୟ ସେନା



ନୂଆଦିଲ୍ଲୀ,୯ା୫: ଗୁରୁବାର ମଧ୍ୟରାତ୍ରିରେ ପାକିସ୍ତାନ ପକ୍ଷରୁ ହୋଇଥିବା ଡ୍ରୋନ ଓ ମିସାଇଲ ହମଲାରେ ଅନେକ ଧର୍ମାନୁଷ୍ଠାନ ଓ ସାଧାରଣ ଜନତା ବସବାସ କରୁଥିବା ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିବାବେଳେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଡ୍ରୋନକୁ ଖସାଇବାରେ ଭାରତୀୟ ସେନା ସଫଳତା ପାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଶୁକ୍ରବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କର୍ଣ୍ଣେଲ ସୋଫିଆ କ୍ୟୁରେସୀ କହିଛନ୍ତି ଯେ ପାକିସ୍ତାନ ପକ୍ଷରୁ ୩୬ଟି ଯାଗାକୁ ଆକ୍ରମଣ ପାଇଁ ଯୋଜନା କରାଯାଇଥିଲା। ଏହି ଡ୍ରୋନଗୁଡ଼ିକ ତୁର୍କୀ ପକ୍ଷରୁ ଭାରତ ବିପକ୍ଷରେ ବ୍ୟବହାର କରିବାକୁ ପାକିସ୍ତାନକୁ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି। ସେହିପରି ପାକିସ୍ତାନ ବେସାମରିକ ପ୍ରତିରକ୍ଷା ବିମାନଗୁଡ଼ିକୁ ଆକ୍ରମଣ ପାଇଁ ବ୍ୟବହାର କରାଯାଉଥିବା ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ସୂଚନା ଦେଇଛନ୍ତି। ଡ୍ରୋନ ଆକ୍ରମଣରେ ଭାରତର ଗୋଟିଏ ଏୟାର ଡିଫେନ୍ସ ରାଡର କ୍ଷତିଗ୍ରସ୍ତ ହୋଇଥିବା ସେ କହିଛନ୍ତି। ଏଥିସହ ଭାରି ଗୁଳିମାଡ଼ କାରଣରୁ ଭାରତୀୟ ସେନାର କିଛି ଯବାନ ମଧ୍ୟ ଆହତ ହୋଇଥିବା ସୂଚନା ଦିଆଯାଇଛି। ତେବେ ପ୍ରତି ଆକ୍ରମଣରେ ପାକିସ୍ତାନର ମଧ୍ୟ ଅନେକ କ୍ଷୟକ୍ଷତି ହୋଇଥିବା କୁହାଯାଇଛି। ସେହିପରି ବୈଦେଶିକ ସଚିବ ବିକ୍ରମ ମିଶ୍ରି ସୂଚନା ଦେଇ କହିଛନ୍ତି ଯେ ପାକିସ୍ତାନ ପକ୍ଷରୁ ଗୁରୁବାର ରାତିରେ ଭାରତୀୟ ସହର ଓ ସାଧାରଣ ଜନତା ବସବାସ କରୁଥିବା ସ୍ଥାନକୁ ଟାର୍ଗେଟ କରାଯାଇଥିଲା। ପାକିସ୍ତାନ ପକ୍ଷରୁ ମିଥ୍ୟା ଓ ଗୁଜବ ଖବର ବାରମ୍ବାର ପ୍ରଚାର କରାଯାଉଥିବା ଶ୍ରୀ ମିଶ୍ରି ଉଲ୍ଲେଖ କରିଛନ୍ତି। ସାମ୍ପ୍ରଦାୟିକ ସଦ୍‌ଭାବନାକୁ ନଷ୍ଟକରିବା ଉଦ୍ଦେଶ୍ୟରେ ଭାରତ ପକ୍ଷରୁ ଗୁରୁଦ୍ୱାରକୁ ଆକ୍ରମଣ କରାଯାଉଥିବା ମିଥ୍ୟା ଅପପ୍ରଚାର ପାକିସ୍ତାନ କରୁଥିବା ସେ କହିଛନ୍ତି।

## ସିଭିଲ ଡିଫେନ୍ସ ଜରୁରି କ୍ଷମତା ପ୍ରୟୋଗ ନିର୍ଦ୍ଦେଶ

ନୂଆଦିଲ୍ଲୀ,୯ା୫: ସବୁ ରାଜ୍ୟକୁ ଜରୁରି କ୍ଷମତା ପ୍ରୟୋଗ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସିଭିଲ ଡିଫେନ୍ସ ନିୟମ ଅନୁଯାୟୀ ଜରୁରି କ୍ଷମତା ପ୍ରୟୋଗ କରାଯିବ। ଏ ନେଇ ଦେଶର ସବୁ ରାଜ୍ୟର ମୁଖ୍ୟ ଶାସନସଚିବମାନଙ୍କୁ ଚିଠି ଲେଖିଛି କେନ୍ଦ୍ର ଗୃହ ମନ୍ତ୍ରଣାଳୟ। ସିଭିଲ ଡିଫେନ୍ସ ନିୟମ ଅନୁଯାୟୀ ଜରୁରି କ୍ଷମତା ପ୍ରୟୋଗ କରିପାରିବେ ରାଜ୍ୟ। ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖି ଜରୁରି ପରିସ୍ଥିତିର ମୁକାବିଲା ପାଇଁ ସବୁ ରାଜ୍ୟ ପ୍ରସ୍ତୁତ ରହିବାକୁ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅବିଳମ୍ବେ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବା ସହ ଲୋକଙ୍କୁ ସ୍ଥାନାନ୍ତର ପାଇଁ ସମସ୍ତ ବ୍ୟବସ୍ଥା ହାତକୁ ନେବାକୁ କୁହାଯାଇଛି। ଜରୁରି ପରିସ୍ଥିତି ଉପୁଜିଲେ ସାଧାରଣ ଜନତା କିଭଳି ଏହା ଜାଣିପାରିବେ, ସେଥିନେଇ ରାଜ୍ୟମାନଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛି କେନ୍ଦ୍ର ଗୃହ ମନ୍ତ୍ରଣାଳୟ। ପହଲଗାମ ଆକ୍ରମଣର ପ୍ରତିଶୋଧ ପାଇଁ ଭାରତର କାର୍ଯ୍ୟାନୁଷ୍ଠାନ ପରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଉପୁଜିଛି। ତେଣୁ ଆଗକୁ ଯଦି ଯୁଦ୍ଧ ବଢ଼ିବ ଏହାର କିପରି ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ହେବ ଏ ନେଇ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ, ୧୯୬୮ ମସିହା ମଇ ୨୪ ତାରିଖରେ ସିଭିଲ ଡିଫେନ୍ସ ଆକ୍ଟ ଲାଗୁ ହୋଇଥିଲା। ପରେ ୨୦୦୯ ମସିହାରେ ସିଭିଲ ଡିଫେନ୍ସରେ ସଂଶୋଧନ କରାଯାଇ ସାରା ଦେଶପାଇଁ ଗୋଟିଏ ନିୟମ ଲାଗୁ ହେବା ନେଇ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ରର ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଏହି ନିୟମକୁ କାର୍ଯ୍ୟକାରୀ କରିପାରିବେ। ଏଥିସହ ଅନ୍ୟ ସମସ୍ତ ନିୟମଠାରୁ ଏହା ଊର୍ଦ୍ଧ୍ୱରେ ରହିବ। ଏହି ନିୟମ ମଧ୍ୟରେ ଜଣେ ନାଗରିକ କିପରି ସୁରକ୍ଷିତ ରହିପାରିବ ଏବଂ ଜୀବଜନ୍ତୁ ମଧ୍ୟ କିପରି ସୁରକ୍ଷିତ ରହିପାରିବେ ତାହା ଉପରେ ମଧ୍ୟ ପଦକ୍ଷେପ ନେବା ନେଇ ନିର୍ଦ୍ଦେଶ ରହିଛି। ଏଥିସହ ଯୁଦ୍ଧ ପରିସ୍ଥିତି ଉପୁଜିଲେ ଟେଲିଗ୍ରାଫ, ଟେଲିଫୋନ ବ୍ୟବହାର ଉପରେ ରୋକ୍ ଲଗାଯାଇପାରିବ।

## ଓଡ଼ିଶାରେ ହାଇଆଲର୍ଟ

### ପୁରୀ ସମେତ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ନୂଆଦିଲ୍ଲୀ,୯ା୫: ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ବୃଦ୍ଧି ପାଇବା ପରେ ଓଡ଼ିଶାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପାକିସ୍ତାନର ବିଫଳ ଡ୍ରୋନ ଓ ମିସାଇଲ ଆକ୍ରମଣ ପ୍ରୟାସ ପରେ ରାଜ୍ୟ ସରକାର ଓ ପୋଲିସ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟସ୍ଥାକୁ କଡ଼ାକଡ଼ି କରାଯାଇଛି । ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, ଭୁବନେଶ୍ୱର ବିମାନ ବନ୍ଦର, ବାଲେଶ୍ୱରରେ ଥିବା ଚାନ୍ଦିପୁର ମିଶାଇଲ ପରୀକ୍ଷଣ କେନ୍ଦ୍ର ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏ ନେଇ ପୁରୀ ଏସପି ବିନୀତ ଅଗ୍ରୱାଲ କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୁରୀର ମୁଖ୍ୟ ଦ୍ୱାରରେ ଅତିରିକ୍ତ ପୋଲିସ ମୁତୟନ କରାଯାଇଛି। ପାଟ୍ରୋଲିଂ ବୃଦ୍ଧି କରାଯିବା ସହ ଏକ କୁଇକ୍ ଆକ୍ସନ ଫୋର୍ସ ମଧ୍ୟ ପ୍ରସ୍ତୁତ କରାଯାଇଛି। ସେହିପରି ଭୁବନେଶ୍ୱର ବିମାନବନ୍ଦରରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶାର ୧୨ଟି ଜିଲ୍ଲା, ଖୋର୍ଦ୍ଧା, ଅନୁଗୋଳ,ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, କୋରାପୁଟ, ସମ୍ବଲପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ସୁନ୍ଦରଗଡ଼, ଢେଙ୍କାନାଳ ଏବଂ ପୁରୀରେ ସିଭିଲ ଡିଫେନ୍ସ ମକଡ୍ରିଲ ଆୟୋଜନ କରାଯାଇଛି। ଏହି ଅଭ୍ୟାସରେ ପୋଲିସ, ଅଗ୍ନିଶମବାହିନୀ, ହୋମଗାର୍ଡ, ସିଭିଲ ଡିଫେନ୍ସ, ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଏବଂ ଜରୁରି ପ୍ରତିକ୍ରିୟାବାହିନୀ ଅଂଶଗ୍ରହଣ କରିଛନ୍ତି। ଏନେଇ ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ କହିଛନ୍ତି ଯେ ଓଡ଼ିଶାପାଇଁ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ସତର୍କତା ଜାରି ହୋଇନାହିଁ । ତଥାପି ସତର୍କତାମୂଳକ ପଦକ୍ଷେପ ଭାବେ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ଚାନ୍ଦିପୁରରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର,୯ା୫(ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ ଆଇଟିଆର ପରିସରରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଭାରତ-ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ପରିସ୍ଥିତି ଉପରେ ସୁରକ୍ଷା ସଂପର୍କିତ ସମ୍ଭାବିତ ସ୍ଥିତି ନେଇ ଡିଆରଡିଓ ଦ୍ୱାରା ଏହି ବୈଠକ ଡକାଯାଇଥିଲା। ଏହି ବୈଠକରେ ପୂର୍ବାଞ୍ଚଳ ଡିଆଇଜିଙ୍କ ସମେତ ଏସ୍‌ପି ଓ ଥାନା ଅଧିକାରୀ ଯୋଗ ଦେଇଥିଲେ। ବର୍ତ୍ତମାନ ସାରା ଦେଶରେ ଏକ ସମ୍ବେଦନଶୀଳ ସମୟ ଚାଲିଥିବାରୁ ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ବାଲେଶ୍ୱର ଜିଲ୍ଲାରେ ପ୍ରତିରକ୍ଷା ବିଭାଗର ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜ (ଆଇଟିଆର), ପ୍ରତିରକ୍ଷା ଗବେଷଣା ବିକାଶ ପ୍ରତିଷ୍ଠାନ ଡିଆରଡିଓ ଭଳି ବଡ଼ ବଡ଼ ପ୍ରତିଷ୍ଠାନ ରହିଛି। ତେଣୁ ଏହାର ସୁରକ୍ଷା ପାଇଁ କଡ଼ାକଡ଼ି ପଦକ୍ଷେପ ନିଆଯାଇଛି। କେଉଁଭଳି ରଣନୀତି ପ୍ରସ୍ତୁତ ହେଲେ ଏହା ସୁରକ୍ଷିତ ହେବ ସେ ସଂପର୍କରେ ସବିଶେଷ ଆଲୋଚନା ହୋଇଛି। ଓଡ଼ିଶାରେ ଚାନ୍ଦିପୁର ବ୍ୟତୀତ ଆହୁରି ଅନେକ ଜାତୀୟ ପ୍ରତିଷ୍ଠାନ ରହିଛି, ଯାହାକୁ ଏବେ ସୁରକ୍ଷିତ ରଖିବା ଆବଶ୍ୟକ। ଏଥିରେ ହୀରାକୁଦ ବନ୍ଧଠାରୁ ଆରମ୍ଭ କରି ସୁନାବେଡ଼ାର ହାଲ, ରାଉରକେଲା ଷ୍ଟିଲପ୍ଲାଣ୍ଟ, କଟକର ଚାରିବାଟିଆ, ବଲାଙ୍ଗୀର ଜିଲ୍ଲା ସଇଁତଳାର ଗୋଳାବାରୁଦ କାରଖାନା ଏଥିରେ ସାମିଲ ରହିଛି। ଶତ୍ରୁପକ୍ଷରୁ ଯେପରି ପ୍ରତିଟି ଆକ୍ରମଣାତ୍ମକ ପଦକ୍ଷେପକୁ ପ୍ରତିହତ କରାଯାଇପାରିବ, ସେଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସତର୍କ ରହିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ରାଜ୍ୟବାସୀଙ୍କୁ ସୂଚନା ଦେଇଛନ୍ତି। ଯଦିଓ ଓଡ଼ିଶାରେ ଆତଙ୍କବାଦ ଆଶଙ୍କା ନାହିଁ, ତଥାପି ଆମେ ସଜାଗ ରହିବା। ତେଣୁ ଶତ୍ରୁଙ୍କୁ ଦମନ କରିବା ଆମର ମୁଖ୍ୟ କର୍ତ୍ତବ୍ୟ ବୋଲି ସେ ଆହ୍ୱାନ ଦେଇଛନ୍ତି।

## ସେନା ଓ ସରକାରକୁ ଆରଏସ୍ଏସ୍‌ର ପ୍ରଶଂସା

ନାଗପୁର,୯ା୫: ଭାରତ-ପାକିସ୍ତାନ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଆରଏସଏସ ପକ୍ଷରୁ ପ୍ରଥମ କରି ଏହି ବିବାଦ ଉପରେ ବିବୃତି ରଖାଯାଇଛି। ଆରଏସଏସ ମୁଖ୍ୟ ମୋହନ ଭାଗବତ ସେନାବାହିନୀ ଓ ସରକାରଙ୍କୁ ଭୁରି ଭୁରି ପ୍ରଶଂସା କରିଛନ୍ତି। ଏଭଳି ପରିସ୍ଥିତିରେ ସରକାର ଓ ସେନା ସହ ଆରଏସଏସ ଠିଆ ହେବ ବୋଲି କହିଛନ୍ତି। ଅପରେସନ ସିନ୍ଦୂର ପାଇଁ ସରକାରଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ହିନ୍ଦୁ ପର୍ଯ୍ୟଟକଙ୍କ ନିର୍ମମ ହତ୍ୟାକାଣ୍ଡରେ ପୀଡ଼ିତ ପରିବାର ଏବଂ ସମଗ୍ର ଦେଶକୁ ନ୍ୟାୟ ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟ ସମଗ୍ର ଦେଶର ଆତ୍ମସମ୍ମାନ ଏବଂ ସାହସ ବୃଦ୍ଧି କରିଥିବା ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଆରଏସଏସ ପକ୍ଷରୁ ଉଲ୍ଲେଖ କରାଯାଇଛି। ସେହିପରି ଭାରତ ସୀମାରେ ଧାର୍ମିକ ସ୍ଥଳ ଏବଂ ନାଗରିକ ବସତି ଅଞ୍ଚଳ ଉପରେ ପାକିସ୍ତାନୀ ସେନାଦ୍ୱାରା କରାଯାଉଥିବା ଆକ୍ରମଣକୁ ନିନ୍ଦା କରାଯାଇଛି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସମସ୍ତ ଦେଶବାସୀ ଏକଜୁଟ ହୋଇ ରହିବାକୁ ଆରଏସଏସ ଆହ୍ୱାନ କରିଛି। ଏଥିସହ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ମଧ୍ୟ କୁହାଯାଇଛି। ସମସ୍ତେ ଦେଶପ୍ରେମ ପ୍ରଦର୍ଶନ ପୂର୍ବକ ଆବଶ୍ୟକସ୍ଥଳେ ସେନା ଓ ବେସାମରିକ ପ୍ରଶାସନକୁ ସହଯୋଗ କରିବା ସହ ଜାତୀୟ ଏକତା ଓ ସୁରକ୍ଷା ବଜାୟ ରଖିବା ପାଇଁ ଆରଏସଏସ ଆହ୍ୱାନ ଦେଇଛି।

सत्यमेव जयते

**Government of India**

...

**(Forest Conservation Division)**

Online Proposal No.:
**FP/OR/MIN/QRY/456337/2023**

Dated: **20/08/2024**

To,

**The Addl. Chief Secretary (Forests),**
Government of Odisha,
Bhubaneswar

**Subject:** **Proposal for seeking prior approval of the Central Government under Section 2 (ii) of the Forest (Conservation) Act, 1980 in favour National Aluminum Company Limited (NALCO) for non-forestry use of diversion of 13.00 ha of forest land within Mining Lease area over 169.1779 ha of amalgamated Utkal D&E Open Cast Coal Block of National Aluminum Company Limited in Angul Forest Division of Angul district, Odisha (Online proposal no. FP/OR/MIN/OQR/456337/2023).**

**Sir/Madam,**

I am directed to refer to the Government of Odisha's letter dated 29.12.2022 and proposal submitted on PARIVESH 2.0 portal on 22.05.2024 on the above subject seeking prior approval of the Central Government under Section 2 (1) (ii) of the Van (Sanrakshan Evam Samvardhan) Adhiniyam, 1980 and to say that the proposal has been examined by the Advisory Committee constituted by the Central Government under Section-3 of the aforesaid Adhiniyam.

After careful examination of the proposal of the State Government and on the basis of the recommendations of the Advisory Committee, and approval of the same by the competent authority of the MoEF&CC, New Delhi, the Central Government hereby accords ***'in-principle'*** approval under Section 2 (1) (ii) of the Van (Sanrakshan Evam Samvardhan) Adhiniyam, 1980 in favour National Aluminum Company Limited (NALCO) for non-forestry use of diversion of 13.00 ha of forest land within Mining Lease area over 169.1779 ha of amalgamated Utkal D&E Open Cast Coal Block of National Aluminum Company Limited in Angul Forest Division of Angul district, Odisha subject to fulfilment of the following conditions:

**1. General Conditions**

| S. No | Conditions |
|---|---|
| 1.1 | Legal status of the diverted forest land shall remain unchanged |
| 1.2 | The non-forest land identified for raising compensatory afforestation shall be transferred and mutated in favour of the State Forest Department before issue of the Stage-II clearance |
| 1.3 | The land identified for the purpose of CA shall be clearly depicted on a Survey of India toposheet of 1:50,000 scale |
| 1.4 | The User Agency shall transfer the cost of raising and maintaining the compensatory afforestation, at the current wage rate, to the State Forest Department. The scheme may include appropriate provision for anticipated cost increase for works scheduled for subsequent years |
| 1.5 | The State Government shall charge the Net Present Value (NPV) of the forest land being diverted under this proposal from the User Agency as per the orders of the Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No. 202/1995 and the guidelines issued by this Ministry vide its letter No. 5-3/2007-FC dated 05.02.2009 in this regard |
| 1.6 | At the time of payment of the Net Present Value (NPV) at the then prevailing rate, the User Agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India |
| 1.7 | All the funds received from the user agency under the project, except the funds realized for regeneration/ demarcation of safety zone, shall be transferred to Ad-hoc CAMPA in the Savings Bank Account pertaining to the State concerned |
| 1.8 | The User Agency shall obtain the Environment Clearance as per the provisions of the Environmental (Protection) Act, 1986, if required |
| 1.9 | The boundary of the diverted forest land, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, forward and back bearing and distance from pillar to pillar |
| 1.10 | The User agency, if required, will undertake comprehensive soil conservation measures in the area being diverted at the project cost in consultation with the State Forest Department. A scheme of the same may be submitted along with the compliance report |
| 1.11 | No labour camp shall be established on the forest land |
| 1.12 | The User Agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas |
| 1.13 | The forest land shall not be used for any purpose other than that specified in the proposal |
| 1.14 | The layout plan of the proposal shall not be changed without the prior approval of the Central Government |
| 1.15 | The forest land proposed to be diverted shall under no circumstances be transferred to any other agency, department or person without prior approval of the Central Government |
| 1.16 | No damage to the flora and fauna of the adjoining area shall be caused |
| 1.17 | Any tree felling shall be done only when it is unavoidable and that too under strict supervision of the State Forest Department |
| 1.18 | The user agency in consultation with the State Government shall create and maintain alternate habitat/home for the avifauna, whose nesting trees are to be cleared in this project. Bird's nests artificially made out of eco-friendly material shall be used in the area, including forest area and human settlements, adjoining the forest area being diverted for the project |
| 1.19 | The User Agency shall submit six monthly self-compliance reports as on 1st January and 1st July of every year to this office as well as to the Nodal Officer of the State |
| 1.20 | The State Government shall monitor compliance of conditions of Forest Clearance and shall submit in this regard yearly report as on 31st December of every year |
| 1.21 | Any other condition that the concerned Regional Office of this Ministry may stipulate, from time to time, in the interest of conservation, protection and development of forests & wildlife |
| 1.22 | The User Agency and the State Government shall ensure compliance to provisions of the all Acts, Rules, Regulations and Guidelines, for the time being in force, as applicable to the project |
| 1.23 | The Compensatory afforestation, over non-forest land, equal in extent to the forest land being diverted, shall be raised by the State Forest Department at the project cost; |
| 1.24 | The cost of survey, demarcation and erection of permanent pillars, if required on the identified CA land, shall be deposited in advance with the Forest Department by the user agency. |
| 1.25 | The non-forest land transferred and mutated in favour of the State Forest Department shall be notified by the State Government as Protected Forests under section 29 of the Indian Forest Act, 1927 or under the relevant section(s) of the local Forest Act, before issue of the 'Final' approval under the Adhiniyam. The Nodal Officer shall report compliance in this regard along with a copy of the original notification declaring the non-forest land as PF, along with compliance of 'in-principle' approval; |

**2. Standard conditions**

| S. No | Conditions |
|---|---|
| 2.1 | The period of diversion of the said forest land under this approval shall be for a period co-terminus with the period of the mining lease proposed to be granted under the Mines and Minerals (Development & Regulating) Act, 1957, as amended or Rules framed there under, subject to a maximum period of 30 or 50 years. |
| 2.2 | User agency either himself or through the State Forest Department shall undertake gap planting and soil & moisture conservation activities to restock and rejuvenate the degraded open forests (having crown density less than 0.40), if any, located in the area within 100 m. from outer perimeter of the mining lease; |
| 2.3 | Following activities shall be undertaken by the user agency for the management of safety zone:<br>(a) User agency shall ensure demarcation of boundary of safety zone (7.5 meter strip all along the inner boundary of the mining lease area), and its protection by erecting adequate number of 4 feet high RCC boundary pillars inscribed with DGPS coordinates and deploying adequate number of watchers under the supervision of the State Forest Department.<br>(b) In case of the mining leases adjoining the habitation stretch of the boundary of the safety zone of the lease adjacent to the habitation/roads should be properly fenced by the user agency at the project cost to protect the vegetation /regeneration activities in the safety zone.<br>(c) Safety zone shall be maintained as green belt around the mining lease and to ensure dense canopy cover in the area, regeneration shall be taken in this area by the user agency at the project cost under the supervision of the State Forest Department.<br>(d) Afforestation on degraded forest land, to be selected elsewhere, measuring one and a half times the forest area under safety zone shall also be done by the user agency at the project cost under the supervision of the State Forest Department. |
| 2.4 | The user Agency shall implement the R & R Plan as per the R & R Policy of State Government in consonance with National R&R Policy, Government of India before the commencement of the project work and implementation. The said R & R Plan will be monitored by the State Government/Regional Office of MoEF along with indictors for monitoring and expected observable milestones. |
| 2.5 | Adequate care shall be taken to check any rolling of overburden/dumps beyond diverted area and also to check soil erosion caused due to mining activities; |
| 2.6 | The user agency shall undertake de-silting of the village tanks and other water bodies located within five km from the mine lease boundary so as to mitigate the impact of siltation of such tanks/water bodies, whenever required; |
| 2.7 | Following activities shall be undertaken by the User Agency at the project cost:<br>(a) Preparation and implementation of a plan containing appropriate mitigative measures to minimize soil erosion and choking of streams;<br>(b) Planting of adequate drought hardy plant species and sowing of seeds in the appropriate area within the mining lease to arrest soil erosion;<br>(c) Construction of check dams, retention /toe walls along the contour to arrest sliding down of the excavated material;<br>(d) Stabilize the overburden dumps by appropriate grading/benching so as to ensure that that angles of repose at any given place is less than 28o; |
| 2.8 | The user agency shall undertake mining in a phased manner after taking due care for reclamation of the mined over area. The concurrent reclamation plan as per the approved mining plan shall be executed by the User Agency from the very first year, and an annual report on implementation thereof shall be submitted to the Nodal Officer, Forest (Conservation) Act, 1980, in the concerned State Government and the concerned Regional Office of the Ministry. If it is found from the annual report that the activities indicated in the concurrent reclamation plan are not being executed by the User Agency, the Nodal Officer or the Chief Conservator of Forests (Central) may direct that the mining activities shall remain suspended till such time, such reclamation activities are satisfactorily executed. |
| 2.9 | The user agency shall prepare a schedule for surrender of the mined out and reclaimed forest land in accordance with existing mining plan and submit the same along with an undertaking to surrender the mined out and reclaimed forest land as per such schedule to the MoEF&CC before grant of Stage-II approval under the FC Act for diversion of the said forest land; |

**3. Specific Conditions**

| S. No | Conditions |
|---|---|
| 3.1 | A nala is flowing in North Western side of the proposed forest land for diversion. The State Government shall ensure that proper embankment should be constructed in the bank of nala without disturbing the nala to ensure that no leached water from the mining lease enters the nala. Also 50 meter Safety zone shall be left from the nala and plantation should be done in the above safety zone at the cost of the User Agency; |
| 3.2 | All details (i.e. KML file, SOI topo sheet, DGPS map, approved CA Scheme, site suitability certificate etc.) of non-forest land equal in extant to the forest land being proposed for diversion shall be submitted by the State Government along with the compliance report of the Stage-I approval. |
| 3.3 | The non-forest land to be identified shall be transferred and mutated in favour of the State Forest Department and shall also be notified as RF/PF under IFA, 1927 or any state /local act before granting the Stage-II approval; |

After receipt of a satisfactorily report on the compliance of conditions stipulated in the extant 'in-principle approval letter, as mentioned above, from the State Government, the proposal shall be considered for grant of 'final' approval under section 2 (1) (ii) of the Van (Sanrakshan Evam Samvardhan) Adhiniyam, 1980. Transfer of forest land shall not be affected by the State Government till the 'final" approval, to the extant proposal, is granted by the Central Government.

**Copy To**

1. PCCF (HoFF), Department of Forests, Government of Odisha, Bhubaneswar.
2. Dy. DGF (Central), Regional Office of the MoEF&CC at Bhubaneswar.
3. Nodal Officer (FCA), Department of Forests, Government of Odisha, Bhubaneswar.
4. User Agency
5. Monitoring Cell, FC Division, MoEF&CC, New Delhi for uploading on PARIVESH portal.

**Your's faithfully**

**Sd/-**
**(Suneet Bhardwaj)**
Assistant Inspector General of Forests

Signed by

सत्यमेव जयते

**Government of India**

**Ministry of Environment, Forest and Climate Change**

**(Forest Conservation Division)**

Online Proposal No.:
**FP/OR/MIN/QRY/456337/2023**

Dated: **25/02/2025**

To,

**The Addl. Chief Secretary (Forests),**
Government of Odisha,
Bhubaneswar.

**Subject:** **Proposal for seeking prior approval of the Central Government under Section 2 (1) (ii) of the Van (Sanrakshan Evam Samvardhan) Adhiniyam, 1980 in favour National Aluminum Company Limited (NALCO) for non-forestry use of 13.00 ha of forest land within Mining Lease area over 169.1779 ha of amalgamated Utkal D&E Open Cast Coal Block of National Aluminum Company Limited in Angul Forest Division of Angul district, Odisha**

**Sir/Madam,**

I am directed to refer to the Government of Odisha's proposal on the above mentioned subject submitted online on PARIVESH portal on 22.05.2024 seeking prior approval of the Central Government in accordance with Section-2 (1) (ii) of the Van (Sanrakshan Evam Samvardhan) Adhiniyam, 1980 . After careful examination of the proposal by the Advisory Committee, constituted under Section-3 of the said Act, 'in-principle' approval to the proposal under the Van (Sanrakshan Evam Samvardhan) Adhiniyam, 1980 was granted vide this Ministry's letter of even number dated 20.08.2022 subject to fulfillment of certain conditions prescribed therein. The State Government has furnished compliance report in respect of the conditions stipulated in the in-principle approval and has requested the Central Government to grant final approval.

2. In this connection, I am directed to say that on the basis of the compliance report furnished by the State Government vide letter No. no. No. 4259/9F (MG)-329/2024 dated 21.02.2025, 'final' approval of Central Government under Section 2 (1) (ii) of the Van (Sanrakshan Evam Samvardhan) Adhiniyam, 1980 is hereby granted in favour National Aluminum Company Limited (NALCO) for non forestry use of 13.00 ha of forest land within mining Lease area over 169.1779 ha of amalgamated Utkal D&E Open Cast Coal Block of National Aluminum Company Limited in Angul Forest Division of Angul district, Odisha, subject to fulfillment of the following conditions:

| S. No | Conditions |
|---|---|
| 1.1 | "Legal status of the diverted forest land shall remain unchanged" |
| 1.2 | The State Government shall ensure that compensatory afforestation over the non-forest land equal in extent to the forest land being diverted i.e. 13.0 ha shall be done and the afforestation works shall start within two years from the date of final approval and maintained thereafter in accordance with the approved Plan in consultation with the State Forest Department; |
| 1.3 | The State Government shall ensure that the additional compensatory afforestation over an area of 8 ha. of degraded Forest shall also be done at the project cost under the supervisions of the State Forest Department and afforestation works shall start within two years from the date of final approval and maintained thereafter in accordance with the approved Plan in consultation with the State Forest Department; |
| 1.4 | The compensatory afforestation, including the soil and moisture conservation activities, shall be undertaken by the State Forest Department in accordance with the CA scheme approved by the competent authority of the State from the funds deposited by the user agency for the purpose. Afforestation of afforestation of indigenous species should be undertaken and the afforestation will be maintained for 10 years; |
| 1.5 | The State Government has realized the NPV of the forest area diverted under this proposal from the User Agency, as per the orders dated 28.03.2008, 24.04.2008 and 09.05.2008 passed by the Hon'ble Supreme Court of India in Writ Petition (Civil) No. 202/1995 and the guidelines given under para 3 of the Chapter -3 of the Consolidate Guidelines and Clarifications issued under the Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 published by the Ministry on 29.12.2023, the user agency shall pay the additional amount of NPV, if so determined, as per the final decision of the Hon'ble Supreme Court of India; |
| 1.6 | No damage shall be caused to the top-soil and the user agency will follow the top soil management plan; |
| 1.7 | Compensatory levies, if any, realized in future under the extant project, shall be transferred/ deposited, through e-payment module on PARIVESH portal (https://parivesh.nic.in/), into the account of CAMPA of the State concerned, managed by the National Authority (CAMPA); |
| 1.8 | The user agency shall explore the possibility of translocation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department; |
| 1.9 | The State Government shall complete settlement of rights, in term of the Scheduled Tribes and Traditional Forest Dwellers (Recognition of Forest Rights) Act, 2006, if any, on the forest land to be diverted and submit the documentary evidence, in accordance with the Rule 11 (7) of the Van (Sanrakshan Evam Samvardhan) Rules, 2023; |
| 1.10 | The User Agency shall comply with the Hon'ble Supreme Court order on re-grassing, and re-grass the mining area and any other areas which may have been disturbed due to mining to restore them to a condition which is fit for growth of fodder, flora, fauna, etc. in a timely manner; |
| 1.11 | The User Agency shall obtain the Environment Clearance as per the provisions of the Environmental (Protection) Act, 1986, if required; |
| 1.12 | No labour camp shall be established on the forest land and the User Agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas; |
| 1.13 | The boundary of the diverted forest land, mining lease and safety zone, as applicable, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS coordinates; |
| 1.14 | The layout plan of the mining plan/ proposal shall not be changed without the prior approval of the Central Government and the forest land shall not be used for any purpose other than that specified in the proposal; |
| 1.15 | The forest land proposed to be diverted shall under no circumstances be transferred to any other agency, department or person without prior approval of the Central Government; |
| 1.16 | No damage to the flora and fauna of the adjoining area shall be caused; |
| 1.17 | Any other condition that the concerned Regional Office of this Ministry may stipulate with the approval of competent authority in the interest of conservation, protection and development of forests & wildlife; |
| 1.18 | The user agency shall comply all the provisions of the all Acts, Rules, Regulations, Guidelines, Hon'ble Court Order (s) and NGT Order (s) pertaining to this project, if any, for the time being in force, as applicable to the project; |
| 1.19 | The User Agency shall submit the annual self -compliance report in respect of the above stated conditions to the State Government, concerned Regional Office and to this Ministry by the end of March every year regularly; |
| 1.20 | The monitoring report shall be uploaded on e-portal (https://parivesh.nic.in/) regularly |

**2. Standard conditions**

| S. No | Conditions |
|---|---|
| 2.1 | The User Agency shall regularly undertake desilting of village tanks and other water bodies, located within five km from the mine lease boundary, as per plan submitted along with the compliance of 'in-principle' approval, so as to mitigate the impact of project on such tanks/water bodies. |
| 2.2 | The User Agency shall undertake that afforestation of the non-mineralized virgin forest land within the mining area shall be taken up at project cost; |
| 2.3 | Following activities, as per approved plan / schemes, shall be implemented in the lease area by the user agency under the supervision of the State Forest Department:<br>a. Mitigative measures to minimize soil erosion and choking of stream shall be implemented within a period of three years with effect from the issue of final approval in accordance with the approved Plan in consultation with the State Forest Department;<br>b. Planting of adequate drought hardy plant species and sowing of seeds, in the appropriate area within the mining lease to arrest soil erosion in accordance with the approved scheme;<br>c. Construction of check dams, retention /toe walls to arrest sliding down of the excavated material along the contour in accordance with the approved scheme;<br>d. Stabilize the overburden dumps by appropriate grading/benching, in accordance with the approved scheme, so as to ensure that angles of repose at any given place is less than 28°; |
| 2.4 | The State Govt. shall ensure that the user Agency shall implement the R & R Plan as per the R & R Policy of State Government in consonance with National R&R Policy, Government of India before the commencement of the project work and implementation. The said R & R Plan will be monitored by the State Government/ Regional Office of MoEF along with indictors for monitoring and expected observable milestones; |
| 2.5 | Adequate care shall be taken to check any rolling of overburden/dumps beyond diverted area and also to check soil erosion caused due to mining activities; |
| 2.6 | **Safety Zone Management:** Following activities, at project cost, shall be implemented by the user agency for the management of safety zone as per relevant guidelines issued by the Ministry's guidelines:<br>a. User agency shall ensure demarcation of safety zone (7.5-meter strip all along the inner boundary of the mining lease area), and its fencing, protection and regeneration by erecting adequate number of 6 feet high RCC boundary pillars inscribed with DGPS coordinates with barbed wire fencing and deploying adequate number of watchers under the supervision of the. State Forest Department;<br>b. Boundary of the safety zone of the mining lease, adjacent to habitation/roads, should be properly fenced by the user agency;<br>c. Safety zone shall be maintained as green belt around mining lease and to ensure dense canopy in the area, regeneration shall be taken up in this area by the user agency at project cost under the supervision of the State Forest Department;<br>d. The State Government and the user agency shall ensure that safety zone is maintained as per the prescribed norms; |
| 2.7 | The User Agency shall undertake mining in a phased manner after taking due care for reclamation of the mined over area. The concurrent reclamation plan as per the approved mining plan shall be executed by the User Agency from the very first year, and an annual report on implementation thereof shall be submitted to the Nodal Officer, Forest (Conservation) Act, 1980, in the concerned State Government and the concerned Regional Office of the Ministry. If it is found from the annual report that the activities indicated in the concurrent reclamation plan are not being executed by the User Agency, the Nodal Officer or the concern Addl. Principle Chief Conservator of Forests (Central) may direct that the mining activities shall remain suspended till such time, such reclamation activities area satisfactorily executed; |
| 2.8 | The State Govt. shall ensure that the user agency shall surrender of the mined out area as per the surrender schedule and reclaimed forest land in accordance with existing mining plan; |
| 2.9 | Period of diversion of the said forest land under this approval shall be for a period co-terminus with the period of the mining lease proposed to be granted under the Mines and Minerals (Development and Regulation) Act, 1957, as amended and the Rules framed there-under; |
| 2.10 | The State Govt. shall ensure that the user agency and the State Forest Department shall create and maintain from funds to be provided by the user agency alternate habitat/ home for the avifauna, whose nesting trees are to be cleared in this project as per the plan duly approved by the Principal Chief Conservator of Forests (Wildlife) and the Chief Wildlife Warden Odisha. Bird nests artificially made out of eco-friendly materials shall be used in the area, including forest area and human settlements, adjoining the forest area being diverted for the project; |
| 2.11 | The State Govt. shall ensure that the user agency either himself or through the State Forest Department shall implement gap planting and soil & moisture conservation activities to restock and rejuvenate the degraded open forests (having crown density less than 0.40), if any, located in the area within 100 m. from outer perimeter of the mining lease; |
| 2.12 | The State Govt. shall ensure that the user agency shall implement to take up works for construction and cleaning of garland drains, stabilizing retaining walls, proper terracing of OB dumps and checking gully formation resulting in soil erosion; |
| 2.13 | The State Govt. shall ensure that the user agency shall maintain that plants which are having lowest translocation factor can be preferred under afforestation on the OB dumps and fruit trees to be avoided in planting during biological stabilization of OB dumps; |
| 2.14 | The State Govt. shall ensure that the user agency shall made all possible efforts to prevention of fall of wild animals into mining pit by fencing the open pit area; |
| 2.15 | The State Govt. shall ensure that the user agency shall maintain the angle of repose in OB dumps to be maintained to ensure stability and safety; |
| 2.16 | The State Govt. shall ensure that the user agency shall maintain that vetiver grass can be planted at the lower reaches of the dump to bind the soil and prevent soil erosion giving better stability to the dump; |
| 2.17 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in para 1.16 of Chapter 1 of the Consolidated Guidelines and Clarifications on Van (Sanrakshan Evam Samvardhan) Adhiniyam, 1980 as issued by this Ministry's letter dated 29.12.2023; |
| 2.18 | The State Government and user agency shall ensure compliance to all conditions stipulated in the 'in-principle' approval letter dated 20.08.2024 for which undertakings have been obtained from the user agency and also the provisions of the all Acts, Rules, Regulations and Guidelines, relevant Hon'ble Court Order (S) and NGT Order (S), if any, or the time being in force, including compliance of the Schedule Tribes and Other Traditional Forest Dwellers (Recognition of Forests Rights) Act, 2006, before handing over the forest land to the user agency. |

**3. Specific Conditions**

| S. No | Conditions |
|---|---|
| 3.1 | *The State Government shall ensure that the land identified for CA which has been transferred and mutated in favour of the State Forest Department, shall be notify as Protected Forest under section 29 of the Indian Forest Act, 1927 or local forest Act of State before handing over of forest land to the User Agency by the State Government. The Nodal Officer shall upload a copy of said notification on the PARIVESH portal under intimation to this Ministry;* |
| 3.2 | *The State Government shall ensure that proper embankment shall be constructed in the bank of nala without disturbing the nala to ensure that no leached water from the mining lease enters the nala. Also 50 meter Safety zone shall be left from the nala and plantation should be done in the above safety zone at the cost of the User Agency;* |
| 3.3 | *A kachha road/path is passing through the identified non-forest land for CA, the State Govt. shall ensure that it does not adversely affect the compensatory afforestation area and the road/path is used for forest management.* |

**Copy To**

1. The PCCF (HoFF), Department of Forest, Government of Odisha, Bhubaneswar.
2. The DDGF (Central), Regional Office of MoEF&CC at Bhubaneswar.
3. The Nodal Officer (FCA), Department of Forest, Government of Odisha, Bhubaneswar.
4. User Agency
5. Monitoring Cell, FC Division, MoEF&CC, New Delhi for uploading on PARIVESH portal.

**Your's faithfully**

**(Suneet Bhardwaj)**
Assistant Inspector General of Forests



କଟକ(ଭାସ୍କର ନ୍ୟୁଜ୍): କ୍ୟାଡର୍‌ଭୁକ୍ତ ହୋଇନଥିବା ବ୍ଲକ୍‌ଗ୍ରାଣ୍ଟ୍ କର୍ମଚାରୀଙ୍କ ବଦଳି ପ୍ରସଙ୍ଗରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତ। ବ୍ଲକ୍‌ଗ୍ରାଣ୍ଟ୍ ପାଉଥିବା ଅଣଶିକ୍ଷକ କର୍ମଚାରୀଙ୍କୁ ଗୋଟିଏ ଶିକ୍ଷାନୁଷ୍ଠାନରୁ ଅନ୍ୟ ଏକ ଅନୁଷ୍ଠାନକୁ ବଦଳି କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଶୁକ୍ରବାର ଏକ ମାମଲାର ଶୁଣାଣି କରି ଏପରି ଆଦେଶ ଦେଇଛନ୍ତି । ଆବେଦନକାରୀ ସୁରେନ୍ଦ୍ର କୁମାର ଜେନାଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ଓ ବିଚାରପତି ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ଆଦେଶ ପ୍ରଦାନ କରିଛନ୍ତି । ଆବେଦନକାରୀଙ୍କ ତରଫରୁ ହାଇକୋର୍ଟରେ ଏହି ମାମଲାକୁ ଆଇନଜୀବୀ ସମୀର କୁମାର ଦାସ ମାମଲା ପରିଚାଳନା କରୁଥିଲେ।



## ଅପରେସନ୍ ସିନ୍ଦୂର ୨.୦ର ପ୍ରଭାବ

# ପ୍ରମୁଖ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

## ଭୟଭୀତ ନହେବାକୁ ମୁଖ୍ୟମନ୍ତ୍ରୀଙ୍କ ଅପିଲ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତ-ପାକିସ୍ତାନ ବିବାଦ ମଧ୍ୟରେ ରାଜ୍ୟବାସୀଙ୍କୁ ଭୟଭୀତ ନହେବାକୁ ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆତଙ୍କବାଦୀ ନିପାତ ପାଇଁ ଭାରତ ସଂକଳ୍ପ ନେଇଛି । ଯୋଜନାବଦ୍ଧ ଆକ୍ରମଣ କରି ଆତଙ୍କବାଦୀଙ୍କୁ ନିପାତ କରାଯାଉଛି । ପ୍ରଧାନମନ୍ତ୍ରୀ ସାରା ବିଶ୍ୱର ନେତୃତ୍ୱ ନେଉଛନ୍ତି । ଓଡିଶା କ୍ଷେତ୍ରରେ ଆମ ରାଜ୍ୟରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଚାନ୍ଦିପୁର, ପୁରୀ ଭଳି ସ୍ଥାନରେ ବଙ୍ଗୋପସାଗର ପଟୁ ଆକ୍ରମଣର ଆଶଙ୍କା ରହିଛି । କେନ୍ଦ୍ର ସରକାର ଏଥିପାଇଁ ପ୍ରସ୍ତୁତ ଅଛନ୍ତି । ରାଜ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନର ସୁରକ୍ଷା ନେଇ ପୂର୍ବରୁ ରାଜ୍ୟ ସରକାର ଆଲୋଚନା କରିଥିଲେ । କିଭଳି ଭାବେ ସବୁ ଅଂଚଳକୁ ସିଲ କରାଯିବ ଓ ଯାଞ୍ଚ କଡାକଡି କରାଯିବ,ଯେଉଁମାନେ ବାହାରେ ଅଛନ୍ତି ତାଙ୍କୁ ଓଡିଶା ଆଣିବା ପାଇଁ ବନ୍ଦୋବସ୍ତ କରାଯାଉଛି । ନୂଆଦିଲ୍ଲୀରେ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ହେଲ୍ପ ଡେ଼ସ୍କ ଖୋଲାଯାଇଛି । ଜମ୍ମୁରେ ପଢୁଥିବା ଓଡ଼ିଆ ଛାତ୍ର ।ତ୍ରୀଙ୍କୁ ଦିଲ୍ଲୀ ଅଣାଯାଉଛି । ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିବା ସହ ଆମେ ଲଗାତାର ଭାବେ ସମୀକ୍ଷା କରୁଛୁ । ଲମ୍ବା ଯୁଦ୍ଧ ହେବ ଭାରତ ବିଜୟୀ ହେବ। ଭୟଭୀତ ହେବାର କୌଣସି ପ୍ରଶ୍ନ ନାହିଁ । ରାଜ୍ୟରେ ଯେଉଁ ସାଧାରଣ ବ୍ୟବସ୍ଥା ରହିଛି ତାହା କାର୍ଯ୍ୟ କାରୀ ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।



ଦିନକୁ ଦିନ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି । ପାକିସ୍ତାନ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବା ବେଳେ ଭାରତ ସଜାଗ ହୋଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ବିଭିନ୍ନ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଏହାର ପ୍ରଭାବରେ ଭୁବନେଶ୍ୱର ବିମାନବନ୍ଦରଠାରୁ ଆରମ୍ଭ କରି ଚାନ୍ଦିପୁର ଆଇଟିଆର, ଡିଆରଡିଓ, ଶ୍ରୀକ୍ଷେତ୍ର ଧାମଠାରୁ ଆରମ୍ଭକରି ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଭାରତ 'ଅପରେସନ୍ ସିନ୍ଦୂର ୨.୦' ଜରିଆରେ ଏବେ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେଉଥିବା ବେଳେ ଆକାଶ ମାର୍ଗରେ ଶତାଧିକ ଡ୍ରୋନ୍‌କୁ ଧ୍ୱଂସ କରୁଛି ଭାରତୀୟ ସେନା ।

## ଭୁବନେଶ୍ୱର ବିମାନବନ୍ଦର ବାହାରେ ସନ୍ଦିଗ୍ଧ ବ୍ୟାଗ୍ ଜବତ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତି ଭିତରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦର ବାହାରେ ଏକ ସନ୍ଦିଗ୍ଧ ବ୍ୟାଗ୍ କିଛି ସମୟ ପାଇଁ ଭୟର ବାତାବରଣ ସୃଷ୍ଟି କରିଥିଲା। ଲଗେଜ୍ ଟ୍ରଲିରେ ଥିବା ଏହି ବ୍ୟାଗକୁ ଯାଞ୍ଚ କରିଥିଲା ଡଗ୍ ଓ ବମ୍ ସ୍କ୍ୱାଡ୍। ଯାଞ୍ଚ ପରେ ସନ୍ଦିଗ୍ଧ ବ୍ୟାଗକୁ ଜବତ କରାଯାଇଥିଲା। ତେବେ ବ୍ୟାଗ କେମିତି କେଉଁଠୁ ଆସିଲା ତାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ଘଟଣା ପରେ ବିମାନ ବନ୍ଦର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତିକୁ ନଜରରେ ରଖି ଓଡ଼ିଶାର ବିଭିନ୍ନ ସ୍ଥାନରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଜଣେ ଯାତ୍ରୀ ନିଜର ବ୍ୟାଗଟି ଛାଡ଼ି ଚାଲିଯାଇଥିବା ପରେ ଜଣାପଡ଼ିଥିଲା।

## ଯାତ୍ରୀମାନେ ଭୟଭୀତ ହୁଅନ୍ତୁ ନାହିଁ: ନିର୍ଦ୍ଦେଶକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯାତ୍ରୀମାନେ ଭୟଭୀତ ହୁଅନ୍ତୁ ନାହିଁ। ଭୁବନେଶ୍ୱର ବିମାନ ବନ୍ଦରରେ ଅପରେସନ ସ୍ୱାଭାବିକ ରହିଛି। ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏହି ସୂଚନା ଦେଇଛନ୍ତି। କେବଳ ଗୋଟିଏ ଫ୍ଲାଇଟ କ୍ୟାନସେଲ ହୋଇଛି। ଏନେଇ ସୂଚନା ଦିଆଯାଇଛି ଯେ ହିଣ୍ଡନ ଫ୍ଲାଇଟ କ୍ୟାନସେଲ ହୋଇଛି। ହିଣ୍ଡନ ଏଭେଲେବୁଲ ନାହିଁ ବୋଲି ଏଭଳି ସ୍ଥିତି ହୋଇଛି। ଭୁବନେଶ୍ୱର ବିମାନ ବନ୍ଦରରେ ପକ୍ଷରୁ ଯେମିତି ପ୍ରସ୍ତୁତ କରିବା ସେଭଳି ପ୍ରସ୍ତୁତି ସରିଛି। ଅନ୍ୟପଟେ ଆଭ୍ୟନ୍ତରୀଣ ସୁରକ୍ଷା ନେଇ ଯାହା ଏସଓପି ରହିଛି। ତାକୁ ଅନୁସରଣ କରି ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଉତ୍ତର ଭାରତ ଏବଂ ପଶ୍ଚିମ ଭାରତ କିଛି ଏୟାରପୋର୍ଟ ବନ୍ଦ କରାଯାଇଛି। ଯାତ୍ରୀ ଭୟଭୀତ ହୁଅନ୍ତୁ ନାହିଁ। ସବୁ ଅପରେସନ ସ୍ୱାଭାବିକ ରହିଛି ବୋଲି ସେ କହିଛନ୍ତି ।

## ଯବାନଙ୍କ ମଙ୍ଗଳ କାମନା କରି ବିଜେଡିର ସାମୂହିକ ଦୀପଦାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହେବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବା ସହିତ ଭାରତ ପାକିସ୍ତାନ ସୀମାନ୍ତରେ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି । ଭାରତୀୟ ଯବାନଙ୍କ ମଙ୍ଗଳ କାମନା କରି ବିଜୁ ଜନତା ଦଳର ଭୁବନେଶ୍ୱର ଶାଖା ତରଫରୁ ଲିଙ୍ଗରାଜ ମନ୍ଦିରରେ ଏକ ସାମୁହିକ ଦୀପଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଜେଡିର ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଦଳର ଅନେକ ବରିଷ୍ଠ ନେତାଙ୍କ ସହିତ ଯୁବ, ଛାତ୍ର ଓ ମହିଳା ସଦସ୍ୟମାନେ ଯୋଗ ଦେଇଥିଲେ ।

## ପ୍ରଦେଶ କଂଗ୍ରେସ ପକ୍ଷରୁ ତ୍ରୀରଙ୍ଗା ଯାତ୍ରା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ଅକ୍ଳ ଭାରତ କଂଗ୍ରେସ କମିଟିର ଆହ୍ୱାନକ୍ରମେ ଦେଶ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପାକିସ୍ଥାନର ଆତଙ୍କବାଦକୁ ଦମନ କରିବା ପାଇଁ ବୀରତ୍ୱ, ଅସୀମ ସାହସ, ଅମାପଶକ୍ତିର ପରାକାଷ୍ଠା ପ୍ରଦର୍ଶନ କରିଥିବା ଭାରତୀୟ ଯବାନ ମାନଙ୍କର ସମ୍ମାନର୍ଥେ ତ୍ରୀରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରା ରାମମନ୍ଦିର ଛକରୁ ଆରମ୍ଭହୋଇ ମାଷ୍ଟରକ୍ୟାଟିନ ଛକରେ ସମାନ ହୋଇଥିଲା । ସେଠାରେ ସେବାଦଳ ପକ୍ଷରୁ ଭାରତର ସ୍ଥଳ, ଜଳ ଓ ବାୟୁ ସେନାଙ୍କ ପ୍ରତି ସଲାମୀ କାର୍ଯ୍ୟକ୍ରମ ହୋଇଥିଲା । ତ୍ରୀରଙ୍ଗା ଯାତ୍ରାରେ କଂଗ୍ରେସକର୍ମୀ ମାନେ ଜାତୀୟ ପତାକା ଧରି 'ଜୟହୀନ୍ଦ', 'ଜୟଜବାନ' ସ୍ଲୋଗାନ ଦେଇ ଯାତ୍ରା କରିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ଏଆଇସିସି ପ୍ରଭାରୀ ଅଜୟ କୁମାର ଯୋଗଦେବା ସହ ଏଆଇସିସିର ସହ ପ୍ରଭାରୀ ରୋଜାଲିନ ତିର୍କୀ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ରାଉତ, ଶ୍ରୀକାନ୍ତ ଜେନା, ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍

Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.
CIN: U65929KL1997PLC011518, Ph: +91 471 4911400, 2331427

ଏତଦ୍ଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି 30.06.2024 & MSGL, SPL 16, One Plus, Guide prepaid, Super value, ADGL and all other 6 months tenure gold loans upto 30.09.2024 and MSGB, SME Suvarna & EMI due upto 31.03.2025. Also those gold loans where interest is due and not paid up to 31.03.2025 are also included in this auction ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 23.05.2025 ସକାଳ ୧୦ ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।

JAGATSINGHPUR DISTRICT - JAGATSINGHPUR: 4144000001, 4144000002, 4144000003, 4144000004, 4144000005, 4144000009, 4144000010, 4144000012, 4144000014, 4144000015, 4144000020, 4144000021, 4144000022, 4144000023, 4144000027, 4144000030, 4144000033, 4144000034, 4144000035, 4144000038, 4144000040, 4144000043, 4144000046, 4144000058, 4144000060, 4144000061, 4144000062, 4144000065, 4144000066, 4144000070, 4144000078, 4144000080, 4144000081, 4144000085, 4144000087, 4144000208, 414401858, 414401860, 414401861, 414401864, 414401867, 414401873, 414401875, 414401881, 414401883, 414401884, 414401885, 414401887, 414401888, 414401890, 414401899, 414401906, 414401907, 414401908, 414401914, 414401916, 414401920, 414401921, 414401922, 414401923, 414401924, 414401925, 414401928, 414401929, 414401931, 414401933, 414401935, 414401936, 414401941, 414401942, 414401944, 414401952, 414401956, 414401958, 414401961, 414401968, 414401976, 414401980, 414401984, 414401990, 414401992, 414401995, 414401997, 414402002, 414402005, 414402006, 414402007, 414402009, 414402010, 414402011, 414402016, 414402017, 414402024, 414402033, 414402036, 414402037, 414402038, 414402046, 414402048, 414402056, 414402066, 414402069, 414402072, 414402075, 414402082, 414402084, 414402090, 414402092, 414402109, 414402110, 414402113, 414402115, 414402125, 414402126, 414402127, 414402131, 414402132, 414402142, 414402145, 414402148, 414402151, 414402157, 414402159, 414402161, 414402162, 414402164, 414402167, 414402168, 414402172, 414402173, 414402175, 414402176, 414402184, 414402186, 414402192, 414402194, 414402199, 414402203, 414402208, 414402210, 414402211, 414402214, 414402222, 414402225, 414402226, 414402235, 414402237, 414402240, 414402243, 414402245, 414402249, 414402253, 414402255, 414402257, 414402259, 414402260, 414402261, 414402262, 414402264, 414402265, 414402268, 414402272, 414402273, [illegible] 398201469, 398201470, 398201479, 398201491, 398201503, 398201504, 398201505, 398201514, 398201529, 398201531, 398201545, 398201546, 398201550, 398201552, 398201556, 398201561, 398201564, 398201577, 398201583, 398201584, 398201590, 398201592, 398201593, 398201596, 398201609, 398201614, 398201620, 398201625, 398201626, 398201634, 398201645, 398201648, 398201650, 398201676, 398201681, 398201682, 398201692, 398201693, 398201696, 398201697, 398201712, 398201732, 398201740, 398201753, 398201756, 398201777, 398201783, 398201784, 398201794, 398201805, 398201808, 398201813, 398201817, 398201823, 398201824, 398201825, 398201826, 398201827, 398201831, 398201836, 398201841, 398201843, 398201849, 398201850, 398201853, 398201854, 398201857, 398201861, 398201863, 398201869, 398201878, 398201881, 398201888, 398201913, 398201920, 398201921, 398201922, 398201931, 398201932, 398201940, 398201950, 398201954, 398201964, 398201967, 398201968, 398201969, 398201970, 398201982, 398201983, 398201992, 398202000, 398202004, 398202005, 398202006, 398202013, 398202014, 398202016, 398202022, 398202024, 398202037, 398202043, 398202049, 398202052, 398202061, 398202065, 398202070, 398202076, 398202078, 398202079, 398202087, 398202091, 398202093, 398202103, 398202106, 398202107, 398202108, 398202109, 398202119, 398202124, 398202126, 398202129, 398202130, 398202142, 398202143, 398202144, 398202146, 398202159, 398202161, 398202164, 398202167, 398202170, 398202171, 398202176, 398202180, 398202182, 398202184, 398202186, 398202187, 398202189, 398202191, 398202199, 398202207, 398202208, 398202210, 398202213, 398202216, 398202217, 398202220, 398202235, 398202241, 398202243, 398202251, 398202254, 398202261, 398202266, 398202267, 398202268, 398202269, 398202286, 398202302, 398202304, 398202305, 398202315, 398202316, 398202323, 398202325, 398202327, 398202328, 398202330, 398202331, 398202335, 398202344, 398202345, 398202346, 398202347, 398202348, 398202349, 398202350, 398202351, 398202352, 398202357, 398202361, 398202362, 398202364, 398202374, 398202376, 398202377, 398202378, 398202390, 398202396, 398202397, 398202400, 398202402, 398202403, 398202408, 398202411, 398202421, 398202422, 398202424, 398202434, 398202435, 398202436, 398202441, 398202444, 398202447, 398202455, 398202462, 398202464, 398202465, 398202466, 398202470, 398202476, 398202480, 398202481, 398202486, 398202488, 398202489, 398202491, 398202492, 398202493, 398202497, 398202499, 398202502, 398202503, 398202508, 398202510, 398202514, 398202519, 398202521, 398202527, 398202533, 398202539, 398202543, 398202545, 398202551, 398202559, 398202560, 398202565, 398202569, 398202580, 398202582, 398202584, 398202586, 398202588, 398202591, 398202596, 398202599, 398202600, 398202605, 398202607, 398202623, 398202628, 398202631, 398202642.

ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 03.06.2025 ସକାଳ ୧୦ JAGATSINGHPUR: Muthoot FinCorp Ltd., Plot No. 925, Ground Floor, Gandharb Market, Sano Bazaar Main Road, Opp. Bus Stand, Deuligrameswar, Jagatsinghpur, Orissa -754103 JAJPUR ROAD: Muthoot FinCorp Ltd., First Floor, Plot No 384, Bank Street, Opposite Bharat Gas, Padampur, Jajpur Road, Orissa - 755019. ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରାନ୍ତୁ । ସଫଳ ନିଲାମୀଦାତା ଆରଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ ।

MUTHOOT FINCORP LTD.

DSPL-58

ଓଡ଼ିଶା ଶାସନ

# ଟୀକାକରଣ

ଠିକ୍ ସମୟରେ ସଠିକ୍ ଟୀକାଦେଇ ଆପଣଙ୍କ ଶିଶୁକୁ ସୁରକ୍ଷିତ ରଖନ୍ତୁ ।

## ୫ ବର୍ଷରେ ୭ ଥର

ଟୀକା ନେବାକୁ ଭୁଲନ୍ତୁ ନାହିଁ କୌଣସି ଥର




## ଟୀକାକରଣ ସୂଚୀ

| ବୟସ | ଟୀକା |
|---|---|
| ଜନ୍ମ ସମୟରେ | ବିସିଜି, ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧, ପେଣ୍ଟାଭାଲେଣ୍ଟ-୧, ଏଫ୍‌ଆଇପିଭି-୧, ଆର୍‌ଭିଭି-୧, ପିସିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨, ପେଣ୍ଟାଭାଲେଣ୍ଟ-୨, ଆର୍‌ଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩ , ଏଫ୍‌ଆଇପିଭି-୨, ଆର୍‌ଭିଭି-୩, ପିସିଭି-୨ |
| ୯-୧୨ମାସ | ଏମ୍‌ଆର୍-୧, ଭିଟାମିନ୍-କ***,ପିସିଭି ବୁଷ୍ଟର, ଜେଇ-୧,**ଏଫ୍‌ଆଇପିଭି-୩ |
| ୧୬-୨୪ମାସ | ଏମ୍‌ଆର୍-୨,ଭିଟାମିନ୍-କ ***, ଡିପିଟି ବୁଷ୍ଟର-୧, ଓପିଭି ବୁଷ୍ଟର-୧,ଜେଇ-୨ ** |
| ୫-୬ ବର୍ଷ | ଡିପିଟି ବୁଷ୍ଟର-୨ |
| ୧୦ ବର୍ଷ | ଟି.ଡି |
| ୧୬ ବର୍ଷ | ଟି.ଡି |
| ଗର୍ଭବତୀ ମହିଳା | ଟି.ଡି-୧, ଟି.ଡି-୨, ଟି.ଡି ବୁଷ୍ଟର* |

* ଯଦି ୩ ବର୍ଷ ଭିତରେ ଟିଟି/ଟିଡି ଟୀକାର ଦୁଇଟି ମାତ୍ରା ନେଇଥିବେ ।
** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ
*** ଭିଟାମିନ୍-କ, ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ ମାସ ବ୍ୟବଧାନରେ ଦିଆଯାଏ ।

ଆପଣଙ୍କ ଶିଶୁ ନେଉଥିବା ଟୀକା ଗୁଡିକ ୟୁ-ୱିନ୍ ପୋର୍ଟାଲରେ ଅପ୍‌ଡେଟ୍ କରନ୍ତୁ ।

OIPR 10003/13/0173/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

ଟୀକାକରଣ ନିଶ୍ଚୟ କରାନ୍ତୁ!
facebook.com/HFWOdisha
http://www.health.odisha.gov.in/
@HFWOdisha
NATIONAL HEALTH MISSION



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



## ପରାଜୟର ଦ୍ୱାରଦେଶରେ ପାକିସ୍ତାନ

# ସେନାରେ ବିଦ୍ରୋହ- ଦେଶରେ ଗୃହଯୁଦ୍ଧ ସ୍ଥିତି

ଭାରତ ଓ ପାକିସ୍ତାନ ମଧ୍ୟରେ ଭୟଙ୍କର ଯୁଦ୍ଧ ଅବ୍ୟାହତ ରହିଥିବାବେଳେ ଆତଙ୍କବାଦର ଏନ୍ତୁଡିଶାଳ ଏହି ପଡୋଶୀ ଶତ୍ରୁ ଦେଶ ପରାଜୟର ଦ୍ୱାରଦେଶରେ ପହଞ୍ଚିଯାଇଛି। ଭାରତୀୟ ବାୟୁସେନା ଓ ନୌସେନାର ପ୍ରଚଣ୍ଡ ଆକ୍ରମଣରେ ରାଜଧାନୀ ଇସ୍‌ଲାମାବାଦ୍ ସମେତ କରାଚୀ, ଲାହୋର, ପେଶାୱାର, ସିଆଲକୋଟ୍, ରାୱଲପିଣ୍ଡି ଆଦି ସମସ୍ତ ବୃହତ୍ ସହର ଥରହର ହୋଇଉଠିଛି। ଆରବ ସାଗରରେ ଥିବା ଭାରତର ଯୁଦ୍ଧ ଜାହାଜ ଆଇ.ଏନ୍.ଏସ୍ ବିକ୍ରାନ୍ତରୁ କ୍ଷେପଣାସ୍ତ୍ର ମାଡ କରାଯାଇ କରାଚୀ ବନ୍ଦରକୁ ଧ୍ୱସ୍ତବିଧ୍ୱସ୍ତ କରିଦିଆଯାଇଛି। ଗୁରୁବାର 'ଅପରେସନ ସିନ୍ଦୂର -୨' ଅଭିଯାନରେ ପାକିସ୍ତାନର ସମସ୍ତ ବଡ ସହରରେ ଖଞ୍ଜାଯାଇଥିବା ଚୀନ୍ ନିର୍ମିତ ଏୟାରଡିଫେନ୍ସ ସିଷ୍ଟମକୁ ଧ୍ୱଂସ କରିଦିଆଯାଇଛି। ଭାରତର ଘନଘନ କ୍ଷେପଣାସ୍ତ୍ର ଆକ୍ରମଣରୁ ନିଜକୁ ବଞ୍ଚାଇବା ପାଇଁ ଖୋଦ୍ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ ବଙ୍କର ଭିତରେ ଲୁଚି ରହିଥିବାବେଳେ ସୁବିଧା ଦେଖି ଦେଶ ଛାଡି ଦୁବାଇକୁ ପଳାଇଯିବା ପାଇଁ ଉଦ୍ୟମ କରୁଥିବାର ଜଣାପଡିଛି। ଦେଶର ଅନ୍ୟ ନେତାମାନେ ମଧ୍ୟ ଆତଙ୍କିତ ହୋଇ ଦେଶ ଛାଡିବାର ଯୋଜନା କରୁଛନ୍ତି। ଅନ୍ୟ ପକ୍ଷରେ ଦୁଇଦିନର ଯୁଦ୍ଧରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ପାକ୍ ସେନାବାହିନୀରେ ମଧ୍ୟ ବିଦ୍ରୋହ ମୁଣ୍ଡ ଟେକିଥିବାର ଲକ୍ଷ୍ୟ କରାଯାଉଛି। ପାକିସ୍ତାନର ସେନା ମୁଖ୍ୟ ଅସିମ୍ ମୁନିରଙ୍କୁ ତୁରନ୍ତ ତାଙ୍କ ପଦରୁ ହଟାଇବାର ସମ୍ଭାବନା ଦେଖାଦେଇଛି। ନିଜର ବ୍ୟକ୍ତିଗତ ଏଜେଣ୍ଡା ନେଇ ଦେଶକୁ ଧ୍ୱଂସ ପଥକୁ ଟାଣି ନେଉଥିବାର ଅଭିଯୋଗ ତାଙ୍କ ବିରୋଧରେ ଅଣାଯାଇଛି ଏବଂ ଏବେ ଏକ ଅଜଣା ସ୍ଥାନରେ ଅଟକ ରଖାଯାଇ ପଚରାଉଚରା ଚାଲିଥିବାର କୁହାଯାଉଛି। ସେନାମୁଖ୍ୟ ମୁନିରଙ୍କ ସ୍ଥାନରେ ଜେନେରାଲ ସାହିର୍ ସମ୍‌ସାଦ୍ ମିର୍ଜାଙ୍କ ନେତୃତ୍ୱରେ ପାକିସ୍ତାନ ସେନା ଯୁଦ୍ଧ ପରିଚାଳନା କରିବାକୁ ଯାଉଛି। 'ଅପରେସନ୍ ସିନ୍ଦୂର' ଅଭିଯାନ ମାଧ୍ୟମରେ ଭାରତୀୟ ବାୟୁସେନା ପାକିସ୍ତାନର ସବୁ ବଡ ସହର ଉପରେ କ୍ଷେପଣାସ୍ତ୍ର ମାଡ ଚଳାଇ ରଖିଥିବାବେଳେ ପାକିସ୍ତାନ ମଧ୍ୟ ଭାରତର ୧୫ ଟି ସ୍ଥାନ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ଜାମ୍ମୁ-କାଶ୍ମୀର, ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟ୍ ଆଦି ସୀମାନ୍ତବର୍ତ୍ତୀ ରାଜ୍ୟର ସେନା ଶିବିର ଓ ସାମରିକ ପ୍ରତିଷ୍ଠାନଗୁଡିକୁ ଟାର୍ଗେଟ କରି ଡ୍ରୋନ୍, ମିସାଇଲ ଓ ରକେଟ ଆକ୍ରମଣ କରିଥିବା ସ୍ଥଳେ ତାହା ବିଫଳ ହୋଇଛି। ଭାରତର ଏୟାର ଡିଫେନ୍ସ ସିଷ୍ଟମ ସକ୍ରିୟ ଥିବାରୁ ପାକିସ୍ତାନର ସମସ୍ତ ଡ୍ରୋନ୍ ଓ ମିସାଇଲକୁ ଆକାଶ ମାର୍ଗରେ ହିଁ ନଷ୍ଟ କରିଦିଆଯାଇଥିଲା। ପାକିସ୍ତାନର ଦୁଇଟି ଏଫ୍-୧୬, ତିନୋଟି ଜେଏଫ୍-୧୭ ଏବଂ ଗୋଟିଏ ଆୱାକ୍ସ ଜେଟ୍ ବିମାନକୁ ଭାରତ ଧରାଶାୟୀ କରିବାକୁ ସକ୍ଷମ ହୋଇଥିବାବେଳେ ଦୁଇ ପାକ୍ ପାଇଲଟଙ୍କୁ ଅଟକ ରଖିଛି। ଭାରତ- ପାକ୍ ସୀମାରେ ଯୁଦ୍ଧର ବାଦଲ ଘୋଟିଥିବା ସମୟରେ ବେଲୁଚିସ୍ତାନ ମୂଳ ପାକ୍ ଭୂଖଣ୍ଡରୁ ପୃଥକ୍ ହୋଇ ସ୍ୱତନ୍ତ୍ର ରାଷ୍ଟ୍ରରେ ପରିଣତ ହେବାକୁ ଜୋରଦାର ଲଢ଼େଇ ଆରମ୍ଭ କରିଛି। ଏତିକିବେଳେ ବେଲୁଚି ବିଦ୍ରୋହୀମାନେ ମଧ୍ୟ ତତ୍ପର ହୋଇଉଠିଛନ୍ତି। ଦୁଇଦିନର 'ଅପରେସନ ସିନ୍ଦୂର' ଅଭିଯାନରେ ପାକ୍ ଅର୍ଥନୀତି ମଧ୍ୟ ଦୋହଲିଯାଇଥିବା ସ୍ଥଳେ ସେୟାର ବଜାର ୧୦ ହଜାର ପଏଣ୍ଟ ଖସିଛି ଏବଂ ନିବେଶକମାନେ ଭୀତତ୍ରସ୍ତ ହୋଇପଡିଛନ୍ତି। ଏହି ସମୟରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଯଦି ଦେଶକୁ ଋଣ ମଞ୍ଜୁର ନକରେ, ତେବେ ପାକ୍ ଅର୍ଥ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଶୁଡି ପଡିବ। ସାମଗ୍ରିକ ଦୃଷ୍ଟିକୋଣରୁ ବିଚାର କଲେ ଆତଙ୍କବାଦୀଙ୍କୁ ଅଣ୍ଟିରେ ବାନ୍ଧି ଭାରତକୁ ନାଲି ଆଖି ଦେଖାଉଥିବା ପାକିସ୍ତାନକୁ ଏବେ ବହୁମୂଲ୍ୟ ଦେବାକୁ ପଡୁଛି।

# ସ୍ଥାନ-କାଳ-ପାତ୍ର



ଡ. ନିରଞ୍ଜନ ସାହୁ
ପୂର୍ବତନ ବରିଷ୍ଠ ଅଧିକାରୀ
(ଭାରତୀୟ ପ୍ରଶାସନିକ ସେବା)
ମୋ: ୯୪୩୮୪୮୨୯୧୧

ପ୍ରାଥମିକ ଶ୍ରେଣୀରେ ଅଙ୍କ ଓ ସଂଖ୍ୟା ସହିତ ଆଦ୍ୟ ପରିଚୟ ବେଳେ ଆମେ ସମସ୍ତେ ଊଣା ଅଧିକ ପରିଚିତ ହୋଇଥିଲେ ସ୍ଥାନୀୟମାନ ନାମକ ଏକ ତତ୍ତ୍ୱ ସହିତ। ମାତ୍ର କେବେ ବି ସଚେତନ ଭାବରେ ଚିନ୍ତା କରିପାରିନଥିଲେ ଏହାର ଅସ୍ତିତ୍ୱ ଗଣିତ ବାହାରେ ସମ୍ଭବ କି? କାଳେ କେହି ପାଠକ ସ୍ମୃତି ବିଭ୍ରମର ସାମୟିକ ଶିକାର ହୋଇଥିବେ, ତେଣୁ ସମ୍ବିତକୁ ଫେରେଇ ନେବା ପାଇଁ ଉଦାହରଣଟିଏ ପେଶ କରୁଛି- ଧରାଯାଉ ସଂଖ୍ୟାଟିଏ ହେଉଛି ଶହେ ଏଗାର- ଏଥିରେ ଅଛି ତିନି ଗୋଟି ଏକ। ଡାହାଣ ଅଙ୍କ ବା ଏକକ ଅଙ୍କରେ ଥିବା ଏକଟିର ସ୍ଥାନୀୟମାନ ଏକ ହେଲା ବେଳେ ମଝି ସ୍ଥାନରେ ଥିବା ଏକଟି ଏକ ଦଶକ ବା ତାହାର ସ୍ଥାନୀୟମାନ ଦଶ ଏବଂ ସେହିପରି ଶତକ ଘରେ ଥିବା ଏକ ବା ବାମପାଖରେ ଥିବା ଏକଟିର ମୂଲ୍ୟ ହେଲା ଏକ ଶହ। ଖୁବ୍ ସହଜ କଥାଟିଏ ଅଥଚ ଗଭୀର ଭାବରେ ଭାବିଲେ କେତେ କଥା ମନରେ ଉଙ୍କିମାରେ।

ଆପଣଙ୍କ ଅଫିସରେ କାମ କରୁଥିବା ପିଅନଟିଏ ଆପଣଙ୍କୁ ନିରିମାଖି ଲାଗୁଥାଇପାରେ, ହେଲେ ଦୂରାଗତ କୌଣସି ଗ୍ରାମୀଣଙ୍କ ପାଇଁ ସେ ବି ଜଣେ ମାନନୀୟ ଗାଦିନସୀନ। ଆପଣଙ୍କ ଉପରିସ୍ଥ ହାକିମଙ୍କ ଅଫିସର ପିଅନ ବି ଆପଣଙ୍କୁ ଜଣେ ସାଧାରଣ ଲୋକ ଭାବରେ ଦେଖିପାରେ, ଯେହେତୁ ଉପରିସ୍ଥଙ୍କ ସାଙ୍ଗରେ ତାଙ୍କର ନିତ୍ୟ ଅବସର; ଆପଣ ବି ତାଙ୍କ ସହିତ ଝଗଡ଼ା କରିବାକୁ କେବେ ଚାହିଁବେ ନାହିଁ। କବିବର ରାଧାନାଥ ସେଇ କଥାକୁ ଚମତ୍କାର ସାବଲୀଳ ପଂକ୍ତିରେ ପ୍ରକାଶ କରିଥିଲେ।

'ଯେଣୁ ସେ ଅଟନ୍ତି ଶିବଙ୍କର ସାପ
ଗରୁଡ଼ ଉପରେ ଦେଖାନ୍ତ ପ୍ରକୋପ।'

ଭାବି ନିଅନ୍ତୁ ଏକା ଚାକିରି କରୁଥିବା ଦୁଇଜଣ ଲୋକ- ଜଣେ କ୍ୟାପିଟାଲ ହାଇସ୍କୁଲରେ ଶିକ୍ଷକ ଏବଂ ଆଉ ଜଣେ ଉପାନ୍ତ ଅଞ୍ଚଳରେ କୌଣସି ହାଇସ୍କୁଲରେ ସେଇ ଏକା ପଦବୀରେ କାର୍ଯ୍ୟ କରିଆସୁଛନ୍ତି। ଭୁବନେଶ୍ୱରରେ ଚାକିରି କରୁଥିବା ବାବୁଜଣକ ଭିତରେ ଆତ୍ମ ବିଶ୍ୱାସର ଝଲକ ଆଉ ଦୂରନ୍ତ ଅଞ୍ଚଳରେ ସେଇ ଏକା କାମ କରୁଥିବା ଶିକ୍ଷକଙ୍କ ଭିତରେ ଆତ୍ମଗ୍ଲାନି। ଯେ ସବୁ କ'ଣ ସୂଚେଇ ଦିଏ ସ୍ଥାନର ପ୍ରଭାବରେ ନିଜର ମୂଲ୍ୟ କେବେ ବଢ଼ିଯାଏ ବା କେବେ ତଳକୁ ଖସିଯାଏ ସେନ୍‌ସେକ୍ସ ସୂଚକାଙ୍କ ଭଳି।

ଆଜିକାଲି ଚାରିଆଡ଼େ ଇଂଜିନିୟରିଂ କଲେଜରେ ପାଠପଢ଼ା ଚାଲିଛି। ପାଠପଢ଼ା ପରେ ସମସ୍ତଙ୍କୁ ଡିଗ୍ରୀ ମିଳୁଛି ବିଟେକ୍, ହେଲେ ଯିଏ ଆଇଆଇଟିରେ ପଢୁଥିଲେ ସେ ସର୍ବାଧିକ କୋଟିଏରୁ ଅଧିକ ଟଙ୍କାର ଚାକିରି କ୍ୟାମ୍ପସ ସିଲେକ୍ସନ୍‌ରେ ପାଉଥିବା ବେଳେ ଏଣୁ ତେଣୁ ଇଂଜିନିୟରିଂ କଲେଜରେ ପଢୁଥିବା ପିଲାଟିଏ ନିଜକୁ ବାର୍ଷିକ ତିନିଲକ୍ଷ ଟଙ୍କା ପାଇଁ ଚାକିରିରେ ସମର୍ପି ଦେଇଛି- ଇଏ ବି କ'ଣ ସେଇ ସ୍ଥାନର ମହାତ୍ମ୍ୟ, ସେଇ ସ୍ଥାନୀୟମାନ ଉପପାଦ୍ୟର ନୂଆ ଉଦାହରଣ! ବ୍ୟକ୍ତି କଣ ତାହେଲେ ପରିବେଶର ଦାସ। ତାର ପରିଚୟ କେବଳ ସ୍ଥାନର ସମୀକରଣରେ ସୀମାବଦ୍ଧ!

ସ୍ଥାନକୁ ଯେମିତି ଚିହ୍ନଟ କରାଯାଇପାରିବ ବିଭିନ୍ନ ପରିଭାଷାରେ ମାତ୍ର ଆଜିକାଲିର ଶିକ୍ଷିତ ବର୍ଗ ସବୁବେଳେ କହିବେ ତାକୁ କୋଅର୍ଡ଼ିନେଟ୍ସ ଦ୍ୱାରା ପ୍ରତିପାଦିତ କରିବାକୁ। ଧରନ୍ତୁ ଆପଣ ଫୁଲନଖରା ଯାଉଛନ୍ତି କଟକରୁ ତାହେଲେ ସେଇ ଯାତ୍ରାର ବ୍ୟାଖ୍ୟାନ ଯାହା, ଯଦି ଭୁବନେଶ୍ୱରରୁ ବାହାରି ଫୁଲନଖରା ଯାଉଥାନ୍ତି ତାହେଲେ ସେଇ ବ୍ୟାଖ୍ୟାନ ସଂପୂର୍ଣ୍ଣ ବଦଳିଯିବା ସ୍ୱାଭାବିକ ଅଥଚ ଆକ୍ଷାଂଶ ଦ୍ରାଘିମା ଅନୁସାରେ ତାହା ସବୁବେଳେ ହେବ ଅପରିବର୍ତ୍ତନୀୟ। ଅର୍ଥାତ୍ ଗୋଟିଏ ସ୍ଥାନର ନିଜସ୍ୱ ପରିଚୟ ରହିଛି, ଅଛି ତାର ଅସ୍ତିତ୍ୱ ଓ ଅସ୍ମିତା।

ଠିକ୍ ସେଇମିତି ଏକ ନିଜସ୍ୱ ପରିଚୟ ଅଛି ସମୟର। ଘଣ୍ଟା ମିନିଟ୍ ସେକେଣ୍ଡରେ ତାକୁ ନିର୍ଭୁଲ ଭାବରେ ବାନ୍ଧି ଦେଇହେବ, ହେଉ ସେ ଅତୀତ ବର୍ତ୍ତମାନ ବା ଭବିଷ୍ୟତ। ଅଥଚ କାଳ ହେଉଛି ସବୁର ନିୟାମକ। କେତେବେଳେ ଏଣେ ତେଣେ ମରା ହେଉଥିବା ଫୁଟବଲର ସର୍ଟଟିଏ ଗୋଲ ହୋଇଯାଏ ତ କେବେ ବାରମ୍ବାର ଚେଷ୍ଟା ସତ୍ତ୍ୱେ ବି ସଫଳତାର ଦେଖା ମିଳେନି- ଅନେକ କହନ୍ତି କାଳ ହିଁ ମୂଳ। ମଣିଷ ଚେଷ୍ଟା କରି ଚାଲିବ ଅଥଚ ଭଗବାନ ତାଙ୍କର ଇଚ୍ଛା ଅନୁସାରେ ସମୟ ଦେଖି ତାର ଫଳ ଦେବେ। ଇଂରାଜୀର ଚମତ୍କାର ଶବ୍ଦ ବିନ୍ୟାସରେ କୁହାଯାଉଥିବା ଏଇ କଥାଟି ହେଲା 'Man Proposes and God in this time Disposes'. ସମୟ କେତେ ମୂଲ୍ୟବାନ ତା ବିଷୟରେ କେତେ ଅଧ୍ୟୟନ ସାପେକ୍ଷ ଗ୍ରନ୍ଥ ରହିଛି। ତାହେଲେ ଠିକ୍ ସମୟକୁ ଖୋଜିବାର କିଛି ଉପାୟ ଅଛି କି?

## କଥା ନିରବଧି

କେବେ କେବେ ଯେତେ ଚେଷ୍ଟା କଲେ ବି କିଛି କାମ ହୁଏନାହିଁ। ଦିନ ସାରାର ଅକ୍ଳାନ୍ତ ପରିଶ୍ରମ ପରେ ଫେରି ଆସି ମଣିଷ ମୁଣ୍ଡରେ ହାତମାରି କହେ- ଓଃ କି ନିଃଷ୍ଫଳା ଦିନଟିଏ- ଅତୀତ ଯାହା ଏବେ ଅଛି କେବଳ ସ୍ମୃତିରେ ବା ଇତିହାସରେ ତା'ସହିତ ନା କରାଯାଇପାରିବ ଶତ୍ରୁତା ନା ସମ୍ବନ୍ଧ। ଭବିଷ୍ୟତ ଉପରେ ନାହିଁ କାହାର କର୍ତ୍ତୃତ୍ୱ ଆଉ ବର୍ତ୍ତମାନ ଏକ ଧୂସର କୁହେଳିକାର ସୀମାହୀନ ଅବଧି- କାଲି ଯାହାକୁ ଭବିଷ୍ୟତ କୁହାଯାଉଥିଲା ଆସନ୍ତା କାଲି ବେଳକୁ ସେ ଅତୀତ ହୋଇସାରିଥିବ।

ସମୟର ଗତି ବଡ଼ ବିଚିତ୍ର- ଖୁସିର ସମୟ ଏତେ ଶୀଘ୍ର ବିତିଯାଏ ଯେ ତାହା ବିଶ୍ୱାସ କରିହୁଏନାହିଁ ଆଉ ଦୁଃଖର ବେଳାରେ ଘଣ୍ଟାଏ ସମୟ ଯୁଗଟାଏ ପରି ଅନୁଭୂତ ହୁଏ। ଆଇନଷ୍ଟାଇନ୍ ରିହେଟିଭିଟି (ଆପେକ୍ଷିକ ତତ୍ତ୍ୱ)କୁ ବୁଝେଇବାକୁ ଯାଇ ଯେଉଁ ତୁଳନାତ୍ମକ ଚିତ୍ର ଦୁଇଟି କଥା କହିଥିଲେ ତାହା ମନେ ପକେଇଲେ ଟିକିଏ ହସ ଲାଗେ- ସେଇ ହସ ହେଉଛି ଲଜ୍ଜାର- ତାଙ୍କରି ଭାଷାରେ 'ଚୁଲି ମୁଣ୍ଡରେ ପାଞ୍ଚ ମିନିଟ୍ ବସିଲେ ଘଣ୍ଟାଟିଏ ଭଳି ଲାଗେ ଅଥଚ ସୁନ୍ଦରୀ ଝିଅଟିଏ ସାଙ୍ଗେ ଘଣ୍ଟେ କଥା ହେଲେ ବି ତାହା କ୍ଷଣିକ ଭଳି ଅନୁଭବ ହୁଏ। ଆଇନଷ୍ଟାଇନଙ୍କ ଭଳି ରୁକ୍ଷ ଲାଗୁଥିବା ମଣିଷ ଜଣେ କେମିତି କେଜାଣି ଏମିତି ରସଘନ କଥାଟିଏ କହିପାରିଲେ ତାହା ଭାବିଲେ ବିସ୍ମିତ ହେବାକୁ ପଡ଼େ। ଅର୍ଥାତ୍ ସମୟ ଖାଲି ପଦାର୍ଥ ବିଜ୍ଞାନର ସ୍ଥାନ ଓ ବେଗ ସହିତ ସଂପୃକ୍ତ ନୁହେଁ, ତା ସାଙ୍ଗକୁ ଏହାର ଗଭୀର ସଂପର୍କ ମନ ସହିତ ରହିଛି।

ପାତ୍ର ହେଉଛି ବ୍ୟକ୍ତି ଆଉ ବ୍ୟକ୍ତିତ୍ୱ ହେଉଛି ମଣିଷର ଶ୍ରେଷ୍ଠତ୍ୱ- ବ୍ୟକ୍ତିତ୍ୱ ନଥିଲେ ମଣିଷ ହିରୋ ନୁହେଁ ଜିରୋ ଅଥଚ ପ୍ରତି ବ୍ୟକ୍ତିର ବ୍ୟକ୍ତି ସତ୍ତାରେ ବିବିଧ ବିଚିତ୍ରତା। ସମସ୍ତଙ୍କ ସହିତ ତାକୁ ଚଳିବାକୁ ହେବ ମାତ୍ର ବେଭାର କରିବାକୁ ହେବ ପ୍ରତ୍ୟେକଙ୍କ ଗୁରୁତ୍ୱ ଅନୁଯାୟୀ, ଗୁରୁ ଚଣ୍ଡାଳ ଦୋଷ କଥା ଆମକୁ କୁହାଯାଇଛି ଯୁଗ ଯୁଗରୁ।

ଜୀବନ ଭିତରେ ଯେତେସବୁ ପରିମାପକ ଅଛି ତା'ଭିତରେ ସ୍ଥାନ କାଳ ପାତ୍ରର ଗୁରୁତ୍ୱ ସର୍ବୋତ୍ତମ। ଅନୁପାତିକ ଦୃଷ୍ଟିରେ ମଣିଷକୁ ସବୁ ସ୍ଥାନ କାଳପାତ୍ରକୁ ବିବେଚନା କରିବାକୁ ହେବ। ଅନୁପାତିକ ଦୃଷ୍ଟି କେବଳ ପରିମାଣ ସୂଚକ ନୁହେଁ। ମନେ ପଡ଼ିଯାଉଛି ମନୋଜ ଦାସଙ୍କ ପରିବେଷିତ ଏକ କାହାଣୀ। ଥରେ ଜଣେ ପଣ୍ଡିତ ଗ୍ରୀଷ୍ମକାଳରେ ଚାଲିଚାଲି ଯାଉଥିବା ବେଳ ପଥକ୍ଳାନ୍ତି ଅନୁଭବ କରନ୍ତେ ଗୋଟିଏ ବରଗଛ ଛାଇରେ ଟିକିଏ ବିଶ୍ରାମ କରିବାକୁ ବସିଗଲେ। ଏତିକି ବେଳେ ତାଙ୍କ ଆଖି ନଇଁ ଆସୁଥାଏ- ସେ ବିଶାଳ ବରଗଛକୁ ଦେଖୁଥାନ୍ତି ଅଭିଭୂତ ହେଉଥାନ୍ତି ତାର ବିରାଟ ଶାଖାପ୍ରଶାଖାକୁ ଲକ୍ଷ୍ୟକରି। ତାଙ୍କ ଆଖି ଆଗରେ ଦିଶୁଥାଏ ଲାଲ୍‌ଲାଲ ଛୋଟ ଛୋଟ ବରଗଛର ଫଳସବୁ। ସେ ବିଧାତାଙ୍କୁ ଆରୋପ କରି କହିଲେ, 'ତୁମର କଣ ଅନୁପାତ ଦୋଷ ହେଲାକି ପ୍ରଭୁ- ଏତେ ବିଶାଳ ବଟବୃକ୍ଷରେ କେତେ କ୍ଷୁଦ୍ରାତିକ୍ଷୁଦ୍ର ଫଳ!' ତାଙ୍କର ଭାବନା ଶେଷ ନ ହେଉଣୁ ଗୋଟିଏ ବରଫଳ ତାଙ୍କ ମୁଣ୍ଡ ଉପରେ ପଡ଼ି ଈଷତ୍ କରୁଣ ଶବ୍ଦଟିଏ କରି ନିକଟକୁ ଗଡ଼ିଗଲା, ସେ ହଠାତ୍ ପ୍ରକୃତିସ୍ଥ ହେଲେ ଏବଂ କହିଲେ, 'ପ୍ରଭୁ କ୍ଷମା କର- ଅନୁପାତିକ ଭୁଲ୍ ଆପଣ ନ କରିଥିଲେ ଯଦି ପଣସ ପରି ବୃହଦାରେ ବରଫଳ ହୋଇଥାନ୍ତା ତାହେଲେ ମୋର ଏଇଠି ପଞ୍ଚତତ୍ତ୍ୱପ୍ରାପ୍ତି ଘଟିଥାନ୍ତା।'

ସମଭାବ କେବଳ ଆକାର ପ୍ରତି ସମାନତା ନୁହେଁ ତାହା ହେଉଛି ପ୍ରତ୍ୟେକକୁ ତାର ଉପଯୁକ୍ତ ଗୁରୁତ୍ୱ ଅନୁସାରେ ବିବେଚନା କରିବା।

ଅତୀତ ଯେଉଁ ଶିକ୍ଷା ପ୍ରଦାନ କରିଛି ତା'ପ୍ରତି ଆମେ ଯଦି ଉଦାସୀନ ହେବା, ତାହେଲେ ସେଇ ଏକା ଭୁଲ୍ କରି ବସିବା ବାରମ୍ବାର। ଭବିଷ୍ୟତ ପ୍ରତି ଅତ୍ୟନ୍ତ ସ୍ୱର୍ଣକାତରତା ଅନୁଭବ କରି ବର୍ତ୍ତମାନ ପ୍ରତି ଅନ୍ୟାୟ କରିବା ଅନୁଚିତ। ବର୍ତ୍ତମାନ ହେଉଛି ଏକମାତ୍ର ପ୍ରକୃଷ୍ଟ ସମୟ ଯାହା ଆମ ସମସ୍ତଙ୍କ ନିକଟରେ ଉପଲବ୍ଧ। ଆଉ ଆମ ନିକଟରେ ଉପସ୍ଥିତ ବ୍ୟକ୍ତି ହିଁ ଆମର ପରମବନ୍ଧୁ- ତେଣୁ ପରିବାର ବର୍ଗ ପଡ଼ୋଶୀ ଓ ପ୍ରତିବେଶୀଙ୍କ ପ୍ରତି ଆମର ଦାୟିତ୍ୱ ସର୍ବାଗ୍ରେ। ଜନ୍ମମାଟି ଓ ଜନ୍ମଭୂମି ପ୍ରତି ଯଦି ଉପଯୁକ୍ତ କର୍ତ୍ତବ୍ୟ ସଂପାଦନ ନ କରିବା ତାହେଲେ ଜୀବନ ହେବ ଅର୍ଥହୀନ। ସ୍ଥାନ କାଳ ପାତ୍ରର ବିବେଚନା ଓ ବିବେକାନୁମୋଦିତ କର୍ମ ହିଁ ଜୀବନକୁ କରିବ ସାର୍ଥକ ଓ ମାର୍ମିକ।

# ପରମ ଶାନ୍ତି କେଉଁଠି ?



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ଶାନ୍ତି ଏକ ଦିବ୍ୟବସ୍ତୁ। ଶାନ୍ତି ହେଉଛି ଆତ୍ମାର ଗୋଟିଏ ବିଭବ। ଲୋଭୀ ଲୋକ ନିକଟରେ ଶାନ୍ତି ରହେନାହିଁ। ଶାନ୍ତି ଅବସ୍ଥାନ କରେ ସେମାନଙ୍କ ନିକଟରେ, ଯେଉଁମାନଙ୍କର ହୃଦୟ ପବିତ୍ର। ଶାନ୍ତି କାମୁକମାନଙ୍କୁ ପରିତ୍ୟାଗ କରେ; ସ୍ୱାର୍ଥପର ମାନଙ୍କୁ ଉପେକ୍ଷା କରେ। ଶାନ୍ତି ହେଉଛି ପରମହଂସଙ୍କର ଏକ ଭୂଷଣ। ସଂସାରରେ ପୂର୍ଣ୍ଣ ଶାନ୍ତି, ସଂପୂର୍ଣ୍ଣ ବ୍ୟାଘାତଶୂନ୍ୟ ନିଶ୍ଚିତ ଅବସ୍ଥା ମିଳିପାରିବ ନାହିଁ, କାରଣ ସଂସାର ହେଉଛି ଏକ ଆପେକ୍ଷିକ କ୍ଷେତ୍ର। ଏଠାରେ ପ୍ରତ୍ୟେକ ବିଷୟ ଦେଶ, କାଳ ଓ କାରଣ ଅଧୀନ; ପ୍ରତ୍ୟେକ ବସ୍ତୁ ଭଙ୍ଗୁର। ତା'ହେଲେ ପୂର୍ଣ୍ଣ ଶାନ୍ତି, ପୂର୍ଣ୍ଣ ନିରାପତ୍ତା ମିଳିବ କେଉଁଠି? ତାହା ଆପଣ ପାଇବେ କେବଳ ପରମାତ୍ମାଙ୍କ ଠାରେ। ସେ ହେଉଛନ୍ତି ଶାନ୍ତିର ଆଧାର। ସେ ଦେଶ, କାଳ ଓ କାରଣର ଅତୀତ। ଯଥାର୍ଥ ଗଭୀର ଶାନ୍ତି ବାହ୍ୟ ପରିବେଶ ଉପରେ ନିର୍ଭର କରେନାହିଁ। ଅନ୍ତର୍ନିବାସୀ ଆତ୍ମାଙ୍କର ପରମସ୍ଥିରତା ହିଁ ପ୍ରକୃତ ପରମଶାନ୍ତି। ଆପଣ ଯଦି ସେହି ଶାନ୍ତିର ସାଗରରେ ନିବାସ କରିପାରିବେ, ତେବେ ବାହ୍ୟ ଜଗତରେ ଚାଲୁଥିବା ହଟଗୋଳର ପ୍ରଭାବ ଆପଣଙ୍କୁ ସ୍ପର୍ଶ କରିପାରିବ ନାହିଁ। ଶ୍ରୀ ଶ୍ରୀ ଠାକୁର ନିଜ ତରଫରୁ କହିଲେ - ସର୍ବଦା ସ୍ମରଣ ରଖି ଚାଲିବାକୁ ହୁଏ - 'ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମ ଚେତସା, ନିରାଶୀର୍ନିର୍ମୋମ ଭୂତ୍ୱା ଯୁଦ୍ଧ୍ୟସ୍ୱ ବିଗତଜ୍ୱରଃ'। ପରମେଶ୍ୱରଙ୍କ ପାଇଁ ଭୃତ୍ୟବିତ କର୍ମ ଏହି ବୁଦ୍ଧି ଦ୍ୱାରା ମୋ ଠାରେ ସମସ୍ତ କର୍ମ ସମର୍ପଣ କରି ଫଳାଭିସନ୍ଧି ରହିତ, ମମତ୍ୱହୀନ ଶୋକଶୂନ୍ୟ ହୋଇ ତୁମେ ଯୁଦ୍ଧ କର। ଜଣେ ପ୍ରଶ୍ନ କଲେ - ଜଡ଼ କ'ଣ? ଶ୍ରୀ ଶ୍ରୀ ଠାକୁର - ମୋର ପିଲା, ମୋର ସ୍ତ୍ରୀ, ମୋର ଭାଇ, ମୋର ମା', ମୋର ଟଙ୍କା-ପଇସା, ମୋର ଘରବାଡ଼ି, ମୋର ଲାଭ - ଲୋକସାନ, ଏହି ଭାବରେ ମୋର ଆତ୍ମକେନ୍ଦ୍ରିକ ଭାବ ନେଇ ମତ୍ତ ରହିବା ହିଁ ଜଡ଼ ଅବସ୍ଥାରେ ରହିବା। ଭାବିବାକୁ ହୁଏ, ମୁଁ ଓ ମୋର ଯାହା କିଛି ସବୁ ହିଁ ପରମପିତାଙ୍କର ଅଟେ। ତାଙ୍କରି ସେବା ପାଇଁ ହିଁ ଯାହାକିଛି ଅଛି ତାଙ୍କ ପାଇଁ ବା ପରିବେଶ ପାଇଁ କିଛି କରିପାରିଲେ, ସେହି ସୁଯୋଗ ପାଇଥିବା ଯୋଗୁଁ ବିନମ୍ର ଓ କୃତଜ୍ଞ ରହିବାକୁ ହୁଏ। କୌଣସି ପ୍ରତ୍ୟାଶା ରଖିବା ଉଚିତ ନୁହେଁ। କୌଣସି ଅହଂକାର କରିବା ଠିକ ନୁହେଁ। ତାଙ୍କୁ ତୃପ୍ତ ଓ ପ୍ରୀତି କରିବା ହିଁ ଆମ୍ଭ ମାନଙ୍କର ପରମ ସ୍ୱାର୍ଥ। ଏହି ଭାବରେ ଚଳି ପାରିଲେ ହିଁ ପରମ ଶାନ୍ତି ଆସିଥାଏ। (ଆ:ପ୍ର: ୧୫/୨୭.୧.୧୯୪୯)। ଶାନ୍ତି ହେଉଛି ବ୍ରହ୍ମାଣ୍ଡର ଶ୍ରେଷ୍ଠତମ ସମ୍ପଦ। ବିକାଶ ନିମନ୍ତେ ଶାନ୍ତି ଏକାନ୍ତ ଆବଶ୍ୟକ; ଶାନ୍ତି ବିନା କୌଣସି ଉନ୍ନତି, କୌଣସି ବିକାଶ ଅସମ୍ଭବ। ରାତ୍ରିର ଶାନ୍ତନିସ୍ତବ୍ଧ ବାତାବରଣରେ ମୃତ୍ତିକା ତଳେ ବୀଜର ଅଙ୍କୁରୋଦଗମ ହୁଏ। ଶାନ୍ତିନିରବ ଗଭୀର ରଜନୀରେ ହିଁ କଳିକା ପ୍ରସ୍ଫୁଟିତ ହୁଏ ପୁଷ୍ପରେ। ମନୁଷ୍ୟ ସମାଜ ସେହି ଶାନ୍ତିର ଅପେକ୍ଷାରେ ରହିଥାଏ; ମନୁଷ୍ୟ ସଂସ୍କୃତିର ଉନ୍ନତି ଘଟେ ଶାନ୍ତି, ଶ୍ରଦ୍ଧା ଓ ପ୍ରେମର ବାତାବରଣରେ; ପରିପୂର୍ଣ୍ଣତା ପଥରେ ସଭ୍ୟତାର ବିକାଶ ଘଟେ ସେତେବେଳେ, ଯେତେବେଳେ, ଲୋକ ସମାଜରେ ବିରାଜମାନ କରେ ଶାନ୍ତି ଓ ସୌହାର୍ଦ୍ଦ୍ୟ। ଆଧ୍ୟାତ୍ମିକ ବିବର୍ତ୍ତନ ମଧ୍ୟ ସମ୍ଭବ ହୁଏ ଶାନ୍ତି ଓ ସୁସ୍ଥିରଚିତ୍ତତାରେ। ଆପଣଙ୍କ ପାଇଁ ଅନ୍ୟ କେହି ଶାନ୍ତି ଆଣି ଦେଇପାରିବେ ନାହିଁ; ଆଣିପାରିବେ କେବଳ ଆପଣ ନିଜେ, କେବଳ ନିଜ ଉପରେ ବିଜୟ ଲାଭ କଲେ ହିଁ, କେବଳ ଇନ୍ଦ୍ରିୟ ଓ ମନ, କାମନା ଓ ଲାଳସା ଉପରେ ବିଜୟ ଲାଭ କଲେ ହିଁ ଆପଣ ଶାନ୍ତି ପାଇପାରିବେ। ଅନ୍ୟ କୌଣସି ଉପାୟରେ ଶାନ୍ତି ପାଇବେ ନାହିଁ। ନିଜ ଅନ୍ତରରେ ଯଦି ଶାନ୍ତି ନାହିଁ, ତେବେ ବାହ୍ୟ ବସ୍ତୁରେ, ବାହ୍ୟ ଜଗତରେ ଶାନ୍ତି ଖୋଜି ବୁଲିବା ବୃଥା ପ୍ରୟାସ ମାତ୍ର। ଗଠନମୂଳକ ଶାନ୍ତି, ସ୍ଥାୟୀ ଶାନ୍ତି କେବଳ ଈଶ୍ୱରୋପାସନାରୁ ଲାଭ କରାଯାଇପାରେ। ଈଶ୍ୱରଙ୍କୁ ପରିତ୍ୟାଗ କରିଦେଲେ, ଶାନ୍ତି ମିଳିବ ନାହିଁ। ଈଶ୍ୱର ହିଁ ଶାନ୍ତି। ସେହି ପରମ ଶାନ୍ତିର ନିଧାନ ଈଶ୍ୱରଙ୍କ ପାଦରେ ଲାଗିଯାଆନ୍ତୁ। ଆପଣ ଶାନ୍ତି ବିକିରଣ କରିବାକୁ ସମର୍ଥ ହୋଇଯିବେ।


# 'ସିନ୍ଦୂର'ର ନ୍ୟାୟ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ:୯୪୩୭୯୯୪୩୭୯

ଜାମ୍ମୁ-କାଶ୍ମୀରର ପହଲଗାମରେ ଗତମାସ ୨୨ତାରିଖରେ ୨୬ଜଣ ଭାରତୀୟ ତଥା ହିନ୍ଦୁ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ଅତି ନିର୍ମମ ଭାବେ ଗୁଳି କରି ହତ୍ୟା କରିବାର ଦୁଇ ସପ୍ତାହ ପରେ ଭାରତୀୟ ସେନାବାହିନୀ ପାକିସ୍ତାନର ଦୁଇଟି ଏବଂ ପାକ ଅଧିକୃତ କାଶ୍ମୀର (ପୋକ୍)ର ୭ଟି ସ୍ଥାନରେ ପ୍ରଚଣ୍ଡ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କେବଳ ମୁହଁତୋଡ ଜବାବ ଦେଇନାହିଁ, ଆତଙ୍କବାଦୀଙ୍କ ୨୪ଟି ଆଡ୍ଡାସ୍ଥଳକୁ ଧ୍ୱଂସ କରିଦେଇଛି। ଯେଉଁଥିରେ ଶତାଧିକ ଆତଙ୍କବାଦୀଙ୍କ ମୃତ୍ୟୁ ମଧ୍ୟ ଘଟିଛି। କେବଳ ଏତିକି ନୁହେଁ, ଭାରତୀୟ ସେନାବାହିନୀର 'ଅପରେସନ ସିନ୍ଦୂର' ନାମରେ ସାମରିକ କାର୍ଯ୍ୟାନୁଷ୍ଠାନ ପାକିସ୍ତାନକୁ ଥରହର କରିଦେଇଛି। ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିବାରେ ସମର୍ଥ ହୋଇଛି। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ପାଲଟା ଜବାବ ଦେବା ଲାଗି ପାକିସ୍ତାନର ସେନାବହିନୀକୁ ସେଠାକାର ସରକାର ପୂର୍ଣ୍ଣ ସ୍ୱାଧୀନତା ଦେଇଥିବାବେଳେ ଭାରତୀୟ ଯବାନ ପାକ୍ ଉଦ୍ୟମକୁ ପଣ୍ଡ କରିଦେବାରେ ସମର୍ଥ ହେବା ଆଉ ଏକ ବୀରତ୍ୱର ଗାଥା ବହନ କରେ। ତେବେ ଦୁଇ ପରମାଣୁ ଶକ୍ତି ସମ୍ପନ୍ନ ପଡୋଶୀ ରାଷ୍ଟ୍ରଙ୍କ ମଧ୍ୟରେ ଏବେ ଯେଭଳି ଉତ୍ତେଜନା ଦେଖାଦେଇଛି। ତାହା ଯୁଦ୍ଧରେ ପରିଣତ ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏହା ନିସନ୍ଦେହ ଯେ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଏୟାର ଷ୍ଟ୍ରାଇକ ଅପ୍ରତ୍ୟାଶିତ ନଥିଲା। ଯେକୌଣସି ମୁହୂର୍ତ୍ତରେ ଭାରତୀୟ ସେନା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆଶଙ୍କା ରହିଥିଲା। କାରଣ ପାକିସ୍ତାନ ମାଟିରେ ଆତଙ୍କବାଦୀଙ୍କ ଆଡ୍ଡା ଓ ତାଲିମ ଶିବିର ଉପରେ ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ ନୂଆ ନୁହେଁ। ୨୦୧୬ରେ ଉରି ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ପ୍ରକୃତ ନିୟନ୍ତ୍ରଣ ରେଖା(ଏଲଓସି)ରେ ଥିବା ଆତଙ୍କବାଦୀଙ୍କ ଶିବିର ଉପରେ ଚଢାଉ କରି ଧ୍ୱଂସର ସ୍ତୁପ ସୃଷ୍ଟି କରିଥିଲେ। ଯେଉଁଥିରେ ସାରା ବିଶ୍ୱ ସ୍ତମ୍ଭିଭୂତ ହୋଇପଡିଥିଲା। ସେହିପରି ୨୦୧୯ରେ ପୁଲଓ୍ୱାମା ଆକ୍ରମଣ ଘଟଣାରେ ବାଲକୋଟ'ର ଏୟାର ଷ୍ଟ୍ରାଇକ କରି ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ଏବେ ପହଲଗାମ ଆକ୍ରମଣ ଘଟଣାରେ ଭାରତ 'ଅପରେସନ ସିନ୍ଦୂର' ନାମରେ ନାମିତ କରିଛି। ଯାହାର ଏକ ଭାବାବେଗ ରହିଛି। ଭାରତୀୟ ସଂସ୍କୃତିରେ 'ସିନ୍ଦୂର' ହେଉଛି ବିବାହିତା ମହିଳାଙ୍କର ସୌଭାଗ୍ୟର ଚିହ୍ନ, ଯାହାର ସେମାନଙ୍କର ପବିତ୍ର ବନ୍ଧନର ପ୍ରତୀକ। ପତି-ପତ୍ନୀଙ୍କର ପ୍ରେମର ପ୍ରତୀକ। ସଧବା ନାରୀ ପାଇଁ ସିନ୍ଦୂର ଏକ କସମେଟିକ ନୁହେଁ। ସଧବା'ର ପରିଚୟ। କିନ୍ତୁ ପହଲଗାମରେ ପତ୍ନୀ ସମ୍ମୁଖରେ ସ୍ୱାମୀକୁ ଧର୍ମ ପଚାରି ଯେଉଁଭଳି ଗୁଳିକରି ଅତି ନିର୍ମମ ଭାବେ ହତ୍ୟା କରିଥିଲେ, ତାହା ଥିଲା ଅମାନବୀୟ। ଜଣକ ପରେ ଜଣେ ବିବାହିତା ମହିଳାଙ୍କ ମୁଣ୍ଡରୁ ସିନ୍ଦୂର ପୋଛି ନିସଙ୍ଗ କରିଥିଲେ। ଏବେ ଭାରତୀୟ ଯବାନ ଏକ ସମୟରେ ମାତ୍ର ୨୫ ମିନିଟରେ ୯୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ନିହତ କରି ସିନ୍ଦୂର'ର ନ୍ୟାୟ ଦେଇଛନ୍ତି ବୋଲି ନିସନ୍ଦେହରେ କୁହାଯାଇପାରିବ। କେବଳ ଏତିକି ନୁହେଁ, ଏହି ଅପରେସନ ସିନ୍ଦୂର'ର ଯେଉଁମାନେ ନେତୃତ୍ୱ ନେଇଥିଲେ, ସେମାନେ ଥିଲେ ମହିଳା ପୁଣି ଦୁଇ ସମ୍ପ୍ରଦାୟର। ଜଣେ ହିନ୍ଦୁ ଓ ଜଣେ ମୁସଲମାନ ମହିଳା କମାଣ୍ଡର। ସେମାନେ ଅପରେସନର ସଫଳତା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଉଥିବାବେଳେ ସମଗ୍ର ଦେଶରେ ସୃଷ୍ଟି ହୋଇଥିଲା, ଅଦଭୂତ୍ ଭାବାବେଗ ଓ ଦେଶପ୍ରେମ। ଦେଶବ୍ୟାପୀ ଖେଳି ଯାଇଥିଲା ଖୁସିର ଲହରୀ। ଏହା ନିସନ୍ଦେହ ଯେ, ସିନ୍ଦୂର'ର ଶକ୍ତି କେତେ, ତାହା ଆଜି ଅପରେସନ ସିନ୍ଦୂର ସମଗ୍ର ବିଶ୍ୱବାସୀଙ୍କୁ ପ୍ରଦର୍ଶିତ କରିବାରେ କେବଳ ସମର୍ଥ ହୋଇନାହିଁ। ସିନ୍ଦୂର'ର ଅନ୍ତର୍ନିହିତ ଶକ୍ତି କେତେ ତାହା ଅବଗତ କରାଇ ଦେଇଛି ବୋଲି କହିବାକୁ ହେବ। ଉଲ୍ଲେଖଯୋଗ୍ୟ ଯେ, କାଶ୍ମୀର'କୁ ନେଇ ୧୯୬୫ ଏବଂ ୧୯୭୧ ଯୁଦ୍ଧର ପାକିସ୍ତାନ ପରାଜିତ ଏବଂ ବିଭାଜିତ ହେବା ପରେ ଆତଙ୍କବାଦ ବିରୁଦ୍ଧରେ ଛାୟା ଯୁଦ୍ଧ ଜାରି ରଖିଛି। ଆତଙ୍କବାଦକୁ ପାକିସ୍ତାନ ସରକାର ଓ ସେନାବାହିନୀ ପ୍ରତ୍ୟକ୍ଷ ଭାବେ ପ୍ରୋତ୍ସାହନ ଦେଇଆସିଛି। ୨୦୦୧ ପାର୍ଲିଆମେଂଟ ଉପରେ ଆକ୍ରମଣ, ୨୦୦୮ରେ ମୁମ୍ବାଇରେ ଆକ୍ରମଣ, ୨୦୧୯ରେ ପୁଲଓ୍ୱାମା ଆକ୍ରମଣ ଏହାର ହେଉଛି ଜ୍ୱଳନ୍ତ ଉଦାହରଣ। ସେହିପରି ଆତଙ୍କୀ ହିଂସାକାଣ୍ଡ ଦ୍ୱାରା ୧୯୮୯ରେ କାଶ୍ମୀରର ହିନ୍ଦୁ ପଣ୍ଡିତଙ୍କୁ ବାହାର କରିଦେଇଥିବାବେଳେ ଭାରତର ଅର୍ଥନୀତି, ଶାସନ, ସମ୍ପ୍ରଦାୟ ମଧ୍ୟରେ ଅସ୍ଥିରତା ସୃଷ୍ଟି କରିବା ପାକ୍ ପ୍ରାୟୋଜିତ ଆତଙ୍କବାଦର ମୂଳ ଉଦ୍ଦେଶ୍ୟ ଲକ୍ଷ। ତେବେ ପହଲଗାମ୍ ଆକ୍ରମଣ ପରେ ଦେଶ ତଥା କାଶ୍ମୀରରେ ଯେଉଁଭଳି ଏକତା, ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରକାଶ ପାଇଛି, ତାହା ମଧ୍ୟ ଅଦଭୂତପୂର୍ବ। ଆତଙ୍କବାଦ ବିରୁଦ୍ଧରେ ହଜାର ହଜାର କାଶ୍ମୀର ମୁସଲିମ୍ ବିକ୍ଷୋଭ ପ୍ରଦର୍ଶନ କରିବା, ପାକିସ୍ତାନ ବିରୁଦ୍ଧରେ ନାରା ଦେବା ହେଉଛି, ଭାରତରେ ବିବିଧତା ମଧ୍ୟରେ ଏକତା'ର ନିଦର୍ଶନ। ସେହିପରି ଅପରେସନ ସିନ୍ଦୂର' ପ୍ରତି ଦେଶର ରାଜନୈତିକ ଦଳଗୁଡିକ ଯେପରି ଐକ୍ୟଭାବ ପ୍ରଦର୍ଶନ କରିଛନ୍ତି, ତାହା ସିନ୍ଦୂର'ର ନ୍ୟାୟାକୁ ପ୍ରତିପାଦିତ କରୁଛି। ଏଥିରୁ ପାକିସ୍ତାନ ଶିକ୍ଷା କରିବ, ବୋଲି ଆଶା କରାଯାଏ।

# 'ମାନବବାଦ' ମାର୍ଗ ହିଁ ଶାନ୍ତିର ମାର୍ଗ



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ଆଜିର ବିଶ୍ୱ ଏକ ଆହ୍ୱାନ ରୂପେ ଆମ ଆଗରେ ଦଣ୍ଡାୟମାନ। ସଚେତନ ମାନବ ଏହା ଉପେକ୍ଷା କରିପାରେନା କିମ୍ବା ଏଥିରେ ସକ୍ରିୟ ନହୋଇ ରହିପାରେନା। ସମଗ୍ର ବିଶ୍ୱ ଯେତେବେଳେ ବିଜ୍ଞାନର ଆଲୋକରେ ନିବୃତ କୋଣ ମଧ୍ୟ ଅନ୍ୟ କୋଣ ସହ ସଂପୃକ୍ତ, ସେଥିରୁ ଭାରତ ବର୍ଷରେ – ଓଡିଶା ପରି ଦରିଦ୍ର ରାଜ୍ୟରେ ଗ୍ରାମର ଅନ୍ଧାରୁଆ ଘରେ ଜନ୍ମ ଲଭିଥିବା ଓଡିଆ ସନ୍ତାନ କିପରି ପଛୁଆ ହୋଇ ରହିଯିବ? ବିଶ୍ୱ ବକ୍ଷରେ ଜାତ ପ୍ରତ୍ୟେକ ନରନାରୀ ଏକ ସୂତ୍ରରେ ବନ୍ଧା- କେହି କାହାରିକି ଛାଡି ରହିପାରେନା। ମଣିଷ ଏକ ସାମାଜିକ ପ୍ରାଣୀ। ସମାଜରେ ହିଁ ତାହାର ଜୀବନ ଗଢା। ସମାଜକୁ ନେଇ ମଣିଷ ଓ ମଣିଷକୁ ନେଇ ସମାଜ। ମାନବ ସମାଜର ଅଗ୍ରଗତିରେ ସମାଜର ବିକାଶ ସାଧନ ହୋଇଥାଏ। ସମାଜର ବିକାଶରେ ଦେଶ, ଜନ୍ମଭୂମି ପଲ୍ଲବିତ। ନୂତନ ଆଧୁନିକ ବୈଜ୍ଞାନିକ କୌଶଳରୁ ଆପଣେଇ ନିଏ, ବୁଦ୍ଧିର ଚାଳନା ହୁଏ। ସେ ପ୍ରେରଣା ଲାଭ କରି ଉତ୍ସାହିତ ହୁଏ, ନୂତନ ଢଙ୍ଗରେ ବୈଜ୍ଞାନିକ ରୀତିରେ ଜୀବନ ଓ ସମାଜ ଗଠନ ନିମନ୍ତେ। ନିଜ ପରିବାର ଓ ଯେଉଁ ବାତାବରଣ ଭିତରେ ସେ ଜନ୍ମଲାଭ କରିଥାଏ, ବାଲ୍ୟକାଳ ବିତାଇଥାଏ ସେହି ବାତାବରଣ ବଜାୟ ରଖିବା ନିମନ୍ତେ ତା'ର ଦୃଷ୍ଟି କୋଣ ବଦଳି ଯାଇଥାଏ। ସମଗ୍ର ମାନବ ସମାଜରେ ଏକ ଦେଶ କାଳ ଭେଦ କରି ଏକ ଅପୂର୍ବ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ। ଏହା କେହି ଶିଖାଏନି କିମ୍ବା ବିଧିବଦ୍ଧ ଚେଷ୍ଟା ବି କରିବାକୁ ପଡେନାହିଁ। ଅତି ଦରିଦ୍ର ଗ୍ରାମବାସୀ ଠାରୁ ବିତ୍ତଶାଳୀ ବା ଦରିଦ୍ର ଦେଶର କୁକୁର ପ୍ରତି ସ୍ନେହ ଆସକ୍ତି – କୁକୁରର ପ୍ରଭୁ ଭକ୍ତି ଓ ଉତ୍ସର୍ଗ ଦୁହିଁଙ୍କର ପରସ୍ପର ପ୍ରତି ଆକର୍ଷଣ ଯୁଗ ଯୁଗ ଧରି ମାନବ ସମାଜରେ ଭରି ରହିଛି। ଗୋରୁ, ଗାଈ, ମଇଁଷି ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କ ପ୍ରତି ମାନବର ଅହେତୁକ ପ୍ରୀତିରୁ ବୁଝାପଡେ ମଣିଷ ସମାଜର ବନ୍ଧନର ଡୋରି ହେଉଛି ପ୍ରେମ, ପ୍ରୀତି, ସଦ୍‌ଭାବନା ଓ ସହଯୋଗ।

ଆଜିର ବିଶ୍ୱରେ ତଥା ସମାଜରେ ବିଜ୍ଞାନ ଟେକ୍ନୋଲଜିର ଯେପରି ଅଗ୍ରଗତି ହେଲାଣି ଲୁଚାଇ ଛପାଇ କୌଣସି ଦେଶ ପକ୍ଷରେ କିଛିଦିନ କୌଣସି ବିଷୟ ରହିଯାଇପାରେ, ମାତ୍ର ଅଗୋଚରରେ ରଖିବା ଅସମ୍ଭବ। ବର୍ତ୍ତମାନ ଆମେରିକା ଧନବଳ ଯୋଗୁଁ ନିଜର ଆର୍ଥିକ ଆଧିପତ୍ୟ ବିସ୍ତାର କରିବା ଉଦ୍ଦେଶ୍ୟ ପରିବର୍ତ୍ତେ ଏବେ ଅନ୍ୟ ଦେଶଗୁଡିକୁ ନିଜ କବଳରେ ଆୟତାଧିନ କରି ରଖିବା ନିମନ୍ତେ, ନିଜର ବେପାର ବଣିଜ ଓ ଅର୍ଥଲଗାଣ ସୁବିଧା ଯେପରି ଖର୍ଚ୍ଚ ନହୁଏ ସେଥିପ୍ରତି ସଜାଗ। ଅର୍ଥନୀତି ବିଶାରଦମାନେ ଅବଶ୍ୟ ଲକ୍ଷ କରୁଥିବେ-ବୃହତ ଶକ୍ତିଶାଳୀ ଦେଶମନଙ୍କର ପୃଥିବୀର ପୁଞ୍ଜି ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ରହିଛି। ସେମାନେ ପୁଞ୍ଜିକୁ ଯେପରି ଚାଳନା କରୁଛନ୍ତି, ପୂର୍ବେ ଯେପରି ସର୍ବହରା ଶ୍ରେଣୀରେ ବିଦ୍ରୋହ, ଅଶାନ୍ତି ଓ ବିପ୍ଳବ ଯୋଗୁ ପୁଞ୍ଜିବାଦର ଲୋପ ହେବାର ଆଶଙ୍କା ଥିଲା, ଏବେ ସେପରି ଆଶଙ୍କା ବା ସମ୍ଭାବନା ଅତି କ୍ଷୀଣ। ଆମେରିକ ନାନା ଘଟଣାରୁ ଚୀନ ଉପରେ ରକ୍ତଚାଉଳ ଚୋବାଉଥିଲେ ସୁଦ୍ଧା ଚୀନ ସହିତ କୂଟନୀତିକ ବା ବ୍ୟାପରିକ ସମ୍ପର୍କ ତୁଟାଇବା ନିମନ୍ତେ ପ୍ରସ୍ତୁତ ନୁହେଁ। ଏବେ ବିଶ୍ୱର ଅର୍ଥନୀତି ଏପରି ପରିଚାଳିତ ହେଉଛି ଯଦ୍ଦ୍ୱାରା ପୁଞ୍ଜିବାଦୀ ହୁଅନ୍ତୁ ବା କମ୍ୟୁନିଷ୍ଟପନ୍ଥୀ ହୁଅନ୍ତୁ ନିଜ ଦେଶର ଅର୍ଥନୀତିକ ଭିତ୍ତିକୁ ଦୁର୍ବଳ କରିବା ଅଭିପ୍ରାୟରେ କେହି ନାହାଁନ୍ତି। ପୁଞ୍ଜିବାଦ ଅର୍ଥନୀତିକ ଓ ରାଜନୀତିକ ଏକଛତ୍ରବାଦ ଏକ ନୂତନ କୌଶଳ ପ୍ରୟୋଗ କରୁଛି। ଋଣ ଓ ଅନ୍ୟ ଅର୍ଥ ଯୋଗାଣରେ ବିଭିନ୍ନ କୌଶଳ ଖେଳାଯାଉଛି। ଯେପରି ଦେଖାଯାଉଛି ପୁଞ୍ଜିବାଦ ତଳକୁ ବେପାର ବଣିଜ୍ୟରେ ଲିପ୍ତ ଥିବା ଏକ ଦୃଢ ସମୃଦ୍ଧଶାଳୀ ଓ ଶକ୍ତିଶାଳୀ ଶ୍ରେଣୀ ସୃଷ୍ଟି ହୋଇଯିବ। ଦରିଦ୍ର ଓ ଦୁଃଖୀ ଶ୍ରେଣୀଙ୍କର ଏପରି ଅଣ୍ଟା ଭାଙ୍ଗି ପଡିବ ସେମାନେ ଏପରି ଶକ୍ତି ଗୁଡିକର ସମ୍ମୁଖୀନ ହୋଇପାରିବେନି। କିନ୍ତୁ ସେହି ଦରିଦ୍ର ଦୁଃଖୀ ଶ୍ରେଣୀମାନଙ୍କ ଜରିଆରେ ସେମାନେ ତାଙ୍କର ରାଜନୈତିକ ଗୋଟି ଚାଳନା କରିବେ।

ବାସ୍ତବିକ ବିଚାର କଲେ ଆମେ ଆଜି ସନ୍ଧିକ୍ଷଣରେ ପଡିଛୁ। ଆମ ଆଖି ଆଗରେ ସବୁ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଘଟି ଯାଉଛି- ରାଜନୀତିକ, ସାମାଜିକ ଓ ଆର୍ଥିକ ଭାରତରେ ଆମେ ଜାଣୁଛେ, ଆମର ବିଦ୍ୟାବୁଦ୍ଧି ଏହାର ମୂଳସୂତ୍ର ଧରିପାରୁ ନାହିଁ। ଆମର ସନ୍ଥ ବାକ୍ୟ କହେ- 'ଚକ୍ରବତ୍ ପରିବର୍ତ୍ତନ୍ତେ, ସୁଖାନି ଦୁଃଖାନିଚ'। ରାଜନୀତିକ କ୍ଷେତ୍ରରେ କ୍ଷମତା ପ୍ରଶ୍ନ ଥିବାରୁ ଦ୍ୱନ୍ଦ ଉପୁଜୁଛି। ଅନ୍ତତଃ ସାମାଜିକ, ଅର୍ଥନୈତିକ ଓ ନିତ୍ୟନୈମିତିକ ବ୍ୟବହାରରେ ପରସ୍ପର ସମାଜକୁ ବାନ୍ଧି ରଖିବାର ଓ ସମ୍ଭାବନା ଜାତହେବାର କଳା କୌଶଳକୁ ମାନବ ସମାଜ ଅଦ୍ୟାବଧି ଆପଣେଇ ପାରିଲାନି। କିନ୍ତୁ ଏପରି ସମୟରେ ଆମକୁ ଗାନ୍ଧୀଙ୍କର ଆଦର୍ଶ, ପ୍ରେରଣାକୁ ପାଥେୟ କରି ଆଗେଇ ଚାଲିଲେ ଅନେକ ସମସ୍ୟାର ସମାଧାନ ଆପେ ଆପେ ହୋଇଯିବ। ମଣିଷ ସମାଜ ବୋଇଲେ, ପୁରୁଷ ସ୍ତ୍ରୀ ଉଭୟଙ୍କୁ ବୁଝାଏ। ମହାତ୍ମାଗାନ୍ଧୀଙ୍କ ଦୂରଦୃଷ୍ଟି ଯୋଗୁ ପୁରୁଷ ପ୍ରଧାନ ବିଶ୍ୱ ସମାଜରେ ଭାରତରେ ନାରୀଜାତି ପୁରୁଷ ପରି ସମାନ ଅଧିକାର ଓ ସମ୍ମାନ ପାଇଛି। ଭାରତ ପରି ବିଶ୍ୱର ସର୍ବାଧିକ ନିରକ୍ଷର ଦେଶରେ ନାରୀଙ୍କୁ ସମାନ ଅଧିକାର ଓ ସୁଯୋଗ ମିଳୁଛି, ଅନେକ ଶିକ୍ଷିତ ଦେଶର ନାରୀ ସମ୍ପୂର୍ଣ୍ଣ ସୁବିଧା ଓ ସୁଯୋଗରୁ ବଂଚିତ। ଏବେ ସୁଦ୍ଧା ନାରୀଙ୍କୁ ନିଜର ଅଧିକାର ଲାଗି ଲଢାଇ କରିବାକୁ ପଡୁଛି। ଆନ୍ତର୍ଜାତିକ କ୍ଷେତ୍ରରେ ବହୁ ନାରୀ ଖ୍ୟାତି ଲାଭ କରୁଛନ୍ତି, ଉଚ୍ଚ ପଦବୀ ଓ ସ୍ଥାନ ହାସଲ କରୁଛନ୍ତି, କିନ୍ତୁ ଏହା ବ୍ୟକ୍ତିଗତ। ଶ୍ରୀଲଙ୍କା, ଇଣ୍ଡୋନେସିଆ, ଇସ୍ରାଏଲ୍, ଆମେରିକା, ଇଂଲଣ୍ଡ ଓ ଭାରତ ରେ ସର୍ବୋଚ୍ଚ ପଦରେ ସ୍ଥାନ ପାଇଛନ୍ତି। ସଂଖ୍ୟାନୁପାତରେ ନାରୀ ସମଗ୍ର ସମାଜର ଅର୍ଦ୍ଧେକ ବା ତହିଁରୁ ବେଶୀ। ବିରାଟ ଜନସଂଖ୍ୟା ପୂର୍ଣ୍ଣ ଅଧିକାର ପ୍ରାପ୍ତ ନହେବା ପର୍ଯ୍ୟନ୍ତ ମାନବ ସମାଜର ସାମୂହିକ ଓ ସମ୍ପୂର୍ଣ୍ଣ ବିକାଶ ସମ୍ଭବ ନୁହେଁ। କିନ୍ତୁ ଭାରତ ଏଥିରେ ଅଗ୍ରଭାଗରେ ରହୁଥିବା ଆଶ୍ୱାସନାର ବିଷୟ। ଆଜି ମାନବ ଜାତି ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତ୍ରିପୁରକୁ ଆୟତ୍ତ ବା ବିଜୟ କରି ସାରିଲାଣି। ଆଜି ସମାଜରେ ଜାତ୍ୟାଭିମାନ, ଧର୍ମଧାରଣା ହ୍ରାସ ପାଉଛି, ଉଚ୍ଚ ନୀଚ ଭାବନା କ୍ରମେ ଦୂରୀଭୂତ ହେଉଛି। ମାନବର ଧର୍ମ ହେଉଛି ପରସ୍ପରକୁ ବାନ୍ଧି ରଖିବା ଯେପରି ମିଳନ ଓ ସହୃଦୟତା, ସଦ୍‌ଭାବନାର ମୁହୂର୍ତ୍ତ ଆମ ଦ୍ୱାରଦେଶରେ ଉପସ୍ଥିତ। ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ, ବିପରୀତ ଅବସ୍ଥା କ୍ରମେ ଉଭେଇ ଯାଉଛି।

ସମଗ୍ର ବିଶ୍ୱରେ ଆଜି 'ସବୁ ବାଦର ପରୀକ୍ଷା, ନୀରିକ୍ଷା ହୋଇସାରିଲାଣି। ପ୍ରାରମ୍ଭ କାଳରୁ ପୁଞ୍ଜିବାଦ, ମାଓବାଦ, ନକ୍ସଲ ବାଦ,ସନ୍ଥବାଦ, ସାମ୍ରାଜ୍ୟବାଦ, ରାଜତନ୍ତ୍ର ରାଜା ଓ ସମ୍ରାଟଙ୍କ ଆଧିପତ୍ୟ, ପୁଞ୍ଜିବାଦୀ ଶିଳ୍ପୀକରଣ ଏ ଧରାରେ ଶହ ଶହ ବର୍ଷ ଧରି ଏପରି ନାନା ନୀତି ଆପଣେଇଛି ମାତ୍ର, ଏ ଧରାପୃଷ୍ଠରେ ଶାନ୍ତି ବିରାଜି ନାହିଁ କି ସନ୍ତୋଷ ମିଳିନାହିଁ। ଆଗାମୀଭବିଷ୍ୟତ ଉଜ୍ଜ୍ୱଳମୟ କୀର୍ତ୍ତିମାନ କରିବାକୁ ହେଲେ ମଣିଷ ହେବାକୁ ହେବ ମୁକ୍ତ ବିହଙ୍ଗମ ପରି ସମ୍ପୂର୍ଣ୍ଣ ସ୍ୱାଧୀନ। ନିଜର ଅଶେଷ ଜନ୍ମର ପୁଣ୍ୟ ଫଳ ମଣିଷ ଜନ୍ମ ଲାଭକରି ତାକୁ ସାର୍ଥକ କରିବା ହିଁ ହେଉଛି 'ମାନବବାଦ' ଯେଉଁଥିରେ ଶାନ୍ତି, ମୁକ୍ତି ଓ ପ୍ରଗତିର ତ୍ରିବେଣୀ ସଙ୍ଗମ ହୋଇଥାଏ।



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ପୌରପାଳିକାର ଗାନ୍ଧୀ ମାର୍କେଟରେ ଦୀର୍ଘ ତିରିଶ ବର୍ଷରୁ ଅଧିକ ସମୟ ହେବ ମାଛ ଓ ମାଂସ ବେପାର କରି ୧୧୨ ବେପାରୀ ଖାଉଟିଙ୍କ ଚାହିଦା ମେଣ୍ଟାଇ ଆସିବା ସହିତ ବ୍ୟବସାୟ କରି କୁଟୁମ୍ବ ପୋସୁଛନ୍ତି। ବହୁ ଦିନଧରି ଘର ଓ ସେଡଗୁଡିକ ମରାମତି ନହେବା ଯୋଗୁଁ ସେଗୁଡିକ ଜରାଜୀର୍ଣ୍ଣ ହୋଇ ବିପଦସଂକୁଳ ଭାବେ ରହିଛି। ସହରବାସୀଙ୍କୁ ମାଛ, ମାଂସ ଯୋଗାଉଥିବା କେନ୍ଦୁଝର ପୌରପାଳିକାର ଗାନ୍ଧୀ ମାର୍କେଟକୁ ଅତ୍ୟାଧୁନିକ ଶୈଳୀରେ ନିମ୍ନ ମହଲରେ ଡ୍ରେନ, ପାର୍କିଂ ଓ ମାଂସ କାଟିବାର ବ୍ୟବସ୍ଥା ସହିତ ବହୁତଳ ବିଶିଷ୍ଟ କରି ନିର୍ମାଣ କଲେ ଉପର ମହଲାର ଘରଗୁଡିକ ଅନ୍ୟାନ୍ୟ ଦୋକାନ ପାଇଁ ଲୋକଙ୍କୁ ଯୋଗାଇଦେଲେ ପୌରପାଳିକାର ଆୟ ବୃଦ୍ଧି ସହିତ ଲୋକମାନେ ମଧ ଉପକୃତ ହୋଇପାରନ୍ତେ ବୋଲି ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡା ପ୍ରକାଶ କରିଛନ୍ତି। ସଞ୍ଜୀବ ସାହୁ, କାଳନ୍ଦୀ ମହଲ, ଧରଣୀଧର ମହଲ ପ୍ରତାପ ନାଏକ ବିଜୁମୁଖୀ ପ୍ରମୁଖ ମଣ୍ଡୁଆସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗାନ୍ଧୀ ମାର୍କେଟର ପୁନଃନିର୍ମାଣ ସହିତ ଘର ଯୋଗାଇ ଦେବା ନିମନ୍ତେ ଲିଖିତ ଦାବି ସହିତ ଜିଲାପାଳ ଓ କେନ୍ଦୁଝର ପୌରପାଳିକା ଅଧିକାରୀଙ୍କୁ ମଧ ଅବଗତ କରିଛନ୍ତି।

# ଆମ୍ବିଳିଅଠା ଗ୍ରାମ୍ୟ ଉନ୍ନୟନ ସଡ଼କର ୨୨ ସ୍ଥାନ ମରଣଯନ୍ତା: ମରାମତି ଦାବି



ଜଳେଶ୍ୱର(ଭାସ୍କର ନ୍ୟୁଜ): ଉପାନ୍ତ ନଛିମପୁର ଗ୍ରାମ ପଞ୍ଚାୟତକୁ ଗମନା ଗମନର ସୁଗମ ଲାଗି ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୩୦୧-୯୬ ଲକ୍ଷ ଟଙ୍କା ବ୍ୟୟରେ ସଡ଼କ ନିର୍ମାଣ ହୋଇଥିଲା। ଭାରତ ନିର୍ମାଣ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଆମ୍ବିଳିଅଠା ଠାରୁ ନଛିମପୁର ଓ ଦେଉଳା ପର୍ଯ୍ୟନ୍ତ ୫ କିମି ୭୦୦ ମିଟର ରାସ୍ତା କଂକ୍ରିଟ ଓ ପିଚୁ ସଡ଼କ ନିର୍ମାଣ ହୋଇଥିଲା। ଉକ୍ତ କାର୍ଯ୍ୟ ୧୬ ମସିହାରେ ଆରମ୍ଭ ହୋଇଥିବା ବେଳେ ୫ ବର୍ଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସଡ଼କର ରକ୍ଷଣା ବେକ୍ଷଣ ଅବଧି ଥିଲା। ପ୍ରଥମ ବର୍ଷ ୧.୨୮, ଦ୍ୱିତୀୟ ବର୍ଷ ୧.୬୯, ତୃତୀୟ ବର୍ଷ ୨.୧୦, ଚତୁର୍ଥ ବର୍ଷ ୨.୫୨, ପଞ୍ଚମ ବର୍ଷ ୨.୯୩ ଟଙ୍କା ବ୍ୟୟରେ ସଡ଼କ ମରାମତି ଧାର୍ଯ୍ୟ ହୋଇଥିଲା। ପ୍ରତ୍ୟେକ ବର୍ଷ ବର୍ଷା ରୁତୁ ପରେ ଘାସ ଗଛର ଡାଳ ପତ୍ର କାଟି ରାସ୍ତା ସଫା କରିବା, ପାଣି କଟା ଧାରକୁ ପୁନଃ ମରାମତି, ଆବଶ୍ୟକ ଅନୁଯାୟୀ ରାସ୍ତାର ଉଭୟ ପାର୍ଶ୍ୱ ମରାମତି, ସଡ଼କରେ ଫାଟା, ଖାଲଖମାର ମରାମତି, ରାସ୍ତାର ଉଭୟ ପାର୍ଶ୍ୱ ନାଳ ମରାମତି ବର୍ଷକୁ ୨ ଥର, ତିଆରି ହୋଇଥିବା ସଙ୍କ ଓ ପୋଲ ମରାମତି ବର୍ଷକୁ ୨ଥର, ବର୍ଷକୁ ଆବଶ୍ୟକ ଅନୁସାରେ କି.ମି. ଓ ମିଟର ଖୁଣ୍ଟି ଏବଂ ସାଇନ୍ ବୋର୍ଡ଼ ମରାମତି, ଶଙ୍କ ଓ ପାରାପିଟ କାନ୍ଥରେ ଚୂନ ମାରିବା ପାଇଁ ବର୍ଷକୁ ଥରେ ନିୟମ ରହିଥିଲା। କିନ୍ତୁ ନଛିମପୁରଠାରୁ ନିଳେଶ୍ୱର ମହାଦେବ ମନ୍ଦିର ପର୍ଯ୍ୟନ୍ତ ସଡକ ପାର୍ଶ୍ୱରେ ମାଟି ପଡ଼ିଲା ନାହିଁକି ଠିକ୍ ଭାବେ ମରାମତି ହେଲା ନାହିଁ। ଏହା ସହିତ ଖୁଣ୍ଟି ସାଇନ୍ ବୋର୍ଡ଼ ଗାଇବ ହୋଇଗଲାଣି। ସଡକରେ ଘାସ ମାଡି ପାଣିଛିଡା ହେବା ସହ ଆମ୍ବିଳିଅଠାରୁ ଦେଉଳା ପର୍ଯ୍ୟନ୍ତ ସଡ଼କ କଡରେ ମାଟି ନଥିବାରୁ କଙ୍କ୍ରିଟ ସଡ଼କ ଦୃଶ୍ୟମାନ ହୋଇ ଦୁର୍ଘଟଣା ଘଟୁଛି। ନଛିମପୁର ତାରିଣୀ ଛକରୁ ନିଳେଶ୍ୱର ମହାଦେବ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଆଦୌ ମାଟି ନଥିବା ବେଳେ ଗାଡଓ୍ୱାଲ ଧସିବାକୁ ବସିଲାଣି। ଦୀର୍ଘଦିନ ଧରି ରାସ୍ତାର ଉଭୟପାର୍ଶ୍ୱରେ ମାଟି ଓ ନାଳି ଗୁଡ଼ି ନ ପଡିବାରୁ ଲୋକେ ବାଡ଼ ବସାଇ ସଡ଼କକୁ ସଙ୍କୁଚିତ କରିଛନ୍ତି। ନାଙ୍ଗୁଡସାହି ନିକଟରେ ସଡ଼କ ଫାଟି ଆଁ କରିବା ସହିତ ଲୁହା ରଡ଼ ଦେଖାଯାଉଛି। ପୁଣି ନିକଟରେ ଥିବା ପୋଲ ଉପରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇନାହିଁ। ବିଶେଷ କରି ଆମ୍ବିଳିଅଠାରୁ ନାଙ୍ଗୁଡସାହି ପର୍ଯ୍ୟନ୍ତ, ସଡ଼କକୁ ଉଠିବା ରାସ୍ତାରେ ୨୨ଟି ଛୋଟବଡ଼ ଖାଲ ସୃଷ୍ଟି ହୋଇଛି। ୩ ବର୍ଷ ଧରି ଉକ୍ତ ସଡକରେ ବିଭାଗୀୟ ମରାମତି ହୋଇ ନ ଥିବା ବେଳେ ଅଧିକାରୀ ଦୃଷ୍ଟି ଦେଉ ନାହାଁନ୍ତି। ଫଳରେ ଉକ୍ତ ସଡକରେ ଚଳପ୍ରଚଳ ବିପଦ ସଙ୍କୁଳ ହୋଇ ମରଣଯନ୍ତା ପାଲଟିଛି। ଧାନ କଟା ମେସିନ ଓ ଟ୍ରାକ୍ଟର ଚକାରେ ଆସୁଥିବା ଛୋଟ ବଡ଼ କାଦୁଅ କୁଢ କୁଢ଼ ରାସ୍ତାରେ ପଡି ମାଟି ରାସ୍ତାର ଭ୍ରମ ସୃଷ୍ଟି କରୁଛି। ପଞ୍ଚାୟତ ପକ୍ଷରୁ ଜେସିବି ସାହାଯ୍ୟରେ କିଛି ପରିମାଣରେ ମାଟି ସଫା ହେଉଥିଲେ ମଧ ସଡ଼କରୁ ପିଚୁ ଉଠି ଅଧିକ ନଷ୍ଟ ହେଉଛି। ତେଣୁ ଖାଲ ଖମାରରେ ଭର୍ତ୍ତି ଚଳଚଞ୍ଚଳ ସଡ଼କକୁ ବର୍ଷାଦିନ ପୂର୍ବରୁ ମରାମତି ପାଇଁ ଦଳମତ ନିର୍ବିଶେଷରେ ପଞ୍ଚାୟତବାସୀ ଦାବି ଜଣାଇଛନ୍ତି।

# ଶ୍ରେଷ୍ଠ ସ୍କାଉଟ୍ସ ଓ ଗାଇଡସ୍ ପାଇଁ ଢେଙ୍କାନାଳ ପୁରସ୍କୃତ




ଢେଙ୍କାନାଳ(ଭାସ୍କର ନ୍ୟୁଜ): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ତରଫରୁ ଓଡିଶା ରାଜଭବନ ଠାରେ ରାଜ୍ୟପାଳ ପୁରସ୍କାର ବିତରଣୀ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ମହାମହିମ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ଓ କ୍ରୀଡା ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର (ଭାରତ ସ୍କାଉଟସ୍ ଓ ଗାଇଡସ୍) ଡକ୍ଟର କାଳୀ ପ୍ରସାଦ ମିଶ୍ର ଓ ମୁଖ୍ୟ ସଂଗଠନ କମିଶନର (ଗାଇଡସ୍) ଅନାମିକା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଉତ୍ସବରେ ଢେଙ୍କାନାଳ ଜିଲ୍ଲାକୁ ୨୦୨୪ ମସିହାର ଶ୍ରେଷ୍ଠ ଜିଲ୍ଲା କ୍ୟାଟେଗୋରୀ ଭାବରେ ରାଜ୍ୟପାଳ ଢେଙ୍କାନାଳ ଜିଲ୍ଲା ଶିକ୍ଷାଧିକାରୀ ତଥା ମୁଖ୍ୟ କମିଶନର ବିନିତା ସେନାପତିଙ୍କୁ ପୁରସ୍କାର ସ୍ୱରୂପ ଫଳକ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ପୁରସ୍କାର ଗ୍ରହଣ ସମୟରେ ଜିଲ୍ଲା ସଂପାଦକ ପ୍ରକାଶ ଚନ୍ଦ୍ର ବେହେରା, କ୍ୟାମ୍ପ ସଂଗଠନ ସଂପାଦକ ତଥା ପ୍ରଧାନଶିକ୍ଷକ ଇତିଶ କୁମାର ବରାଳ, ଜିଲ୍ଲା ତାଲିମ୍ କମିଶନର ନରେଶ କୁମାର ମହାରଣା ଓ ଜିଲ୍ଲା ସଂଗଠନ କମିଶନର ବିଜୟ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ଏହି ସଫଳତା ପାଇଁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମନୋରଞ୍ଜନ ଦଳେଇ, ବ୍ରହ୍ମୋତ୍ରୀ ବିଶ୍ୱାଳ, ସୌମ୍ୟାଶ୍ରୀ ପଣ୍ଡା, ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା, ମୁଖ୍ୟ କମିଶନର (ଗାଇଡ୍) ପୁଷ୍ପାଞ୍ଜଳି ଦଳେଇ, ଜିଲ୍ଲା ସଂଗଠନ କମିଶନର (ଗାଇଡ୍) ସବିତା ସାହୁ ତାଲିମ୍ କମିଶନର (ଗାଇଡ୍) ସ୍ୱର୍ଣ୍ଣାଞ୍ଜଳୀ ମିଶ୍ର, ସ୍କାଉଟ୍ ମାଷ୍ଟର ସୁବ୍ରତ କୁମାର ମିଶ୍ର, ଜୀବନ ଜ୍ୟୋତି ବିଶ୍ୱାଳ, ହରପ୍ରିୟା ଦାସ ଓ ସତ୍ୟଭାମା ନାୟକ ସମେତ ସମସ୍ତ ସ୍କାଉଟ୍ସ ଓ ଗାଇଡ୍ସ ପରିବାର ତରଫରୁ ଶ୍ରୀମତୀ ସେନାପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଏଏମ୍ଏନ୍ଏସ୍‌ରେ ଶ୍ରମିକ ଆନ୍ଦୋଳନ ସ୍ଥଗିତ




ପାରାଦୀପ(ଭାସ୍କର ନ୍ୟୁଜ): ଗତ ଏପ୍ରିଲ ମାସ ୨୮ ତାରିଖରୁ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଂଘ ପକ୍ଷରୁ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ (ଏଏମ୍ଏନ୍ଏସ୍) ଇଣ୍ଡିଆ ଲିମିଟେଡ୍ କମ୍ପାନୀରେ କାର୍ଯ୍ୟରତ ସମସ୍ତ ଠିକା ଶ୍ରମିକମାନଙ୍କର ବିଭିନ୍ନ ଦାବି ନେଇ କମ୍ପାନୀ ଫାଟକ ସମ୍ମୁଖ ରେ ଘଣ୍ଟିକିଆ ବିକ୍ଷୋଭ ପ୍ରଦର୍ଶନ ସହ ଆଠଦିନ ପ୍ଲାଣ୍ଟ ଭିତରେ ଘଣ୍ଟିକିଆ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ କ୍ଷ କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ କିଛି ନଶୁଣିବାରୁ ଗତ ୭ ତାରିଖରୁ ଶ୍ରମିକ ମାନେ ଦୁଇଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାରୁ କମ୍ପାନୀ କର୍ତ୍ତୃପକ୍ଷ ଶେଷରେ ବାଧହୋଇ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳଙ୍କ ସହାୟତା ଲୋଡ଼ିଥିଲେ। ଗତ ୮ ତାରିଖ ଗୁରୁବାର ଅପରାହ୍ନ ୪ ଟା ସମୟରେ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପରିସରରେ ପୂର୍ବ ଉପକୂଳ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା, ସମ୍ପାଦକ ରତ୍ନାକର ଜେନା ଓ ଏଏମଏନଏସର ଏଚଆର ସୁନିଲା ଦାସ ଏବଂ ଆଇଆର ଅରୂପ ଗୌଡା ପ୍ରମୁଖ ବୈଠକରେ ଯୋଗଦେଇ ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ।

# ଟ୍ରାକ୍ଟର ଧକ୍କାରେ ପିସିଆର ଚାଳକ ଗୁରୁତର

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା-ଚାରିଛକ ରାସ୍ତା ଶୀତଳଭଣ୍ଡାର ନିକଟରେ ଥାନା ପିସିଆର ଡ୍ରାଇଭରକୁ ଟ୍ରାକ୍ଟର ଧକ୍କା ଦେଇଥିବା ବେଳେ ପିସିଆର ଚାଳକ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। କେତେକ ଡ୍ରାଇଭର ବେପରୁଆ ଗାଡ଼ିଚାଳନା କାରଣରୁ ଦୁର୍ଘଟଣା କରୁଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଚାରିଛକ ଥାନା ଗଡ଼ଇଟାପୋଖରୀ ଗ୍ରାମର ମନ୍ମଥ ପାତ୍ର ଓରଫ ଆକାଶ (୨୫) ପିପିଲି ଥାନାରେ ପିସିଆର ଚାଳକ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଗତ ଗୁରୁବାର ରାତ୍ର ୯ଟାରେ ବାଇକ୍ ଯୋଗେ ପିପିଲି ଯାଉଥିବା ବେଳେ ଚାରିଛକ-ନିମାପଡ଼ା ରାସ୍ତା ଶୀତଳଭଣ୍ଡାରରେ ଏକ ଜେସିବି ମାଟି ଖୋଳୁଥିବା ବେଳେ ନିମାପଡ଼ାର ଏକ ଟ୍ରାକ୍ଟର ଦ୍ରୁତ ବେଗରେ ଆସି ମନ୍ମଥଙ୍କୁ ଧକ୍କା ଦେଇଥିଲା। ମନ୍ମଥ ତଳେ ପଡ଼ିଥିବା ବେଳେ କେତେଜଣ ବ୍ୟକ୍ତି ଉଦ୍ଧାର କରି ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଅବସ୍ଥା ଗୁରୁତର ରହିବାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଗୋଡ଼ ଭାଙ୍ଗିଥିବା ବେଳେ ଅଂଟା ହାଡ଼ ମଧ ଭାଙ୍ଗିଯାଇଛି। ଦ୍ରୁତ ବେଗରେ ଟ୍ରାକ୍ଟର ଚାଳନାରୁ ଏପରି ଦୁର୍ଘଟଣା ଘଟିଥିବା ଦେଖଣାହାରୀ ପ୍ରକାଶ କରିଛନ୍ତି।

### ରାସ୍ତା ଉପରେ ଜଳିଲା କାର

# ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଲେ ପରିବାର



ରଘୁନାଥପୁର: ରଘୁନାଥପୁର ବ୍ଲକ ଅଧିନ ତାରପୁର ବାଇପାସ କଟକ ପାରାଦୀପ ରାସ୍ତାରେ ଶୁକ୍ରବାର ଅପରାହ୍ନରେ ଏକ ମାରୁତି ସେଲର କାର ନଂ ଓଡି୦୧ଜେଡ୍-୪୩୭୭ ହୁତହୁତ ହୋଇ ଜଳୁଥିବାର ଦେଖିବାକୁ ମିଳିଛି। ତେବେ ସ୍ଥାନୀୟ ହରିଷପୁର ଗ୍ରାମର ଜୈନିକ ବ୍ୟକ୍ତି ପରିବାର ସହିତ ୪ଜଣ ନିଜ କାରେ ଯୋଗେ ନିଜ ଘରର ପୂଜା ସାମଗ୍ରୀକୁ ନେଇ ମହାନଦୀରେ ବିର୍ଜନ କରିବାକୁ ଯାଉଥିବା ବେଳେ ରାସ୍ତାରେ ସୁଖିଥିବା ମୁଖ୍ୟ ଗଛ କାର ଚକାରେ ଲାଗି ନିଆଁ ଲାଗିଯାଇଥିଲା। କାରରେ ନିଆଁ ଲାଗିବା ଦେଖି ବାଇକରେ ଆସୁଥିବା ଜଣେ ବାଟୋଇ ଗାଡିଚାଳକକୁ ଅବଗତ କରିଥିଲେ। ଏହାଦେଖି ସ୍ଥାନୀୟ ବଜାରର ବ୍ୟବସାୟୀ ଶାରଦା ରାଉତ, ତ୍ରିନାଥ ସାହୁ, ସୋମ ନାୟକ, ବାନା ବିଶ୍ୱାଳ ପ୍ରମୁଖ କାର ଭିତରୁ ସମସ୍ତଙ୍କୁ ବାହାର କରି ରଘୁନାଥପୁର ଅଗ୍ନିଶମ ଓ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଓ ଅଗ୍ନିଶ୍ରମ ବିଭାଗ ପହଞ୍ଚି ନିଆଁକୁ ଆୟତ କରି ଅର୍ଦ୍ଧଦଗ୍ଧ କାରଟିକୁ ସ୍ଥାନୀୟ ଗ୍ୟାରେଜରେ ରଖିଥିଲେ। ଅପରପକ୍ଷରେ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଚାଷୀମାନଙ୍କ ପାଇଁ ଖଳା ନିର୍ମାଣ କରିଥିଲେ ବି ରାସ୍ତା ଉପରେ ମୁଗ, ଧାନଗଛ ସୁଖୁଥିବାରୁ ଅନେକ ସମୟରେ ଯାତ୍ରୀମାନେ ମୃତ୍ୟୁମୁଖରେ ପଡୁଥିବା ଅନେକ ନଜିର ରହିଛି। ଯେଉଁ ମାନେ ରାସ୍ତା ଉପରେ ଚାଷସା ମଗ୍ରୀ ସୁଖାଉଛନ୍ତି ସରକାର ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ପାଇଁ ହେଉଛି।

# ଲୁଟ୍ ଅଳଙ୍କାର ଜବତ, ଦୁଇ ଗିରଫ




କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ନରଣପୁର ଠାରେ ସାହୁ ଜୁଏଲାରୀ ୱର୍କସପ ମାଲିକ ଦୀପକ ସାହୁଙ୍କ ଠାରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ରୂପା ଲୁଟ ଘଟଣାରେ ପୋଲିସ ଦୁଇଜଣଙ୍କୁ ଗତକାଲି ଗିରଫ କରିଛି। ଗତ ଏପ୍ରିଲ ୨୭ତାରିଖ ରାତି ୧୦ଟା ସମୟରେ ମାଡମାରି ଲୁଟି ନେଇ ଥିବା ଅପରାଧୀ ମାନଙ୍କ ମଧରୁ ଜଣେ ନାବାଳକ ସମେତ ଦୁଇ ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅପରାଧୀ ହେଲେ ଛତିଶଗଡ ରାଜ୍ୟର ମହାଶମୁଦ ଜିଲ୍ଲାର ଖଲରାଇ ଥାନା ବିକେ ବାହାର ଗ୍ରାମର ଲକ୍ଷମନ ଗଣ୍ଡ (୨୪ବର୍ଷ) ଓ ନାବାଳକ ଅପରାଧୀର ନାମ ପ୍ରକାଶ କରାଯାଇନାହିଁ। ଅନ୍ୟ ତିନିଜଣ ଅପରାଧୀ ସିନ୍ଧୁ, ସିଦ୍ଧାନ୍ତ ଓ ରୋଶନ ଗଣ୍ଡ ଫେରାର ଅଛନ୍ତି। ସେମାନଙ୍କ ନିକଟରୁ ପୋଲିସ ସୁନା ୧୨.୦୯ଗ୍ରାମ, ରୂପା ୧.୪୩ କିଲୋ ଦୁଇଟି ମୋବାଇଲ ଓ ଦୁଇଟି ଅସ୍ତ୍ର ଜବତ କରିଛି। ପୋଲିସର ଏକ ସ୍ୱତନ୍ତ୍ର ଦଳ ଏଥିପାଇଁ ଗଠନ କରାଯାଇଥିଲା ବୋଲି ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ପ୍ରକାଶ କରିଛନ୍ତି। ଏହାକୁ ନେଇ ଟାଉନ ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୯(୬)ଓ ପରିବର୍ତ୍ତିତ ୩୧୦(୨)କେଶ ସଂଖ୍ୟା ୨୪୬/୨୭.୪.୨୦୨୫ରେ ମାମଲା ରୁଜୁ ହୋଇଥିଲା। ସିସିଟିଭି ଫୁଟେଜ, ବୈଷୟିକ ଦଳର ତଦନ୍ତ, ଫୋରେନସିକ ଯାଞ୍ଚ ଓ ଲଜର ସିସି ଟିଭି ଯାଞ୍ଚ କରି ଏହି ଅପରାଧୀ ମାନଙ୍କୁ ଧରା ଯାଇଛି ବୋଲି ପୋଲିସ ପ୍ରକାଶ କରିଛି। ସୂଚନାଯୋଗ୍ୟ ଯେ ଏପ୍ରିଲ ୨୭ରାତିରେ ଦୋକାନ ବନ୍ଦ କରି ନରଣପୁରର ଜୁଏଲାରୀ ମାଲିକ ଦୀପକ କୁମାର ସାହୁ ନିଜ ମୋଟର ସାଇକେଲରେ ଘରକୁ ଫେରୁଥିବା ସମୟରେ ଘର ନିକଟରେ ୫ ଜଣ ଦୁର୍ବୃତ୍ତ ୨ଟି ମୋଟର ସାଇକେଲରେ ଆସି ତାଙ୍କ ମୁଣ୍ଡକୁ ଓ ହାତକୁ ବାଡାଇଦେବା ଫଳରେ ସେ ତଳେ ପଡିଯିଇଥିଲେ ଓ ଦୁର୍ବୃତ୍ତ ମାନେ ତାଙ୍କ ମୋଟର ସାଇକେଲ ଡିକିରୁ ସୁନା ରୂପା ଭର୍ତ୍ତି ବ୍ୟାଗ ଧରି ଆଖି ପିଛୁଳାକେ ପାର ହୋଇଯାଇଥିଲେ। ଖବର ପାଇ ଟାଉନ ପୋଲିସ ପାଖରେ ଥିବା ତାରିଣୀ ଗେଷ୍ଟ ହାଉସ ରେ ଲାଗିଥିବା ସିସି ଟିଭି ଫୁଟେଜ ସଂଗ୍ରହ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ପରେ ଏହି ସଫଳତା ପାଇଛନ୍ତି। ସୁଦର୍ଶନ ଗାଙ୍ଗେଇ ଏସଡିପିଓ ଓ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ପ୍ରେସମିଟ ରେ ଉପସ୍ଥିତ ଥିଲେ।

### ୬୦ ଦିନରେ ବିଜେଇଏମ୍ ସ୍କୁଲ ଫି ବୃଦ୍ଧି ପ୍ରତିବାଦରେ ଆନ୍ଦୋଳନ

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଚାଲୁଛି ତଦନ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୫୦୦ ପୃଷ୍ଠାର ଦସ୍ତାବିଜ୍ ମଧ୍ୟ ଇଓଡବ୍ଲ୍ୟୁରେ ଦାଖଲ କରାଯାଇଛି। ୨୦୦ କୋଟି ଟଙ୍କାର ହେରଫେର ଅଭିଯୋଗ ମଧ କରାଯାଇଛି। ଗତ ୨ତାରିଖରେ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ଆମରଣ ଅନଶନ କରାଯାଇଥିଲା। ଗତ ୩ ତାରିଖରେ ଗଣଶିକ୍ଷା ବିଭାଗ ସଚିବଙ୍କ ଡାକରାରେ ସ୍କୁଲ ଅଭିଭାବକ ସଂଘର ସଭାପତି ରଂଜନ କୁମାର ଦାସ, ସମ୍ପାଦକ ନିତ୍ୟାନନ୍ଦ ବେହେରା ଓ କୋଷାଧ୍ୟକ୍ଷ ସତ୍ୟବ୍ରତ ସାହୁ ୩ କର୍ମକର୍ତ୍ତାଙ୍କ ସହ ନିର୍ଦ୍ଦେଶକ, ଗଣଶିକ୍ଷା, ଡିଇଓ, ଖୋର୍ଦ୍ଧାଙ୍କ ସହ ବହୁ ଗଣଶିକ୍ଷା ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ। ବହୁ ସମୟ ଆଲୋଚନା ହୋଇଥଲା। କିନ୍ତୁ ଜଣେ ବରିଷ୍ଠ ଅଧିକାରୀ ଡିଏଭି ପବ୍ଲିକ୍ ସ୍କୁଲର କାଗଜକୁ ସଚିବଙ୍କୁ ବୁଝେଇ ଥିଲେ। ସଭାପତି ରଂଜନ କୁମାର ଦାସ ତାହାକୁ ତୀବ୍ର ବିରୋଧ କରିଥିଲେ ଓ ତାହା ବିଜେଇମ ସ୍କୁଲର ହାଇକୋର୍ଟ ନିର୍ଦ୍ଦେଶ ନୁହେଁ ବୋଲି ସଚୀବ ଜଣାଇଥିଲେ। ସବୁ ତର୍କ ଶୁଣିବା ପରେ ସଚିବଙ୍କ ନିର୍ଦ୍ଦେଶ ବାହାରିଛି। ସେଥିରେ ସ୍କୁଲ ମ୍ୟାନେଜର ପ୍ରତାପ ଜେନା ଓ ଅଧକ୍ଷା ସନ୍ଧ୍ୟା ଜେନାଙ୍କୁ ଚିଠି ନ ହୋଇ ସିଧାସଳଖ କମିଟି ଅଧକ୍ଷ ରଘୁନାଥ ମିଶ୍ରଙ୍କୁ ହୋଇଛି। ୨୦୧୫ ମସିହାରେ ସ୍କୁଲ ଅଭିଭାବକ ସଂଘ ହାଇକୋର୍ଟ ଆଦେଶକୁ ପାଳନ କରିବା ପାଇଁ ରାଜ୍ୟ ଗଣ ଶିକ୍ଷା ବିଭାଗ ସଚୀବଙ୍କ ନିର୍ଦ୍ଦେଶ। ୧୨ ଜଣ ଅଭିଭାବକଙ୍କୁ ନେଇ ଏକ କମିଟି ଗଠନ କରିବା ପାଇଁ ସ୍କୁଲ କମିଟି ଅଧ୍ୟକ୍ଷ ରଘୁନାଥ ମିଶ୍ରଙ୍କୁ ଦେଲେ ପରାମର୍ଶ। ମାଗଣା ପାଠ ପଢୁଥିବା ପିଲାର ଅଭିଭାବକ କମିଟିରେ ରହିପାରିବେ ନାହିଁ କଲେ ତାଗିଦ। ୧୦ ଦିନ ଭିତରେ କମିଟି ଗଠନ କରି ୧୦ ବର୍ଷର ହିସାବ ବୁଝେଇବା ସହ ଫି ବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଶିକ୍ଷା ବିଭାଗ ସଚୀବଙ୍କ କଡ଼ା ନିର୍ଦ୍ଦେଶ। ଯଦି ଆଗମୀ ଦିନରେ ସ୍କୁଲ କର୍ତ୍ତୃପକ୍ଷ ୨୦% ଫି ବୃଦ୍ଧି ବନ୍ଦ ନକରନ୍ତି ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ସଂଘ ସଭାପତି ରଂଜନ କୁମାର ଦାସ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ବିଜେପି କର୍ମୀଙ୍କୁ ଆକ୍ରମଣ, ଥାନାରେ ମାମଲା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ବିଜେପି କର୍ମୀଙ୍କୁ ଆକ୍ରମଣ ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେପି କର୍ମୀ ବାଇକ୍‌ରେ ଆସୁଥିବା ବେଳେ ଜଣେ ଯୁବକ ରାସ୍ତାରେ ଅଟକାଇ ମାରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ସଂପୃକ୍ତ ଅଭିଯୁକ୍ତକୁ ଧରିବା ପାଇଁ ଚଢ଼ଉ ଜାରି ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅରିଷଣ୍ଡ ଗ୍ରାମ ପଂଚାୟତ ବିଜେପି କର୍ମୀ ରାହୁଲ ନାୟକ ଗତ ୭ ତାରିଖରେ କୁଶଭଦ୍ରା ନଦୀବନ୍ଧ ରାସ୍ତା ଦେଇ ଗୋପରୁ ଆସୁଥିବା ବେଳେ ଅରିଷଣ୍ଡ ପଂଚାୟତ ଦଶମଲ୍ଲ ଠାକୁରାଣୀଙ୍କ ନିକଟ ନଦୀବନ୍ଧ ରାସ୍ତା ଉପରେ ମାନସ ବିଶ୍ୱାଳ ଓରଫ କାବୁ ନାମକ ଯୁବକ ପୂର୍ବ ଯୋଜନା ମୁତାବକ ସେଠାରେ ଛକି ରହିଥିଲେ। ରାହୁଲ ସେଠାରେ ପହଂଚିବା ପରେ ଏକ ବାଉଁଶ ଠେଙ୍ଗାରେ ଆକ୍ରମଣ କରିଥିଲା। ରାହୁଲ ତଳେ ପଡ଼ି ଯାଇଥିବା ବେଳେ ଆକ୍ରମଣକାରୀ ମାନସ ବିଶ୍ୱାଳ କାନ୍ଧରେ ପକାଇଥିବା ଗାମୁଛାରେ ରାହୁଲ ବେକରେ ଗୁଡ଼ାଇ ତଂଟି ଚିପି ହତ୍ୟା ଉଦ୍ୟମ କରିଥିଲା। ବିଜେପି କର୍ମୀ ଗାଁ ଗାଁ ଶବ୍ଦ କରୁଥିବା ବେଳେ ରାସ୍ତାରେ ଯାଉଥିବା କେତେକ ଲୋକ ଆକ୍ରମଣକାରୀ କବଳରୁ ରାହୁଲକୁ ଉଦ୍ଧାର କରିଥିଲେ। ରାହୁଲଙ୍କ ପକେଟ୍‌ରେ ଥିବା ୬ ହଜାର ଟଙ୍କାକୁ ଆକ୍ରମଣକାରୀ ନେଇ ଯାଇଥିଲା। ଯିବା ସମୟରେ ହତ୍ୟା ଧମକ ଦେଇଥିବା ବିଜେପି କର୍ମୀ ରାହୁଲ ନାୟକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଧାରା ୧୨୬(୨)/୨୯୬/୧୫(୨)/୩୦୩(୨)/୩୫୧(୨) ଥାନା କେସ୍ ନଂ-୧୩୧/୨୫ରେ ମାମଲା ରୁଜୁ କରି ସଂପୃକ୍ତ ଅଭିଯୁକ୍ତକୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ଗୋରୁ ଗାଡ଼ି ଜବତ, ୩ ଗିରଫ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଭୋର ସମୟରେ ବଳଙ୍ଗା ଥାନା ଅନ୍ତର୍ଗତ କଂଟାବଣିଆ ଠାରେ ବଜରଙ୍ଗ ଦଳ ପକ୍ଷରୁ ଚଢ଼ଉ କରାଯାଇ ୨ଟି ଟାଟାଏସି ଗାଡ଼ିରେ ବେଆଇନ ଭାବେ ଚାଲାଣ କରାଯାଉଥିବା ୩ଟି ଗାଈ ଓ ୪ଟି ଷଣ୍ଢକୁ ଉଦ୍ଧାର କରିବା ସହ ୩ ଜଣ ଗୋରୁ ବେପାରୀଙ୍କୁ ଅଟକ ରଖି ପୋଲିସ ଜିମା ଦିଆଯାଇଛି। ଏ ନେଇ ବଜରଙ୍ଗ ଦଳ ସଂଯୋଜକ ମହାବୀର ବରାଳଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ୨ଟି ଟାଟାଏସିକୁ ଜବତ କରି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ ଉଦ୍ଧାର କରାଯାଇଥିବା ଗୋରୁ ଗୁଡ଼ିକୁ ପୁରୀ ଗୋଶାଳାରେ ଛାଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ବରଦା ପତା ଗ୍ରାମର ଅରଶିତ ଖାଁ, ବଳଙ୍ଗା ନୂଆଗୋପାଳପୁର ବସ୍ତିର ସଦାକତ ମହମ୍ମଦ ଓ ସେକ୍ ଗୁରଫାନ୍ ବୋଲି ବୋଲି ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ ବଳଙ୍ଗା ନୂଆଗୋପାଳପୁର ବସ୍ତିରୁ ୨ଟି ଟାଟାଏସି ଯୋଗେ ଗୋରୁ ବୋଝେଇ ହୋଇ ପିପିଲିକୁ ବେଆଇନ ଭାବେ ଚାଲାଣ କରାଯିବା ନେଇ ଗତକାଲି ରାତିରେ ବଜରଙ୍ଗ ଦଳ ସଂଯୋଜକ ମହାବୀରଙ୍କୁ ସୂଚନା ମିଳିଥିଲା। ସୂଚନା ଆଧାରରେ ବଜରଙ୍ଗ ଦଳ କର୍ମୀମାନେ କଂଟାବଣିଆରେ ଜଗିବା ସମୟରେ ଗୋରୁଗାଡ଼ି ଆସୁଥିବା ଦେଖି ତାକୁ ଅଟକାଇବାରେ ସଫଳ ହୋଇଥିଲେ। ଗାଡ଼ିରେ ୪ ଷଣ୍ଢ ଓ ୩ ଗାଈ ରହିଥିବା ଦେଖି ୩ ଜଣ ଗୋରୁ ବେପାରୀଙ୍କୁ ଗାଡ଼ି ସହ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବଳଙ୍ଗା ପୋଲିସ ଘଟଣାସ୍ଥଳରେ ପହଂଚି ଗାଡ଼ି ସହ ଗୋରୁକୁ ଉଦ୍ଧାର କରି ଅଟକ ଥିବା ୩ ଜଣ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା।


# ବିଳାଶୁଣୀ ପାଲଟିଛି ମଦର ହବ୍

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ତ ବିଳାଶୁଣୀ ପଂଚାୟତ ବିଳାଶୁଣୀ ଗ୍ରାମ ସମେତ ଦହିଜଂଗ ତରବଣ ମଠସାହି ଅଞ୍ଚଳରେ ଦିନ ଦ୍ୱିପ୍ରହରେ ଖୁଲମଖୁଲା ବିକ୍ରି ହେଉଛି ମଦ। ଦିନରେ ସତେ ଯେପରି ଚୋରା ମଦ ବିକ୍ରି ହେଉଥିବା ଜାଗାରେ ବାହାରରେ ଯେପରି ଖୁଲମଖୁଲା ମଦ ବିକ୍ରି ହୁଏ, ଏଠାରେ ସେହିଭଳି ଦିନ ଦିପ୍ରହରେ ମଦ ବିକ୍ରି ହେଉଛି। ମଦ ପିଇବା ପାଇଁ ଅସାମାଜିକ କାର୍ଯ୍ୟ କରିବାକୁ ଯୁବଗୋଷ୍ଠୀ ପଛାଉନାହାନ୍ତି। ବିଳାଶୁଣୀ ବଜାରରୁ ମାତ୍ର ଦୁଇଶହ ମିଟର ଦୂରରେ ମଦବିକ୍ରି ହେଉଥିବା ବେଳେ ପାଖରେ ଅଛି ବିଦ୍ୟାଳୟ, ଡାକ୍ତରଖାନା। ଯାହା ଫଳରେ ମଦ୍ୟପମାନେ ମଦ୍ୟପାନ କରି ଏହି ସବୁ ଜାଗାରେ ବୋତଲ ଫିଙ୍ଗୁଥିବା ବେଳେ ଏହାର କୁପ୍ରଭାବ ପିଲାମାନଙ୍କ ଉପରେ ଓ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପଡୁଛି। ଏମିତିକି ଜଣେ ଶିକ୍ଷକ ମଦ୍ୟପାନ କରି ମହିଳାଙ୍କୁ ଅସଦାଚରଣ କରିଥିଲା, ଯାହାଫଳରେ ଗ୍ରାମବାସୀମାନେ ସମ୍ପୃକ୍ତ ଶିକ୍ଷକଙ୍କୁ ଅଟକ ରଖିଥିଲେ। ଶିକ୍ଷକ ଜଣଙ୍କ ଗ୍ରାମବାସୀଙ୍କୁ ଭୁଲ ମାଗି ମୁକୁଳିଥିଲେ। ଏହି ଅଞ୍ଚଳରେ ଚୋରାମଦ ବିକ୍ରି ହେଉଥିବା ବେଳେ ଜିଲ୍ଲା ଅବକାରୀ ବିଭାଗ କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହିଁ, ଯାହା ଫଳରେ ଅଞ୍ଚଳବାସୀଙ୍କ ମଧରେ ସନ୍ଦେହ ସୃଷ୍ଟି ହୋଇଛି। ଅବକାରୀ ବିଭାଗ ଅଧିକାରୀ ଓ ସ୍ଥାନୀୟ ପୋଲିସ ଏହି ଚୋରାମଦ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ବାଇକ୍ ଦୁର୍ଘଟଣାରେ ୨ ଗୁରୁତର


ଆଳି(ଭାସ୍କର ନ୍ୟୁଜ): ଅପରାହ୍ନରେ କଟକ-ଚାନ୍ଦବାଲି ରାସ୍ତାର ଦୁର୍ଘଟଣା ବହୁଳ ଆଳି ବ୍ଲକ ଚଣ୍ଡୀଆଗଡି ଛକ ନିକଟରେ ଏକ ବାଇକକୁ ଅନ୍ୟ ଏକ ବାଇକ ଧକ୍କା ଦେବା ଫଳରେ ଦୁର୍ଘଟଣା ଘଟି ଉଭୟ ବାଇକ ଚାଳକ ତଳେ ପଡ଼ିଯାଇ ଆଘାତ ଲାଗିବା ସହ ଦୁଇଜଣଙ୍କର ଗଭୀର କ୍ଷତ ସୃଷ୍ଟି ହୋଇଛି। ସୂଚନା ମୁତାବକ ଆଳି ଥାନା ଅରେହିକଣା ନିବାସୀ ଯୁବକ ରାମଚନ୍ଦ୍ର ବେହେରା ଅପରାହ୍ନରେ ଚଣ୍ଡୀଆଗଡିରୁ ବାଇକ ଯୋଗେ ତାଙ୍କ ଘର ଅରେହିକଣାକୁ ଫେରୁଥିବା ସମୟରେ ଅନ୍ୟପଟୁ ରାଜନଗର ଥାନା ଅନ୍ତର୍ଗତ ନଳଦିଆ ଗ୍ରାମର ଅଜିତ ପାତ୍ର ଚଣ୍ଡୀଆଗଡି ଅଭିମୁଖେ ଯାଉଥିବା ସମୟରେ ଚଣ୍ଡୀବଜାର ଛକ ନିକଟରେ ହଠାତ ଦୁର୍ଘଟଣା ଘଟି ଦୁହେଁ ଦୁହିଁଙ୍କୁ ଧକ୍କା ଦେବା ଫଳରେ ତଳେ ପଡିଯାଇ ରାମଚନ୍ଦ୍ରଙ୍କ ବାମ ଗୋଡ଼ରେ ଓ ଅଜିତଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପ୍ରଥମେ ଉଭୟଙ୍କୁ ସ୍ଥାନୀୟ ଲୋକେ ଆଳି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ସେଠି ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରାଇବା ପରେ ତାଙ୍କ ସ୍ୱାସ୍ଥ୍ୟ ସ୍ଥିତି ସଂକଟାପର୍ଣ୍ଣ ଥିବାରୁ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରିଥିଲେ।

# ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିଜୟ ଉତ୍ସବ ପାଳିତ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଭାରତ ବର୍ଷରେ ଜାତି ଭିତ୍ତିକ ଜନଗଣନା କରାଯିବା ପାଇଁ ସଂସଦରେ କଂଗ୍ରେସ ଦଳ ପକ୍ଷରୁ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ବାରମ୍ବାର ଦାବି କରିବା ଫଳରେ କେନ୍ଦ୍ର ସରକାର ଚାପର ବଶବର୍ତ୍ତୀ ହୋଇ ଜାତି ଭିତ୍ତିକ ଜନଗଣନା କରିବାକୁ ଶେଷରେ ବାଧ ହୋଇଛନ୍ତି। ଯାହା ବାସ୍ତବରେ ଭାରତ ବର୍ଷର କୋଟି କୋଟି ସାଧାରଣ ଜନତାଙ୍କ ସାମଗ୍ରିକ ବିକାଶରେ ଜାତି ଭିତ୍ତିକ ଜନଗଣନା ବେଶ୍ ସହାୟକ ହେବ। ଜାତି ଭିତ୍ତିକ ଜନଗଣନା ଭାରତ ବର୍ଷରେ ଲାଗୁ ହେବା କୋଟି କୋଟି ଭାରତୀଙ୍କ ବିଜୟ ଓ ଏହି ବିଜୟକୁ କଂଗ୍ରେସ ଦଳ ବିଜୟ ଉତ୍ସବ ରୂପେ ସମଗ୍ର ଭାରତବର୍ଷରେ ପାଳନ କରୁଛି। ଏହି ଅବସରରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ନଟବର ବାରିକଙ୍କ ପୌରହିତ୍ୟରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ(ଟାଉନ ହଲ୍ ଛକ) ଠାରେ କଂଗ୍ରେସ କର୍ମୀ ମାନେ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ଜିଲ୍ଲା ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, କଂଗ୍ରେସ ସେବାଦଳ ଅଧକ୍ଷ ଡ଼ାକ୍ତର ଜଗଦାନନ୍ଦ ବେହେରା, ବରିଷ୍ଠ କଂଗ୍ରେସ ନେତା ସର୍ବେଶ୍ୱର ପଣ୍ଡା, ମହନୀ ଚରଣ ରାଉତ, ରୋହିତ କୁମାର ସେଠୀ, ରତ୍ନାକର ବିଶ୍ୱାଳ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ରୁଦ୍ରପ୍ରସାଦ ବାରିକ, ହିଫଜୁର୍ ରହେମାନ, ସେଖ୍ ହେଦାୟତ ଅଲ୍ଲୀ, ମିର୍ଜା ସାମସୁଦ୍ଦିନ ବେଗ୍, ସଂଦିପ ସ୍ୱାଇଁ, ସୁକାନ୍ତ ମହାପାତ୍ର, ସଙ୍କରେଶ୍ୱର ଦାସ, ଉମେଶ ସ୍ୱାଇଁ, ଇଶ୍ୱର କୁମାର ସ୍ୱାଇଁ, ରବି ଦାସ, ପ୍ରଣବ ମହାପାତ୍ର, ତ୍ରିପୁରେଶ୍ୱର ମଲ୍ଲିକ, ଅମିତ୍ ଖୁଣ୍ଟିଆ, ଅଲେଖ ଚରଣ ରଣା, ମିଳନ ମହାରଣା, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଅବନୀକାନ୍ତ ମହାରଣା, ରବିନ୍ଦ୍ର ମଲ୍ଲିକ, ଆଲୋକ ବସ୍ତିଆ, ଅଜୟ ମହାପାତ୍ର, ସରୋଜ ମହାପାତ୍ର, ରାହାସ ବିହାରି ସାହୁ ପ୍ରମୁଖ ଯୋଗଦେଇ ବାଜା ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ।

# 'ରାଧେ ରାଧେ ତୁମର ଅଧେକୁ ଆମର ଅଧେ' ନୀତିରେ ଚାଲିଛି କୋରେଇ ବ୍ଲକ୍!




କୋରେଇ(ଭାସ୍କର ନ୍ୟୁଜ): କୋରେଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ବର୍ତ୍ତମାନ ଉନ୍ନୟନ କାର୍ଯ୍ୟ ଚାଲିଥିବା ବେଳେ କିଛି ପଞ୍ଚାୟତରେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି. ଉନ୍ନତମାନର କାର୍ଯ୍ୟକୁ ବର୍ତ୍ତମାନ ସରକାର ଗୁରୁତ୍ୱ ଦେଉଥିବା ବେଳେ କୋରେଇର କିଛି ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ମନରେଗାରେ ପୋଖରୀଖୋଳାଠାରୁ ଆରମ୍ଭ କରି କଂକ୍ରିଟ କାର୍ଯ୍ୟରେ ସବୁଠି ନିମ୍ନମାନର କାର୍ଯ୍ୟ ହେଉଥିବା ଦେଖାଯାଉଛି। ବିଶେଷ କରି ରଣପୁର, ଅସନଝର, ପାଟରଙ୍ଗା, ଜହ୍ନା ପଞ୍ଚାୟତଗୁଡିକରେ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ରଣପୁର ପଞ୍ଚାୟତରେ ହୋଇଥିବା ଏକ ଲକ୍ଷ ଟଙ୍କାର ନିର୍ମିତ କଂକ୍ରିଟ ରାସ୍ତାର ନାମ ବାସୁଳୀ ଠାକୁରାଣୀଙ୍କଠାରୁ ମଙ୍ଗଳା ପୀଠକୁ ହୋଇଛି ଯୋଉଥିରେ ଗାର୍ଡ ୱାଲ କରାଯାଇ ନାହିଁ, ଠିକ ମେଣ୍ଟାଲିଙ୍ଗ ହୋଇ ନାହିଁ, ନିମ୍ନମାନର ସିମେଣ୍ଟରେ କଂକ୍ରିଟ ହୋଇଥିବା ଦେଖିବାକୁ ମିଳୁଛି। ବ୍ଲକରେ ପ୍ରାୟ ସବୁ ପଞ୍ଚାୟତରେ ମନରେଗା କାର୍ଯ୍ୟକୁ ମଣିଷ ବଦଳରେ ମେସିନ୍ କରୁଥିବା ଦେଖିବାକୁ ମିଳୁଛି। ସେହି ଭଳି ସେହି ପଞ୍ଚାୟତରେ ଦୁବଗଡିଆ ପୁନଃଉଦ୍ଧାର କାର୍ଯ୍ୟ ପାଇଁ ମନରେଗା କାର୍ଯ୍ୟ କୋଡ଼ନଂ-୨୪୨୦୦୦୮୦୧୨/ଡଏ/୧୦୯୬୮୦୮ରେ କାଗଜ କଲମରେ କରାଯାଇ ୫୮୪୨୦ ଟଙ୍କା ପେମେଣ୍ଟ ହୋଇଯାଇଥିବା ଜଣାପଡିଛି। ପ୍ରକୃତରେ ସେହି ଦୁବଗଡିଆର କାମ ମନରେଗାରେ ଗତ ବର୍ଷ ହୋଇଥବା ଜଣା ପଡିଛି। ଏବେ କେବଳ ତାକୁ ମେସିନ ସାହାଯ୍ୟରେ ନାମକୁ ମାତ୍ର ସଫା କରି ଲକ୍ଷ ଲକ୍ଷ ଟଙ୍କା ବିଲ କରିନେବାକୁ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧି ମସୁଧା ଚଳେଇଛନ୍ତି। ବିଶେଷ ଭାବେ ଉପରୋକ୍ତ ପଞ୍ଚାୟତଗୁଡିକ ଦାଇତ୍ୱରେ ଥିବା ଯନ୍ତ୍ରୀ ନଳିନୀକାନ୍ତ ଚନ୍ଦ୍ର ସବୁ ଦୁର୍ନୀତିର ମୂଳ ଗୋଡ଼। ବୋଲି ଲୋକ ଅଭିଯୋଗ କରୁଛନ୍ତି। ବିଶେଷ କରି ଉପରୋକ୍ତ ପଞ୍ଚାୟତଗୁଡିକ ଦାୟିତ୍ୱରେ କନିଷ୍ଠ ଯନ୍ତ୍ରୀ ଭାବେ ନଳିନୀକାନ୍ତ ଚନ୍ଦ୍ର ଥିବା ବେଳେ ତାଙ୍କ ପୋଷ୍ଟ ପୋଷକତାରେ ପଞ୍ଚାୟତ ଗୁଡିକରେ ଦୁର୍ନୀତି ହେଉଥିବା କଥା ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଥାଉକି ପୂର୍ବରୁ ଏହି ବ୍ଲକରେ କାର୍ଯ୍ୟରେ ଥିବା ସମୟରେ ଯନ୍ତ୍ରୀ ଚନ୍ଦ୍ରଙ୍କ ନାମରେ ଭିଜିଲାନ୍ସରେ ବିଭିନ୍ନ ପ୍ରକାର ଅଭିଯୋଗ ପରେ ତଦନ୍ତ କରାଯାଇ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ଯନ୍ତ୍ରୀଙ୍କ ସମୟରେ ହୋଇଥିବା କୋରେଇ ଭବନର କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କାର ଘୋଟଲା ଯେଉଁଥିପାଇଁ ଆଜିବି କୋରେଇ ଭବନ ଭୂଇଁରୁ ଉଠିପାରୁନି। ଯନ୍ତ୍ରୀ ଚନ୍ଦ୍ର ପୁଣି କୋରେଇ ବ୍ଲକକୁ ବଦଳୀ ହୋଇ କାର୍ଯ୍ୟ କରୁଥିବାରୁ ବର୍ତ୍ତମାନ ପୁଣି ଦୁର୍ନୀତିର କାୟା ବିସ୍ତାର ହେବାରେ ଲାଗିଛି। ତେଣୁ ଏ ସମସ୍ତ କାର୍ଯ୍ୟକୁ ଯାଜପୁର ଜିଲ୍ଲାପାଳ ସ୍ୱତନ୍ତ୍ର ଧ୍ୟାନ ଦେଇ ଏହାର ଉଚ୍ଚସ୍ତରୀୟ ତଦନ୍ତ ତଦନ୍ତ କରିବା ସମ୍ପୃକ୍ତ ଯନ୍ତ୍ରୀଙ୍କୁ ସେହି ପଞ୍ଚାୟତଗୁଡ଼ିକରୁ ଅପସାରଣ କରାଯିବା ସହିତ ବ୍ଲକରୁ ଅନ୍ୟତ୍ର ବଦଳି କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।



ବେଗୁନିଆ, (ଭାସ୍କର) : ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞାପନ ଏବଂ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରିଣୀ ସୋନାମିକା ରାୟଙ୍କ ନିର୍ଦ୍ଦେଶ ଅନୁସାରେ ବେଗୁନିଆ ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଓଇଏସ ୨ ପ୍ରଧାନ ଶିକ୍ଷକ ରୂପେ ଚିଲିକା ବ୍ଲକ ଅନ୍ତର୍ଗତ ଇଛାପୁର ଗ୍ରାମର ପ୍ରମୋଦ କୁମାର ସ୍ୱାଇଁ ବୁଧବାର ଦିନ ଯୋଗଦାନ କରି ବିଦ୍ୟାଳୟ ହତା ମଧ୍ୟରେ ସ୍ଥାପିତ ବିଦ୍ୟାଳୟ ପ୍ରତିଷ୍ଠାତା ନରସିଂହ ଷଡ଼ଙ୍ଗୀ ଓ ବିଦ୍ୟାଳୟର ସୁପ୍ରତିଷ୍ଠିତ ପ୍ରଧାନ ଶିକ୍ଷକ ରାଧାନାଥ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଖାଲି ପଡ଼ିଥିବା ପ୍ରଧାନ ଶିକ୍ଷକ ପଦ ପୂରଣ ପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଆଲୁମିନି କମିଟି ଓ ବିଦ୍ୟାଳୟ ପରିଚାଳନା ପରିଷଦର ସଭ୍ୟ ସଭ୍ୟା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବେଗୁନିଆ ଅଞ୍ଚଳବାସୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ଜିଲ୍ଲା ଶିକ୍ଷାଧିକାରିଣୀ ଶ୍ରୀମତୀ ରାୟଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଆଲୁମିନି କମିଟିର ସଭାପତି ଡ. ହରିପ୍ରସାଦ ଦାଶ, ସମ୍ପାଦକ ଇଂ. ଦେବାଶିଷ ସାହୁ, ପୂର୍ବତନ ଛାତ୍ର ଇଂ.ରାମ ମାନସ ପଣ୍ଡା, ବିଦ୍ୟାଳୟ ପରିଷଦ ଅଧ୍ୟକ୍ଷ ଶିବ କୁମାର ମୁନି, ସଭ୍ୟ ସର୍ବେଶ୍ୱର ସାହୁ, ଅବସରପ୍ରାପ୍ତ ବୋଲଗଡ଼ ମଣ୍ଡଳ ସଂଯୋଜକ ପଦ୍ମଚରଣ ବେହେରା, ବିଦ୍ୟାଳୟ ତରଫରୁ ପ୍ରାକ୍ତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତିସ୍ମିତା ବେହେରା, ଶିକ୍ଷକ ସୌମ୍ୟ ରଞ୍ଜନ ସାହୁ, ଅଜିତ କୁମାର ପୁରୀ, ସୂର୍ଯ୍ୟକାନ୍ତ ମହାପାତ୍ର, ପ୍ରଭାତ କୁମାର ନିଶଙ୍କ ଏବଂ ଶିକ୍ଷୟିତ୍ରୀ ସୁରଜିତା ଦଳେଇ, ମୋହିନୀ କାନ୍ତି ଦାସ, ଶୁଭଲକ୍ଷ୍ମୀ ସାହୁ, ସୁନିତା ପୃଷ୍ଟି, ଆଶାମୁର୍ମୁ, ସସ୍ମିତା ସାହୁ, ରିସ୍ମାରଶ୍ମି ପାଇକରାୟଙ୍କ ସମେତ ବିରଞ୍ଚି ନାରାୟଣ ସାହୁ, ବିଶ୍ୱରଞ୍ଜନ ପରିଡ଼ା, ସୁରଥ ନାୟକ ପ୍ରଧାନ ଶିକ୍ଷକ ଶ୍ରୀ ସ୍ୱାଇଁଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।



# ବେଆଇନ ସାର, ବିହନ ବିକ୍ରେତାଙ୍କ ଉପରେ ରୋକ ଲଗାଇବାକୁ ଦାବି

ସୋରଡା, (ଭାସ୍କର ନ୍ୟୁଜ୍) : ସୋରଡା ଅଞ୍ଚଳରେ ୟୁରିଆ ସାର ଓ ବିହନ ସୋରଡା କୃଷି ବିଭାଗ ଜାଣତରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି ଯାହାକୁ ନେଇ ବର୍ତ୍ତମାନ ଚିନ୍ତାରେ ଚାଷୀ। ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏହାର ଫାଇଦା ଉଠାଉଛନ୍ତି କିଛି ବ୍ୟବସାୟୀ। ପ୍ରକାଶ ଥାଉ କି କେତେକ ବ୍ୟବସାୟୀ ସରକାରଙ୍କ ନିୟମକୁ ଖୁଲମ ଖୁଲା ଉଲଂଘନ କରି ଗରିବ ଚାଷୀଙ୍କୁ ଶୋଷଣ କରୁଥିବା ଦେଖିବାକୁ ମିଳିଛି। କିଛି ବ୍ୟବସାୟୀ ବିହନ ନ ନେଲେ ସାର ଦିଆଯିବ ନାହିଁ, କିମ୍ବା ମୋ ପାଖରେ ସାର ନାହିଁ କହୁଥିବା ଜଣା ପଡିଛି। ବ୍ୟବସାୟୀଙ୍କ ଏଭଳି ବ୍ୟବହାରକୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ସରକାରୀ ଦର ଠାରୁ ଚଢା ଦରରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। କିଛି ଅସାଧୁ ବ୍ୟବସାୟୀ ସାଙ୍ଗକୁ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀ ମାନେ ମଧ୍ୟ ପ୍ରତି ବର୍ଷ ଭଳି ନିରୀହ ଚାଷୀଙ୍କୁ ଶୋଷଣ କରିବା ଆରମ୍ଭ କରିଥିବା ଖବର ଆସୁଛି। ଚଢା ଦରରେ ବିକ୍ରି କରି ବ୍ୟବସାୟୀ ମାଲାମାଲ ହେଉଥିବା ନଜିର ରହିଛି। କିଛି ବ୍ୟବସାୟୀ ବିହନ ଲାଇସେନ୍ସ ଥିବା ବେଳେ ବହୁତ ଗୁଡାଏ ଚୋରା ବ୍ୟବସାୟୀ ବିନା ଲାଇସେନ୍ସରେ ଖୁଲମ ଖୁଲା ଚଢା ଦରରରେ ବିହନ ସାଙ୍ଗକୁ ସାର ମଧ୍ୟ ବିକ୍ରି କରୁଛନ୍ତି। ଏବଂ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀଙ୍କ ନିମନ୍ତେ ଷ୍ଟକ ତାଲିକା ଦୋକାନ ସମ୍ମୁଖରେ ଲଗାଇବା ନିୟମ ଥିବାବେଳେ ଏହାର ମଧ୍ୟ ଖୁଲମ ଖୁଲା ଉଲଂଘନ କରାଯାଉଛି। ପ୍ରକାଶ ଥାଉକି ଗତ କିଛି ଦିନ ପୂର୍ବେ ସୋରଡା ଅଞ୍ଚଳର ଚାଷୀ ମାନଙ୍କ ପକ୍ଷରୁ ସରକାରୀ ସାର ଦୋକାନ ଖୋଲିବାକୁ କୃଷି ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲେଖି ଜଣାଇ ଥିଲେ। ପ୍ରକାଶ ଥାଉକି ଗତ କିଛି ଦିନ ପୂର୍ବେ ଅଞ୍ଚଳ ବାସୀଙ୍କ ପକ୍ଷରୁ କୃଷି ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖି ଜଣାଇଥିଲେ। ତେଣୁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସରକାରୀ ସାର, ବିହନ ଦୋକାନ ଖୋଲିବା ପାଇଁ, କଳା ବଜାରୀ କରୁଥିବା ବ୍ୟବସାୟୀଙ୍କୁ ଚିହ୍ନଟ କରି ସେମାନଙ୍କ ଉପରେ ଚଢାଉ କରି ରୋକ ଲଗାଇବା ପାଇଁ ଏବଂ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହିତ ସେମାନଙ୍କୁ ପ୍ରୋତ୍ସାହନ ଯୋଗଉଥିବା କୃଷିବିଭାଗୀୟ ସ୍ଥାନୀୟ ଅଧିକାରୀ, ଗ୍ରାମ ସେବକ, ଓଭରସିଆର ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ସୋରଡା ଅଞ୍ଚଳର ସ୍ୱେଚ୍ଛା ସେବି ଅନୁଷ୍ଠାନ ଶଶିଭୂଷଣ ଯୁବକ ସଂଘର ସଭାପତି ଆରାପଲି ସାରଥି ଦୃଢ ଦାବି କରିଛନ୍ତି ।

# ତରମାକାନ୍ତ ପଞ୍ଚାୟତରେ ଚକ୍ଷୁ ପରୀକ୍ଷା ଶିବିର

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝରର ଅଗ୍ରଣୀ ଅନୁଷ୍ଠାନ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ, ଏଫ୍‌ଇଏସ୍ ଅନୁଷ୍ଠାନ ଓ ତରମାକାନ୍ତ ପଂଚାୟତର ମିଳିତ ସହଯୋଗରେ ତରମାକାନ୍ତ ପଂଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ଦିବସୀୟ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ସିଟିଜେନ ଫୋରମର ସଂପାଦକ ସତ୍ୟରଞ୍ଜନ ସାମଲ ସଦସ୍ୟ ସଂଗ୍ରହ ଅଭିଯାନରେ ଥିବାବେଳେ ଅତିଥି ଭାବରେ ଯୋଗଦେଇ କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା’ ତାରିଣୀଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ ଚକ୍ଷୁ ଶିବିରକୁ ଉଦ୍ଘାଟନ କରିଥିଲେ। କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସଂପାଦକ ତଥା କେନ୍ଦୁଝର ସିଟିଜେନ ଫୋରମର ବରିଷ୍ଠ ସଦସ୍ୟ ଭକ୍ତବତ୍ସଳ



ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ଚକ୍ଷୁ ପରୀକ୍ଷା ଓ ମୋତିଆ ବିନ୍ଦୁ ଚିହ୍ନଟ ଶିବିରରେ ତରମାକାନ୍ତ, ବାଲରାଇ, ଚମ୍ପାଝର, ଗୋପପୁର, ଜଳଡିହା, ଶାଗପଦା, ତଳବିରିକଳା, ଉପରବିରିକଳା, ଦଳକିନୁଆଗାଁ ଗ୍ରାମରୁ ୫୮ ଜଣ ଆଦିବାସୀ ଓ ବନବାସୀ ନାଗରିକମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇ ପ୍ରାଥମିକ ସେବା ଯୋଗାଇ ଦିଆଯାଇଛି । ଚକ୍ଷୁର ଯତ୍ନ ନିମନ୍ତେ ପରାମର୍ଶ ସେବା ମଧ୍ୟ ପ୍ରଦାନ କରାଯାଇଛି। ଭୂମିକା ଚକ୍ଷୁ ଚିକିତ୍ସାଳୟର ବରିଷ୍ଠ ସ୍ୱାସ୍ଥ୍ୟ ସେବିକା ମମତା ପାତ୍ର, ଅନିତା ରାଉଳ, ଅପଟମ ସାତ୍ୱନ ସୁନ୍ଦର ମାଇତି, କ୍ଷେତ୍ରୀୟ ସଂଗଠକ ହିମାଂଶୁ କୁମାର ପାତ୍ର ପ୍ରମୁଖ ଚକ୍ଷୁ ପରୀକ୍ଷା କରି ୧୨ ଜଣ ବରିଷ୍ଠ ନାଗରିକଙ୍କୁ ମୋତିଆ ବିନ୍ଦୁ ଚିହ୍ନଟ କରିଥିଲେ । ଶିବିର ସ୍ଥଳରୁ ସମସ୍ତ ମୋତିଆ ବିନ୍ଦୁ ରୋଗୀମାନଙ୍କୁ ମୋବାଇଲ ଭ୍ୟାନ୍ ଯୋଗେ ଚକ୍ଷୁ ଅସ୍ତ୍ରୋପଚାର ନିମନ୍ତେ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ପ୍ରେରଣ କରାଯାଇଛି। ତରମାକାନ୍ତ ପଞ୍ଚାୟତର ସରପଞ୍ଚ ଲିଲିମଣୀ ମାଝୀ, ଏଡିଓ କିଶୋର ଚନ୍ଦ୍ର ପାତ୍ର,ଏଫ୍‌ଇଏସ୍‌ର କ୍ଷେତ୍ରୀୟ କର୍ମୀ ପ୍ରଫୁଲ୍ଲ ପଲେଇ, ସ୍ଥାନୀୟ ସ୍ୱେଚ୍ଛାସେବୀ ସନାତନ ସାହୁ, ଲକ୍ଷ୍ମଣ ପଲେଇ ଉପସ୍ଥିତ ରହି ରୋଗୀ ନେବା ଆଣିବା, ଶିବିର ଆୟୋଜନ କରିବା, କାର୍ଯ୍ୟ ପରିଚାଳନା କରିଥିଲେ। ୨୧ ଜଣ ବରିଷ୍ଠ ନାଗରିକଙ୍କୁ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ତରଫରୁ ମାଗଣା ଚଷମା ବଂଟନ କରାଯାଇଥିଲା। ଟ୍ରଷ୍ଟର କାର୍ଯ୍ୟକ୍ରମ ପରାମର୍ଶଦାତା ଡକ୍ଟର ବିମ୍ବାଧର ବେହେରା ଓ ଚେୟାରମ୍ୟାନ୍ ଅଧିବକ୍ତା ଜଗଜ୍ଜିତା ଦାସ କେନ୍ଦୁଝରରେ ଚାଲିଥିବା ଅନ୍ଧତ୍ୱ ଦୂରୀକରଣ ଅଭିଯୋଗରେ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ମାଗଣା ଚକ୍ଷୁ ପରୀକ୍ଷା ଓ ସେବା ଯୋଗାଇ ଦିଆଯିବ ବୋଲି ଜଣାଇଛନ୍ତି ।

# ଭାରତୀୟ ସୈନିକଙ୍କ ଶୁଭକାମନା କରି ହୋମଯଜ୍ଞ

ଉମରକୋଟ, (ଭାସ୍କର ନ୍ୟୁଜ୍ ) : ଭାରତୀୟ ସେନାର ଶୁଭ କାମନା, ମନବଳ ଦୃଢ଼ କରିବା ସହ ମଙ୍ଗଳ କାମନା କର୍ତ୍ତିା ସହ ଦୀର୍ଘାୟୁ କାମନା କରି ଉମରକୋଟ ସ୍ଥିତ ବନ ଦୁର୍ଗା ମନ୍ଦିରରେ ହିନ୍ଦୁ ସଂଘଠନ ପକ୍ଷରୁ ହୋମ ଯଜ୍ଞ ଆୟୋଜନ କରା ଯାଇଛି। ଦୁର୍ଗା ମନ୍ଦିର ପୂଜକ ଅଭିଷେକ ମିଶ୍ରଙ୍କ ଦ୍ୱାରା ସମସ୍ତ ପୂଜା କାର୍ଯ୍ୟ କରା ଯାଇଥିଲା। ସୂଚନା ଅନୁଯାୟୀ ଗତ ମାସ ଏପ୍ରିଲ ମାସ ୨୨ ତାରିଖରେ ଜାମୁ କାଶ୍ମୀର ପହଲଗାଁଓରେ ୨୬ ନିରୀହ ପର୍ଯ୍ୟଟକଙ୍କୁ ଆତଙ୍କବାଦୀ ମାନଙ୍କ ଆକ୍ରମଣକୁ ବିରୋଧ କରି ଦୀର୍ଘ ୧୫ ଦିନ ପରେ ମଧ୍ୟ ରାତ୍ରିରେ ଭାରତ ପକ୍ଷରୁ ଅପରେସନ ସିନ୍ଦୁର ଆରମ୍ଭ କରାଯାଇଛି ଏବଂ ପାକିସ୍ତାନର ପ୍ରାୟ ୯ ଟି ଆତଙ୍କବାଦୀ ସ୍ଥାନରେ ଆକ୍ରମଣ କରାଯାଇଛି। ଭାରତ ପକ୍ଷରୁ ଏହି ଆକ୍ରମଣ ଯୋଗୁଁ ପାକିସ୍ତାନ ଅନେକ ଆତଙ୍କବାଦୀ ମାନେ ନିହତ ହୋଇଛନ୍ତି ଏହି ପରିପ୍ରେକ୍ଷୀରେ ଭାରତୀୟ ସେନାର ମନ ବଳ ଦୃଢ଼ କରିବା ଏବଂ ତିନି ସେନାର କୌଣସି ସେନାର ଯେପରି କିଛି କ୍ଷତି ନହେବ ସେଥିପାଇଁ ଉମରକୋଟ ସ୍ଥିତ ବନ ଦୁର୍ଗା ମନ୍ଦିରରେ ଏକ ହୋମ ପାଠ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସହରର ଅନେକ ହିନ୍ଦୁ ସଂଘଠନ ଯୋଗ ଦେବା ସହ ପ୍ରତ୍ୟେକ ସୈନିକଙ୍କ ଦୀର୍ଘ ଆୟୁ କାମନା କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଏହି କି ଯେ ବନ ଦୁର୍ଗାଙ୍କ ନିକଟରେ ଭକ୍ତ ଯେ କୌଣସି ମନସ୍କାମନା କଲେ ତାହା ପୂରଣ ହୋଇଥାଏ ବୋଲି ଲୋକଙ୍କ ମନରେ ବିଶ୍ୱାସ ରହିଛି। ଆଜିର ଏହି କାର୍ଯ୍ୟକ୍ରମରେ ମନ୍ଦିରା ନାୟକ, ମାନସିକ ଦାଶ, ରାମ ଗଣ୍ଡ, ମିଟୁ ପାତ୍ର,ମିଲୁ ପଣ୍ଡା, ହରପ୍ରସାଦ ପାଣିଗ୍ରାହୀ, ରମେଶ ଦାଶ,ରୁଦ୍ର ନାରାୟଣ ଦେବତା, ନିତ୍ୟା ଗଣ୍ଡ, ରାମ ହରି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍ ) : ଶୁକ୍ରବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ନିକଟସ୍ଥ ପାତାପାଟନମ୍ ସ୍ଥିତ ଶ୍ରୀ ରାମାରାଜୁ ଚେରିଟେବୁଲ୍ ଟ୍ରଷ୍ଟ୍ ତରଫରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଚଳିତ ବର୍ଷର ଗଜପତି ଜିଲ୍ଲା ମାଟ୍ରିକ ଟପର୍ ସୁଶ୍ରୀ ପ୍ରଜ୍ୟୋତି ଚୌଧୁରୀ ତଥା ଅନ୍ୟତମ ଟପର୍ ସୁଶ୍ରୀ ଅଙ୍କିତା ପାଢ଼ୀ ଏବଂ ସେମାନଙ୍କ ଅବିଭାବକମାନଙ୍କୁ ଟ୍ରଷ୍ଟ୍‌ର ସଭାପତି, ସମାଜସେବୀ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପି. ରାମାରାଜୁ ଫୁଲ ତୋଡା, ଉପଢୌକନ, ପ୍ରମାଣ ପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।ଏହି ଅବସରରେ ଟ୍ରଷ୍ଟର କର୍ମକର୍ତ୍ତା ଭୀମସେନ ପଣ୍ଡା, ଶରତ ଚନ୍ଦ୍ର ପାଢ଼ୀ, ହରି ବିଶ୍ୱାଳ, ଶିଶୁ ମନ୍ଦିରର ପରିଚାଳନା କମିଟିର ସଭାପତି ପ୍ରମୋଦ କୁମାର ପାଢୀ ଓ ବ୍ୟଙ୍ଗ ଚିତ୍ରକାର ଗ. ଶେଖର ରାଓ ଆଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ସଫଳ ହୋଇଥିଲା।

# ବ୍ଲକ ତାଲା ପକାଇଲେ ଜନପ୍ରତିନିଧି



ମାଲକାନାଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନାଗିରି ଜିଲ୍ଲା କାଲିମେଳା ବ୍ଲକ ପଞ୍ଚାୟତ ସମିତିର ଗୋଷ୍ଠି ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କରଙ୍କ ମନମୁଖୀ କାର୍ଯ୍ୟ କଳାପ ପ୍ରତିବାଦରେ ଆଜି କାଲିମେଳା ବ୍ଲକରେ ବନ୍ଧ ଡାକରା ଦିଆଯାଇଛି। ଏ ନେଇ କାଲିମେଳା ବ୍ଲକ ସଦରମହକୁମାର ଦୋକାନ ବଜାର ଏବଂ ଅଖ ଚକ ସବୁ ବନ୍ଦ କରାଯାଇଛି ସକାଳ ୬ ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ୧୨ ଘଣ୍ଟା ପର୍ଯ୍ୟନ୍ତ। ପୂର୍ବରୁ କାଲିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କରଙ୍କୁ ଅନ୍ୟତ୍ର ବଦଳି ଦାବି ନେଇ ୨୩ ଗ୍ରାମ ପଞ୍ଚାୟତ ଜନପ୍ରତିନିଧି ମାନେ ଲିଖିତ ଗତ ଏପ୍ରିଲ ମାସ ୧୧ ତାରିଖରେ ଅଭିଯୋଗ ଜିଲ୍ଲାପାଳ ପ୍ରକୋଷ୍ଠ ଦେଇଥିଲେ ଓ ସ୍ଥାନୀୟ ବିଧାୟକଙ୍କୁ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ପାଇ ଜିଲ୍ଲାପାଳ ୧୫ ଦିନର ସମୟ ନେଇଥିଲେ କିନ୍ତୁ କୌଣସି ପଦକ୍ଷେପ ଶ୍ରୀ କରଙ୍କ ବିରୁଦ୍ଧରେ ନେଇ ନ ଥିଲେ। ଦୀର୍ଘ ଏକବର୍ଷ ପରେ କାଲିମେଳା ଗୋଷ୍ଠୀ ଉନୟନ ଅଧିକାରୀ ଶ୍ରୀ କର କାଲିମେଳା ପଞ୍ଚାୟତ ସମିତି ସଭା କକ୍ଷରେ ଗତ ଏପ୍ରିଲ ମାସ ୨୩ ତାରିଖ ଏକ ସମିତି ବୈଠକ ଡକାଇ ଥିଲେ ଯେଉଁ ବୈଠକ ରେ କାଲିମେଳା ବ୍ଲକର ବ୍ଲକ ଅଧ୍ୟକ୍ଷା ସମେତ କାଲିମେଳା ବ୍ଲକ ଅଧୀନ ୨୩ ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟା ମାନେ ଆସି ସଭାଗୃହରେ ଉପସ୍ଥିତ ହୋଇଥିଲେ କିନ୍ତୁ ସମିତି ବୈଠକ ଆରମ୍ଭ କରିବାକୁ ଯେତେବେଳେ କାଲିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯାଉଥିଲେ ସେହି ସମୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୈଠକ ଆରମ୍ଭ କରିବା ପାଇଁ ଆଲୋଚନା କରିବା ମାତ୍ରକେ ସମସ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଉପରେ ତାଙ୍କ ମନମୁଖୀ କାର୍ଯ୍ୟକଳାପ ନେଇ ପାଟିତୁଣ୍ଡ କରିବା ସହିତ ଦୀର୍ଘ ଏକ ବର୍ଷ କାଳ ଭିତରେ କାହିଁକି ବୈଠକ କରି ନାହାନ୍ତି ବୋଲି ପଚାରିବା ସହିତ ବୈଠକ ବର୍ଜନ କରି ସଭା ଗୃହରୁ ପଦାକୁ ବାହାରି ପଳେଇ ଆସିଥିଲେ। ଏବଂ ପ୍ରତି ଦି ମାସରେ ଜେଇ ମାନଙ୍କୁ ବଦଳି ମନଇଚ୍ଛା କରିବା ଏବଂ କୌଣସି ଉନ୍ନତିମୂଳକ କାମ ଗୁଡିକୁ ଠିକରେ ନ କରାଉ ଥିବା ଭଳି ସଂଗୀନ ଅଭିଯୋଗ କରିଥିଲେ ଏବଂ ଜନ ପ୍ରତିନିଧି ମାନଙ୍କୁ କିଛି ନ ଜଣାଇ ମନ ଇଚ୍ଛା କାମ ନିଜ ମନମର୍ଜୀରେ କରୁଥିବା ଅଭିଯୋଗ ଆଣିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ କରଙ୍କୁ ଅନ୍ୟତ୍ର ବଦଳି ପାଇଁ ଦାବି କରିଥିଲେ ଯଦି ଗୋଷ୍ଠୀ ଉନୟନ ଅଧିକାରୀଙ୍କ ବଦଳି ନ ହୁଏ ତାହାଲେ କାଲିମେଳା ବ୍ଲକରେ ଆଗାମୀ ମେ ମାସ ୯ ତାରିଖରେ କାଲିମେଳା ସଦରର ସମସ୍ତ ଦୋକାନ ବଜାର ୧୨ ଘଣ୍ଟିଆ ପାଇଁ ବନ୍ଦ ଡାକରା ଦିଆଯିବ ସହିତ କାଲିମେଳା ପଞ୍ଚାୟତ ସମିତି କାର୍ଯ୍ୟାଳୟ ତାଲା ପକେଇବେ ବୋଲି ସମିତି ବୈଠକ ବର୍ଜନ କରିବା ଦିନ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଥିଲେ। ଏବଂ ବନ୍ଦ ଡାକରା ଦେବା ସହିତ କାଲିମେଳା ବ୍ଲକ କାର୍ଯ୍ୟାଳୟରେ ତାଲା ମାରିବା ସହିତ ବ୍ଲକ କାର୍ଯ୍ୟାଳୟରେ ଅଣ୍ଡା ମାଡ଼ କରିଛନ୍ତି ଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପରେ ସେଠୁ ବାହାରି କାଲିମେଳା ଥାନାରେ ଯାଇ ବଡ଼ିଗେଟା ଗ୍ରାମ ପଞ୍ଚାୟତର ସରପଞ୍ଚ ଲିଲି ସୋଡ଼ି ନାମକ ଆଦିବାସୀ ଝିଅକୁ ଅଫିସ ଭିତରେ ହାତ ଧରି ଦୁର୍ବ୍ୟବହାର କରିଥିବା ବିଷୟରେ ଲିଖିତ ଅଭିଯୋଗ କରିଛନ୍ତି ଓ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଖଣ୍ଡାଗର ଗ୍ରାମରେ ଭଗବତ ମେଳଣ

ଫୁଲନଖରା, (ଭାସ୍କର ନ୍ୟୁଜ୍) : କଟକ ସଦର ଥାନା ଅନ୍ତର୍ଗତ ମହୀଧରପଡା ମେଡିକାଲ ଛକ ବଜାର ଖଣ୍ଡାଗର ଗ୍ରାମର ୫ ତାରିଖ ରାତ୍ରରେ ଭଗବତ ମେଳଣ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ସମୟରେ ଭଗବତଙ୍କ ପୀଠ ବାସୁଦେବ ଗାଦିରୁ ଭଗବତ ବିମାନ ବାହାରି ବାଜା ବାଣ ସଂକୀର୍ତ୍ତନ ସହ ଖଣ୍ଡାଗର, ମହୀଧରପଡ଼ା, ନଗରୀ ରଙ୍ଗଣୀ ସାହି ଗ୍ରାମମାନଙ୍କର ବିଭିନ୍ନ ସ୍ଥାନରେ ୨୧ ଘର ଠାକୁର ଭୋଗଖାଇ ୬ତାରିଖ ବଡ଼ିଭୋରରୁ ଭୋରରୁ ଭଗବତ ଗାଦି ପୀଠରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ବସି ରହିଥିଲେ। ସନ୍ଧ୍ୟା ସମୟରେ ନଖରା, ଜୋହଳ,



ଚାରିଘରିଆ, ଜଗନ୍ନାଥପୁର ଓ ନଗରୀ ରଙ୍ଗଣୀ ସାହିର ୬ ମଣ୍ଡଳ ପରିବେଷଣ ରାତ୍ର ୧୨ଟା ଯାଏଁ ଲାଗି ରହିଥିଲା। ନଖରା ସଂକୀର୍ତ୍ତନ ମଣ୍ଡଳୀର ଜଣେ ୧୦ବର୍ଷର କୁନି ଝିଅଟି ଏ ସଂକୀର୍ତ୍ତନର ଗାୟକ ହିସାବରେ ଗୀତ ବୋଲୁ ଥିବାବେଳେ ସମସ୍ତେ ରୁଣ୍ଡ ହୋଇ ତା’ଗୀତ ଶୁଣି ତାକୁ ଉତ୍ସାହିତ କରୁଥିଲେ। ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ମୁଦୁଲି, ପ୍ରଦ୍ୟୁମ୍ନ ପଟ୍ଟନାୟକ, ଗୋପୀନାଥ ଯାଦବ, ବାନାମ୍ବର ମୁଦୁଲି, ଲଳିତ କୁମାର ରଥ, ପ୍ରଣବ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହି ଭଗବତ ମେଳଣକୁ ସ୍ୱଗତଃ ଶରତ କୁମାର ଦାଶଙ୍କ ନେତୃତ୍ୱରେ ଆରମ୍ଭ କରାଯାଇ ଏହା ୧୮ବର୍ଷରେ ପଦାର୍ପଣ କରିଛି। ଶହ ଶହ ଭକ୍ତ ପ୍ରସାଦ ସେବନ କରି ଘରକୁ ଯାଇଥିଲେ। କୁନି ଗାୟିକା ଝିଅକୁ ସାମ୍ବାଦିକ ଲଳିତକୁ ମାରଦାଶ ଓ ଖଣ୍ଡାଗର ଗ୍ରାମ ମୁରବି ଗୋପୀନାଥ ଯାଦବ ଉତ୍ତରୀୟ ଫୁଲତୋଡ଼ା ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଓସେପା ଉପନିର୍ଦ୍ଦେଶକଙ୍କ ବଣ୍ଡାଘାଟି ଗସ୍ତ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ଶିକ୍ଷା ବିଭାଗ ଓସେପା ଉପନିର୍ଦ୍ଦେଶକ ପ୍ରଦୋଷ କୁମାର ନାୟକ ଖଇରପୁଟ ବ୍ଲକର ବଣ୍ଡାଘାଟି ଗସ୍ତ କରି ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷା, ଡ୍ରପ୍ ଆଉଟ୍ ନେଇ ସମୀକ୍ଷା କରିଛନ୍ତି । ଶ୍ରୀ ନାୟକ ବଣ୍ଡାଗୁଡ଼ା, ବାଡ଼େଇଗୁଡ଼ା, ମୁଦୁଲିପଡ଼ା, ଗନ୍ଧିପଡ଼ା ଅଞ୍ଚଳକୁ ଯାଇ ଜନଜାତି ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ଭେଟି ଆଲୋଚନା କରିଥିଲେ। କେଉଁ କାରଣରୁ ପିଲାମାନେ ଅଧାରୁ ପାଠପଢା ଛାଡିଛନ୍ତି ଆଲୋଚନା କରିବା ସହ ସ୍ୱତନ୍ତ୍ର ସମୀକ୍ଷା କରିଥିଲେ। ଆଗାମୀଦିନରେ ଯେପରି ୪ରୁ ୧୫ ବର୍ଷର ସମସ୍ତ ପିଲା ସ୍କୁଲ ଯିବେ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ପିଲାଙ୍କୁ କିପରି ଉପଯୁକ୍ତ ଶିକ୍ଷା ମିଳିବ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦାରିଦ୍ର ସୀମାରେଖା ତଳେ ଅଧିକାଂଶ ଲୋକେ ରହୁଥିବାରୁ ପିଲାଏ ପାଠ ଛାଡି ଶିଶୁ ଶ୍ରମିକ ଏବଂ ଦାଦନ ଯାଉଥିବା ସମୀକ୍ଷା ବେଳେ ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଏହି ଗସ୍ତ ସମୟରେ ଖଇରପୁଟ ଏବିଇଓ ଶିବାନୀମେଠ ମୁଦୁଲି, ସ୍ଥାନୀୟ ଅଞ୍ଚଳର ଶିକ୍ଷକ ଏବଂ ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ରାପିଡ୍ ରେସ୍‌ପନ୍‌ସ ଗ୍ରୁପ୍ ପକ୍ଷରୁ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ): ଢେଙ୍କାନାଳ ଜିଲ୍ଲା ରେଡ୍‌କ୍ରସ୍ ରାପିଡ୍ ରେସ୍‌ପେନ୍‌ସ ଗ୍ରୁପ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ରକ୍ତ କେନ୍ଦ୍ର ଠାରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ ହୋଇଯାଇଛି। ଭାରତୀୟ ରେଡ୍‌କ୍ରସ୍, ଢେଙ୍କାନାଳ ଶାଖାର ଆଜୀବନ ସଦସ୍ୟମାନଙ୍କୁ ନେଇ, ସ୍ୱତନ୍ତ୍ର ଭାବେ ତ୍ୱରିତ୍ ସାମାଜିକ ସେବା ଯୋଗାଇବା ପାଇଁ ଗଠିତ ରେଡ୍‌କ୍ରସ୍ ରାପିଡ୍ ରେସ୍‌ପନ୍‌ସ ଗ୍ରୁପ୍ ସଦସ୍ୟମାନେ ଏ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳମଣି ଦିଲ୍ଲୀପ ଚାନ୍ଦ ବେହେରା ଯୋଗଦାନ କରି ରେଡ୍‌କ୍ରସ୍‌ର ପ୍ରାଣ ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଓ ତାଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ ‘ମାନବ ସେବା ହିଁ ମାଧବ ସେବା’କୁ ଜୀବନର ବ୍ରତ ଭାବେ ଗ୍ରହଣ କରିବାକୁ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । ରେଡ୍‌କ୍ରସ୍‌ର ସଭ୍ୟ ରୋଟାରିଆନ୍ ରାଜ କିଶୋର ବେହେରା ମାନବିକତା, ନିରପେକ୍ଷତା, ସ୍ୱାଧିନତା, ଏକତା, ବିଶ୍ୱ ବ୍ୟାପକତା, ସମାନତା ଓ ସ୍ୱେଚ୍ଛାସେବୀ ମନୋବୃତି ଆଦି ରେଡ୍‌କ୍ରସ୍‌ର ୭ଗୋଟି ମୂଳନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେଲେ, ରେଡ୍‌କ୍ରସ୍ ସଦସ୍ୟମାନେ ସମାଜରେ ଶାନ୍ତି ପ୍ରତିଷ୍ଠା କରିପାରିବ ବୋଲି ପ୍ରକାଶ କରିଥିଲେ । ବରିଷ୍ଠ ସଦସ୍ୟ ନାରାୟଣ ପୋଦାର ଓ ଚନ୍ଦ୍ର ଶେଖର ମାଝି ଉତ୍ସବକୁ ସ୍ମରଣୀୟ କରିବାକୁ ଏକ ସ୍ୱତନ୍ତ୍ର କେକ୍ କାଟିଥିଲେ । ସ୍ୱପ୍ନା ଜେମ୍‌ସ, ଶିବ ପ୍ରସାଦ ପଣ୍ଡା, କାଦମ୍ବରୀ ମହାଖୁଡ, କବିତା ବେହେରା, ରଶ୍ମିତା ରଥ, ସୌମ୍ୟବ୍ରତ ସାହୁ, ସୁଜିତ୍ ନନ୍ଦ, ରାମେଶ୍ୱର ମାଇତି, ଚିନ୍ମୟ ଜେନା, ଦିପୁନା ପ୍ରଧାନ ପ୍ରମୁଖ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରକ୍ତ ଭଣ୍ଡାର ଟେକ୍‌ନିସିଆନ୍ ପରମାନନ୍ଦ ପଣ୍ଡା, ବିନୋଦିନୀ ଯୋଗାନିଆ, ବରୁଣ ସାହୁ, ମାନସ ବାରିକ୍, ରାକେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ବିଜୁଳି ଖୁଣ୍ଟ ସଂସ୍ପର୍ଶରେ ଆସି ନାବାଳକ ମୃତ


ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ନାରାୟଣ ପାଟଣା ବ୍ଲକ ବୋରିଗୀ ପଞ୍ଚାୟତର ଚିନ୍ତାଗୁଡା ଗାଁରେ ଘଟିଛି ଏକ ଅଘଟଣ। ବିଦ୍ୟୁତ ପୋଲ ସଂସ୍ପର୍ଶରେ ଆସି ଛଅ ବର୍ଷ ନାବାଳକର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏନେଇ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ମୃତ ନାବାଳକଙ୍କ ପିତା ଅର୍ଜୁନ ନାଟିକା ଅଭିଯୋଗ କରିଛନ୍ତି। ତାଙ୍କ ଛଅ ବର୍ଷର ପୁଅ ସଞ୍ଜୟ ନାଟିକା ଖେଳୁଥିବା ସମୟରେ ବିଦ୍ୟୁତ ପୋଲ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛି। ଅନେକ ଦିନ ହେଲାଣି ଉକ୍ତ ପୋଲରେ ଆର୍ଥିଂ ତାର ସହ ବିଜୁଳି ଥିବା ତାର ଯୋଡି ହୋଇଥିବାରୁ ପୋଲଟି ପୁରା ବିଜୁଳି ସଂସ୍ପର୍ଶରେ ଥିଲା। ବାର ବାର ବିଜୁଳି ବିଭାଗକୁ ଲୋକେ ଜଣାଇବା ସତ୍ତ୍ୱେ ବିଭାଗ ତରଫରୁ ଜମାରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଆଜି ସେହି ପୋଲକୁ ନାବାଳକ ଜଣକ ଛୁଇଁବା ମାତ୍ରକେ ସେଠାରେ ହିଁ ଟଳି ପଡିଥିଲା। ଏହା ଦେଖି ପରିବାର ଲୋକେ ନାବାଳକକୁ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଉଥିବା ଥିବାବେଳେ ବାଟରେ ପ୍ରାଣ ହରାଇଥିବା ଗାଁ ଲୋକ ପ୍ରକାଶ କରିଛନ୍ତି। ଏନେଇ କିଛି ସମୟ ଧାରି ଉତ୍ତେଜନା ଦେଖା ଦେଇଥିବା ବେଳେ ପୋଲିସ ପହଞ୍ଚି ବୁଝାସୁଝା କରିବା ପାରେ ସବୁ କିଛି ଶାନ୍ତ ପଡିଥିଲା। ନାବାଳକ ମୃତ୍ୟୁକୁ ନେଇ ପରିବାର ଲୋକେ ପୁରା ଭାଙ୍ଗି ପଡିଛନ୍ତି।

# ବିଜେଡ଼ିର ରାଜ୍ୟ ସାଧାରଣ ସମ୍ପାଦକ ହେଲେ ବିଧାୟକ ସାରଦା

ଏରସମା, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କୁ ବିଜୁଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନ ବିଜୁଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ରାଜ୍ୟ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ପୂର୍ବରୁ ସାରଦା ପ୍ରସନ୍ନ ଜେନାଙ୍କୁ ବିଜୁଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ, ରାଜ୍ୟ କାଳିଆ ଯୋଜନାର ଉପଦେଷ୍ଟା, ଜଗତସିଂହପୁର ଜିଲ୍ଲା ଷ୍ଟାଣ୍ଡିଙ୍ଗ କମିଟିର ଏକସ୍ୱଟ ମେମ୍ବର ସହିତ ବାଲେଶ୍ୱର ଜିଲ୍ଲାରେ ସହ ପର୍ଯ୍ୟବେକ୍ଷକ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବର୍ତ୍ତମାନ ବାଲିକୁଦା ଏରସମା ବିଧାୟକଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ ଦେଇ ଥିବାରୁ ଶ୍ରୀଯୁକ୍ତ ଜେନା ଅତ୍ୟନ୍ତ ଖୁସି ହେବା ସହିତ ଧନ୍ୟବାଦ ଜଣାଇଛନ୍ତି। ବିଜୁଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ସହିତ ସମସ୍ତ ରାଜ୍ୟବାସୀଙ୍କୁ ନିଜର ଦାୟିତ୍ୱ ସଠିକ ଭାବରେ ତୁଲାଇବା ସହିତ ସାଧାରଣ ଲୋକଙ୍କ ସମସ୍ୟା ଓ ଦଳର ସଂଗଠନିକ କାର୍ଯ୍ୟ ଦକ୍ଷତା କିପରି ଆଗାମୀ ଦିନରେ ସୁଦୃଢ ହେବ ସେ ଦିଗରେ କାମ କରିବେ ବୋଲି ବିଧାୟକ ଶ୍ରୀଯୁକ୍ତ ଜେନା କହିଛନ୍ତି। ଏହି ଭଳି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ଜନସାଧାରଣ ମାନେ ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କୁ ଅଶେଷ ଅଶେଷ ଅଭିନନ୍ଦନ ଶୁଭେଚ୍ଛା ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଅଣଜୁଆଙ୍ଗ ବୃକ୍ଷରୋପଣ କାର୍ଯ୍ୟ ନ କରିବାକୁ ଦାବି

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲା ଜୁଆଙ୍ଗପୀଢ ସ୍ଥିତ ଟାଙ୍ଗରପଡା ଜୁଆଙ୍ଗ ଗ୍ରାମର ଆଦିମ ଜନଜାତି ଲୋକ ଗ୍ରାମରେ ଅନ୍ୟ ଲୋକଙ୍କ ଦ୍ୱାରା ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟ ନକରିବାକୁ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପଶ୍ଚିମ ଦିଗକୁ ଥିବା କୋଇଲି ଉଚ୍ଚଡିହି ଓ କାଳିଆଟୁଙ୍ଗୁର ନାମକ ସମତଳ ଗୋଡା ଜମିରେ ରାସି ଏବଂ ଧାନ, ମାଣ୍ଡିଆ, କାଙ୍ଗୁ, ହରଡ, ଗଙ୍ଗେଇ, ଜାଲି, ଗୁଲୁଜ ଆଦି ଚାଷକରି ବାସିନ୍ଦା ଆବାହ କାଳରୁ ଜୀବିକା ନିର୍ବାହ କରିଆସୁଛନ୍ତି। ତେବେ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ, ସେତେବେଳେ ବିଧାୟକ ଥିଲାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନଭେମ୍ବର ମାସ ୨୦୨୪ରେ ଲୋକଙ୍କୁ ପୀଢ ସ୍ୱୀକୃତି ଦେଇଥିଲେ। ଏହା ସତ୍ତ୍ୱେ ବିନାଗ୍ରାମ ଓ ପୀଢ ସଭା



ରେ ଅଣଜୁଆଙ୍ଗଙ୍କ ଜରିଆରେ ଜଙ୍ଗଲ ବିଭାଗ ବାଂଶପାଳ ବ୍ଲକ ଅନ୍ତର୍ଗତ ଅଞ୍ଚାର ବନଖଣ୍ଡ କ୍ଷେତ୍ର ଓ ଫରେଷ୍ଟ ଗାର୍ଡ କର୍ମଚାରୀ ମାନେ ଜରଜବରଦସ୍ତି ଗଛ ଲଗାଇବା ପାଇଁ ଗ୍ରାମକୁ ଲାଗିଥିବା ଗୌଁଡ ଚମ୍ପେଇର ମାନଙ୍କ ଦ୍ୱାରା କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି।ଏହାକୁ ବିରୋଧ କଲେ ଧମକ ଚମକ ଦିଆଯାଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହାର ସମାଧାନ ପାଇଁ କଡିପୋଶା ପଞ୍ଚାୟତ ଟାଙ୍ଗରପଡା ୫ନଂ ୱାର୍ଡମେମ୍ବର ବନବାସୀ ଜୁଆଙ୍ଗ,ଗୌତମ ଜୁଆଙ୍ଗ, ଯୋଗେନ୍ଦ୍ର ଜୁଆଙ୍ଗ, କନ୍ତାରୁ ଜୁଆଙ୍ଗ, ପାର ଜୁଆଙ୍ଗ, ରମା ଜୁଆଙ୍ଗ, ଚନ୍ଦ୍ରମଣି ଜୁଆଙ୍ଗ, କରୁଣା ଜୁଆଙ୍ଗ, ଚତୁର୍ଭୁଜ ଜୁଆଙ୍ଗ, ଉମାକାନ୍ତ ଜୁଆଙ୍ଗ, ବିନୟ ଜୁଆଙ୍ଗ, ଟୁନା ଜୁଆଙ୍ଗ, ନନ୍ଦି ଜୁଆଙ୍ଗ, ମହେନ୍ଦ୍ର ଜୁଆଙ୍ଗ,ଖଗେଶ୍ୱର ଜୁଆଙ୍ଗ, ଟୁଟୁ ଜୁଆଙ୍ଗ, ପଦ ଜୁଆଙ୍ଗ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ମିଥ୍ୟା କେସ୍ ଦର୍ଶାଇ ଲୁଟ୍ ଅଭିଯୋଗ, ୩ ଗିରଫ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ସଦର ମହକୁମା ଦୁର୍ଗାଗୁଡି ସାହି ସ୍ଥିତ ଜନୈକ ବ୍ୟକ୍ତିଙ୍କୁ ଫୋନ୍ କଲ ମାଧ୍ୟମରେ ଧମକପୂର୍ଣ୍ଣ ବାର୍ତ୍ତା ଦେବା ସହ ତାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ କରିଥିବା ନେଇ ଥାନାରେ ଏକ ମାମଲା ହୋଇଥିଲା। ଏହି ମାମଲାରେ ମାଲକାନଗିରି ପୋଲିସ ରାଜସ୍ଥାନରୁ ତିନିଜଣଙ୍କୁ ଗିରଫ କରିଛନ୍ତି। ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ, ମାଲକାନଗିରି ସଦର ମହକୁମା ଦୁର୍ଗାଗୁଡି ସାହି ସ୍ଥିତ ଅଶୋକ କୁମାର ତ୍ରିପାଠି ନାମକ ବ୍ୟକ୍ତିଙ୍କୁ ଗତ ତା. ୨୪.୧୦.୨୦୨୪ ରିଖ ଦିନ ଏକ ଅଜ୍ଞାତ ନମ୍ବରରୁ ଫୋନ୍ ଆସିଥିଲା ଏବଂ ଏହି ଫୋନ୍‌ରେ ଆସାମୀ ଜଣକ ହିନ୍ଦିରେ କଥାବାର୍ତ୍ତା ହେବା ସହ ସେ ମୁମ୍ବାଇ ପୋଲିସର ସହାୟତା ନେବାକୁ କହିଥିଲେ। ପରେ ପୁନର୍ବାର ଅନ୍ୟ ଏକ ନମ୍ବରରେ ଫୋନ୍ ଆସିବା ସହ ଆସାମୀ




ଜଣକ କହିଥିଲେ ଯେ, ତୁମ୍ଭ ନାମରେ ଜନୈକ ମୋବାଇଲ ନମ୍ବର ଆଧାରରେ ମୁମ୍ବାଇରେ ୧୭ଟି କେଶ୍ ହୋଇଛି ବୋଲି କହିଥିଲେ। ଏ ସମ୍ବନ୍ଧରେ ସେ କିଛି ଜାଣି ନଥିବା ଓ ଏଥିରେ ତାଙ୍କର କୌଣସି ସମ୍ପୃକ୍ତି ନଥିବା କହିଥିଲେ। ପର ଦିନ ପୁନର୍ବାର ଆଉ ଏକ ଫୋନ ନମ୍ବରରୁ କଲ୍ ଆସିବା ସହ ମୋତେ ପୋଲିସ୍ ଆଇଡି କାର୍ଡ, ତଦନ୍ତ ରିପୋର୍ଟ, ଏଟିଏମ୍ କପି, କାନାରା ବ୍ୟାଙ୍କ ଏକାଉଣ୍ଟ ଷ୍ଟେଟମେଣ୍ଟର ନକଲ ପଠାଇ ଏହି ସବୁ ତାଙ୍କ ନାମରେ ମାମଲାର ପ୍ରମାଣ ବୋଲି ଦର୍ଶାଇଥିଲେ। ଏଥିସହ ସୁପ୍ରିମ କୋର୍ଟର ଏକ କାଗଜ ମଧ୍ୟ ଦେଖାଇବା ସହ କାହାକୁ କିଛି ନ କହିବା ପାଇଁ କହିଥିଲେ। ଫଳରେ ଶ୍ରୀ ତ୍ରିପାଠି ଭୟଭିତ ହୋଇ ୨ ଲକ୍ଷ ଟଙ୍କା ଉକ୍ତ ଆସାମୀଙ୍କୁ ଦେଇଥିବା ଏକାଉଣ୍ଟକୁ ପଠାଇଥିଲେ। ଏହାର ଚାରିଦିନ ପରେ ପୁନର୍ବାର ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଏକ ପେପର ଓ ଏକାଉଣ୍ଟ ତଥ୍ୟ ପଠାଇ ଘଟଣାର ତଦନ୍ତ ଓ ଭେରିଫିକେସନ ନିମନ୍ତେ ଟଙ୍କା ପଠାଇବାକୁ ବାଧ୍ୟ କରିଥିଲେ। ଫଳରେ ଶ୍ରୀ ତ୍ରିପାଠି ପୁନର୍ବାର ଋଣ କରଜ କରି ୪ ଲକ୍ଷ ୫୦ ହଜାର ଟଙ୍କା ପଠାଇଥିଲେ। ତେବେ ଶ୍ରୀ ତ୍ରିପାଠି ନିଜକୁ ନିର୍ଦ୍ଦୋଶ ସାବ୍ୟସ୍ତ କରିବା ପାଇଁ ଏହି ଟଙ୍କା ପଠାଇଥିବା ବେଳେ ଏହି ସମ୍ବନ୍ଧରେ ମାଲକାନଗିରି ଥାନାରେ ଲିଖିତ ଭାବେ ଜଣାଇଥିଲେ। ମାଲକାନଗିରି ଥାନା ପୋଲିସ କେଶ୍ ନଂ. ୯୯ ଅନୁଯାୟୀ ମାମଲା ଦାୟର କରି ଏହାର ତଦନ୍ତ କରି ରାଜସ୍ଥାନରୁ ତିନିଜଣଙ୍କୁ ଗିରଫ କରିଛନ୍ତି। ଗିରଫ ତିନିଜଣ ହେଲେ ରାଜସ୍ଥାନ ରାଜ୍ୟ ଜେଇସେଲମେର ଜିଲ୍ଲା ବାହୁକିରାଣି ଗ୍ରାମର ମୁକେଶ କୁମାର, ମାଙ୍କି ଗ୍ରାମର ସୁରେନ୍ଦ୍ର ଓ ଗାଉଡା ଗ୍ରାମର ନରେଶ। ଏହି ତିନିଜଣଙ୍କୁ ଆଜି କୋର୍ଟ ଚାଲାଣ କରା ଯାଇଥିବ ଥିବା ପୋଲିସ ସୂତ୍ରରୁ ପ୍ରକାଶ ପାଇଛି।



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ସହର ସ୍ଥିତ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଦିନ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ ସହଯୋଗରେ ଅଧକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ବିଶ୍ୱ ରେଡକ୍ରସ ଦିବସ ଅବସରରେ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଙ୍ଗଣରେ ପକ୍ଷୀଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା କରାଯାଇଛି । ଏହି ପବିତ୍ର ଜନ ହେନେରୀ ଡୋନାଣ୍ଟଙ୍କ ଜନ୍ମ ଦିନ ଅବସରରେ ସାରା ବିଶ୍ୱରେ ପାଳିତ ହେଉଛି ବିଶ୍ୱ ରେଡକ୍ରସ ଦିବସ ଏହି ଦିବସରେ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ପରାମର୍ଶ ଦାତା ଓଡ଼ିଆ ଅଧାପକ ମାନସ ରଞ୍ଜନ ବେହେରା, ରାଜନୀତି ବିଜ୍ଞାନର ଅଧାପିକା ରୀମା ସେଠୀଙ୍କ ସହ ଯୁକ୍ତ ଦୁଇ ପ୍ରଥମ ବର୍ଷର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ପ୍ରୀତିପ୍ରୀୟା, ନଳିନୀ, ସସ୍ମିତା, ସୁମିତ୍ରା,ଜେମା, ଚନ୍ଦ୍ରିକା,ପପିନା ଆଦି ଯୋଗଦେଇ ବିଶ୍ୱ ରେଡକ୍ରସ ଦିବସ ଅବସରରେ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଙ୍ଗଣ ରେ ପକ୍ଷୀ ମାନଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଶେଷ କରିବା ପାଇଁ ଭୀମସେନ ବେହେରା ସହଯୋଗ କରିଥିଲେ ।

## ରୋଟାରୀ କ୍ଲବକୁ ଜିଲ୍ଲା ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ରଙ୍କ ପରିଦର୍ଶନ

### ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱରର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୁବର୍ଣ୍ଣରେଖା ରାଇବଣିଆ ରୋଟାରୀ କ୍ଲବକୁ ଇତି ମଧ୍ୟରେ ରୋଟାରୀ ଜିଲ୍ଲା ୩୨୬୨ର ଗଭର୍ଣ୍ଣର ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ନୁଆବଜାର ସ୍ଥିତ କ୍ଲବ ପରିସରରେ ଆୟୋଜିତ ଉତ୍ସବରେ ପୂର୍ବତନ ସଭାପତି ଶ୍ୟାମା ଚରଣ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଭାପତି ସୁଧୀର କୁମାର କରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ସୁକୁମାର ରଣା କ୍ଲବର ବାର୍ଷିକ ବିବରଣୀ ପାଠ କରିଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ରୂପେ ରୋଟାରୀ ଜିଲ୍ଲା ୩୨୬୨ର ଗଭର୍ଣ୍ଣର ରୋଟାରୀ କ୍ଲବର ବିଭିନ୍ନ ଲୋକାଭିମୁଖୀ ଓ ସମୟ ଉପଯୋଗୀ କାର୍ଯ୍ୟକ୍ରମ ସମ୍ପର୍କରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ବିଶ୍ୱର ସର୍ବଶ୍ରେଷ୍ଠ ସ୍ୱେଚ୍ଛାସେବୀ ସଙ୍ଗଠନକୁ ସୁଦୃଢ ଓ ସୁସଙ୍ଗଠିତ କରିବା ଆବଶ୍ୟକ ରହିଛି ବୋଲି ପ୍ରକାଶ କରିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦ୍ୱାରା ରୋଟାରୀ କ୍ଲବକୁ ପ୍ରଦାନ କରା ଯାଇଥିବା ଆମ୍ବୁଲାନ୍ସ ଦ୍ୱାରା ଗ୍ରାମାଞ୍ଚଳରେ ବାସ କରୁଥିବା ଗରିବ ଓ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ମାନେ ଅଧିକ ଲାଭ ପାଇ ପାରିବେ ବୋଲି ଗଭର୍ଣ୍ଣର ରୋଟାରିଆନ ମହାପାତ୍ର ଆଶାପ୍ରକାଶ କରିଥିଲେ। କ୍ଲବର ପ୍ରତିଷ୍ଠାତା ସଭାପତି ଡ଼ଃ ଲଳିତ ରଞ୍ଜନ ସେନାପତି, ପୂର୍ବତନ ସଭାପତି ସୁନିଲ କୁମାର ନାୟକ ଓ ନିର୍ବାଚିତ ସଭାପତି ପ୍ରାଣକୃଷ୍ଣ ଗିରି ଯୋଗଦେଇ କ୍ଲବ କିପରି ଏକ ଅଗ୍ରଣୀ କ୍ଲବ ରୂପେ ନିଜର ସ୍ଥିତି ଜାହିର କରି ପାରିବ ବୋଲି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ କ୍ଲବ ପକ୍ଷରୁ ପ୍ରାୟୋଜିତ ହୋଇଥିବା ନାମ୍ପୋ ଅଞ୍ଚଳର ସତ୍ୟଭାମା ଓ ସ୍ୱସ୍ତିକୃପା ଆରସିସି ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ନଡ଼ିଆ କତାରୁ ପାପଛ ଓ ହସ୍ତତନ୍ତ ପଦାର୍ଥ ତିଆରି କରୁଛି। ସେ ସମ୍ପର୍କରେ କ୍ଲବର ଉପଦେଷ୍ଟା ତଥା ରୋଟାରୀ ଜିଲ୍ଲା ଆରସିସି ଅଧକ୍ଷ ସୁକୁମାର ରଣା ସୂଚନା ଦେଇଥିଲେ। ପ୍ରାରମ୍ଭରେ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ଓ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ସ୍ମାର୍ଟ ସିଟିର ସମ୍ପାଦକ ରୋଟାରିଆନ ରାଜା ବାବୁଙ୍କୁ କ୍ଲବ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରା ଯାଇଥିଲା। ଏହି ଅବସରରେ ରୋଟାରୀ କ୍ଲବ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ଉପହାର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରା ଯାଇଥିଲା। ସେହିପରି ଗଭର୍ଣ୍ଣର ସଭାପତି ରୋଟାରିଆନ ସୁଧୀର କୁମାର କରଙ୍କୁ ଏକ ରୋଟାରୀ ପିନ୍ ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ସୁକୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ବୈତରଣୀ ବଞ୍ଚାଅ ଯାତ୍ରାରେ ଜଳପୁରୁଷ ରାଜେନ୍ଦ୍ର ସିଂ ସାମିଲ

### ନଦୀ-ଜଙ୍ଗଲ ଓ ଜମିର ସୁରକ୍ଷା ଲକ୍ଷ୍ୟ




କେନ୍ଦୁଝର, (ଭାସ୍କର ନ୍ୟୁଜ): ବୈତରଣୀ ନଦୀର ସୁରକ୍ଷା ପାଇଁ ବୁଧବାର ଜଳ ପୁରୁଷ ଡ଼ ରାଜେନ୍ଦ୍ର ସିଂ କେନ୍ଦୁଝର ଜିଲ୍ଲାକୁ ଦୁଇ ଦିନିଆ ଗସ୍ତରେ ଆସି ବୈତରଣୀ, ସୁନା ଓ କାରୋ ବଞ୍ଚାଅ ଯାତ୍ରାରେ ସାମିଲ ହୋଇଛନ୍ତି । ବୈତରଣୀ ନଦୀର ଉତ୍ପତି ସ୍ଥଳ ଗୋନାସିକାରୁ ଏହି ଯାତ୍ରା ଆରମ୍ଭ ହୋଇ କାନପୁର ଡ୍ୟାମରେ ଶେଷ ହେବ। ଏହି ଅବସରରେ ବିଭିନ୍ନ ଲୋକଙ୍କ ସହିତ ଆଲୋଚନା କରି ବୈତରଣୀ ନଦୀର ସୁରକ୍ଷା ପାଇଁ କାମ କରିବାକୁ ସଙ୍କଳ୍ପ ନେଇଥିଲେ ଏବଂ ସଂଗଠିତ ଭାବେ ମିଶି କାମ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସମାଜକୁ ପାଣି ବିଷୟରେ ସଚେତନ କରିବା ଓ ନଦୀ, ଜଙ୍ଗଲ, ଜମି ମଧ୍ୟରେ ଥିବା ସମ୍ପର୍କକୁ ବୁଝିବା ଏବଂ ସେ ସବୁର ସୁରକ୍ଷା କରିବା ଏହି ଯାତ୍ରାର ଲକ୍ଷ୍ୟ ବୋଲି ଡ଼ ସିଂ କହିଛନ୍ତି । ଆଜିକାଲି ଏହି ସବୁ ଜମି, ଜଳ, ଜଙ୍ଗଲକୁ ଉଦ୍ୟୋଗପତିମାନେ କବଜା କରୁଛନ୍ତି। ଏଣୁ ଲୋକେ ସଂଗଠିତ ହୋଇ ପ୍ରତିବାଦ କରି ଏହାକୁ ରୋକିବାକୁ ହେବ ବୋଲି କହିଥିଲେ । ନଦୀ ହେଉଛି ଲୋକଙ୍କର, ଏଣୁ ସେ ସବୁର ସୁରକ୍ଷା କରିବା ଉଚିତ୍। ପାଣି ଉପରେ ଲୋକଙ୍କର ହକ୍ ରହିଛି। କମ୍ପାନୀମାନଙ୍କର ପାଣି ଉପରେ କୌଣସି ହକ୍ ନାହିଁ। ସ୍ଲରି ପାଇପ ଲାଇନରେ କମ୍ପାନୀମାନେ ଲୁହାଗୁଣ୍ଡ ପରିବହନ ପାଇଁ ପାଣି ବ୍ୟବହାର କରିବା ଆଦିବାସୀ, ଜଙ୍ଗଲ, ନଦୀ ଓ ପ୍ରକୃତି ପ୍ରତି ଅନ୍ୟାୟ କରୁଛନ୍ତି । ଏହି ଯାତ୍ରାରେ ମହାନଦୀ ବଞ୍ଚାଓ ଆନ୍ଦୋଳନରେ ପଦ୍ମଶ୍ରୀ ଦୈତାରୀ ନାଏକ, ମହାନଦୀ ବଂଚାଓ ଅଭିଯାନର ଆବାହକ ସୁଦର୍ଶନ ଦାସ, ସୁନା, କାରୋ, ବୈତରଣୀ ବଂଚାଓ ଅଭିଯାନର କନଭେନର ଅଶୋକ ଠକ୍କରଙ୍କ ସମେତ ପ୍ରତାପ ପାଢୀ, ଗଣେଶ୍ୱର ପାତ୍ର, ଦିଲୁ ସ୍ୱାମୀ, ଛବିରାଣୀ ନାୟକ ବହୁ ଲୋକ ସାମିଲ ହୋଇ ବୈତରଣୀର ସୁରକ୍ଷା ପାଇଁ ଶପଥ ନେଇଛନ୍ତି। ପରେ ପରେ ବାଂଶପାଳ ବ୍ଲକ ଯାତ୍ରା ପଞ୍ଚାୟତର ଯାତ୍ରା ଏବଂ ଅଡାଳ ଗ୍ରାମରେ ବୈତରଣୀ ନଦୀର ସୁରକ୍ଷା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଚିରସ୍ରୋତା ବୈତରଣୀ ନଦର ଜଳ ଦିନକୁ ଦିନ ହ୍ରାସ ପାଉଥିବାରୁ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେଉଥିବା ଗ୍ରାମବାସୀମାନେ କହିଥିଲେ। ବୈତରଣୀ ବର୍ତ୍ତମାନ ମରିବାକୁ ଯାଉଛି, ଏହା କେନ୍ଦୁଝର ସମେତ ମୟୁରଭଞ୍ଜ,ଯାଜପୁର ଏବଂ ଭଦ୍ରକର ଜୀବନରେଖା ଅଟେ। ବୈତରଣୀ ଗଙ୍ଗା ବୋଲି କୁହାଯାଏ। ୪ଟି ଜିଲ୍ଲାର ବୈତରଣୀ ଜୀବନରେଖା ବୋଲି କୁହାଯାଏ। ଏହି ଜୀବନରେଖା ମୁମୂର୍ଷୁ ଅବସ୍ଥାକୁ ଯାଉଛି। କମ୍ପାନୀମାନେ ଲକ୍ଷ ଲକ୍ଷ କ୍ୟୁସେକ ଜଳ ବୃବହାର କରୁଛନ୍ତି ଲୁହାପଥର ଗୁଣ୍ଡ ପରିବହନ ପାଇଁ । ଏହି ନଦୀ ବଞ୍ଚିଲେ ମଣିଷ ଓ ପ୍ରକୃତି ବଞ୍ଚିବ। କମ୍ପାନୀମାନେ ଏହାକୁ ଶୋଷୁଛନ୍ତି। ଫଳରେ ମଣିଷ ଓ ବନ୍ୟପ୍ରାଣୀ ପାଣି ପିଇବା ପାଇଁ ପାଉନଥିବାରୁ ଚାଷ କାର୍ଯ୍ୟ ପ୍ରଭାବିତ ହେଉଛି। ଏହି ଯାତ୍ରାକ୍ରମରେ ଆସନ୍ତାକାଲି ବସନ୍ତପୁର ସ୍ଥିତ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ କାରଖାନାର ଇନଟ୍ଟେକ ୱେଲ ଓ ସ୍ଲରି ପାଇପ ଲାଇନ ବୁଲି ଦେଖିବେ । ଏହି କମ୍ପାନୀ ବୈତରଣୀ ନଦୀରୁ ବେଧଡକ ପାଣି ନେଉଥିବାରୁ ତଳମୁଣ୍ଡରେ ଜଳ ସମସ୍ୟା ଦେଖାଦେଉଛି। ମାର୍ଚ୍ଚ ମାସରୁ ଜୁନ ମାସ ପର୍ଯ୍ୟନ୍ତ ବୈତରଣୀ ନଦୀରୁ ପାଣି ନେବା ପାଇଁ ଜଳ ସମ୍ପଦ ବିଭାଗର କଡା ନିୟମ ଥିଲେ ହେଁ କମ୍ପାନୀମାନେ ଦୈନିକ ଲକ୍ଷ ଲକ୍ଷ କ୍ୟୁସେକ ବୈତରଣୀ ନଦୀ ଜଳ ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଛି। ଚାଷୀଙ୍କୁ ପାଣି ଦେବା ପାଇଁ ବୈତରଣୀ ନଦୀ ଉପରେ କାନପୁର ଡ୍ୟାମ ନିର୍ମାଣ ହୋଇଥିଲେ ହେଁ ବହୁ କମ୍ପାନୀ ଏଠାରୁ ପାଣି ନେବା ପାଇଁ ଯୋଜନା କରିଛନ୍ତି। ସେହି ଦୃଷ୍ଟିରୁ ବୈତରଣୀ ଏବଂ ଅନ୍ୟାନ୍ୟ ନଦୀକୁ ବଂଚାଇବାକୁ ପଡିବ ବୋଲି ସୁଦର୍ଶନ ଦାସ କହିଛନ୍ତି । ନଦୀ ନ ବଞ୍ଚିଲେ ଏହା ଉପରେ ନିର୍ଭର କରୁଥିବା ପ୍ରକୃତି, ମଣିଷ, ଜୀବଜଗତ ମରିବ ବୋଲି ସେ କହିଛନ୍ତି । ସେହି ଦୃଷ୍ଟିରୁ ବୈତରଣୀ ବଂଚାଓ ଯାତ୍ର ଆରମ୍ଭ ହୋଇଛି ଏବଂ ଏହି ଯାତ୍ରାରେ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇ ବୈତରଣୀ ବଂଚାଇବାକୁ ସେ ଅନୁରୋଧ କରିଛନ୍ତି ।

## ସ୍ୱପ୍ନେଶ୍ୱର ମହାବୀରଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରାଣ ପ୍ରତିଷ୍ଠା



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଝାଡ଼ଲିଙ୍ଗ ପଂଚାୟତ ଝାଡ଼ଲିଙ୍ଗ ଗ୍ରାମରେ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାବୀରଙ୍କ ନୂତନ ବିଗ୍ରହ ଓ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ଗତ ସୋମବାର ଅଙ୍କୁରରୋପଣ, ମଙ୍ଗଳବାର ପ୍ରତ୍ୟୁଷରୁ କାକଟପୁର ପ୍ରାଚୀ ନଦୀରୁ ଜଳଆଣି କଳସ ଯାତ୍ରା କରି ଯଜ୍ଞ ମଣ୍ଡପରେ ପହଂଚି ଥିଲେ। ପାରମ୍ପରିକ ବାଦ୍ୟ ବାଜଣା, ହରିବୋଲ ହୁଳହୁଳିରେ ସ୍ଥାନୀୟ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଉପେନ୍ଦ୍ର ବିଶ୍ୱାଳ, ମାନସ ନାୟକ, ବାବୁ ନାୟକ, ଅଜିତ ନାୟକ, ଅଜିତ ବେହେରା, ଅମୀୟ ନାୟକ କର୍ତ୍ତା ହୋଇଥିବା ବେଳେ ସ୍ୱତନ୍ତ୍ର ପଣ୍ଡିତ ମାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ନାମ ଯଜ୍ଞ, ଘୃତଯଜ୍ଞ, ଗୋ ଯଜ୍ଞ, ଜ୍ଞାନ ଯଜ୍ଞ, ଅନ୍ନ ଯଜ୍ଞ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗତ ସୋମବାର ଠାରୁ ଉକ୍ତ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିବା ବେଳେ ମଙ୍ଗଳବାର ଦିନ କଳସ ଯାତ୍ରା, ଯଜ୍ଞ ଶାଳା ସଂସ୍କାର, ଯଜ୍ଞରମ୍ଭ ଓ ଧାନଧୀବାସ, ବୁଧବାର ନୂତନ ବିଗ୍ରହଙ୍କ ମହାସ୍ନାନ ଓ ଶୟନ, ଗୁରୁବାର ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା, ସିଂହାସନ ବିଜେ ଓ ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଝାଡ଼ଲିଙ୍ଗ ଗ୍ରାମବାସୀଙ୍କ ସହ ମହାବୀର କମିଟି ଉପଦେଷ୍ଟା ଗଦାଧର ବିଶ୍ୱାଳ, ବିଜୟ ବାରିକ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଗୁରୁବାର ସନ୍ଧ୍ୟାରେ ପୂର୍ଣ୍ଣାହୂତି ହୋଇଥିବା ବେଳେ ଆଖ ପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

## ଶ୍ରୀରାମଚରିତମାନସ ଓ ନବାହ୍ନ ପାରାୟଣ



କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମପଞ୍ଚାୟତର ସାହାସପୁର ଗ୍ରାମ (କୋଡିଚଉଁରା)ର ମାନସମଣ୍ଡପରେ ଗତ ଅକ୍ଷୟତୃତୀୟା ଠାରୁ ଆରମ୍ଭ ହୋଇଥିବା ଶ୍ରୀରାମଚରିତମାନସ ଓ ନବାହ୍ନ ପାରାୟଣ ଗୁରୁବାର ସମାପ୍ତ ହୋଇଛି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଗୁରୁପ୍ରସାଦ ମିଶ୍ର, ପଣ୍ଡିତ ତ୍ରିଲୋଚନ ମିଶ୍ର, ପଣ୍ଡିତ ପ୍ରଶାନ୍ତ କୁମାର ମିଶ୍ର, ପଣ୍ଡିତ ଅନନ୍ତ ପ୍ରସାଦ ବାରିକ, ପଣ୍ଡିତ ରବିନାରାୟଣ ହୋତା ପ୍ରମୁଖ ଯୋଗଦେଇ ବିଭିନ୍ନ ଦିବସରେ ଶ୍ରୀରାମଚରିତ ଉପରେ ପ୍ରବଚନ ପ୍ରଦାନ କରିଥିବା ବେଳେ କର୍ତ୍ତା ଭାବେ ପ୍ରଭାକର ପରିଡା କାର୍ଯ୍ୟନିର୍ବାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ବେହେରା, ସନ୍ତୋଷ ନାୟକ, ମନୋଜ ସାହୁ, ବିଦ୍ୟାଧର ସାହୁ, ଚନ୍ଦ୍ରକାନ୍ତ ବେହେରା, ସଞ୍ଜୀବ ନାୟକ, ଗୌରାଙ୍ଗ ସାହୁ, ଖଗେଶ୍ୱବର ପରିଡା, ଗୌରାଙ୍ଗ ସ୍ୱାଇଁ, ନାଗମଣୀ ସାହୁ, ସଞ୍ଜୟ ସାହୁ, ଗୌରାଙ୍ଗ ବାରିକ, ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପରଜଙ୍ଗ ବଜାରରେ ନୂତନ ସପିଙ୍ଗ ମଲ୍



ପରଜଙ୍ଗ, (ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାର ମଧ୍ୟରେ ରହିଥିବା ହୋଣ୍ଡା ସୋରୁମ୍ ପାଖକୁ ଲାଗି ଗୁରୁବାର ଦିନ ବିଧି ଡିଜାଇନ୍ ନାମକ ସପିଙ୍ଗମଲ୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଓ ହୋମ ଯଜ୍ଞ କରାଯାଇଥିବା ବେଳେ ସପିଙ୍ଗମଲର ମୁଖ୍ୟ ପରିଚାଳକ ବନଲତା ମହାନ୍ତିଙ୍କ ଭାଇ ଶିତିକାନ୍ତ ମହାନ୍ତି ଓ ସହଧର୍ମିଣୀ ଶର୍ମିଷ୍ଠା ମହାନ୍ତି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୂଜକ ବାସୁ ଚାନ୍ଦ, ସନ୍ତୋଷ ପଣ୍ଡା, ଅଜିତ୍ ପଣ୍ଡା ଓ ଅନ୍ୟ ସହଯୋଗୀ ପୂଜକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ପୂଜା ସ୍ଥଳରେ ବନଲତା ମହାନ୍ତିଙ୍କ ଏକମାତ୍ର ସୁପୁତ୍ର ଓଁକାର ଦଳ ବେହେରା, ଝିଅ ଦିସାଦିପା ପ୍ରିୟଦର୍ଶିନୀ, ପ୍ରତିଷ୍ଠାନର ମ୍ୟାନେଜର ମନୋଜ କୁମାର ଦାସ, ଆସିଷ୍ଟାଣ୍ଟ ମ୍ୟାନେଜର ଅମରେନ୍ଦ୍ର ସାହୁ , ଫାଇନାସିୟର ସର୍ବେଶ୍ୱର ଦାସ, ଚିନ୍ମୟ ନାୟକ, ମନୋଜ କୁମାର ଦଳବେହେରା, ଶ୍ରୀକାନ୍ତ ଦାନି, ବନଲତା ମହାନ୍ତିଙ୍କ ପରିବାର ମଧ୍ୟରେ ଫକୀର ଚରଣ ମହାନ୍ତି, ଦିପ୍ତିକାନ୍ତ ଚୌଧୁରୀ, ଅକ୍ଷୟ କୁମାର ଦଳବେହେରା, ଆଦିକନ୍ଦ ଦଳବେହେରା ଓ ଅନ୍ୟ ସମସ୍ତ ଆତ୍ମୀୟ ପରିବାରର ସଦସ୍ୟ, ଅଞ୍ଚଳର ବହୁ ମାନ୍ୟଗଣ୍ୟ ଅତିଥି ମାନଙ୍କୁ ଦେଖିବାକୁ ମିଳିଥିଲା। ଅପରାହ୍ନ ସମୟରେ ହୋମ ଯଜ୍ଞ ପୂର୍ଣ୍ଣାହୁତି କରାଯାଇ ସମସ୍ତେ ପ୍ରସାଦ ସେବନ କରିଥିଲେ।

## ଆସିକା ମହାବିଦ୍ୟାଳୟରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ




ଆସିକା (ଭାସ୍କର ନ୍ୟୁଜ୍): ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ପୌରହିତ୍ୟରେ ବିଶ୍ୱ ରେଡକ୍ରସ ଦିବସ ସମାରୋହ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଆନୁଷ୍ଠାନିକ ରୂପେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଯୁବ ରେଡକ୍ରସ ଉପଦେଷ୍ଟା ଡ. ଅଜିତ କୁମାର ମୁନୀ ଅତିଥିମାନଙ୍କ ସଂକ୍ଷିପ୍ତ ପରିଚୟ ପ୍ରଦାନ ପୂର୍ବକ ମଞ୍ଚାସୀନ କରାଇଥିଲେ। ଏହି ସମାରୋହରେ ଦକ୍ଷିଣ ଓଡ଼ିଶା ଯୁବ ରେଡକ୍ରସ ଶାଖାର ଉପଦେଷ୍ଟା ଅବସର ପ୍ରାପ୍ତ ଅଧକ୍ଷ ପ୍ରଫେସର ବି. ଗୋବିନ୍ଦ ରାଓ ମୁଖ୍ୟ ବକ୍ତା ରୂପେ ଏବଂ ସ୍ୱମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ମେଜର ଡ. ଶଙ୍କର ପ୍ରସାଦ ଅଧିକାରୀ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ପ୍ରଥମେ ବେଦ ଗବୈୟା ଧନଞ୍ଜୟ ମହାପାତ୍ରଙ୍କ ପବିତ୍ର ବେଦମନ୍ତ୍ର ଧ୍ୱନୀରେ ଅତିଥିଙ୍କ ଦ୍ୱାରା ଦେବ ବିଗ୍ରହ ସମେତ ସାର ଜିନ୍ ହେନେରୀ ଡ୍ୟୁନଟଙ୍କ ବିଗ୍ରହରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଡ. ମୁନୀ ସଭା ସଂଯୋଜନା କରିଥିଲେ। ଅଧକ୍ଷ ସ୍ୱାଗତ ଭାଷଣ ଏବଂ ବିଶ୍ୱ ରେଡକ୍ରସ ଦିବସର ମୁଖ୍ୟ ଉଦ୍ୟେଶ୍ୟ ସଂପାଦନ କରିଥିଲେ। ସଂପ୍ରତି ବିଶ୍ୱ ରେଡକ୍ରସର ବାର୍ତ୍ତା ଥିଲା - ମାନବିକତାର ପାର୍ଶ୍ୱରେ। ମହାମାନ୍ୟ ତଥା ରେଡକ୍ରସର ପୃଷ୍ଠପୋଷକ ସାର୍ ଜିନ ହେନରୀ ଡ୍ୟୁନଟଙ୍କ ଅବଦାନକୁ ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ବି. ଗୋବିନ୍ଦ ରାଓ ରେଡକ୍ରସର ଇତିହାସ ସହ ସାର ଜିନ୍ ହେନରୀ ଡ୍ୟୁନଟ୍ ସନଫ୍ରାନ୍ସିକୋ ଯୁଦ୍ଧ ବିଭିଷୀକାରେ କ୍ଷତବିକ୍ଷତ ସୈନିକମାନଙ୍କୁ କିପରି ସେବା ଶୁଶ୍ରୁଷା ପ୍ରଦାନ କରିଥିଲେ ତାହାର ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ହେନରୀ ଡ୍ୟୁନଟ ସେବା ଓ ମାନବିକତାର ପଥପ୍ରଦର୍ଶକ ରୂପେ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ନୋବଲ ଶାନ୍ତି ପୁରସ୍କାରର ପ୍ରଥମ ହକଦାର ଥିଲେ ସାର ଜିନ ହେନରୀ ଡ୍ୟୁନଟ। ସମ୍ମାନିତ ଅତିଥି ଡ. ଅଧିକାରୀ ମାନବ ସେବା ମାଧ୍ୟମରେ ନିଜର ବ୍ୟକ୍ତିତ୍ୱକୁ ବିକଶିତ କରିବା ପାଇଁ ଯୁବ ପୀଢୀଙ୍କୁ ଆହ୍ୱାନ କରିଥିଲେ। ମହାବିଦ୍ୟାଳୟ ଯୁବ ରେଡକ୍ରସ ଶାଖାର ଶୀର୍ଷ ସ୍ୱେଚ୍ଛାସେବକ ରୂପେ ଛାତ୍ର ପବନ କୁମାର ପଟ୍ଟନାୟକ ଏବଂ ଶୀର୍ଷ ସ୍ୱେଚ୍ଛାସେବିକା ରୂପେ ଛାତ୍ରୀ ସୁଶ୍ରୀ ଶୁଭଶ୍ରୀ ପଟ୍ଟନାୟକଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସଭା କକ୍ଷରେ ମହାବିଦ୍ୟାଳୟ ଯୁବ ରେଡକ୍ରସ ଏବଂ ରେଡ ରିବନ୍ କ୍ଲବର ପ୍ରାୟ ସମସ୍ତ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଉପସ୍ଥିତ ଥିବାର ନଜିର ରହିଥିଲା। ପରିଶେଷରେ ଯୁବ ରେଡ୍ ରିବନ କ୍ଲବର ଉପଦେଷ୍ଟା ହିନ୍ଦୀ ଅଧାପକ ରାଜେଶ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଗହଣା ଦୋକାନରୁ ଲୁଟ୍ ଘଟଣା

## ନାବାଳକ ସମେତ ଦୁଇ ଅପରାଧୀ ଗିରଫ

### ଲୁଟ୍ ଗହଣା ସମେତ ମୋବାଇଲ ଓ ଅସ୍ତ୍ର ଜବତ





କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ନରଣପୁର ଠାରେ ସାହୁ ଜୁଏଲାରୀ ୱାର୍କସପ ମାଲିକ ଦୀପକ ସାହୁଙ୍କ ଠାରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ରୂପା ଲୁଟ ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗତ ଏପ୍ରିଲ ୨୭ତାରିଖ ରାତି ୧୦ଟା ସମୟରେ ମାଡ ମାରି ଲୁଟି ନେଇ ଥିବା ଅପରାଧୀ ମାନଙ୍କ ମଧ୍ୟରୁ ଜଣେ ନାବାଳକ ସମେତ ଦୁଇ ଜଣଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅପରାଧୀ ହେଲେ ଛତିଶଗଡ ରାଜ୍ୟର ମହାଶମୁଦ ଜିଲ୍ଲାର ଖଳରାଇ ଥାନା ବିକେ ବାହାର ଗ୍ରାମର ଲକ୍ଷମନ ଗଣ୍ଡ (୨୪ବର୍ଷ) ଓ ନାବାଳକ ଅପରାଧୀର ନାମ ପ୍ରକାଶ କରାଯାଇନାହିଁ। ଅନ୍ୟ ତିନିଜଣ ଅପରାଧୀ ସିନ୍ଧୁ, ସିଦ୍ଧାନ୍ତ ଓ ରୋଶନ ଗଣ୍ଡ ଫେରାର ଅଛନ୍ତି। ସେମାନଙ୍କ ନିକଟରୁ ପୋଲିସ ସୁନା ୧୨. ୦୯ଗ୍ରାମ, ରୂପା ୧. ୪୩କିଲୋ ଦୁଇଟି ମୋବାଇଲ ଓ ଦୁଇଟି ଅସ୍ତ୍ର ଜବତ କରିଛି। ପୋଲିସର ଏକ ସ୍ୱତନ୍ତ୍ର ଦଳ ଏଥିପାଇଁ ଗଠନ କରାଯାଇଥିଲା ବୋଲି ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ପ୍ରକାଶ କରିଛନ୍ତି। ଏହାକୁ ନେଇ ଟାଉନ ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୯(୬)ଓ ପରିବର୍ତ୍ତିତ ୩୧୦(୨)କେଶ ସଂଖ୍ୟା ୨୪୬/୨୭. ୪. ୨୦୨୫ରେ ମାମଲା ରୁଜୁ ହୋଇଥିଲା। ସିସି ଟିଭି ଫୁଟେଜ, ବୈଷୟିକ ଦଳର ତଦନ୍ତ, ଫୋରେନସିକ ଯାଞ୍ଚ ଓ ଲଜର ସିସି ଟିଭି ଯାଞ୍ଚ କରି ଏହି ଅପରାଧୀ ମାନଙ୍କୁ ଧରା ଯାଇଛି ବୋଲି ପୋଲିସ ପ୍ରକାଶ କରିଛି। ସୂଚନାଯୋଗ୍ୟ ଯେ ଏପ୍ରିଲ ୨୭ରାତିରେ ଦୋକାନ ବନ୍ଦ କରି ନରଣପୁରର ଜୁଏଲାରୀ ମାଲିକ ଦୀପକ କୁମାର ସାହୁ ନିଜ ମୋଟର ସାଇକେଲରେ ଘରକୁ ଫେରୁଥିବା ସମୟରେ ଘର ନିକଟରେ ୫ ଜଣ ଦୁର୍ବୃତ୍ତ ୨ ଟି ମୋଟର ସାଇକେଲରେ ଆସି ତାଙ୍କ ମୁଣ୍ଡକୁ ଓ ହାତକୁ ବାଡାଇଦେବା ଫଳରେ ସେ ତଳେ ପଡିଯିଇଥିଲେ ଓ ଦୁର୍ବୃତ୍ତ ମାନେ ତାଙ୍କ ମୋଟର ସାଇକେଲ ଡିକିରୁ ସୁନା ରୂପା ଭର୍ତି ବ୍ୟାଗ ଧରି ଆଖି ପିଛୁଳା କେ ପାର ହୋଇ ଯାଇଥିଲେ । ଖବର ପାଇ ଟାଉନ ପୋଲିସ ପାଖରେ ଥିବା ତାରିଣୀ ଗେଷ୍ଟ ହାଉସ ରେ ଲାଗିଥିବା ସିସି ଟିଭି ଫୁଟେଜ ସଂଗ୍ରହ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ପରେ ଏହି ସଫଳତା ପାଇଛନ୍ତି। ସୁଦର୍ଶନ ଗାଙ୍ଗେଇ ଏସଡିପିଓ ଓ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ପ୍ରେସମିଟରେ ଉପସ୍ଥିତ ଥିଲେ।

## ରାଶିଫଳ


ଶନିବାର, ୧୦ ମଇ ୨୦୨୫



**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୈଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ, ଏହା ସମାପ୍ତ ହେବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ।



**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ ଚାକିରି ପାଇପାରିବେ। ରିସ୍କ ଏବଂ ଚାପ ନିଅ ନାହିଁ। ନିଜ ଜୀବନସାଥୀଙ୍କ ପ୍ରତି ଭଲ ହୁଅନ୍ତୁ।



**ମିଥୁନ:** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ। ଛାତ୍ରମାନଙ୍କର ଭଲ ଦିନ ଅଛି। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ।



**କର୍କଟ:** ଆଜି, ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ।



**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି। ସ୍ଥାନାନ୍ତର ବିଜ୍ଞପ୍ତି ମିଳିପାରିବ। ଆପଣଙ୍କର କାମ ଆଗକୁ ବଢିବ।




**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ। ବିନିଯୋଗ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଆପଣ କାମ ଭଲ କରିବେ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଯୁବକମାନେ ସଫଳତା ପାଇବେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରୀରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।



**ଧନୁ:** ଆଜି କୈଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ।




**ମକର:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ଆଜି ଅଟକି ରହିଥିବା କାମ ଶେଷ ହେବ। କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ।



**ମୀନ:** ଆଜି ଏକ ଭଲ ଦିନ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅ।



ଶ୍ରୀପତି ସ୍ୱାମୀ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ୨୦୨୫-୨୬ ବର୍ଷରେ ରେ ଗ୍ରାମାଞ୍ଚଳ ଲୋକଙ୍କ ମୌଳିକ ସମସ୍ୟା ସମାଧାନ ସହ ରାଜସ୍ୱ ଗ୍ରାମଗୁଡିକର ସର୍ବାଙ୍ଗୀନ ଉନ୍ନତି ପାଇଁ ଉମରକୋଟ ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ବୈଠକ ବ୍ଲକ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏ ଇ ସଂକେତ ନାୟକ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ଝରିଗାଁ ବିଧାୟକ ନରସିଂହ ଭତରା ଯୋଗଦେଇ ଥିବା ବେଳେ ଗୋଷ୍ଠି ଉର୍ନ୍ନୟନ ଆଦିକାରୀ ମନୋଜ କୁମାର ମେହେର, ସମ୍ମାନିତ ଅତିଥି ମଧରେ ପଞ୍ଚାୟତ ସମିତି ଅଧକ୍ଷଓ ସୁଶୀଲଓ ମାଝୀ,ସାଂସଦ ପ୍ରତିନିଧି ବାସନ୍ତୀ ମାଝୀ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ,ଉପାଧକ୍ଷ ସାମଲ ସରକାର, ଜିଲ୍ଲା ପରିଷଦ ବୈଠକରେ ଯୋଗ ଦେଇଥିଲେ। ଉମରକୋଟ ପଞ୍ଚାୟତ ସମିତି ଅଧୀନ ୨୬ ଗ୍ରାମ ପଞ୍ଚଓୟତ ଗୁଡିକର ଉନ୍ନତି ପାଇଁ ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟ ସରକାର ଏହି ଯୋଜନାରେ ୬ କୋଟି ରୁ ଉର୍ଦ୍ଧ ଟଙ୍କା ବ୍ୟୟ ବରାଦ ଅନୁମୋଦିତ କରିଥିବା ସୂଚନା ଦିଆଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ବିଜୁଳି, କମ୍ୟୁନିଟି ହଲ, ଷ୍ଟଲ, ପତିତ ପୋଖରୀ ଗୁଡିକର ପୁନଃ ଉଦ୍ଧାର ଆଦି କାର୍ଯ୍ୟକୁ ପ୍ରାଥମିକତା ଦେଇ ସମାଧାନ କରିବାକୁ ଆଲୋଚନା ହୋଇଥିଲା । ବୈଠକରେ ଅନ୍ୟମାନଙ୍କ ମଧରେ, ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ,ସମସ୍ତ ସରପଞ୍ଚ, ଜିଲ୍ଲା ପରିଷଦ, ସମିତି ସଭ୍ୟ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଦୁଇ ପାଉଁଶ ଗାଡ଼ି ଅଟକ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ପୋଲିସ ଗୁରୁବାର ବିଳମ୍ବିତ ରାତିରେ ପେଟ୍ରୋଲିଂ କରୁଥିବା ବେଳେ ଦୁଇଟି ପାଉଁଶ ବୋଝେଇ ହାଇୱା ଧରିଛି। ଉକ୍ତ ହାଇୱା ଗାଡ଼ି ଓଡି ୨୪ ଏଲ ୫୫୪୪ ଓ ଓଡି ୨୪ ଏଲ ୫୫୮୫ ଟିକିରି ସ୍ଥିତ ଆଦିତ୍ୟ ଆଲୁମିନା କମ୍ପାନୀରୁ ପାଉଁଶ ବୋଝେଇ କରି ସୁଂକି ଠାରେ ଚାଲିଥିବା ଭାରତ ମାଳା ରାସ୍ତା କାମକୁ ଯାଉଥିବାବେଳେ ଲକ୍ଷ୍ମୀପୁର ପୋଲିସ ହାତରେ ଧରା ପଡିଛି। ହାଇୱା ଗାଡ଼ି ଯାକ ଆବଶ୍ୟକ ଠାରୁ ଅଧିକ ପାଉଁଶ ଲୋଡ଼ କରିଥିବାରୁ ପୋଲିସ ଜବତ କରି ଏମବିଆଇକୁ ଖବର ଦେଇଥିବା କହିଛି। ପ୍ରକାଶ ଥାଉକି ଟିକିରି ସ୍ଥିତ ଆଲୁମିନା କମ୍ପାନୀରୁ ପାଉଁଶ ପରିବହନକୁ ନେଇ ରାସ୍ତା କଡରେ ବସବାସ କରି ଆସୁଥିବା ଗ୍ରାମବାସୀମାନେ ଅତିଷ୍ଠ ହୋଇ ପଡ଼ିଥିବା ଖବର ବାରମ୍ବାର ବିଭିନ୍ନ ଖବର କାଗଜରେ ଖବର ପ୍ରକାଶିତ ହେଉଥିଲା। ଯାହାକୁ ନେଇ ଲକ୍ଷ୍ମୀପୁର ପୋଲିସ ଆକ୍ସନ ମୁଡ଼କୁ ଆସି ଗାଡ଼ି ଗୁଡିକୁ ଜବତ କରିଥିବା ଜଣାପଡିଛି।

# ଆର୍‌ଏସ୍‌ପି ପକ୍ଷରୁ ନୂଆଗାଁରେ ମହିଳାଙ୍କ ସଶକ୍ତିକରଣ

ରାଉରକେଲା (ଭାସ୍କର ନ୍ୟୁଜ୍): ରାଉରକେଲା ଇସ୍ପାତ କାରଖାନା, ଏହାର ସିଏସ୍‌ଆର ପଦକ୍ଷେପ ମାଧ୍ୟମରେ ଗ୍ରାମୀଣ ମହିଳାଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ଦିଗରେ ନିରନ୍ତର ସକାରାତ୍ମକ ପ୍ରଭାବ ଜାରି ରଖିଛି । ରାଉରକେଲାର ପାର୍ଶ୍ୱାଞ୍ଚଳ ଗ୍ରାମ ନୂଆଗାଁରେ ଏକ ମହିଳା ଗୋଷ୍ଠୀ ଆରଏସ୍‌ପିର ସିଏସ୍‌ଆର ପଦକ୍ଷେପ ଅନ୍ତର୍ଗତ ଆୟୋଜିତ କନ୍ଥା ସିଲେଇ ଏବଂ କପଡ଼ା ଉପରେ ଚିତ୍ରକଳା କର୍ମଶାଳା ମାଧ୍ୟମରେ ଜୀବନର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଛୁଞ୍ଚି ଏବଂ ସୂତା ସାହାଯ୍ୟରେ, ସେମାନେ ଆର୍ଥିକ ସ୍ୱାଧୀନତା ଏବଂ ଆତ୍ମବିଶ୍ୱାସ ଦିଗରେ ଅଗ୍ରସର ହେଉଛନ୍ତି । ମହିଳା ସଶକ୍ତିକରଣ ଦିଗରେ ଏହି ବଳିଷ୍ଠ ପ୍ରୟାସ ପଛରେ ଆର୍‌ଏସ୍‌ପିର ସିଏସଆର ବିଭାଗ ରହିଛି ଯାହା ଗୋଷ୍ଠୀ ବିକାଶ ତଥା ମହିଳା ସଶକ୍ତିକରଣ ପାଇଁ ଏହାର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି। ପଶ୍ଚିମବଙ୍ଗର ଜଣେ ଉତ୍ସର୍ଗୀକୃତ ପ୍ରଶିକ୍ଷିକା ସୁଶ୍ରୀ ମୈତ୍ରେୟୀ ଧରଙ୍କ ମାର୍ଗଦର୍ଶନରେ, ଏହି ମହିଳାମାନେ ସୁନ୍ଦର ସୋହରାଇ ଚିତ୍ରକଳା ପଦ୍ଧତି ସମେତ ପ୍ରାୟ ୧୬ ପ୍ରକାରର ଜଟିଳ ସିଲେଇ ଏବଂ କପଡ଼ା ଉପରେ ବିଭିନ୍ନ ଚିତ୍ରକଳା ଜ୍ଞାନ କୌଶଳ ଶିଖୁଛନ୍ତି । ସିଲେଇ ମାଧ୍ୟମରେ ସେମାନଙ୍କ ଆଙ୍ଗୁଠିର ଯାଦୁକରୀ ସ୍ପର୍ଶରେ କପଡ଼ା ଉପରେ ଆଙ୍କୁଛନ୍ତି, ଅନେକ ଆଶା ଆକାଂକ୍ଷାର ଚିତ୍ର । ଏହି କର୍ମଶାଳାର ସଂଯୋଜକ ଉମେଶ କୁମାର, ଏହି ସୁଯୋଗକୁ ଆହୁରି ସହଜ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ଏବଂ ମହିଳାମାନଙ୍କୁ ଆବଶ୍ୟକ ସୁବିଧା ସହଯୋଗ ସୁନିଶ୍ଚିତ କରୁଛନ୍ତି। ସିଏସଆର ବିଭାଗର ଜିଏମ ଇନଚାର୍ଜ ସୁଶ୍ରୀ ମୁନମୁନ ମିତ୍ର ତଥା ଡେପୁଟି ମ୍ୟାନେଜର ସୁଶ୍ରୀ ରିଚା ସୁଧିରାମ ମଧ୍ୟ ଏହି ପ୍ରକ୍ରିୟା ବିଷୟରେ ମହିଳାମାନଙ୍କୁ ସୁପରାମର୍ଶ ଦେବା ସହିତ ଭବିଷ୍ୟତର ସମ୍ଭାବନାକୁ ବାସ୍ତବ ରୂପ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ନୂଆଗାଁର ଜଣେ ପ୍ରଶିକ୍ଷାର୍ଥୀ ସ୍ୱପ୍ନା କୁମାରୀ କୁହନ୍ତି ଯେ 'ମୁଁ ସନ୍ଧ୍ୟାରେ ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ଟ୍ୟୁସନ ପଢାଇବା ସହିତ ମୋ ନିଜ ପିଲାମାନେ ଶୋଇ ସାରିବା ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସିଲାଇ କରେ।'ଏନ୍‌ଏସ୍‌ଆଇସି-ପ୍ରଶିକ୍ଷିତା ବ୍ୟୁଟିସିଆନ୍ ସୁଶ୍ରୀ ଗ୍ରେସ ଟପ୍ପୋ କୁହନ୍ତି, 'ମୋର ନିଜସ୍ୱ ବ୍ୟୁଟିପାର୍ଲର ଅଛି ଏବଂ ବ୍ୟୁଟି ପାର୍ଲର ଚଳାଇବା ସହିତ ସିଲାଇ ଓ ପେଣ୍ଟିଂ କାମ କରିବା ମଧ୍ୟ ଏକ ଆହ୍ୱାନ, କିନ୍ତୁ ଜଣଙ୍କର ଏକାନ୍ତ ମନୋବଳ ରହିବା ଆବଶ୍ୟକ।' ମହିଳାମାନେ ସିଲାଇ ଏବଂ ପେଣ୍ଟିଂ କାମ କରିବା ସହକାରେ ସେମାନଙ୍କ ଆକର୍ଷଣୀୟ କଳାର ନିଦର୍ଶନ ସ୍ୱରୂପ ଚିତ୍ତାକର୍ଷକ ବେଡସିଟ୍, ଶାଢ଼ି, କୁର୍ତ୍ତି, ତକିଆ କଭର ଏବଂ ରୁମାଲ ଆଦି ତିଆରି କରୁଛନ୍ତି ଯାହା ସେମାନଙ୍କ ଜୀବନ କାହାଣୀରେ ପ୍ରତିଫଳିତ ହେଉଛି। କନ୍ଥା ସିଲେଇ କର୍ମଶାଳା ମହିଳା ମାନଙ୍କ ପାଇଁ ଆଶାର ଆଲୋକ ପାଲଟିଛି। ଯାହା ସେମାନଙ୍କୁ ନିଜ ଜୀବନର ଦାୟିତ୍ୱ ତୁଲାଇବା ସହିତ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ଦିଗ ରେ ସଶକ୍ତ କରୁଛି। ମହିଳାମାନଙ୍କର ଦକ୍ଷତା ବିକାଶ ଏବଂ ସଶକ୍ତିକରଣରେ ଏହା ହେଉଛି ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଯାହା ଅନ୍ୟ ମହିଳାମାନଙ୍କୁ ସେମାନଙ୍କ ପଦାଙ୍କ ଅନୁସରଣ କରିବାକୁ ପ୍ରେରଣା ଦେଇଥାଏ । ସେଲ୍ ଆରଏସପି ଏହିଭଳି ପ୍ରୟାସଗୁଡ଼ିକର ପୃଷ୍ଠପୋଷକତା ଓ ସହଯୋଗ ପାଇଁ ପ୍ରତିବଦ୍ଧ ଯାହା ସଂପ୍ରଦାୟ ମଧ୍ୟରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ ।



# ବିଶ୍ୱ ରେଡ଼କ୍ରସ ଦିବସ ପାଳିତ




ମାଲକାନଗିରି (ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରଶାସନ ଓ ରେଡ଼କ୍ରସ ସୋସାଇଟି ଏବଂ ମାଲକାନଗିରି ମହାବିଦ୍ୟାଳୟ ଯୁବ ରେଡ଼କ୍ରସ ମିଳିତ ଆନୁକୂଲ୍ୟରେ ବିଶ୍ୱ ରେଡ଼କ୍ରସ ଦିବସ ଅନୁଷ୍ଠିତ ହେଇଯାଇଛି । ଅଧକ୍ଷ ପ୍ରେମରେଖା ଭତ୍ରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ବେଦବର ପ୍ରଧାନ, ରେଡ଼କ୍ରସ ସୋସାଇଟି ଉପସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ଯୋଗଦାନ କରି ରେଡ଼କ୍ରସ ପତାକା ଉତ୍ତୋଳନ କରି ଉଦ୍ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ମାଲକାନଗିରି ମହାବିଦ୍ୟାଳୟ କମିଟି ତଥା ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଯୁବ ରେଡ଼କ୍ରସର ସ୍ୱେଚ୍ଛାସେବୀ ଏବଂ ଉପସ୍ଥିତ ଥିବା ବଦାନ୍ୟ ବ୍ୟକ୍ତିଙ୍କୁ ନିସ୍ୱାର୍ଥପର ସେବା କରି ସମାଜରେ ସୁପ୍ରତିଷ୍ଠିତ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ବରିଷ୍ଠ ପ୍ରଧାପକ ଅଶୋକ କୁମାର ଷଡ଼ଙ୍ଗୀ, ସାର୍ ଜିନ୍ ହେନେରୀ ଡୁନାଣ୍ଟଙ୍କ ଜନ୍ମଦିନର ଓ ତ୍ୟାଗର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଇଂରାଜୀ ବିଭାଗର ମୁଖ୍ୟ ଉମେଶ ଚନ୍ଦ୍ର ରାଉତ ଆଜିର ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଜାତୀୟ ସେବା ସଂସ୍ଥା ଅଧିକାରୀ ଗୌତମ ନାୟକ, ପୂର୍ବତନ ଅଧିକାରୀ ପ୍ରମୀୟ କୁମାର ମହାନ୍ତି, ଅଭିମନ୍ୟୁ ଦଳବେହେରା କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରତ୍ୟେକ ସହଯୋଗ କରିଥିଲେ । ସାର୍ ଜିନ୍ ହେନେରୀ ଡୁନାଣ୍ଟଙ୍କ ଫୋଟ ଚିତ୍ରରେ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲ। ଜି ଗୁପ୍ତେଶ୍ୱର ରାଓ, ପ୍ରମୋଦ ପରିଡା, ମନୋରଞ୍ଜନ ପରିଡା, ଦଶରଥ ସନ୍ଧ, ନରେନ୍ଦ୍ର ସୋଡି ରସାୟନ ବିଜ୍ଞାନ ଅଧାପକ ୭ଟି ମନ୍ତ୍ର ବିଷୟରେ ସ୍ୱେଚ୍ଛାସେବୀ ମାନଙ୍କୁ ବୁଝାଇଥିଲେ । ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, ଅଣଶିକ୍ଷକ କର୍ମଚାରୀ, ପୂର୍ବତନ ଛାତ୍ର ଯୋଗଦେଇ ଉତ୍ସାହିତ କରିଥିଲେ । ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ ।

## ବନ ବିଭାଗ ପକ୍ଷରୁ ସାମୂହିକ ବୃକ୍ଷରୋପଣ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ସହର ମହାନଦୀ ମଝିରେ ଥିବା ମର୍ଜାକୁଦ୍ ଠାରେ ବନ ବିଭାଗ ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ଅବସରରେ ସାମୂହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବୌଦ୍ଧ ବନ ଖଣ୍ଡ ଅଧିକାରୀ ଦେବ ପ୍ରିୟ କମ୍ପଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ସହକାରୀ ଜିଲ୍ଲାପାଳ ସୁଦାମ କୁମାର ସ୍ୱାଇଁ ଓ ଅନ୍ୟ ଅଧିକାରୀ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ କାର୍ଯ୍ୟକ୍ରମ ଆୟୋଜନରେ ବନ ବିଭାଗ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ମଦ ନଆଣିବାରୁ ସ୍ୱାମୀଙ୍କୁ ହାତୁଡ଼ିରେ ପିଟି ମାରିଦେଲା ସ୍ତ୍ରୀ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଗାରିଡି ପଞ୍ଚାୟତ ଅନ୍ତର୍ଗତ ଲୁଙ୍ଗୁ ଗାଁରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ମୋ ପାଇଁ ମଦ ଆଣିଛୁ ନା ନାହିଁ ବୋଲି କହି ସ୍ତ୍ରୀ ସ୍ୱାମୀକୁ ହାତୁଡ଼ିରେ ପିଟି ମାରିଦେଇଛି ।ଏହି ଘଟଣା ସମଗ୍ର ବନ୍ଧୁଗାଁ ବ୍ଲକରେ ଚାଞ୍ଚଲ୍ୟ ଖେଳାଇଦେଇଛି। ମୃତ ବ୍ୟକ୍ତିଙ୍କ ନାମ ରାଜିଗା ବିଡ଼ିକା ବୋଲି ଜଣା ପଡିଥିବାବେଳେ ହତ୍ୟାକାରୀ ସ୍ତ୍ରୀର ନାମ ସମ୍ବାରି ବିଡ଼ିକା ବୋଲି ଜଣାପଡିଛି। ଗତ କାଲି ତାଙ୍କ ଗାଁରେ ଏକ ବିବାହ ଭୋଜିର ଆୟୋଜନ ହୋଇଥିଲା। ସେଠାରେ ଭୋଜି ଖାଇ ରାଜିଗା ନିଜ ସ୍ତ୍ରୀ ସମ୍ବାରିର ଖାଇବା ପାଇଁ କିଛି ଖାଦ୍ୟ ନିଜ ଘରକୁ ନେଇ ଆସିଥିଲା। ପରେ ଘର ଭିତରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ମୋ ପାଇଁ ମଦ ଆଣିଛୁକି ନାହିଁ ବୋଲି ସମ୍ବାରି ନିଜ ସ୍ୱାମୀଙ୍କୁ କହିଥିଲେ। ଏହା ମଧ୍ୟରେ ଦୁହିଁଙ୍କ ମଧ୍ୟରେ ଠେଲାପେଲା ଆରମ୍ଭ ହୋଇ ଯାଇଥିବାବେଳେ ମହିଳା ତାଙ୍କ ସ୍ୱାମୀଙ୍କୁ ତଳେ ପକାଇ ଏକ ହାତୁଡ଼ିରେ ଅତର୍କିତ ଆକ୍ରମଣ କରିଥିଲା। ଫଳରେ ସେଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଆଇଆଇସି ପ୍ରସନ୍ନ କୁମାର ମିଶ୍ର ଓ ତାଙ୍କ ଟିମ୍ ସହ ଲକ୍ଷ୍ମୀପୁର ଏସଡ଼ିପିଓ ବିରଞ୍ଚି ନାରାୟଣ ଜଗତ ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ଆସିବା ପରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରା ଯାଇଥିଲା। ହତ୍ୟାକାରୀ ସ୍ତ୍ରୀ କୁ ପୋଲିସ ଗିରଫ କରି ଶୁକ୍ରବାର ଦିନ କୋର୍ଟଚାଲାଣ କରିଥିବା ସୂଚନା ମିଳିଛି ।ଏନେଇ ବନ୍ଧୁଗାଁ ଥାନାରେ ୫୧/୨୫ ରେ ଏକ ମାମଲା ରୁଜୁ କରାଯାଇଛି।



# ଦୁର୍ଘଟଣାରେ ଜଣେ ମୃତ

ଉମରକୋଟ(ଭାସ୍କର ନ୍ୟୁଜ୍): ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ମୃତ ଯୁବକ ଜଣକ ହେଲେ ଝରିଗାଁ ବ୍ଲକ ଭିକ୍ଷା ପଞ୍ଚାୟତର ଧନୀରାମ ଗୌଡ (୩୮)। ମିଳିଥିବା ସୂଚନା ଅନୁସାରେ ଧନୀରାମ ଓ ଜଗବନ୍ଧୁ ଗୌଡ ଦୁହେଁ ମିଶି ବାଇକ୍ ଯୋଗେ ଗତକାଲି ଉମରକୋଟ ବ୍ଲକ ବେହେଡା ଗ୍ରାମକୁ ବିବାହ କାର୍ଯ୍ୟରେ ଯୋଗ ଦେବାକୁ ଯାଇଥିଲେ। ରାତିରେ ଘରକୁ ଫେରୁଥିବା ସମୟରେ ସୁନାବେଡା ଛକ ନିକଟରେ ବିପରୀତ ଦିଗରୁ ଏକ ବାଇକ୍ ଦ୍ରୁତ ଗତିରେ ଆସି ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍ ଧକ୍କା ଦେବା ଫଳରେ ଧନୀରାମଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଧନୀରାମ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ।ଡାକ୍ତରଖାନାରେ ଡାକ୍ତର ଚିକିତ୍ସାଧୀନ ଅବସ୍ଥାରେ ଧନୀରାମଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଆଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତ ଭାର ଏସ୍‌ଆଇ ପ୍ରକାଶ ମିଶ୍ର ସମ୍ଭାଳିଛନ୍ତି।

## ବିଶ୍ୱ ରେଡକ୍ରସ ଦିବସ ପାଳିତ

ବୌଦ୍ଧ(ଭାସ୍କର ନ୍ୟୁଜ୍): ଗୁରୁବାର ସକାଳ ୮.୩୦ ମିନିଟ ସମୟରେ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ




ରେଡକ୍ରସ ଦିବସ ପାଳିତ ହୋଇ ଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଏପିଡି ଚାର୍ଲ୍ସ ନାଏକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ସଂଘମିତ୍ରା ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ, ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ କଲେଜର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ରକ୍ତଦାନ ଓ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରା ଯାଇଥିଲା ।

## ବେଆଇନ ୟୁକାଲ୍‌ପଟାସ ଚାଲାଣ ମାମଲା ||||||||||

# ଦୋଷ ସ୍ୱୀକାର କଲେ ଡିଏଫ୍‌ଓ

କୁଚିଣ୍ଡା(ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା, ବାମରା ବ୍ଲକ, କେଶାଇ ବାହାଲ ବଡ଼ ଜଙ୍ଗଲ କିସମ ସରକାରୀ ପ୍ଲାଣ୍ଟେସନରୁ ଜଙ୍ଗଲ ମାଫିଆ ୟୁକାଲି ପଟାସ ବେଆଇନ ଭାବେ କାଟିବା, ଗ୍ରାମର ଭିନ୍ନ ଆଦିବାସୀ ଜମିପଟା ଦର୍ଶାଇ ବାମରା ରେଞ୍ଜରଙ୍କ ଠାରୁ ଟିଟି ପର୍ମିଟରେ ଗଛ ଚାଲାଣ ସହ ଟ୍ରକକୁ ଛାଡିଦେବା ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା ।ବାମରା ବନ୍ୟପ୍ରାଣୀ ଡିଏଫ୍‌ଓଙ୍କ ଠାରେ ଅଭିଯୋଗ ଗ୍ରାମବାସୀ କରିବା ପରେ, ବାମରା ବନ୍ୟପ୍ରାଣୀ ରେଞ୍ଜର ,ଫରେଷ୍ଟର ଓ ଗାର୍ଡ ଟ୍ରକ୍‌ଟିକୁ ଜବତ କରିଥିଲେ। ରାତାରାତି ରେଞ୍ଜର ସଂପୃକ୍ତ ଟ୍ରକ୍ ୦୪ଏମ୍‌ଏଏସ୍ ୮୧୯୩ ଟ୍ରକ୍ ଟିକୁ ଛାଡିଦେଇଥିଲେ ଓ ୬୦ ହଜାର ଫାଇନ୍ କରି ଛାଡ଼ିଥିବା କହିଥିଲେ। ଜବତ ଟ୍ରକ୍‌କୁ ରେଞ୍ଜର ଛାଡିବା ଏବଂ ଫାଇନ କାଟିବା କ୍ଷମତା ଉର୍ଦ୍ଧ୍ୱରେ ଏପରି କାର୍ଯ୍ୟକରିବା ଜାଣି ଗ୍ରାମବାସୀ ବନ୍ୟପ୍ରାଣୀ , ଭୁବନେଶର, କଞ୍ଜରଭେଟର, ଜିଲ୍ଲାପାଳ ସମ୍ବଲପୁର, ଡିଫ୍‌ଓ ,ତହସିଲଦାର ବାମରା, ଏବଂ ଉପଜିଲ୍ଲାପାଳ କୁଚିଣ୍ଡା ଙ୍କୁ ତଦନ୍ତ ଓ ବିଧି କାର୍ଯ୍ୟ ପାଇଁ ନିବେଦନ କରିଥିଲେ। ଏହି ଅଭିଯୋଗକ୍ରମେ ଗତ ମାର୍ଚ୍ଚ ମାସରେ ମିସିଏଫ୍ କାର୍ଯ୍ୟାଳୟର ପ୍ରମୁଖ ଅଧିକାରୀ,ସମ୍ବଲପୁର କଂଜରଭେଟର କାର୍ଯ୍ୟାଳୟ ଅଧିକାରୀ କେଶାଇବାହାଳ ଆସି ତଦନ୍ତ କରି ଫେରିଥିଲେ ।ଗ୍ରାମବାସୀ ଉକ୍ତ ତଦନ୍ତରେ ସହଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପ୍ରାୟ ୨ ମାସ ପରେ, ପୁଣି ବାମରା ବନ୍ୟପ୍ରାଣୀ ଡିଫଓ,ସମିର କୁମାର ସାହୁ, ଉପଜିଲ୍ଲାପାଳ ଗୌରବମୟ ପ୍ରଧାନ ତହସିଲଦାର ଦିଲ୍ଲିପ କୁମାର ପ୍ରଧାନ, ସମ୍ବଲପୁର ଜିଲ୍ଲାପରିଷଦ ସଭାପତି କୁମୁଦିନୀ ନାୟକ,ଏସିଏଫ, ରେସମି ଲାକରାଙ୍କ ଉପସ୍ଥିତରେ ମଙ୍ଗଳବାର ମିଳିତ ତଦନ୍ତ ହୋଇଛି। ଗ୍ରାମବାସୀ ଉତ୍ତେଜିତ ହୋଇ ଡିଏଫଓଙ୍କୁ ତଦନ୍ତ ସଭାରେ ଭର୍ତ୍ସନା କରିଥିଲେ। ଶେଷରେ ଡିଏଫ୍ ଓ ଶ୍ରୀସାହୁ ଦୋଷ ସ୍ୱୀକାର କରିଥିଲେ। ନିଶ୍ଚିନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ କ୍ଷାନ୍ତ ହୋଇଥିବା ଏହି ସୂତ୍ରରୁ ଜଣାପଡିଛି। ଉଲ୍ଲେଖଯୋଗ୍ୟ ଯେ,କେଶାଇ ବାହାଳମୌଜା ଖାତାନଂ ୧୪୬/୨୦୧୬ପ୍ଲଟ ନଂ ୧୭୪୭ ସରକାରୀ ବଡ଼ ଜଙ୍ଗଲ ଅଟେ। ତତ୍କାଳୀନ ସୋସିଆଲ ଫରେଷ୍ଟ ଏଠାରେ ୟୁକାଲିପଟାସ ସରକାରୀ ଅନୁଦାନ ଅର୍ଥରେ ପ୍ଲାଣ୍ଟେସନ ହୋଇଥିଲା। ସେହି ୟୁକାଲିପଟାସ ସହ, ଅନ୍ୟାନ୍ୟ ଗଛସେହି ଗ୍ରାମର ଜଙ୍ଗଲମାଫିଆ ଗଛଗୁଡିକ କାଟି ଗୋଟିଏ ଟ୍ରକ୍ ଚାଲାଣ ପରେ ଆଉଥରେ ଲୋର୍ଡ କରିବା ସମୟରେ ଗ୍ରାମବାସୀ ଡିଏଫ୍ ଓଙ୍କୁ ଫୋନ କରି ଜଣାଇଥିଲେ ଏବଂ ଟ୍ରକ୍ ଜବତ ପରେ, ରେଞ୍ଜର ଛାଡି ଦେଇଥିଲେ। ତାପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲେ । ସୂଚନାଯୋଗ୍ୟଯେ, ସେଇ ଗ୍ରାମର ବସନ୍ତ କୁମାର ନାଏକଙ୍କ ଖାତାନଂ ୧୨୧୮ମାଳ ସାଧାରଣ ରେକର୍ଡରେ ଏହି ଅନୁମତି ନିଆଯାଇଥିବା ଦର୍ଶାଯାଇଛି। ଜମିମାଲିକ ମୁଁ ଏ ବିଷୟରେ ଜାଣିନାହିଁ ଜାଲି କରି ଏହା କରାଯାଇଥିବା ଅଭିଯୋଗ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଜଙ୍ଗଲରୁ ମୋଟ ୧୬୭ଟି ଗଛ କଟାଯାଇଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେତେବେଳେ 'ଦୈନିକ ଭାସ୍କର'ରେ ଏହି ଖବର ପ୍ରକାଶ ପରେ ତନାଘନା ହୋଇଥିଲା।

## ଏକାଦଶ ରାଜ୍ୟସ୍ତରୀୟ ପାରଳା ନାଟକ ମହୋତ୍ସବ ଉଦ୍‌ଯାପିତ

# ଶେଷ ରଜନୀରେ ନାଟକ 'କଳାମଲ୍ଲୀ' ମଞ୍ଚସ୍ଥ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ନଗର ଭବନ ଠାରେ ଅଗ୍ରଣୀ ନାଟ୍ୟ ସଂଗଠନ କ୍ରିଏଟିଭ ଆର୍ଟସ ଦ୍ୱାରା ଆୟୋଜିତ ଏକାଦଶ ରାଜ୍ୟସ୍ତରୀୟ ପାରଳା ନାଟକ ମହୋତ୍ସବ ଉଦଯାପିତ ହୋଇଯାଇଛି। ଶେଷ ସଂଧ୍ୟାରେ ଦାମନଯୋଡି ର ପଞ୍ଚପଟ୍ଟମାଳି ନାଟ୍ୟ ଅନୁଷ୍ଠାନ ଦ୍ୱାରା ନାଟକ 'କଳାମଲ୍ଲୀ' ମଞ୍ଚସ୍ଥ ହୋଇଥିଲା। ଜିଲ୍ଲା ସଂସ୍କୃତି ପରିଷଦ ର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି ଉତ୍ସବର ଉଦଯାପନୀ ସନ୍ଧ୍ୟାରେ ରେ ମୁଖ୍ୟ ଅତିଥି ଭାବେ ପାରଳା ବିଧାୟକ ରୁପେଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ ଓ ସେଞ୍ଚୁରିଆନ୍ ବିଶ୍ୱ ବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ଦୁର୍ଗା ପ୍ରାସାଦ ପାଢ଼ୀ ତଥା କ୍ରିଏଟିଭ ଆର୍ଟସ୍ ର ସଭାପତି ନୃସିଂହ ଚରଣ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଦୀର୍ଘ ବର୍ଷ ଧରି ପାରଳା ମାଟିରେ ନାଟକ ଉତ୍ସବ ଆୟୋଜନ କରି ମାଟି ପାଇଁ ସୁନାମ ଅର୍ଜନ ସହ ନାଟ୍ୟକଳାକୁ ବଞ୍ଚାଇ ରଖିଥିବା ପାଇଁ ଆୟୋଜକଙ୍କୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକ ଉଦଘାଟନୀ ସଭାକୁ ସଭାପତିତ୍ୱ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଆଦର୍ଶ



ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସଂପାଦକ ମନୋଜ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଦାମନଯୋଡି ର ପଞ୍ଚପଟ୍ଟମାଳି ନାଟ୍ୟ ଅନୁଷ୍ଠାନର କଳାକାର ମାନେ ନାଟକ 'କଳାମଲ୍ଲୀ' ପରିବେଷଣ କରିଥିଲେ। ଜଗନ୍ନାଥ ସଂସ୍କୃତି ଓ କଥାବସ୍ତୁ ତଥା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ଐଶରୀୟ ସମ୍ପର୍କ କୁ ନେଇ ନାଟ୍ୟକାର ସୁଶାନ୍ତ ଦାସ ଙ୍କ ଦ୍ୱାରା ରଚିତ ଏହି ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ଶେଷଦେବ ଶତପଥୀ। କଳାକାରଙ୍କ ନିପୁଣ ଅଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଂଚ ସମ୍ମୁଖରେ ବାନ୍ଧି ରଖିଥିଲା। ତିନି ଦିନ ଧରି ଚାଲିଥିବା ଏହି ନାଟକ ମହୋତ୍ସବକୁ ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଆସନ୍ତା ରଥ ଯାତ୍ରା ପାଳନ ଉପଲକ୍ଷେ ପ୍ରାକ୍-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଦାଶରଥି ଗମାଙ୍ଗ, ବିଧାୟକ ମୋହନା, ଅନୁପ ପଣ୍ଡା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି, ଶ୍ରୀ ମାଧବ ନନ୍ଦ ନାୟକ, ଉପଖଣ୍ଡ ପୋଲିସ ଅଧିକାରୀ ପାରଳା ଖେମୁଣ୍ଡି, ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ଓ ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଆଜିର ଏହି ପ୍ରସ୍ତୁତି ବୈଠକରେ ପ୍ରଥମେ ଉପ-ଜିଲ୍ଲାପାଳ ଅନୁପ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ପୂର୍ବ ବର୍ଷର ଆଦାୟ ଓ ଖର୍ଚ୍ଚ ବିଷୟରେ ବିବରଣୀ ପାଠ କରି କହିଥିଲେ। ଗତ ଥର ସମସ୍ତଙ୍କ ସହଯୋଗରେ ଅତ୍ୟନ୍ତ ସଫଳତାର ସହ ରଥଯାତ୍ରା ଏବଂ ଯାତ୍ରା ସହ ସମ୍ପୃକ୍ତ ଥିବା ସମସ୍ତ କମିଟି ମେମ୍ବର ମାନଙ୍କୁ ସାଧୁବାଦ ଜଣାଇଥିଲେ । ପରେ ପରେ ରଥ ନିର୍ମାଣ ଓ ମରାମତି ସମ୍ପର୍କରେ ସବିଶେଷ ଭାବେ ଆଲୋଚନା ହୋଇଥିଲା । ଏଥିନିମନ୍ତେ କେଉଁ ଠାରୁ କାଠ ଆସିବ ଏବଂ କେତେ ପରିମାଣର ନୂତନ କାଠ ଆବଶ୍ୟକ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଅସ୍ଥାୟୀ ଦୋକାନ ବ୍ୟବସ୍ଥା ଓ ମୀନା ବଜାର ପାଇଁ ନିରୂପଣ ଏବଂ ନିଲାମ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଯାତ୍ରାର ମୁଖ୍ୟ ବିଷୟ ବସ୍ତୁ ସୁଖିଲା ଭୋଗ ଓ ଅନ୍ନଭୋଗ ବିଷୟରେ ଆଲୋଚନା ହୋଇଥିଲା । ଗତ ବର୍ଷ ଅନ୍ନ ଭୋଗ ୩୦ ଟଙ୍କା ଥିଲା ବେଳେ ଚଳିତ ବର୍ଷ ଅନ୍ନ ପ୍ରସାଦ ୫୦ ଟଙ୍କା ରେ ଧାର୍ଯ୍ୟ କରାଯାଇଛି । ଏହାର ଦାୟିତ୍ୱ ଓ ଏଥିନିମନ୍ତେ କେତେ ପରିମାଣର ଖର୍ଚ୍ଚ ହେବ ସେ ବିଷୟରେ କମିଟି ସଦସ୍ୟ ଓ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଆଲୋଚନା ହୋଇ ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରସ୍ତୁତ ହୋଇଥିଲା। ରଥଯାତ୍ରାରେ ଜନସମାଗମକୁ ଦୃଷ୍ଟିରେ ରଖି ସହରର ପରିମଳ ବ୍ୟବସ୍ଥା ଓ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଆମ୍ବୁଲାନ୍ସ ଓ ଅଗ୍ନିଶମ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା ହେବା ସହ ଉକ୍ତ ବିଭାଗକୁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରା ଯାଇଥିଲା। ସେହିପରି ବିଦ୍ୟୁତ ବ୍ୟବସ୍ଥା ରାସ୍ତାଘାଟ ମରାମତି ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ଯାତ୍ରା ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ଓ ଶାନ୍ତି ଶୃଙ୍ଖଳା ରଖିବା ପାଇଁ ପୋଲିସ ପକ୍ଷରୁ କିପରି ସୁରକ୍ଷା ବ୍ୟବସ୍ଥା କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ସମେତ ସହରର ବହୁ ବୁଦ୍ଧିଜିବୀ, ଗଣମାଧମ ପ୍ରତିନିଧି, ସହରର ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ଦେବା ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ।

# କାଳୀପୂଜା ମଣ୍ଡପ ବିବାଦ ନେଇ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଗୁଣୁପୁର ( ଭାସ୍କର ନ୍ୟୁଜ୍): ସ୍ଥାନୀୟ ଗୁଣପୁର କାଳୀ ପୂଜା ମଣ୍ଡପକୁ ବ୍ୟବସାୟିକ କେନ୍ଦ୍ର କରିଥିବା ଘଟଣାକୁ ନେଇ ସାଧାରଣରେ ପ୍ରବଳ ବିରୋଧ ହେଉଛି। ଏହାକୁ ନେଇ ଗୁଣପୁର ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇ ଆବଶ୍ୟକ ପଦକ୍ଷେପ ପାଇଁ ଦାବି କରାଯାଇଛି । ଗୁଣପୁର କାଳୀ ପୂଜା ମଣ୍ଡପକୁ ବ୍ୟବସାୟ କେନ୍ଦ୍ର କରିବା କାହା ସ୍ୱାର୍ଥରେ ବୋଲି ସାମାଜିକ ଗଣମାଧ୍ୟମରେ ସ୍ଥାନୀୟ ଜନୈକ ଯୁବ ସାମ୍ବାଦିକ ଲେଖିଥିବା ବିଷୟକୁ ସାଧାରଣରେ ଅନେକ ସମର୍ଥନ ମିଳୁଛି ।ଗୁଣପୁର ସହରର ମଧ୍ୟଭାଗରେ କାଳୀପୂଜା ଦୀର୍ଘ ବର୍ଷ ହେବ ଶୃଙ୍ଖଳାର ସହିତ ଚାଲୁଥିଲା। ଭକ୍ତମାନେ ମଧ୍ୟ ଶ୍ରଦ୍ଧାରେ ଦାନ ଦେଉଥିଲେ। କେବେବି କାଳୀ ପୂଜା ନିମନ୍ତେ ଅର୍ଥ ଅଭାବ ହୋଇନାହିଁ । ଏହି କାଳୀପୂଜା ନିମନ୍ତେ ସରକାରୀ ଜାଗାରେ ସରକାରୀ ଅର୍ଥ ରେ ସୁନ୍ଦର ମଣ୍ଡପ ଯାବତୀୟ ବ୍ୟବସ୍ଥା ସହିତ ହୋଇ ପାରିଛି ।ବର୍ତ୍ତମାନ କିନ୍ତୁ ଏହି ସରକାରୀ ଜାଗାରେ ହୋଇଥିବା ମଣ୍ଡପ ନିକଟରେ କିଛି ବ୍ୟବସାୟ କେନ୍ଦ୍ର ନିର୍ମାଣ କରାଯାଉଛି ଏହା କାହା ସ୍ୱାର୍ଥରେ ବୋଲି ସାଧରଣରେ ପ୍ରଶ୍ନ ଉଠିଛି। ଏହି ବ୍ୟବସାୟ କେନ୍ଦ୍ର କରିବା ଦ୍ୱାରା ମଣ୍ଡପ ସ୍ଥାନ ସଂକୁଚିତ ହେବା ସହ ପରବର୍ତ୍ତୀ ମୁହୂର୍ତ୍ତରେ ଏହାକୁ ନେଇ ଜାଗା / ଘର / ବ୍ୟବସାୟ ଭଳି ବିବାଦ ସୃଷ୍ଟି ହେବ । ଏଥି ପାଇଁ କିଏ ଉତ୍ତରଦାୟୀ ରହିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି । କାଳୀପୂଜା କମିଟିର ସଦସ୍ୟଙ୍କୁ ଏ ସମ୍ପର୍କିତ ବିଷୟରେ କିଛି ଜଣାନଥିବା ସଦସ୍ୟମାନେ ମତ ପୋଷଣ କରିଛନ୍ତି । ୨/୩ ଜଣ ସଦସ୍ୟଙ୍କ ସ୍ୱାର୍ଥ ହାସଲ ନିମନ୍ତେ ଏଭଳି ସହରର ସୁନ୍ଦର କାଳୀ ପୂଜାକୁ ଏବଂ ଏହି ମଣ୍ଡପକୁ କଦର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏହିଭଳି ପରିସ୍ଥିତିରେ ସରକାରୀ ଜାଗା ସରକାରୀ ଅର୍ଥରେ ହୋଇଥିବା ଏହି କାଳୀପୂଜା ମଣ୍ଡପ ବିବାଦ ବଢିବା ପୂର୍ବରୁ ପ୍ରଶାସନ ହସ୍ତକ୍ଷେପ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବୀ କରାଯାଇଛି । ଅନ୍ୟପକ୍ଷରେ କୌଣସି ଦେବୀ ପୂଜା ମଣ୍ଡପରେ ପରିସର ପ୍ରାଚୀର ରଖିବା ନିୟମ ନଥିବା ବେଳେ କିଛି ମଦ୍ୟପମାନଙ୍କ ସୁବିଧା ନିମନ୍ତେ ଏହି କାଳୀ ପୂଜା ମଣ୍ଡପରେ ଏଭଳି ପ୍ରାଚୀର କରାଯାଇଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଏହି ମଣ୍ଡପରେ ନିର୍ମାଣ ହେଉଥିବା ବ୍ୟବସାୟ କେନ୍ଦ୍ର ଡ୍ରେନ ଉପରେ ହେଉଥିବା ଯୋଗୁଁ ସ୍ଥାନୀୟ ଲୋକ ମଧ୍ୟ ଏହାକୁ ବିରୋଧ କରିଛନ୍ତି। ଏହି କାଳୀପୂଜା ମଣ୍ଡପକୁ ଦେବୋତ୍ତର ବିଭାଗ ଅଧୀନକୁ ନେବା କୁ ବିଭିନ୍ନ ସଂଗଠନ ଦାବୀ କରିଛନ୍ତି । ବିଭିନ୍ନ ସଂଗଠନ ଓ ବ୍ୟକ୍ତି ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। କାଳୀପୂଜା ସମ୍ପାଦକ ଗଜା ପାଳ ତାଙ୍କ ଅଜ୍ଞାତ ରେ ହେଉଥିବା ଯୋଗୁଁ ବିରକ୍ତି ଭାବ ପ୍ରକାଶ କରିଛନ୍ତି । ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚର ସମ୍ପାଦକ ସୂର୍ଯ୍ୟ ପ୍ରକାଶ ପଟ୍ଟନାୟକ ଅଭିଯୋଗ କରି ଏହାର୍ ତୁରନ୍ତ ସମାଧାନ ଦାବି କରିଛନ୍ତି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଶେଷ ସାୟୀ ସେନାପତି ଏହାର୍ ସରକାରୀ ହସ୍ତକ୍ଷେପ ନିମନ୍ତେ ଦାବି କରିଛନ୍ତି । ଗୁଣପୁର ଯୁବ ଉନ୍ନୟନ ସଂଗଠନ ଏହି ସ୍ଥାନକୁ ଦେବୋତ୍ତର ଅଧୀନକୁ ନେଇ ସ୍ଥାୟୀ ସମାଧାନ କରିବା ସହ ଦେବୋତ୍ତର ର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ପ୍ରସ୍ତାବ ରଖିଛନ୍ତି । ଯୁବ ବିକାଶ ପରିଷଦ ଏହାର୍ ତୁରନ୍ତ କାର୍ଯ୍ୟନୁଷ୍ଠାନ ନିମନ୍ତେ ଦାବି କରୁଛନ୍ତି ।



ପୁରୀ (ଭାସ୍କର ନ୍ୟୁଜ) : ଭାରତ ପାକିସ୍ତାନ ଯୁଦ୍ଧକୁ ନେଇ ପୁରୀରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ପୁରୀ ସହରର ବିଭିନ୍ନ ସ୍ଥାନରେ ସୁରକ୍ଷା ବଢ଼ାଇ ଦିଆଯାଇଥିବା ବେଳେ ଶ୍ରୀମନ୍ଦିର ନିକଟରେ ଶଶସ୍ତ୍ର ପୋଲିସ ବାହିନୀ ଶ୍ରୀମନ୍ଦିର ନିକଟରେ ସୁରକ୍ଷା ଦେଉଛନ୍ତି। ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱରେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ନିୟୋଜିତ ହେବା ସହ ପୁରୀ ପୋଲିସ ପକ୍ଷରୁ ଗତକାଲି ରାତିରେ ବିଭିନ୍ନ ସ୍ଥାନ ରେ ନାକା ଲଗାଯାଇ ଜୋରଦାର ଚେକିଂ ବ୍ଲକିଙ୍ଗ କରାଯାଇଥିଲା। ଆତଙ୍କି ଆକ୍ରମଣ କୁ ପ୍ରତିହତ କରିବା ଲାଗି ପୁରୀ ପୋଲିସ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ପୁରୀରେ ଥିବା ବିଭିନ୍ନ ହୋଟେଲ ଗୁଡିକୁ ମଧ୍ଯ ଚେକିଂ କରାଯାଇଛି। ସେହିପରି ଶ୍ରୀମନ୍ଦିର ସୁରକ୍ଷା ସହ ଭକ୍ତଙ୍କ ସୁରକ୍ଷା ଲାଗି ମୁତୟନ ଅଛନ୍ତି ସ୍ୱତନ୍ତ୍ର ସୁରକ୍ଷା ବାହିନୀ। ପୁରୀରେ ହାଇଆଲର୍ଟ ଶ୍ରୀମନ୍ଦିରରକୁ ଯିବା ପାଇଁ କଡା ଚେକିଂ ପୁରୀର ଅନେକ ସ୍ଥାନରେ କଡାକଡି ଚେକିଂ କରାଯାଉଛି। ମୁଖ୍ୟ ପ୍ରବେଶ ପଥଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚେକିଂ କରାଯାଉଛି। ସାମ୍ପ୍ରତିକ ପରିସ୍ଥିତିକୁ ନଜରରେ ରଖି ସୁରକ୍ଷା କଡାକଡି କରାଯାଇଛି। ହୋଟେଲ ଓ ଲଜରେ ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିରୁ ରାତି ସାରା ଚେକିଂ, ବ୍ଲକିଂ ହେଉଛି। ପୁରୀ ପୋଲିସର ଏକାଧିକ ଟିମ୍ ବିଭିନ୍ନ ସ୍ଥାନରେ ଯାଞ୍ଚ କରୁଛନ୍ତି। ସହରର ସବୁ ପ୍ରବେଶ ପଥରେ ନାକା ଚେକିଂ ଜୋରଦାର କରାଯାଇଛି।



# ୭ ଆତଙ୍କବାଦୀ ନିପାତ

ନୂଆଦିଲ୍ଲୀ : ଭାରତ-ପାକ୍ ଉତ୍ତେଜନା ମଧ୍ୟରେ ଭାରତୀୟ ସେନା ପାକିସ୍ତାନର ପ୍ରତ୍ୟେକ ଆକ୍ରମଣର କଡ଼ା ଜବାବ ଦେଉଛି। ଭାରତୀୟ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ପାକିସ୍ତାନ ଦ୍ୱାରା କରାଯାଇଥିବା ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣକୁ ଆକାଶରେ ଧ୍ୱଂସ କରାଯାଇଥିଲା। ଏହି ସମୟରେ, ଜମ୍ମୁର ସାମ୍ବା ଜିଲ୍ଲାରେ, ବିଏସଏଫ ଅନ୍ତର୍ଜାତୀୟ ସୀମାରେ ଏକ ବଡ଼ ଅନୁପ୍ରବେଶ ପ୍ରୟାସକୁ ପଣ୍ଡ କରିଦେଇଛି । ସୀମା ସୁରକ୍ଷା ବଳ (ବିଏସଏଫ) ଅନ୍ତର୍ଜାତୀୟ ସୀମାରୁ ସାମ୍ବା ସେକ୍ଟରକୁ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଥିଲା ଏବଂ ସାତ ଜଣ ଆତଙ୍କବାଦୀଙ୍କୁ ନିପାତ କରିଛି । କୁହାଯାଉଛି ଯେ ୧୦-୧୨ ଜଣ ଆତଙ୍କବାଦୀ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ। ତେବେ ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ ୭ ଆତଙ୍କବାଦୀ ଟଳିପଡିଥିବାବେଳେ ବାକି ଆତଙ୍କବାଦୀମାନେ ପାକିସ୍ତାନ ଆଡକୁ ଫେରି ପଳାଇଥିଲେ। ସାମ୍ବା ସେକ୍ଟରରେ ପାକିସ୍ତାନ ଦ୍ୱାରା ହୋଇଥିବା ପ୍ରବଳ ଗୁଳିମାଡ଼ର ବିଏସଏଫ କଡା ଜବାବ ମଧ୍ୟ ଦେଇଛି । ବିଏସଏଫ ମଧ୍ୟ ଅନ୍ତର୍ଜାତୀୟ ସୀମା ସଂଲଗ୍ନ ଶକରଗଡ଼ ଏବଂ ସିଆଲକୋଟ ଅଞ୍ଚଳକୁ ଟାର୍ଗେଟ କରି ଗୁଳି ବର୍ଷା କରିଛି । ଏହି ଦୁଇଟି ଅଞ୍ଚଳକୁ ଭାରତୀୟ ବାୟୁସେନା ଦ୍ୱାରା ଅପରେସନ ସିନ୍ଦୂରରେ ମଧ୍ୟ ଟାର୍ଗେଟ କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତ୍ତିରେ ପାକିସ୍ତାନୀ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ନଷ୍ଟ ହୋଇଥିବା ନିଶ୍ଚିତ କରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଲେଖିଛି ଯେ ଜମ୍ମୁ, ପଠାନକୋଟ ଏବଂ ଉଧମପୁରରେ ସାମରିକ ଷ୍ଟେସନଗୁଡ଼ିକୁ ପାକିସ୍ତାନୀ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ଦ୍ୱାରା ଟାର୍ଗେଟ କରାଯାଇଥିଲା ଓ ଭାରତର ଏହାର ମୁହଁତୋଡ ଜବାବ ଦେଇଛି ।

## ୩ ପୂର୍ବତନ ସେନାଧ୍ୟକ୍ଷଙ୍କୁ ଭେଟିଲେ ମୋଦୀ

ନୂଆଦିଲ୍ଲୀ : ଶୁକ୍ରବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩ ପୂର୍ବତନ ସେନାଧ୍ୟକ୍ଷଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ସିଡିଏସ୍ ଜେନେରାଲ ଅନୀଲ ଚୌହାନ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ଉପସ୍ଥିତ ଥିଲେ। ଗୁରୁବାର ପାକିସ୍ତାନ ପକ୍ଷରୁ ଜାମ୍ମୁ, ରାଜସ୍ଥାନ ଏବଂ ପଞ୍ଜାବ ସମେତ ଭାରତର ଅନେକ ଅଞ୍ଚଳକୁ ଡ୍ରୋନ ଓ କ୍ଷେପଣାସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଭାରତର ପ୍ରତିରକ୍ଷାବାହିନୀ ଦ୍ୱାରା ଏହାକୁ ପ୍ରତିହତ କରାଯାଇଛି। ଯାହାଫଳରେ ଏଯାବତ କୌଣସି କ୍ଷୟକ୍ଷତି ହୋଇନାହିଁ । ତେବେ ଆଗାମୀ ଦିନରେ ରଣନୀତି କ'ଣ ହେବ ସେ ନେଇ ପୂର୍ବ ସେନାଧ୍ୟକ୍ଷଙ୍କ ସହ ଏହି ସାକ୍ଷାତ ଆଲୋଚନା ହୋଇଥିବା ଆକଳନ କରାଯାଉଛି। ତେବେ ଆଲୋଚନା ସଂପର୍କରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୌଣସି ସଠିକ ସୂଚନା ଦିଆଯାଇନାହିଁ ।

## ଭାରତର ୨୪ ସହରକୁ ଟାର୍ଗେଟ କରିଥିଲା ପାକିସ୍ତାନ

ନୂଆଦିଲ୍ଲୀ: ପାକିସ୍ତାନ ଭାରତର ପ୍ରମୁଖ ୨୪ଟି ସହରକୁ ଟାର୍ଗେଟ କରି ହମଲା କରିବାକୁ ଉଦ୍ୟମ କରିଥିଲା। ଗୁରୁବାର ରାତିରେ ପାକିସ୍ତାନ ପକ୍ଷରୁ ଜାମ୍ମୁକାଶ୍ମୀର, ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟର ୨୪ ସହରକୁ ଟାର୍ଗେଟ କରି ପାକିସ୍ତାନ ଡ୍ରେନ୍ ହମଲା କରିବାକୁ ଉଦ୍ୟମ କରିଥିଲା। ଯାହାର କଡ଼ା ଜବାବ ଦିଆଯାଇ ସମସ୍ତ ଡ୍ରୋନକୁ ପ୍ରତିହତ କରିବାରେ ସଫଳ ହୋଇଛି ଭାରତ। ଆକାଶପଥରେ ଏହିସବୁ ଡ୍ରୋନଗୁଡ଼ିକୁ ଧ୍ୱଂସ କରିଥିବା ଜଣାପଡ଼ିଛି। ଗତ ଗୁରୁବାର ରାତିରେ ପାକିସ୍ତାନ ଲଗାତାର ଭାବେ ଡ୍ରୋନ ଆକ୍ରମଣ କରିଥିଲା। ଯାହାର ଜବାବରେ ଏସ-୪୦୦ ସୁଦର୍ଶନଚକ୍ର ଏବଂ ଅନ୍ୟାନ୍ୟ ଆଣ୍ଟି ମିସାଇଲ ସିଷ୍ଟମ ଏହି ଡ୍ରୋନଗୁଡ଼ିକୁ ଆକାଶପଥରେ ଧ୍ୱଂସ କରିଥିବା ସୂଚନା ମିଳିଛି।

## ଭାରତ-ପାକିସ୍ତାନ ଯୁଦ୍ଧରେ ମୁଣ୍ଡ ପୂରାଇବୁ ନାହିଁ: ଆମେରିକା

ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ଲାଗି ରହିଥିବାବେଳେ ଏହା ଚରମସୀମାରେ ପହଞ୍ଚିଲାଣି। ଏ ସଂପର୍କରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ ଆମେ ଯୁଦ୍ଧରେ ମୁଣ୍ଡ ପୂରାଇବୁ ନାହିଁ । ଏଥିରେ ଆମର କୌଣସି ସଂପର୍କ ମଧ୍ୟ ନାହିଁ । ଏହା ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଛି। ଭାନ୍ସ ଆହୁରି ମଧ୍ୟ କହିଛନ୍ତି ଯେ କୌଣସି ପରମାଣୁ ଯୁଦ୍ଧ ହେବ ନାହିଁ ବୋଲି ଆମେ ଆଶା କରୁଛୁ।

## ଆଇଏମ୍ଏଫ୍ ବୈଠକ ଭୋଟରୁ ନିବୃତ୍ତ ରହିଲା ଭାରତ

ନୂଆଦିଲ୍ଲୀ: ବୈଦେଶିକ ମୁଦ୍ରାପାଣ୍ଠି (ଆଇଏମଏଫ) ବୈଠକରେ ପାକିସ୍ତାନକୁ ଋଣ ଦେବା ପ୍ରସଙ୍ଗରେ ଭୋଟରୁ ଭାରତ ନିବୃତ୍ତ ରହିଛି। ପାକିସ୍ତାନକୁ ଋଣ ଦିଆଗଲେ ଏହା ସୀମାପାର ଆତଙ୍କବାଦ ଓ ଆକ୍ରମଣରେ ବ୍ୟବହାର କରିବା ନେଇ ଭାରତ ପକ୍ଷରୁ ଅଭିଯୋଗ ଉଠାଯାଇଛି। ବୈଦେଶିକ ମୁଦ୍ରାପାଣ୍ଠି ସଂଘରେ ଭାରତ ଏକ ପ୍ରମୁଖ ସଦସ୍ୟ ହୋଇଥିବାବେଳେ ବିଭିନ୍ନ ରାଷ୍ଟ୍ରକୁ ଋଣଦେବା ପ୍ରସଙ୍ଗ ବୈଠକ ଜରିଆରେ ସମୀକ୍ଷା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥାଏ। ତେବେ ପାକିସ୍ତାନ ଦୀର୍ଘବର୍ଷ ଧରି ଋଣ ପରିଶୋଧ କ୍ଷେତ୍ରରେ ଖରାପ ଟ୍ରାକ୍ ରେକର୍ଡ ଥିବାରୁ ଏହାକୁ ଏହି ନିଷ୍ପତ୍ତିରୁ ବାଦ ରଖିବାକୁ ଉକ୍ତ ବୈଠକରେ ଦାବି ଉପସ୍ଥାପନ କରାଯାଇଛି।

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated: 06.05.2025, I Ratnakar Prusty, Address: At- Khalingi, Basudevpur, Dist- Ganjam, Odisha, PIN-761013, declare that I have changed my son's name from Rishi Prusty to Pratuyash Prusty. Henceforth, He shall be known as Pratuyash Prusty for all purposes.

**Sd/- Ratnakar Prusty**

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated: 06.05.2025, I Ratnakar Prusty, Address: At- Khalingi, Basudevpur, Dist- Ganjam, Odisha, PIN-761013, declare that I have changed my son's name from Roshan Prusty to Ayush Prusty. Henceforth, He shall be known as Ayush Prusty for all purposes.

**Sd/- Ratnakar Prusty**

**AFFIDAVIT**

By virtue of an affidavit sworn before the Executive Magistrate, Nayagarh, dated: 22.04.2025, I Dibyalochan Pradhan, Address: village- Solapata, Po- Gotisahi, Ps- Sarankul, Dist- Nayagarh, Odisha, PIN-752070 declare that I have changed my daughter's name from Pooja Pradhan to Miki Pradhan. Henceforth, She shall be known as Miki Pradhan for all purposes.

Sd/- Dibyalochan Pradhan

**CHANGE OF NAME**

I, Nirod Kumar padhi, Son of Ananta Kishor Padhi, resident of vill- Jalapur, Po- Markandapur, Ps/Dist- Jajpur, Odisha, PIN-755007, hereby declare that byvirtue of sworn affidavit executed by me before the Executive Magistrate, Jajpur on dtd. 03.05.2025, I have changed the name of my minor son from Prikashu Priyansu Panigrahi to Prikshu Priyansu Padhi. Henceforth he shall be known as Prikshu Priyansu Padhi instead Prikashu Priyansu Panigrahi for all purpose.

**AFFIDAVIT**

By virtue of an affidavit sworn before the Executive Magistrate, Jamankira, Sambalpur, dated: 19.04.2025, I Rajendra Sundara, Address: village- Santara, Po- Mangarajpur, Ps- Kujang, Dist- Jagatsinghpur, Odisha, PIN-754141, declare that I have changed my son's name from Am Sai Sundara to MA Sai. Henceforth, He shall be known as MA Sai for all purposes.

**Sd/- Rajendra Sundara**

**ଦକ୍ଷିଣ ପୂର୍ବ ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍, କୋଲକାତା-୭୦୦୦୪୩, ଉଲ୍ଲେଖିତ ତାରିଖରେ ୧୫.୦୦ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଏହା ୧୫.୩୦ ଘଣ୍ଟାରେ ଖୋଲାଯିବ। କ୍ରମିକ ନଂ-୧ । ଟେଣ୍ଡର ନଂ: ଟି-ପିୟୁବି-ଜିଆରସି-୨୦୨୫-୩୯୯, ତାରିଖ: ୦୮.୦୫.୨୦୨୫। କାର୍ଯ୍ୟର ବର୍ଣ୍ଣନା: ୦୨ ବର୍ଷ ସମୟାବଧି ପାଇଁ ଏଡିଇଏନ୍/ସେଟେଲମେଣ୍ଟ/ଗାର୍ଡେନ ରିଚ୍ ଅଧୀନରେ ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍ କମ୍ପ୍ଲେକ୍ସ, କୋଲକାତାରେ ନୂତନ ପ୍ରଶାସନିକ କୋଠା, ସିପିଓ ସେଟେଲମେଣ୍ଟ ଅଫିସ, ସୋନିଆ ବାପୁ କୋଠା, ଭିଏଚ୍ଏଫ୍ କୋଠା, ସିନିୟର ଡିଇଏନ୍ ଅଫିସ, ଅଡିଟୋରିୟମ୍, ସତର୍କତା କାର୍ଯ୍ୟାଳୟ, ଟ୍ରାଫିକ୍ ଆକାଉଣ୍ଟସ୍ ଅଫିସ ଏବଂ ଜିଏମ୍ କ୍ୟାମ୍ପ ଅଫିସ ସଫା କରିବା, ଧୂଳି ସଫା କରିବା କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୩,୦୪,୮୦,୫୫୨। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୩,୦୨,୪୦୦। କ୍ରମିକ ନଂ-୨। ଟେଣ୍ଡର ନଂ.: ଟି-ପିୟୁବି-ଜିଆର୍ସି-୨୦୨୫-୪୦୦, ତାରିଖ: ୦୮.୦୫.୨୦୨୫। କାର୍ଯ୍ୟର ବର୍ଣ୍ଣନା: ୦୨ ବର୍ଷ ସମୟାବଧି ପାଇଁ ଏଡିଇଏନ୍/ସେଟେଲମେଣ୍ଟ/ଗାର୍ଡେନ ରିଚ୍ ଅଧୀନରେ ଏସ୍ଏସ୍ଇ/ଡବ୍ଲୁଡବ୍ଲୁଏସ୍/ ଗାର୍ଡେନ ରିଚ୍ରେ ଗାର୍ଡେନ୍ ରିଚ୍ର ଉତ୍ତର ଏବଂ ଦକ୍ଷିଣ କଲୋନୀ ପାଇଁ ସ୍ଲୁଇସ୍ ଭାଲ୍ୟୁର ବ୍ୟାପକ ପରିଚାଳନା ଏବଂ ରକ୍ଷଣାବେକ୍ଷଣ। ଟେଣ୍ଡର ମୂଲ୍ୟ: ଟ.୯୪,୨୮,୭୮୪। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୧,୮୮,୭୦୦। ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ୦ (କ୍ରମିକ ନଂ.୧ ଏବଂ ୨ ପାଇଁ)। ଖୋଲିବାର ତାରିଖ: ୦୩.୦୬.୨୦୨୫ (କ୍ରମିକ ନଂ.୧ ଏବଂ ୨ ପାଇଁ)। କାର୍ଯ୍ୟ ସମାପ୍ତି ଅବଧି: ୨୪ (ଚବିଶ) ମାସ (କ୍ରମିକ ନଂ. ୧ ଏବଂ ୨ ପାଇଁ)। ଟେଣ୍ଡର ସୂଚୀରେ କୌଣସି ପରିବର୍ତ୍ତନ, ସଂଶୋଧନ, ଯଦି କିଛି ଥାଏ, ତେବେ ତାହା କେବଳ ଇ-ଟେଣ୍ଡର ପୋର୍ଟାଲରେ ଉପଲବ୍ଧ ହେବ ଏବଂ ତାହା ଖବରକାଗଜରେ ପ୍ରକାଶିତ ହେବ ନାହିଁ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟିପ୍ପଣୀ: ସମ୍ଭାବ୍ୟ ବିଡଦାତାମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ। ସହାୟତା ଡେସ୍କ ଯୋଗାଯୋଗ ନଂ.୦୩୩-୨୪୫୦-୩୭୮୩।

**(PR-139)**

## ଆଇପିଏଲ୍ ଅନିର୍ଦ୍ଦିଷ୍ଟ କାଳପାଇଁ ସ୍ଥଗିତ

ନୂଆଦିଲ୍ଲୀ: ଦିନକୁ ଦିନ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରେ ଲାଗିଛି। ଏହାରି ଭିତରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୫ ଅନିର୍ଦ୍ଦିଷ୍ଟ କାଳପାଇଁ ସ୍ଥଗିତ ରଖାଯାଇଛି। ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏବଂ ଆଇପିଏଲ ପରିଚାଳନା ସଂସ୍ଥାଦ୍ୱାରା ନିଆଯାଇଥିବା ଏହି ନିଷ୍ପତ୍ତି ଦେଶରେ ସୃଷ୍ଟ ଅସ୍ଥିର ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖାଯାଇ ଏଭଳି ପଦକ୍ଷେପ ନିଆଯାଇଛି। ଆଇପିଏଲ ଅଧ୍ୟକ୍ଷ ଅରୁଣ ଧୁମାଲ କହିଛନ୍ତି ଯେ ବର୍ତ୍ତମାନ ଦେଶରେ ସୁରକ୍ଷା ପରିସ୍ଥିତି ଏବଂ ସରକାରୀ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ଏହି ଲିଗ୍କୁ ଚାଲୁ ରଖିବା ସମ୍ଭବ ନୁହେଁ। ସରକାରୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟକୁ ଅନିର୍ଦ୍ଦିଷ୍ଟ କାଳପାଇଁ ବନ୍ଦ ରଖାଯାଇଛି। ଏହି ଘଟଣା କେବଳ କ୍ରିକେଟ ଜଗତପାଇଁ ନୁହେଁ, ବରଂ ସାଧାରଣ ଜନତାଙ୍କ ଉପରେ ଅଧିକ ପ୍ରଭାବ ପକାଇଛି। କ୍ରିକେଟପ୍ରେମୀମାନେ ନିରାଶ ହେଉଥିଲେ ସୁଦ୍ଧା କିନ୍ତୁ ସୁରକ୍ଷା ଏବଂ ଜାତୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯିବାର ଆବଶ୍ୟକତା ରହିଛି ବୋଲି ସବୁଠି ଆଲୋଚନା ଜୋର ଧରିଛି।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

**ଆକାଶ ଶୋଭା ବିଲଡିଂ,**

ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

BRP-839/85

ପତ୍ର ସଂଖ୍ୟା ୮୩୮୮/ଭୁ.ଉ.କ., ଭୁବନେଶ୍ୱର ତା ୦୨.୦୫.୨୦୨୫ ରିଖ

**ସୂଚନା**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ବରଗଡ, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ-RP-38 କୁ ମହାଲକ୍ଷ୍ମୀ ଚୌଧୁରୀ, ସ୍ୱାମୀ-ବିରଞ୍ଚି ଚୌଧୁରୀ, ଗ୍ରାମ/ପୋଷ୍ଟ/ଥାନା-ଓଡଗାଁ, ଜିଲ୍ଲା-ନୟାଗଡ, ଓଡିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ମହାଲକ୍ଷ୍ମୀ ଚୌଧୁରୀ ଗତ ତା-୧୧.୦୯.୨୦୧୪ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Issue No.24171 date 11.09.2014).

ଆବଣ୍ଟନଗ୍ରାହୀ ମହାଲକ୍ଷ୍ମୀ ଚୌଧୁରୀଙ୍କ ସ୍ୱାମୀ--ବିରଞ୍ଚି ଚୌଧୁରୀ ମଧ ଗତ ତା-୦୬.୧୧.୨୦୪ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Issue No.14324/2024 date 02.12.2024).

Legal heir certificate No. E-LHC/2024/272142 dated 03.02.2025 ଅନୁଯାୟୀ ମହାଲକ୍ଷ୍ମୀ ଚୌଧୁରୀଙ୍କର ଉତ୍ତରାଧିକାରୀ (୧) ବୁଲୁ ଚୌଧୁରୀ (ପୁତ୍ର) ଓ (୨) ଜୟନ୍ତି ଶୁକ୍ଳୁଦ୍ଧି (ବିବାହିତା କନ୍ୟା) ଅଟନ୍ତି ।

ଜୟନ୍ତି ଶୁକ୍ଳୁଦ୍ଧି ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment- Document No. 1082501788 dated 24.02.2025) ମାଧ୍ୟମରେ ଉକ୍ତ ପ୍ଲଟରେ ଥିବା ନିଜର ଅଧିକାର/ଅଂଶକୁ ବୁଲୁ ଚୌଧୁରୀଙ୍କୁ ହସ୍ତାନ୍ତର କରିଅଛନ୍ତି ଏବଂ ବୁଲୁ ଚୌଧୁରୀ ମାଲିକାନା ସ୍ୱତ୍ୱ ତାଙ୍କ ନାମରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସତ୍ୱ ବୁଲୁ ଚୌଧୁରୀଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା/-ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

CAD-354 OIPR 13033/11/0294/2526

**OFFICE OF THE PANCHAYAT SAMITI, KUSUMI**
**Panchayati Raj Department & DW**
**Govt of Odisha**
**Short Tender Call Notice** i-98

Tender Notice No. 2/2025 Dt. 07.05.2025

The Block Development Officer, Kusumi on behalf of Government of Odisha invites sealed tender on percentage rate basis from registered contractor of Odisha PWD/WR/RWD/NH/MI/CPWD for the following work in conformity with the detail tender call notice.

| S. No. | Name of Work | Estimated Amount Put to Tender | Class of Contractor |
|---|---|---|---|
| 1 | Const of ACR building at Govt UPS Purnapani | 1553700 | C & B |
| 2 | Const of ACR building at Govt PS Dighiabeda | 1553700 | C & B |
| 3 | Const of ACR building at Govt PS Badamkuradi | 1553700 | C & B |
| 4 | Const of ACR building at Govt PS Kherna | 1553700 | C & B |
| 5 | Const of ACR building at Govt PS Dumuria | 1553700 | C & B |
| 6 | Const of ACR building at Govt PS Budadar | 1553700 | C & B |

Time Line

Availability of tender Document at http://mayurbhanj.nic.in on dt. 08.05.2025 to 21.05.2025
Last Date of submission of Tender document : dt. 22.05.2025
Date of Openning of Tender Paper : Dt. 23.05.2025

Interested Contractors / bidders are requested to follow up the schedule given above.

OIPR 19354/11/0001/2526 Sd/- B.D.O Kusumi

O-126 ☎ 06670-235504 E_Mail: serwbpt@yahoo.com

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS, CIRCLE, BHAWANIPATNA**
*********

Bid identification No.:- BPT/Online-03/2025-26 Date-05.05.2025

NOTICE INVITING TENDERS FOR BRIDGE WORKS IN ODISHA
NATIONAL COMPETITIVE BIDDING THROUGH e-Procurement

1. Name of the Work : Construction of Bridge Works in the District of Kalahandi under Setu Bandhana Yojana for the year 2025-26.
2. No of Works : 02 Nos.
3. Location details : Kalahandi District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/- per set.
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 15.05.2025 11.00 A.M. | 30.05.2025 5.00 P.M. | 29.05.2025 | 31.05.2025 at 11.00 A.M. |

Further details can be seen from the web site "www.tendersorissa.gov.in"

OIPR 25102/11/0017/2526 Sd/- Chief Construction Engineer Rural Works Circle, Bhawanipatna

GOVERNMENT OF ODISHA b-04
OFFICE OF THE EXECUTIVE ENGINEER,
NATIONAL HIGHWAY DIVISION, KESINGA.
At/Po-Kesinga, Dist-Kalahandi (Odisha), Pin-7660012, E-mail-eenh.ksng@gmail.com.
BID IDENTIFICATION No: EENHKSNG-Online-01/2025-26.
No.1083 /Dated,07.05.2025

E-procurement notice

| | | |
|---|---|---|
| 1. | The The Execution Engineer, National Highway Division, Kesinga on behalf of Governor of Odisha, invites Percentage Rate bids in Single cover system in ONLINE MODE. | |
| 2. | No. of works | 02 (Two) Nos. |
| 3 | Estimated Cost | (1) Rs. 9,60,224.00 (approx) (2) Rs.47,68,172.00 (approx) |
| 4. | Tender Cost | (1) Rs. 4,000.00/- Each paper. (2) Rs .6,000/- Each paper |
| 5 | Class of Contractor | (1) "D" & "C" Class Contractor (2) "B" Class Contractor. |
| 6 | Availability of bid document in the website. | 11.00 Hrs of 17.05.2025 to 17.00 Hrs of 31.05.2025 |
| 7 | Date of Opening of Tenders | 02.06.2025 |
| 8 | The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only. | |
| 9 | Authority reserves the right to reject any or all the tenders without assigning any reason thereof. | |
| 10 | Any Changes of rule or addition by the Govt. time to time will be implementation as per Govt. Notification. | |

OIPR 34018/11/0001/2526 Sd/-Superintending Engineer N.H. Division, Kesinga

## ବିଶୁଦ୍ଧ ପାଣି ପିଇ ଲୋକେ ମହାମାରୀରେ ଆକ୍ରାନ୍ତ; ଗ୍ରାମରେ ଆତଙ୍କ

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ାରେ ଜଳ ସଙ୍କଟ ଉତ୍କଟ ହୋଇଥିବା ବେଳେ ବିଶୁଦ୍ଧ ପାଣି ପିଇ ଅନେକ ଲୋକ ମହାମାରୀର ଆକ୍ରାନ୍ତ ହେଉଛନ୍ତି । ଦୀର୍ଘବର୍ଷ ହେବ ପାଣି ଟାଙ୍କି ସଫା ନ ହେବାରୁ ପାଣି ଆବର୍ଜ୍ଜନା ହୋଇଥିବା ବେଳେ ଅନେକ ସ୍ଥାନରେ ପାଣି ପାଇପ୍ ଫାଟି ମଇଳା ପାଇପ୍ ଭିତରକୁ ଯାଉଥିବା ଜଣାପଡ଼ିଛି । ସାଇଁଶ ପଂଚାୟତରେ ମହାମାରୀ ବ୍ୟାପୁଥିବା ବେଳେ ଅନେକ ବ୍ୟକ୍ତି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର, ଭୁବନେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି । କାଶିପୁର, ଦୁର୍ଗାପୁରରେ ଏହି ଘଟଣା ବ୍ୟାପିଥିବା ଜଣାପଡ଼ିଛି । ନିମାପଡ଼ାରେ ମଧ୍ୟ ବହୁ ଲୋକ ଝାଡ଼ା ବାନ୍ତିରେ ଆକ୍ରାନ୍ତ ହେଉଥିବା ମୁଖ୍ୟ କାରଣ ହେଉଛି ଆବର୍ଜ୍ଜନାପୂର୍ଣ୍ଣ ପାଣି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ରେ ଦୀର୍ଘବର୍ଷ ହେବ ବସୁଧା ଯୋଜନାରେ ଯୋଗାଇ ଦିଆଯାଉଥିବା ଶୁଦ୍ଧ ପାନୀୟ ଜଳ ଏବେ ଲୋକଙ୍କ ପାଇଁ କାଳ ପାଲଟିଛି । ଜଳ ବିଶୁଦ୍ଧ ହେବାରୁ ମହାମାରୀ ବ୍ୟାପିବାରେ ଲାଗିଛି । ଅନେକ ସମୟରେ ଲୋକଙ୍କୁ ଯୋଗାଇ ଦିଆଯାଉଥିବା ପିଇବା ପାଣି ଶିଉଳି ଓ ଗୁଣ୍ଡ ବାହାରୁ ଥିଲେ ମଧ୍ୟ ପାଣି ଅଭାବ ଥିବାରୁ ଲୋକମାନେ ସେହି ପାଣିକୁ ପିଉଛନ୍ତି । ସେହି ପାଣି ପିଇବା ଦ୍ୱାରା ଲୋକମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି । ଅନେକ ପଂଚାୟତରେ ସାନିଟାଇଜ୍ ପାଇଁ ସାମଗ୍ରୀ ଆସୁଥିବା ବେଳେ ତାହା ସାନିଟାଇଜ୍ କରାଯାଉ ନାହିଁ । ପାଣି ଟାଙ୍କିରେ ବ୍ଲିଚିଂ ନ ପଡ଼ିବା ଦ୍ୱାରା ଟାଙ୍କିରେ ପୋକ ହେବା ଦ୍ୱାରା ଏହି ପାଣି ଲୋକମାନେ ପିଉଛନ୍ତି । ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

GOVERNMENT OF ODISHA C-290
OFFICE OF THE ADDITIONAL CHIEF ENGINEER,
P.H. DIVISION, BALANGIR.
*Email. ID – eephbgr@yahoo.co.in, Ph. No – (06652 – 234647)*

NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement

Bid Identification No. ACE PH BGR 02/2025-26 Dt. 02.05.2025

01. Name of the Work : 01 Nos.
02. Estimated Cost : Rs. 651.36 Lakhs
03. Period of Completion : 08 Months
04. Date & Time of availability of bid document in the portal : From 11.00 AM of dt. 13.05.2025 to 5.00 PM of dt. 28.05.2025
05. Last date / time of receipt of bids in the portal : 5 PM of dt. 28.05.2025
06. Date & Time of opening of bids : At 11.00 AM of dt. 29.05.2025
07. Name and Address of the Officer Inviting Bid : Addl. Chief Engineer, P.H. Division, Balangir, At- Tulsinagar, Dist- Balangir-767001

Further details can be seen from the web site https://tenders.ori.nic.in or www.tendersodisha.gov.in

OIPR 13005/11/0032/2526 Sd/-Addl Chief Engineer P.H. Division, Balangir

O-128 ☎ 06670-235504 E_Mail: serwbpt@yahoo.com

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS, CIRCLE, BHAWANIPATNA**

Bid identification No.:- BPT/Online-01/2025-26 Date-05.05.2025

NOTICE INVITING TENDERS FOR ROAD AND BRIDGE WORKS IN ODISHA
NATIONAL COMPETITIVE BIDDING THROUGH e-Procurement

1. Name of the Work : Construction of Road and Bridge works under MMSY-CUVDA, SCA, MMSY-TRIP and MMSY CMRL Schemes in the district Kalahandi and Nuapada.
2. No of Works : 07 Nos.
3. Location details : Kalahandi and Nuapada District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/- per set.
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 15.05.2025 11.00 A.M. | 30.05.2025 5.00 P.M. | 29.05.2025 | 31.05.2025 at 11.00 A.M. |

Further details can be seen from the web site "www.tendersorissa.gov.in"

OIPR 25102/11/0019/2526 Sd/- Chief Construction Engineer Rural Works Circle, Bhawanipatna

E-mail ID: eepwddeogarh@gmail.com

**OFFICE OF THE SUPERINTENDINGENGINEER DEOGARH (R&B) DIVISION, DEOGARH**
**INVITATIONS FOR BIDS (IFB)** B-101

Letter No. 1092 Dtd. 06.05.2025

Invitation for Bids

Bid Identification No. SE PWD DGR No. 01 of 2025-26

| | | | |
|---|---|---|---|
| 1. | The Superintending Engineer, Deogarh (R&B) Division, Deogarh, on behalf of Government of Odisha, invites percentage rate bids in Single cover system in ONLINE MODE only, for Construction of Road & Building works as detailed below. | | |
| 2. | Nature of work | : | Road & Building works |
| 3. | No. of works | : | Road 01 No. & Building 01 No. |
| 4. | Bid Cost. | : | Rs. 4000/- & 6000/- |
| 5. | Class of Contractor | : | "D", "C" & "B" Class |
| 6. | Availability of Bid Documents in the website | : | From dt. 14.05.2025 to 17:00 hours of dt. 23.05.2025 |
| 7. | Date of Opening of Technical Bid | : | Dt. 26.05.2025 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR 34061/11/0010/2526 Sd/-Superintending Engineer Deogarh (R&B) Division

obcc CAD-367
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲି
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
OFFICE OF THE GENERAL MANAGER, HERITAGE DIVISION
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
Email- heritagediv1@obcc.in

No: 537 Date: 08.05.2025

NOTICE INVITING TENDER

| Sl. No. | Name of the work | Bid Identification No. | Date of availability of bid documents in e-procurement portal | Approximate value of work | Cost of bid document (online) | Bid security EMD (online) | Period of completion | Class of contractor |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 01 | Shifting of 11 KV line Samaleswari Feeder for Development of Maa Samaleswari Temple area under SAMALEI Plan- Phase-II at Sambalpur under Badabazar Electrical Section | 01/ OBCC/ HD/ 2025-26 | From 11.00 Hours of 15.05.2025 up to 17.00 Hours of 29.05.2025 | Rs. 58,95,202/- | Rs. 11,800/- (including 18% GST) | Rs. 59,000/- | 03 (THREE) Calendar Months | H.T Electrical Contractor |
| 02 | Shifting of 11 KV line Balibandha Feeder towards Development of Maa Samaleswari Temple area under SAMALEI Plan- Phase-II) at Sambalpur under Balibandha Electrical Section | 02/ OBCC/ HD/ 2025-26 | From 11.00 Hours of 15.05.2025 up to 17.00 Hours of 29.05.2025 | Rs. 51,80,356/- | Rs. 11,800/- (including 18% GST) | Rs. 51,800/- | 03 (THREE) Calendar Months | H.T Electrical Contractor |
| 03 | Shifting of 11 KV line Farm Road Feeder towards Development of Maa Samaleswari Temple area under SAMALEI Plan- Phase-II at Sambalpur under Badabazar Electrical Section | 03/ OBCC/ HD/ 2025-26 | From 11.00 Hours of 15.05.2025 up to 17.00 Hours of 29.05.2025 | Rs. 62,67,797/- | Rs. 11,800/- (including 18% GST) | Rs. 62,700/- | 03 (THREE) Calendar Months | H.T Electrical Contractor |
| 04 | Shifting of 33 KV line Badabazar Feeder towards Development of Maa Samaleswari Temple area under SAMALEI Plan- Phase-II at Sambalpur under Badabazar Electrical Section | 04/ OBCC/ HD/ 2025-26 | From 11.00 Hours of 15.05.2025 up to 17.00 Hours of 29.05.2025 | Rs. 48,29,187/- | Rs. 7,080/- (including 18% GST) | Rs. 48,300/- | 03 (THREE) Calendar Months | H.T Electrical Contractor |

05. The Bidders have to participate in ONLINE bidding only. Further details with any addendum, corrigendum, cancellation can be seen from the e-Procurement portal https://www.tendersodisha.gov.in.
06. The undersigned has the right to accept or reject the Notice / RFP without assigning any reasons thereof.

OIPR 34171/11/0007/2526 Sd/-General Manager Heritage Division DB&CC Ltd., Sambalpur

**ଆଇଡିଏଫ୍ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍**
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୍୬୫୧୧୦ଟିଏନ୍୨୦୧୪ପିଏଲ୍ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

IDFC FIRST Bank

**ସର୍ବସାଧାରଣ ନୋଟିସ୍**
**ସୁନା ନିଲାମ ତଥା ଆମନ୍ତ୍ରଣ ନୋଟିସ୍**

ନିମ୍ନଲିଖିତ ଋଣଗ୍ରହୀତାମାନେ ଆଇଡିଏଫ୍ସି ଫାଷ୍ଟବ୍ୟାଙ୍କ ଲିମିଟେଡରୁ ସୁନା ବଦଳରେ ନେଇଥିବା ଋଣ ବାରମ୍ବାର ନୋଟିସ୍ ସତ୍ତ୍ୱେ ପରିଶୋଧ କରୁନାହାନ୍ତି। ଯେହେତୁ ଋଣଗ୍ରହୀତା ଏହି ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ ଆମେ ଆସନ୍ତା ୧୪.୦୫.୨୦୨୫ରେ ସେହି ସୁନାଗହଣାଗୁଡ଼ିକୁ ନିଲାମ କରିବା ପାଇଁ ନିଷ୍ପତ୍ତି ନେଇଛୁ। ଯଦି ନିଲାମ ସମୟରେ ଅଧିକ ଅର୍ଥ ମିଳେ ତେବେ ଋଣଗ୍ରହୀତାଙ୍କୁ ବଳକା ଅର୍ଥ ଫେରସ୍ତ କରାଯିବ, ଯଦି ନିଲାମ ଅର୍ଥରେ କମ୍ ଆସେ ତେବେ ବାକିତକ ଅର୍ଥ ଆଇନଗତ ଉପାୟରେ ଋଣଗ୍ରହୀତାଙ୍କଠାରୁ ଆଦାୟ କରାଯିବ। ଆଇଡିଏଫସି ଫାଷ୍ଟବ୍ୟାଙ୍କ କୌଣସି ବିନା ସୂଚନାରେ ତାଙ୍କର ଏକାଉଣ୍ଟକୁ ରିମୁଭ୍ କରିପାରନ୍ତି। ସେହିପରି ଆଇଡିଏଫସି ଫାଷ୍ଟବ୍ୟାଙ୍କ ବିନା ନୋଟିସରେ ନିଲାମ ତାରିଖକୁ ପରିବର୍ତ୍ତନ କରିବାର ଅଧିକାର ରଖିଛନ୍ତି।

| ଋଣ ଏକାଉଣ୍ଟ ନଂ | ଋଣଗ୍ରହୀତାଙ୍କ ନାମ | ବ୍ରାଞ୍ଚର ନାମ |
|---|---|---|
| ୧୪୩୯୨୩୯୦୪ | ସୁରେଶ ମେହେର | ଭବାନୀପାଟଣା ରୁରାଲ |

୧୪.୦୫.୨୦୨୫ ପୂର୍ବାହ୍ନ ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନିଲାମ ପ୍ରକ୍ରିୟା https://idfcegold.auctiontiger.net/ ଏବଂ ୧୪.୦୫.୨୦୨୫ର ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ http://gold.samil.in ମାଧ୍ୟମରେ କରାଯିବ। ତେଣୁ ଏହି ନୋଟିସ ପ୍ରକାଶନ ଜରିଆରେ ଋଣଗ୍ରହୀତାମାନଙ୍କୁ ଶେଷ ନୋଟିସ ଓ ଶେଷ ସୁଯୋଗ ପ୍ରଦାନ କରାଯାଉଅଛି ଯେ ସେମାନେ ଋଣ ପରିଶୋଧ କରିବାର ସୁବିଧା ନିଅନ୍ତୁ, ଯାହାକି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହ ରହିଛି। ତେବେ ଯଦି ଋଣଗ୍ରହୀତା ବିଫଳ ହୁଅନ୍ତି ତାଙ୍କ ବନ୍ଧକ ଗହଣାକୁ ନିଲାମ କରାଯିବ। ଦୟାକରି ନୋଟ୍ କରନ୍ତୁ: ଯଦି କୌଣସି କାରଣ ପାଇଁ ଉକ୍ତଦିନ ଏହି ନିଲାମ ସଂପୂର୍ଣ୍ଣ ହୋଇନପାରେ ତେବେ ପରବର୍ତ୍ତୀ ୭ଦିନ ମଧ୍ୟରେ ସମାନ ନିୟମ ଓ ସର୍ତ୍ତ ଅନୁଯାୟୀ ଆଉଥରେ ନିଲାମ ତାରିଖ ଘୋଷଣା କରାଯିବ। ଯଦି ଋଣଗ୍ରହୀତାଙ୍କର ମୃତ୍ୟୁ ହୋଇଥାଏ ତେବେ ଏହି ସମସ୍ତ ନିୟମ ତାଙ୍କର ଉତ୍ତରାଧିକାରୀଙ୍କ କ୍ଷେତ୍ରରେ ଲାଗୁ କରାଯିବ।

**ତାରିଖ: ୦୯.୦୫.୨୦୨୫, ସ୍ଥାନ: ଓଡ଼ିଶା**



ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆଶଙ୍କା ବଢୁଛି । ଗତକାଲି ପ୍ରଚଣ୍ଡ ପ୍ରହାର ପରେ ମାଟି କାମୁଡ଼ିଛି ପଡ଼ୋଶୀ ଦେଶ । ଭାରତୀୟ ସେନା ପାକିସ୍ତାନର ବିଭିନ୍ନ ସହରକୁ ଟାର୍ଗେଟ୍ କରି ମିସାଇଲ୍ ଆଟାକ୍ କରିଛି । ଏଥିରେ ଅନେକ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ତେବେ ଏହି ଉତ୍ତେଜନା ଭିତରେ ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ନବାଜ୍ ସରିଫ୍ ନିଜ ଭାଇ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶହବାଜ ସରିଫଙ୍କୁ ଶାନ୍ତି ରକ୍ଷା କରିବାକୁ କହିଛନ୍ତି । ବଢୁଥିବା ସଂକଟକୁ କମ୍ କରିବା ପାଇଁ ନବାଜ ସରିଫ୍ ଭାଇ ଶହବାଜଙ୍କୁ ପରାମର୍ଶ ଦେଇଛନ୍ତି । କୂଟନୈତିକ ବୁଝାମଣା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଜୋର୍ ଦେଇଛନ୍ତି । ପାକିସ୍ତାନ ନ୍ୟୁଜ୍ ପୋର୍ଟାଲ ଦି ଏକ୍ସପ୍ରେସ୍ ଟ୍ରିବ୍ୟୁନ୍ ଏ ବାବଦରେ ସୂଚନା ଦେଇଛନ୍ତି । ୱେବ୍ ପୋର୍ଟାଲ୍ ଅନୁଯାୟୀ, ନବାଜ୍ ସରିଫ୍ ନିଜ ଭାଇ ଶହବାଜଙ୍କୁ ସଂକଟ ବେଳେ ସହାୟ୍ୟ କରିବାକୁ ଲଣ୍ଡନରୁ ପାକିସ୍ତାନ ଫେରିଛନ୍ତି ।

## ସିନ୍ଧୁ ଜଳ ଚୁକ୍ତି ମାମଲାରେ ଦୂରେଇ ରହିଲା ବିଶ୍ୱ ବ୍ୟାଙ୍କ




**ପାକିସ୍ତାନକୁ ଝଟକା**

ନୂଆଦିଲ୍ଲୀ: ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଥିଲା । ପାକିସ୍ତାନ ଏହି ମାମଲାରେ ବହୁତ ଖପ୍ପା ହୋଇଥିଲା ଏବଂ ପାକିସ୍ତାନର ଅନେକ ବଡ଼ ନେତା ମଧ୍ୟ ଜଳ ଚୁକ୍ତିନାମା ସମ୍ପର୍କରେ ଧମକ ଦେଇଥିଲେ । ଏହି ସମୟରେ, ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସିନ୍ଧୁ ଜଳ ଚୁକ୍ତିନାମା ସମ୍ପର୍କରେ ଏକ ବିବୃତ୍ତି ଦେଇଛନ୍ତି ଏବଂ ଏଥିରେ ବିଶ୍ୱ ବ୍ୟାଙ୍କର କ'ଣ ଭୂମିକା ରହିପାରିବ ତାହା ସ୍ପଷ୍ଟ କରିଛନ୍ତି । ପାକିସ୍ତାନ ଏଥିପାଇଁ ଜାତିସଂଘରୁ ନେଇ ବିଶ୍ୱ ବ୍ୟାଙ୍କକୁ ଆବେଦନ କରିଥିଲା । ମଧ୍ୟସ୍ଥତା ବ୍ୟତୀତ ଆମର ଅନ୍ୟ କୌଣସି ଭୂମିକା ନାହିଁ । ବିଶ୍ୱ ବ୍ୟାଙ୍କ କିପରି ହସ୍ତକ୍ଷେପ କରିବ ଏବଂ ସମସ୍ୟାର ସମାଧାନ କରିବ ସେ ବିଷୟରେ ଗଣମାଧ୍ୟମରେ ଅନେକ କଳ୍ପନାଜଳ୍ପନା ଚାଲିଛି, କିନ୍ତୁ ଏସବୁ ଅର୍ଥହୀନ । ସବୁ ଦିଗରୁ ବିରୋଧର ସମ୍ମୁଖୀନ ହେଉଥିବା ପାକିସ୍ତାନକୁ ଏବେ ବିଶ୍ୱ ବ୍ୟାଙ୍କ ମଧ୍ୟ ଏକ ବଡ଼ ଝଟକା ଦେଇଛି । ଭାରତ ଦ୍ୱାରା ଅପରେସନ ସିନ୍ଦୁର କରାଯିବା ପରେ, ପାକିସ୍ତାନ ଆତଙ୍କିତ ଅବସ୍ଥାରେ ଅଛି ଏବଂ ଭାରତ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରୁଛି, କିନ୍ତୁ ଏହାର ପ୍ରୟାସ ବାରମ୍ବାର ବିଫଳ ହେଉଛି । ଉଲ୍ଲେଖ ଥାଉ କି ଭାରତ ଉପରେ ଅନ୍ତର୍ଜାତୀୟ ଚାପ ପକାଇବାକୁ ଚେଷ୍ଟା କରୁଥିବା ପାକିସ୍ତାନକୁ ଏକ ବଡ଼ ଝଟକା ଲାଗିଛି । ଆଇନ ଏବଂ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅକିଲ ମଲିକ ନ୍ୟୁଜ୍ ଏଜେନ୍ସିରଏଟର୍ସକୁ କହିଥିଲେ ଯେ ଇସଲାମାବାଦ ବିଶ୍ୱ ବ୍ୟାଙ୍କରେ ଏହି ପ୍ରସଙ୍ଗ ଉଠାଇବା ସମେତ ଅତି କମରେ ତିନୋଟି ଭିନ୍ନ ଆଇନଗତ ବିକଳ୍ପ ନେଇ କାମ କରୁଛି । ପ୍ରଧାନମନ୍ତ୍ରୀ ମୋଦୀ ପୂର୍ବରୁ ଘୋଷଣା କରିସାରିଛନ୍ତି ଯେ ଭାରତର ଅଧିକାର ଥିବା ଜଳ ଏବେ ଭାରତ ପାଇଁ ବ୍ୟବହାର କରାଯିବ ।

## ୧୫ ପର୍ଯ୍ୟନ୍ତ ୨୪ ବିମାନବନ୍ଦର ବନ୍ଦ

ନୂଆଦିଲ୍ଲୀ:ପାକିସ୍ତାନ ସହ ଉତ୍ତେଜନା ମଧ୍ୟରେ ଭାରତ ପକ୍ଷରୁ ବଡ଼ ନିଷ୍ପତ୍ତି ନିଷ୍ପତ୍ତି ନିଆଯାଇଛି । ଭାରତ ପକ୍ଷରୁ ୨୪ଟି ବିମାନବନ୍ଦରର ବନ୍ଦ ଅବଧି ବୃଦ୍ଧି କରାଯାଇଛି ଏବଂ ଆସନ୍ତା ମେ' ୧୫ ତାରିଖ ସକାଳ ୫.୨୯ ପର୍ଯ୍ୟନ୍ତ ୨୪ଟି ବିମାନବନ୍ଦର ବନ୍ଦ ସହିତ ବିମାନ ସେବାକୁ ବାତିଲ କରାଯାଇଛି । ପାକିସ୍ତାନ ସହିତ ଭାରତର ଉତ୍ତେଜନା ବୃଦ୍ଧି ପାଇବା ମଧ୍ୟରେ କେନ୍ଦ୍ର ସରକାର ୨୪ଟି ବିମାନବନ୍ଦର ମେ ୧୫ ପର୍ଯ୍ୟନ୍ତ ବିମାନ ସେବା ବାତିଲ କରିଛନ୍ତି । ପାକିସ୍ତାନ ସହିତ ଉତ୍ତେଜନା ବୃଦ୍ଧି ପାଇବା ଯୋଗୁଁ ବିମାନ ଏବଂ ସୁରକ୍ଷା ପ୍ରଭାବିତ ହେଉଥିବାରୁ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି । ପାକିସ୍ତାନର ସେନା ଦ୍ୱାରା ଏକ ବିଫଳ ଡ୍ରୋନ ଆକ୍ରମଣ ପରେ ନୂଆଦିଲ୍ଲୀ ଏବଂ ଇସଲାମାବାଦ ମଧ୍ୟରେ ବଢୁଥିବା ଶତ୍ରୁତାକୁ ଦୃଷ୍ଟିରେ ରଖି ଏହି ବିମାନବନ୍ଦର ବନ୍ଦ ବୃଦ୍ଧି ଏବଂ ବିମାନ ସେବା ବାତିଲ ନିଷ୍ପତ୍ତି ନିଆଯାଇଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ମିଳିଥିବା ସୂଚନା ଅନୁଯାୟୀ ମେ ୧୦ ପର୍ଯ୍ୟନ୍ତ ୨୪ଟି ବିମାନବନ୍ଦର ବେସାମରିକ ବିମାନ ଚଳାଚଳ ବାତିଲ କରାଯାଇଥିଲା । ଏହି ତାରିଖକୁ ଏବେ ମେ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଅର୍ଥାତ ୨୪ଟି ବିମାନବନ୍ଦର ମେ ୧୫ ପର୍ଯ୍ୟନ୍ତ ବିମାନ ସେବାକୁ ବାତିଲ କରାଯାଇଛି । ପାକିସ୍ତାନ ସହିତ ଉତ୍ତେଜନା ବୃଦ୍ଧି ପାଇବା ମଧ୍ୟରେ କେନ୍ଦ୍ର ସରକାର ସାରା ଦେଶରେ ୨୪ଟି ପ୍ରାରମ୍ଭିକ ଭାବରେ ମେ ୧୦ ପର୍ଯ୍ୟନ୍ତ ବିମାନ ସେବା ବାତିଲ ପାଇଁ ସ୍ଥିର କରାଯାଇଥିଲା । ଆଜି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ବିମାନବନ୍ଦରରୁ ବିମାନ ସେବା ବାତିଲକୁ ମେ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବିମାନବନ୍ଦରଗୁଡ଼ିକ ହେଉଛି ଶ୍ରୀନଗର, ଜମ୍ମୁ, ଅମୃତସର, ଲେହ, ଚଣ୍ଡିଗଡ଼, ଧର୍ମଶାଳା, ବିକାନେର, ରାଜକୋଟ, ଯୋଧପୁର ଏବଂ କିଶନଗଡ଼ । "ଆପଣଙ୍କ ସୁରକ୍ଷା ଏବଂ ସୁରକ୍ଷାକୁ ଆମର ସର୍ବୋଚ୍ଚ ପ୍ରାଥମିକତା ଦେଇ ଏହି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଏୟାରଲାଇନ୍ସ କହିଛି ।

## ସମାଧାନ ଶିବିରରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ



ରାୟପୁର, (ଭାସ୍କର ନ୍ୟୁଜ): କେବଳ ସଚ୍ଚୋଟ ଭାବରେ କାମ କରୁଥିବା ସରକାର ହିଁ ଜନସାଧାରଣଙ୍କ ସମ୍ମୁଖରେ ନିଜର ରିପୋର୍ଟ କାର୍ଡ ଉପସ୍ଥାପନ କରିପାରିବ । ଆମେ ଏହି କାମ କରିଛୁ । ଆମର ସ୍ୱଚ୍ଛ ସରକାର ସୁଶାସନ ମହୋତ୍ସବ ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଆପଣଙ୍କ ପାଖକୁ ପହଞ୍ଚିଛି । ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ ସୁଶାସନ ତିହାର ଅନ୍ତର୍ଗତ ଗାରିଆବନ୍ଦ ଜିଲ୍ଲାର ଗ୍ରାମ ପଞ୍ଚାୟତ ମାଡେଲିରେ ଆୟୋଜିତ ସମାଧାନ ଶିବିରକୁ ସମ୍ବୋଧିତ କରି ଏହା କହିଛନ୍ତି । ଏହି ସମୟରେ, ମୁଖ୍ୟମନ୍ତ୍ରୀ ଗ୍ରାମ ପଞ୍ଚାୟତ ମାଡେଲିରେ ୭୫ କୋଟି ଟଙ୍କା ବ୍ୟୟରେ ୧୩୨ କେଭି ସବ-ଷ୍ଟେସନ ଏବଂ ବିଦ୍ୟୁତ ଲାଇନ ସମ୍ପ୍ରସାରଣ ଏବଂ ୧୪୭ କୋଟି ଟଙ୍କା ବ୍ୟୟରେ ରାଜିମରୁ ଛୁରା (ବେଲଟୁକ୍ରି ଦେଇ) ପର୍ଯ୍ୟନ୍ତ ୪୩ କିଲୋମିଟର ରାସ୍ତାକୁ ପ୍ରଶସ୍ତ କରିବା ଏବଂ ପିପରଛେଡି ଜଳଭଣ୍ଡାରର ଅସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ସମାପ୍ତ କରିବାର ଏକ ବଡ଼ ଘୋଷଣା କରିଥିଲେ । ସାଏ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସରକାର ଗଠନ ହେବା ମାତ୍ରେ, ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ କାମ ହେବ ସମସ୍ତ ଗରିବ ଏବଂ ଅସହାୟ ପରିବାରକୁ ସ୍ଥାୟୀ ଛାତ ଯୋଗାଇବା । ସରକାର ପ୍ରଥମ କ୍ୟାବିନେଟରେ ୧୮ ଲକ୍ଷ ଗରିବ ପରିବାର ପାଇଁ ଘର ମଞ୍ଜୁର କରିଥିଲା ଏବଂ ଆମେ ଏବେ ବି ଘର ଯୋଗାଇବା ପାଇଁ ନିରନ୍ତର କାର୍ଯ୍ୟ କରୁଛୁ । ସାଏ ସମସ୍ତଙ୍କୁ ଆବାସ ପ୍ଲସ୍ ପ୍ଲସ୍ ସର୍ଭେରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ସାଏ କହିଛନ୍ତି ଯେ ଆମ ସରକାର ଧାନ କିଣିବା ପାଇଁ ପ୍ରତି କିଲୋ ଟଙ୍କାରେ ଧାନ କିଣିଛି । ପ୍ରତି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା, ଧାନର ବକେୟା ବୋନସ ରାଶି ପ୍ରଦାନ କରିଥିଲେ ଏବଂ ମହତାରୀ ବନ୍ଦନା ଯୋଜନା ମାଧ୍ୟମରେ ରାଜ୍ୟର ମା' ଏବଂ ଭଉଣୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ସେ କହିଛନ୍ତି ଯେ, ରାମଲାଲା ଦର୍ଶନ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ତୀର୍ଥ ଦର୍ଶନ ଯୋଜନା ମାଧ୍ୟମରେ ଆମେ ଆମ ରାଜ୍ୟର ଜନସାଧାରଣ ଏବଂ ବୃଦ୍ଧାବୃଦ୍ଧମାନଙ୍କୁ ତୀର୍ଥଯାତ୍ରା ପ୍ରଦାନ କରୁଛୁ । ସରକାରଙ୍କ ଜନହିତକର ଯୋଜନା ବିଷୟରେ ସୂଚନା ବାଣ୍ଟିବା ସମୟରେ, ସାଏ ଅଧିକରୁ ଅଧିକ ଲୋକଙ୍କୁ ଏହାର ଲାଭ ନେବାକୁ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାଏ ବିଭିନ୍ନ ଯୋଜନା ଅଧୀନରେ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକଲ୍ ଏବଂ ହିତାଧିକାରୀମାନଙ୍କୁ ଅନ୍ୟାନ୍ୟ ଉପକରଣ ଏବଂ ସାମଗ୍ରୀ ବଣ୍ଟନ କରିଥିଲେ । ମୁଖ୍ୟମନ୍ତ୍ରୀ ବିଭାଗୀୟ ଷ୍ଟଲଗୁଡ଼ିକ ପରିଦର୍ଶନ କରି ଆବେଦନଗୁଡ଼ିକର ଫଇସଲା ସମ୍ପର୍କରେ ଅଧିକାରୀଙ୍କଠାରୁ ସୂଚନା ନେଇଥିଲେ ଏବଂ ପଡ଼ି ରହିଥିବା ଆବେଦନଗୁଡ଼ିକର ଫଇସଲା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୟରେ, ସେ ପିଲାମାନଙ୍କୁ ଖୀର ଖୁଆଇଲେ ଏବଂ ଅନ୍ନପ୍ରାଶନ କଲେ ଏବଂ ଗର୍ଭବତୀ ମା'ମାନଙ୍କର ଶିଶୁ ସ୍ନାନ ରୀତିରେ ଅଂଶଗ୍ରହଣ କଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ରୋହିତ ସାହୁ, ଛତିଶଗଡ଼ ରାଜ୍ୟ ଗୁଦାମ ନିଗମର ଅଧ୍ୟକ୍ଷ ଚନ୍ଦୁଲାଲ ସାହୁ, ଜିଲ୍ଲା ପଞ୍ଚାୟତ ଗାରିଆବନ୍ଦର ଅଧ୍ୟକ୍ଷ ଗୌରୀଶଙ୍କର କଶ୍ୟପ, ମୁଖ୍ୟ ସଚିବ ଅମିତାଭ ଜୈନ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସୁବୋଧ କୁମାର ସିଂହ, ମୁଖ୍ୟମନ୍ତ୍ରୀଙ୍କ ସଚିବ ଡକ୍ଟର ବାସବରାଜୁ ଏସ୍. ଉପସ୍ଥିତ ଥିଲେ ।

## ଖାଦ୍ୟ ସାମଗ୍ରୀ କଳାବଜାରୀ ନକରିବାକୁ କେନ୍ଦ୍ରର ଚେତାବନୀ




ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ କେନ୍ଦ୍ର ସରକାର ବ୍ୟବସାୟୀମାନଙ୍କୁ ଖାଦ୍ୟ ସାମଗ୍ରୀ କଳାବଜାରୀ ବା ଗଚ୍ଛିତ ନ କରିବାକୁ ଚେତାବନୀ ଦେଇଛନ୍ତି । ସରକାର କହିଛନ୍ତି ଯେ ଦେଶରେ ଖାଦ୍ୟ ସାମଗ୍ରୀର ପର୍ଯ୍ୟାପ୍ତ ମହଜୁଦ ରହିଛି, ତେଣୁ ଆତଙ୍କିତ ହୋଇ ଅନାବଶ୍ୟକ ଭାବେ ମହଜୁତ କରିବାର ଆବଶ୍ୟକତା ନାହିଁ । କେନ୍ଦ୍ର ଖାଦ୍ୟ ଓ ସାର୍ବଜନୀନ ବଣ୍ଟନ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଯେ ଗହମ, ଚାଉଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ଯଥେଷ୍ଟ ଗଚ୍ଛିତ ରହିଛି । ସରକାର ବ୍ୟବସାୟୀ ଓ ଖୁଚୁରା ବିକ୍ରେତାମାନଙ୍କୁ ବଜାରରେ ସାମଗ୍ରୀର ନିୟମିତ ଯୋଗାଣ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ, ମଜୁତଦାରୀ ଏବଂ କୃତ୍ରିମ ଅଭାବ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ଚେତାବନୀ ଦେଇଛନ୍ତି । ସାଧାରଣ ଜନତାଙ୍କୁ ମଧ୍ୟ ଆତଙ୍କିତ ନହୋଇ ଆବଶ୍ୟକ ଅନୁଯାୟୀ କିଣିବାକୁ ଅନୁରୋଧ କରାଯାଇଛି ।

## ପାକିସ୍ତାନ ସେନାର ମୁଖ୍ୟ ହେବ ସମସାଦ ମିର୍ଜା !



ଇସ୍‌ଲାମାବାଦ: ପାକିସ୍ତାନ ସେନାର ଶୀର୍ଷ ଅଧିକାରୀଙ୍କ ମଧ୍ୟରେ ମତପାର୍ଥକ୍ୟର ଖବର ଆସୁଛି । ରିପୋର୍ଟ ଅନୁସାରେ ଜେନେରାଲ ଅସୀମ ମୁନିର ଓ ଚେୟାରମ୍ୟାନ ଅଫ ଜଏଣ୍ଟ୍ ଚିଫ ଅଫ ଷ୍ଟାଫ କମିଟି (ସିଜେସିଏସସି) ଜେନେରାଲ ସମସାଦ ମିର୍ଜାଙ୍କ ମଧ୍ୟରେ କ୍ଷମତା ସଂଘର୍ଷ ଆରମ୍ଭ ହୋଇଯାଇଛି । ଯଦି ଏହି ରିପୋର୍ଟକୁ ବିଶ୍ୱାସ କରାଯାଏ ତେବେ ଜେନେରାଲ ମୁନିର ଓ ତାଙ୍କ ବିଶ୍ୱସ୍ତମାନଙ୍କୁ ଏବେ ଅଟକ ଥିବା ବେଳେ ଭାରତ ସହିତ ବଢୁଥିବା ଉତ୍ତେଜନାରେ ଜେନେରାଲ ସମସାଦ ମିର୍ଜା ପାକ୍ ସେନାର ଆଗାମୀ ମୁଖ୍ୟ ହୋଇପାରନ୍ତି । ଯାହା ଜଣାପଡିଛି ସହିର ସମସାଦ ମିର୍ଜା ଜଣେ ପାକିସ୍ତାନୀ ଫୋର ଷ୍ଟାର ଜେନେରାଲ ଓ ସେ ଅଷ୍ଟାଦଶ ସିଜେସିଏସସି ଭାବେ ଏବେ କାର୍ଯ୍ୟରତ ଅଛନ୍ତି । ତାଙ୍କୁ ୨୭ ନଭେମ୍ବର ୨୦୨୨ରେ ଏହି ପଦବୀରେ ନିଯୁକ୍ତି ମିଳିଥିଲା । ସେ ୨୦୨୧ରୁ ୨୦୨୨ ପର୍ଯ୍ୟନ୍ତ ରାଓଲପିଣ୍ଡି ନର୍ଦ୍ଦନ କମାଣ୍ଡ ଦାୟିତ୍ୱ ସମ୍ଭାଳିଥିଲେ । ଜେନେରାଲ ମିର୍ଜାଙ୍କ ଜନ୍ମ ପଞ୍ଜାବ ଚକବାଲ ଜିଲ୍ଲାରେ ହୋଇଥିଲା । ସେ ପାକିସ୍ତାନ ମିଲେଟ୍ରି ଆକାଡେମୀ, କମାଣ୍ଡ ଆଣ୍ଡ ଷ୍ଟାଫ କଲେଜ କ୍ୱେଟା ଓ ନ୍ୟାସନାଲ ଡିଫେନ୍ସ ୟୁନିଭର୍ସିଟି ପାକିସ୍ତାନରୁ ସ୍ନାତକ ଉତୀର୍ଣ୍ଣ ହୋଇଛନ୍ତି । ଏହା ପରେ ତାଙ୍କୁ ପାକିସ୍ତାନ ସେନାର ଅଷ୍ଟମ ସିନ୍ଧ ରେଜିମେଣ୍ଟରେ କମିଶନ ମିଳିଥିଲା । ସେ ଜିଏଚକ୍ୟୁରେ ଏଡଜୁଟେଣ୍ଟ ଜେନେରାଲ, କମାଣ୍ଡର ଏକ୍ସ କର୍ପସ ଓ ମିଲେଟ୍ରି ଅପରେସନସ୍ ଡାଇରେକ୍ଟୋରେଟରେ ଡିଜି ଓ ଜି୧ଏମଓ୬ ରୂପେ ମଧ୍ୟ କାମ କରିଛନ୍ତି । ସେ ଓକାରାରେ ୪୦ତମ ଇନଫେଣ୍ଟ୍ରି ଡଭିଜନର କମାଣ୍ଡ ମଧ୍ୟ ସମ୍ଭାଳିଥିଲେ । ଡିସେମ୍ବର ୨୦୨୨ରେ ଜେନେରାଲ ମିର୍ଜାଙ୍କୁ ଜେନେରାଲ ମୁନିରଙ୍କ ସହିତ ନିସାନେ-ଏ-ଇମତିୟାଜ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଖାଇବାକୁ ନମିଳୁ ପଛେ ଯୁଦ୍ଧ କରିବୁ : ପାକିସ୍ତାନ



ଇସଲାମାବା: ପାକିସ୍ତାନ ଏବେ କାଙ୍ଗାଳ ଅବସ୍ଥାରେ ଅଛି । ଗତ କିଛି ବର୍ଷ ଧରି ପାକିସ୍ତାନର ଅର୍ଥାବସ୍ଥା ଭୁଶୁଡି ପଡିଛି । ସବୁ ଦରଦାମ ଆକାଶ ଛୁଆଁ । ସାଧାରଣଲୋକ ଖାଦ୍ୟାଭାବରେ ରହିଛନ୍ତି । ପାକିସ୍ତାନର ଉତ୍ତରରେ ତାଲିବାନ୍ ଆକ୍ରମଣ କରୁଛି । ବେଲୁଚିସ୍ତାନରେ ଅଲଗା ଦେଶ ପାଇଁ ବିଚ୍ଛିନ୍ନତାବାଦୀ ପାକ୍ ସେନାର ନିଦ ହଜାଇ ସାରିଲେଣି । ଏବେ ଭାରତ ସହିତ ଲଢ଼ିବାକୁ ଅଣ୍ଟା ଭିଡିଛି । ଭାରତ ପାକିସ୍ତାନ ଉପରେ ଜୋରଦାର ଆଟାକ୍ କରୁଛି । ପାକିସ୍ତାନ ଏକ ପ୍ରକାର ଆଣ୍ଠେଇ ପଡିଲାଣି । ତଥାପି ତାର ନିଦ ଭାଙ୍ଗୁନାହିଁ । ଏପଟେ ପାକିସ୍ତାନ ଋଣ ଭାରରେ ବୁଡି ଗଲାଣି । ଲୋକ ଭଲକରି ଖାଇବା ପାଇଁ ପାଉ ନାହାନ୍ତି ତଥାପି ଯୁଦ୍ଧ ଛଡା ଅନ୍ୟ କିଛି ଉପାୟ ନାହିଁ ବୋଲି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ କହିଛନ୍ତି । ଶୁକ୍ରବାରରେ ବିଭିନ୍ନ ଗଣମାଧ୍ୟମରେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଏପରି ବୟାନ ଦେଇଛନ୍ତି ।

# ବାଣିଜ୍ୟ



ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ବଢୁଥିବା ସାମରିକ ଉତ୍ତେଜନା ମଧ୍ୟରେ ଗୁରୁବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ୮୪ ପଇସା ହ୍ରାସ ପାଇ ୮୫.୬୧ରେ ପହଞ୍ଚିଛି । ପାକିସ୍ତାନ ସେନା ଡ୍ରୋନ ଏବଂ କ୍ଷେପଣାସ୍ତ୍ର ବ୍ୟବହାର କରି ଉତ୍ତର ଓ ପଶ୍ଚିମ ଭାରତରେ ଏକାଧିକ ସାମରିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିବା ପରେ ନିବେଶକମାନେ ଘରୋଇ ବଜାରରେ ବିପଦ ଆଶଙ୍କା କରିଥିବା ଫୋରେକ୍ସ ବ୍ୟବସାୟୀମାନେ କହିଛନ୍ତି । ଏହା ବ୍ୟତୀତ ବୃଦ୍ଧି ପାଉଥିବା ଅଶୋଧିତ ତୈଳ ମୂଲ୍ୟ ମଧ୍ୟ ଟଙ୍କା ଉପରେ ଚାପ ପକାଇଛି । ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଟଙ୍କା ୮୪.୬୧ରେ ଖୋଲିଥିଲା ଏବଂ ଡଲାର ତୁଳନାରେ ଦିନର ସର୍ବୋଚ୍ଚ ୮୪.୫୨ ଏବଂ ସର୍ବନିମ୍ନ ୮୫.୭୭ ମଧ୍ୟରେ ରହିଥିଲା । କାରବାର ଶେଷ ହେବା ସମୟରେ, ଟଙ୍କା ଡଲାର ପିଛା ୮୫.୬୧ (ଅସ୍ଥାୟୀ)ରେ ପହଞ୍ଚିଥିଲା ଯାହାକି, ପୂର୍ବ ବନ୍ଦ ତୁଳନାରେ ୮୪ ପଇସା ହ୍ରାସ ପାଇଥିଲା । ବୁଧବାର ଟଙ୍କା ୪୨ ପଇସା ହ୍ରାସ ପାଇ ଡଲାର ପିଛା ୮୪.୭୭ରେ ପହଞ୍ଚିଥିଲା ।

## ଓଡ଼ିଶାରେ ୪.୪୨ ଲକ୍ଷରୁ ଅଧିକ ଜିଓ ଏୟାରଫାଇବର ଓ ଜିଓ ଫାଇବର ଗ୍ରାହକ: ତଥ୍ୟ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଓଡ଼ିଶାର ଏକ ନମ୍ବର ହୋମ୍ ବ୍ରଡବ୍ୟାଣ୍ଡ ସେବା ପ୍ରଦାନକାରୀ ଭାବରେ ଏହାର ଉତ୍କୃଷ୍ଟ ପ୍ରଦର୍ଶନ ଜାରି ରଖି, ରିଲାଏନ୍ସ ଜିଓ ଓଡ଼ିଶାରେ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୧.୫ ଲକ୍ଷ ଜିଓଏୟାରଫାଇବର ଗ୍ରାହକ ହାସଲ କରିଛି । ଭାରତୀୟ ଦୂରସଂଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ଆଜି ପ୍ରକାଶିତ ହୋଇଥିବା ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଏହା ଜଣାପଡିଛି । ପ୍ରକାଶିତ ତଥ୍ୟ ଅନୁଯାୟୀ, ରାଜ୍ୟରେ ଜିଓ ଏୟାରଫାଇବର ଗ୍ରାହକଙ୍କ ମୋଟ ସଂଖ୍ୟା ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା ୧.୫ ଲକ୍ଷ ଅତିକ୍ରମ କରିଛି । ଓଡ଼ିଶାରେ ୫ଜି ଏୟାରଫାଇବର କ୍ଷେତ୍ରରେ ଜିଓଏୟାରଫାଇବର ଗ୍ରାହକ ସଂଖ୍ୟା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅପେକ୍ଷା ପାଞ୍ଚ ଗୁଣ ଅଧିକ ରହିଛି । ତଥ୍ୟ ଅନୁଯାୟୀ, ମାର୍ଚ୍ଚ ମାସରେ ଓଡ଼ିଶାରେ ୫ଜି ଏଫଡବ୍ଲୁଏ (ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍) ବା ଏୟାରଫାଇବର ଗ୍ରହଙ୍କ ମୋଟ ସଂଖ୍ୟା ମାର୍ଚ୍ଚ ଶେଷ ସୁଦ୍ଧା ୧.୭୭ ଲକ୍ଷରୁ ଅଧିକ ହୋଇଛି । ୱାୟାରଲାଇନ୍ କ୍ଷେତ୍ରରେ ମଧ୍ୟ ସର୍ବାଗ୍ରେ ରହିଥିବା ଜିଓ ଓଡ଼ିଶାରେ ୨.୯୨ ଲକ୍ଷରୁ ଅଧିକ ଘର ଏବଂ ପରିସରକୁ ଏହାର ତାରଯୁକ୍ତ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା ଜିଓଫାଇବର ଦ୍ୱାରା ସଂଯୁକ୍ତ କରିଛି । ସେହିଭଳି ମୋବାଇଲ ସେବା କ୍ଷେତ୍ରରେ ଜିଓ ମାର୍ଚ୍ଚ ମାସରେ ଓଡ଼ିଶାରେ ୧.୩୫ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଉପଭୋକ୍ତା ଯୋଡ଼ିବା ସହିତ ରାଜ୍ୟରେ ଜିଓ ୪ଜି / ୫ଜି ନେଟୱାର୍କରେ ମୋଟ ମୋବାଇଲ୍ ଉପଭୋକ୍ତାଙ୍କ ସଂଖ୍ୟା ପ୍ରାୟ ୧.୬ କୋଟିକୁ ବୃଦ୍ଧି ହୋଇଛି । କ୍ରିକେଟ୍ ସିଜିନ୍ ପାଇଁ ଜିଓ ଆରମ୍ଭ କରିଥିବା ଅସୀମିତ ଅଫର ସହିତ ୫୦ ଦିନର ମାଗଣା ଜିଓଫାଇବର / ଜିଓ ଏୟାରଫାଇବର ଟ୍ରାଏଲ୍ ସଂଯୋଗ ପ୍ରଦାନ କରୁଛି, ଯାହା ସାରା ଓଡ଼ିଶାରେ ବିଶେଷ ଲୋକପ୍ରିୟତା ହାସଲ କରିଛି । ଏହି ଅଫର ସହିତ ଗ୍ରାହକମାନେ ୮୦୦ରୁ ଅଧିକ ଟିଭି ଚ୍ୟାନେଲ୍, ୧୧ରୁ ଅଧିକ ଓଟିଟି ଆପ୍, ଅସୀମିତ ୱାଇଫାଇ, ନିରବଚ୍ଛିନ୍ନ ହାଇସ୍ପିଡ୍ ବ୍ରଡ଼ବ୍ୟାଣ୍ଡ ଏବଂ ଆହୁରି ଅନେକ ସୁବିଧା ଉପଭୋଗ କରୁଛନ୍ତି । କେବଳ ଏକ ଜିଓ ସିମ ଏବଂ ୧୫ ମଇ ୨୦୨୫ ପୂର୍ବରୁ ୨୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ରିଚାର୍ଜ ସହିତ, ଗ୍ରାହକମାନେ ଉଚ୍ଚ ମାନର ମନୋରଞ୍ଜନ କଣ୍ଟେଣ୍ଟ ସାଙ୍ଗକୁ ପ୍ରତ୍ୟେକ ମ୍ୟାଚର ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ନିର୍ବିଘ୍ନ, ଉଚ୍ଚ-ଗୁଣବତ୍ତା ଷ୍ଟ୍ରିମିଂର ମଜା ନେଇପାରିବେ ।

## ସବୁ ସମ୍ପତ୍ତି ଦାନ କରିବେ ବିଲ୍ ଗେଟ୍‌ସ



ନୂଆଦିଲ୍ଲୀ: ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍‌ସ ଆସନ୍ତା ୨୦ ବର୍ଷରେ ନିଜର ପ୍ରାୟ ସବୁ ସମ୍ପତ୍ତି ଦାନ କରିବାକୁ ଘୋଷଣା କରିଛନ୍ତି । ସେ ଜଣାଇଛନ୍ତି ଯେ 'ଗେଟ୍‌ସ ଫାଉଣ୍ଡେସନ' ଜରିଆରେ ଗତ ୨୫ ବର୍ଷ ଭିତରେ ସେ ୧୦,୦୦୦ କୋଟି ଡଲାର ଦାନ କରିଛନ୍ତି । ଆଗାମୀ ୨୦ ବର୍ଷରେ ସେ ଦାନ ପରିମାଣ ଦ୍ୱିଗୁଣିତ କରିବେ । ସେହି ପାଣ୍ଠିକୁ ସାରା ବିଶ୍ୱରେ ଲୋକଙ୍କ ଜୀବନ ବଞ୍ଚାଇବା ଓ ଉନ୍ନତି ଆଣିବାରେ ବ୍ୟବହାର କରାଯିବ । ୨୦୪୫ ଡିସେମ୍ବର ୩୧ରେ ଗେଟ୍‌ସ ଫାଉଣ୍ଡେସନ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ସେ କହିଛନ୍ତି । ବର୍ତ୍ତମାନ ଗେଟ୍‌ସଙ୍କ ୧୦,୮୦୦ କୋଟି ଡଲାର ସମ୍ପତ୍ତି ରହିଛି । ୨୦୪୫ ସୁଦ୍ଧା ତାହା ଦାନ ଯୋଗୁଁ ୯୯ ପ୍ରତିଶତ ହ୍ରାସ ପାଇବ । ଚଳିତ ବର୍ଷ ଏହି ନିଷ୍ପତ୍ତି ନେବା ପଛର କାରଣ ସମ୍ପର୍କରେ ସେ କହିଛନ୍ତି ଯେ ଚଳିତ ବର୍ଷ ମୋ ବାପାଙ୍କୁ ୧୦୦ ବର୍ଷ ହେବ, ମାଇକ୍ରୋସଫ୍ଟ ୫୦ ବର୍ଷରେ ପଦାର୍ପଣ କରିବ ଓ ମୋତେ ୭୦ ବର୍ଷ ହେବ । ପ୍ରତିରୋଧ ହୋଇପାରୁଥିବା କୌଣସି ରୋଗ ପାଇଁ ସାରା ବିଶ୍ୱରେ କୌଣସି ମା' କିମ୍ବା ଶିଶୁର ମୃତ୍ୟୁ ହେବ ନାହିଁ ବୋଲି ସେ ସଂକଳ୍ପ ନେଇଛନ୍ତି । ଦୁନିଆର ଆଗାମୀ ପିଢ଼ି କୌଣସି ସଂକ୍ରାମକ ରୋଗ ନେଇ ଆଗକୁ ବଢ଼ିବ ନାହିଁ । କୋଟି କୋଟି ଲୋକ ଦାରିଦ୍ର୍ୟମୁକ୍ତ ହେବେ ବୋଲି ଗେଟ୍‌ସ ନିଜ ବ୍ଲଗରେ ଲେଖିଛନ୍ତି ।

## ଆମାଜନ୍‌ର ସ୍ନାକ୍ସ ଆଇସକ୍ରିମ ଉପରେ ମେଗା ଅଫର

ନୂଆଦିଲ୍ଲୀ: ଆମାଜନ୍ ଫ୍ରେସ ଦ୍ରୁତ, ନିର୍ଭରଯୋଗ୍ୟ, ଏବଂ ସ୍ଲଟେଡ୍ ଡେଲିଭରି ସୁବିଧା ତଥା ୨ ଘଂଟା ମଧ୍ୟରେ ଶୀଘ୍ର ଡେଲିଭରି ସହିତ ସିଧାସଳଖ ଆପଣଙ୍କ ଦ୍ୱାର ପାଖରେ ଚୂଡ଼ାନ୍ତ ଋତୁକାଳୀନ ସଂଚୟ ସୁବିଧା ପ୍ରଦାନ କରୁଛି । ସାପ୍ତାହିକ ସୁପର ଭାଲ୍ୟୁ ଡେଜ୍ ସହିତ, ପ୍ରତି ଶୁକ୍ରବାରରୁ ରବିବାର ପର୍ଯ୍ୟନ୍ତ ଲାଇଭ୍ ରହିଛି ଯେଉଁଥିରେ ଗ୍ରାହକମାନେ ଆକର୍ଷଣୀୟ ଡିଲ୍ ଏବଂ ମୂଲ୍ୟ ଅଫର ଉପଭୋଗ କରିପାରିବେ, ଯାହା ଗ୍ରୋସେରୀ ଆବଶ୍ୟକତା ଉପରେ ଅଧିକ ସଂଚୟ ସୁନିଶ୍ଚିତ କରିଥାଏ । ଆମାଜନ୍ ଫ୍ରେସର ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ମ୍ୟାଙ୍ଗୋ ମାନିଆ ଷ୍ଟୋର ସହିତ ଋତୁର ମଧୁର ଆନନ୍ଦରେ ଲିପ୍ତ ହୁଅନ୍ତୁ ଏବଂ ୧୦+ ଆମ୍ବ ପ୍ରକାର, ମିଠା, କ୍ୟାଣ୍ଡି, ପାନୀୟ ଏବଂ ଆହୁରି ଅଧିକ କିଛି ଉପରେ ବଡ଼ ସଂଚୟ ଉପଭୋଗ କରନ୍ତୁ । ୨୬୦+ ବିଶ୍ୱସ୍ତ ଚାଷୀଙ୍କଠାରୁ ସିଧାସଳଖ ସଂଗୃହିତ, ଏହି ଆମ୍ବଗୁଡ଼ିକ ସୁରକ୍ଷିତ ଭାବରେ ପାଚିଥାଏ, କାର୍ବାଇଡ୍ ମୁକ୍ତ, ଏବଂ ୪-ଷ୍ଟେପ୍ ଗୁଣବତା ଯାଂଚ ଦେଇ ଗତି କରିଥାଏ । କୋକାକୋଲା ଏବଂ ହେରିଟେଜ୍ ଦ୍ୱାରା ପ୍ରାୟୋଜିତ, ଆମାଜନ୍ ଫ୍ରେସର କ୍ରିକେଟ୍ ରେଡୀ ଷ୍ଟୋର୍ ପ୍ରତ୍ୟେକ ମ୍ୟାଚ୍ ଦିନ ପାଇଁ ଏକ ଉତ୍ସର୍ଗୀକୃତ ସ୍ନାକିଂ ଗନ୍ତବ୍ୟସ୍ଥଳ ପ୍ରଦାନ କରେ । ଚିପ୍ସ, ପାନୀୟ, ରେଡି ଟୁ ଇଟ୍ ଟ୍ରିଟ୍ସ ଏବଂ ଅଧିକର ଏକ ବିସ୍ତୃତ ସମ୍ଭାର ପ୍ରଦାନ କରେ । ଗ୍ରାହକମାନେ କ୍ୱାଲିଟି ୱାଲ୍ସ, ନେସ୍କାଫେ, ରିଅଲ୍, କୋକା କୋଲା, ମିଲ୍କି ମିଷ୍ଟ, ଫ୍ଲକ୍, ଲେସ ଏବଂ ଅନ୍ୟାନ୍ୟ ଶ୍ରେଷ୍ଠ ବ୍ରାଣ୍ଡଗୁଡ଼ିକ ଉପରେ ୪୦% ପର୍ଯ୍ୟନ୍ତ ରିହାତି ପାଇପାରିବେ ଏବଂ ଗ୍ରୀଷ୍ମକାଳୀନ ଆବଶ୍ୟକୀୟ ସାମଗ୍ରୀର ଏକ ବିସ୍ତୃତ ପରିସରର ଉପଭୋଗ କରିପାରିବେ । ଏହା ସହିତ ଆଇସକ୍ରିମ ଉପରେ ଫ୍ଲାଟ୍ ୫୦% ରିହାତି ମଧ୍ୟ ପାଇପାରିବେ । ଆମାଜନ୍ ପେ ବ୍ୟବହାର କରି ଅତିରିକ୍ତ ସଂଚୟ ଏବଂ ସୁବିଧା ଅନଲକ୍ କରିପାରିବେ ।

**MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍**

Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.
CIN: U65929KL1997PLC011518, Ph: +91 471 4911400, 2331427

ଏତଦ୍ଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି 30.06.2024 & MSGL, SPL 16, One Plus, Guide prepaid, Super value, ADGL and all other 6 months tenure gold loans upto 30.09.2024 and MSGB, SME Suvarna & EMI due upto 31.03.2025. Also those gold loans where interest is due and not paid up to 31.03.2025 are also included in this auction. ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 23.05.2025 ସକାଳ ୧୦ ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।

**BALASORE DISTRICT - BALASORE:** 4011000001, 4011000008, 4011000009, 4011000015, 4011000016, 4011000020, 4011000022, 4011000023, 4011000030, 4011000080, 4011000081, 4011000127, 401100806, 401100807, 401100835, 401100837, 401100841, 401100854, 401100859, 401100878, 401100883, 401100888, 401100891, 401100920, 401100946, 401100949, 401100956, 401100959, 401100972, 401100977, 401100978, 401100981, 401100984, 401100987, 401100994, 401101002, 401101006, 401101013, 401101015, 401101016, 401101017, 401101023, 401101030, 401101031, 401101035, 401101040, 401101045, 401101048, 401101049, 401101052, 401101057, 401101060, 401101061, 401101063, 401101065, 401101069, 401101070, 401101075, 401101078, 401101092, 401101095, 401101098, 401101101, 401101107, 401101108, 401101112, 401101121, 401101124, 401101125, 401101127, 401101129, 401101131, 401101137, 401101138, 401101139, 401101142, 401101155, 401101157, 401101162, 401101163, 401101165, 401101176, 401101178, 401101182, 401101187, 401101194, 401101200, 401101209, 401101218, 401101220, 401101223, 401101228, 401101231, 401101234, 401101239, 401101240, 401101245, 401101277, 401101278, 401101279, 401101281, [illegible] **BHADRAK DISTRICT - BHADRAK:** [illegible] **KEONJHAR DISTRICT - KEONJHAR:** [illegible] 415101858, 415101866, 415101867, 415101868, 415101869, 415101870, 415101871, 415101875, 415101876, 415101879, 415101887, 415101889, 415101900, 415101905, 415101906, 415101910, 415101914, 415101915, 415101917, 415101920, 415101922, 415101926, 415101927, 415101934, 415101936, 415101938, 415101941, 415101946, 415101947, 415101952, 415101960, 415101975, 415101978, 415101981, 415101982, 415101983, 415101984, 415101994, 415101996, 415102004, 415102005, 415102006, 415102008, 415102009, 415102011, 415102012, 415102014, 415102020, 415102025, 415102028, 415102034, 415102035, 415102036, 415102041, 415102042, 415102044, 415102045, 415102046, 415102058, 415102065, 415102067, 415102071, 415102072, 415102074, 415102081, 415102101, 415102102, 415102108, 415102110, 415102114, 415102115, 415102140, 415102142, 415102145, 415102152, 415102161, 415102164, 415102165, 415102167, 415102172, 415102173, 415102176, 415102183, 415102187, 415102188, 415102191, 415102196, 415102201, 415102203, 415102205, 415102217, 415102221, 415102225, 415102228, 415102234, 415102235, 415102238, 415102239, 415102250, 415102254, 415102259, 415102276, 415102279, 415102283, 415102286, 415102289, 415102291, 415102294, 415102297, 415102299, 415102300, 415102306, 415102308, 415102309, 415102314, 415102315, 415102323, 415102324, 415102326, 415102328, 415102329, 415102332, 415102333, 415102337, 415102345, 415102346, 415102348, 415102349, 415102350, 415102353, 415102355, 415102357, 415102361, 415102367, 415102368, 415102370, 415102372, 415102373, 415102377, 415102387, 415102389, 415102392, 415102394, 415102400, 415102409, 415102410, 415102412, 415102413, 415102416, 415102418, 415102420, 415102422, 415102425, 415102438, 415102444, 415102447, 415102453, 415102454, 415102455, 415102460, 415102472, 415102473, 415102479, 415102482, 415102490, 415102491, 415102493, 415102497, 415102501, 415102505, 415102507, 415102508, 415102509, 415102514, 415102516, 415102519, 415102524, 415102531, 415102533, 415102538, 415102540, 415102541, 415102543, 415102546, 415102551, 415102556, 415102558, 415102563, 415102566, 415102568, 415102569, 415102573, 415102574, 415102575, 415102578, 415102580, 415102589, 415102597, 415102599, 415102600, 415102601, 415102610, 415102612, 415102613, 415102614, 415102615, 415102616, 415102617, 415102619, 415102622, 415102625, 415102626, 415102628, 415102636, 415102639, 415102641, 415102644, 415102648, 415102652, 415102671, 415102672, 415102673, 415102674, 415102676, 415102677, 415102685, 415102686, 415102694, 415102699, 415102739.

ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 03.06.2025 ସକାଳ ୧୦ **BHADRAK:** Muthoot FinCorp Ltd., First Floor, R.C. Behera Mansion, Khata No-723/1037, Plot No-373/3164, Salandi By-Pass, Above Axis Bank, Bhadrak, Orissa - 756100. **BALASORE:** Muthoot FinCorp Ltd., First Floor, Jasoria Traders, Kachery Road, Near State Bank Main Branch, Balasore, Orissa - 756001. **KEONJHAR:** Muthoot FinCorp Ltd., Ground Floor, Khatian No. 136/548, Plot No. 698/919-1074, Hotel Maa Tarini, M.G. Chowk, New Market, Keonjhar, Odisha - 758001. ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରାନ୍ତୁ । ସଫଳ ନିଲାମୀଦାତା ଆରଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ ।

ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍



ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ଗୁରୁବାର ଦିନ ଆଇପିଏଲ ମ୍ୟାଚକୁ ବାତିଲ କରାଯାଇଥିଲା । 'ଅପରେସନ୍ ସିନ୍ଦୂର' ପରେ, ଉଭୟ ଦେଶର ସେନା ମୁହାଁମୁହିଁ ହୋଇଛନ୍ତି। ଭାରତୀୟ ସେନା ପାକିସ୍ତାନର ପ୍ରତ୍ୟେକ ମନ୍ଦ ଉଦ୍ଦେଶ୍ୟର ଉଚିତ ଜବାବ ଦେଉଛି। ଟିମ୍ ଇଣ୍ଡିଆର କ୍ରିକେଟରମାନେ ମଧ୍ୟ ଦେଶର ସେନାକୁ ନିରନ୍ତର ଉତ୍ସାହିତ କରୁଛନ୍ତି। ଏହି ସମୟରେ, ପୂର୍ବତନ ଭାରତୀୟ କ୍ରିକେଟର ଅମ୍ବାତି ରାୟୁଡୁଙ୍କ ଏକ ପୋଷ୍ଟ ହଙ୍ଗାମା ସୃଷ୍ଟି କରିଛି। ଅମ୍ବାତି ରାୟୁଡୁ ଏକ୍ସରେ ପୋଷ୍ଟ କରିଥିଲେ। ଏହି ପୋଷ୍ଟ ସେତେବେଳେ କରାଯାଇଥିଲା ଯେତେବେଳେ ପାକିସ୍ତାନ ଡ୍ରୋନ୍ ଏବଂ ମିସାଇଲ୍ ସହିତ ଭାରତ ଉପରେ ଆକ୍ରମଣ କରିଥିଲା। ଭାରତୀୟ ସେନାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏହି ଆକ୍ରମଣଗୁଡ଼ିକୁ ବିଫଳ କରିଥିଲା। ଭାରତର ପ୍ରତିଶୋଧ ମଧ୍ୟରେ, ରାୟୁଡୁ ଟ୍ୱିଟ୍ କରିଥିଲେ, 'ଆଖି ବଦଳରେ ଆଖି ଦେଖାଇବା ସମଗ୍ର ବିଶ୍ୱକୁ ଅନ୍ଧ କରିଦିଏ।' ଭାରତୀୟ ୟୁଜର୍ସମାନେ ତାଙ୍କ ପୋଷ୍ଟକୁ ପସନ୍ଦ କରିନଥିଲେ। ଜଣେ ୟୁଜର୍ସ ତାଙ୍କୁ ତୁରନ୍ତ ଟ୍ୱିଟ୍ ଡିଲିଟ କରିବାକୁ କହିଥିଲେ। ସେହି ସମୟରେ, ଅନ୍ୟ ଜଣେ କହିଥିଲେ ଯେ ଯେତେବେଳେ ଆମେ ଏପରି ଭାବିବୁ, ସେତେବେଳେ ଆମର ଉଭୟ ଆଖି ଚାଲିଯାଇଥିବ। ବିବାଦ ବଢ଼ିବା ଦେଖି, ରାୟୁଡୁ ଆଉ ଏକ ପୋଷ୍ଟ କରିଥିଲେ ଏବଂ ଲେଖିଥିଲେ ଯେ- ଜମ୍ମୁ ଓ କାଶ୍ମୀର, ପଞ୍ଜାବ ଏବଂ ଭାରତୀୟ ସୀମାର ଅନ୍ୟାନ୍ୟ ଅଂଶରେ ସମସ୍ତଙ୍କ ସୁରକ୍ଷା ଏବଂ ଶାନ୍ତି ପାଇଁ ପ୍ରାର୍ଥନା କରୁଛି। ମୁଁ ଏହା ଦ୍ୱାରା ପ୍ରଭାବିତ ସମସ୍ତଙ୍କ ପାଇଁ ସୁରକ୍ଷା ଏବଂ ଏକ ଶୀଘ୍ର ସମାଧାନ ଆଶା କରୁଛି। ଜୟ ହିନ୍ଦ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ଜୁଡୋ ଆସୋସିଏସନ

# 'ଜୁଡୋ' ଖେଳକୁ ରାଜ୍ୟସ୍ତରୀୟ ମାନ୍ୟତା ଦେବାକୁ ଅନୁରୋଧ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶୁକ୍ରବାର ଲୋକସେବା ଭବନରେ ଓଡ଼ିଶା ଜୁଡୋ ଆସୋସିଏସନର ସଦସ୍ୟ, କୋଚ ଓ ଖେଳାଳୀଙ୍କ ସମେତ ୭୦ ଜଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସୂଚନାଯୋଗ୍ୟ ଯେ, ଜୁଡୋ ଏକ ପ୍ରକାର ମିଶ୍ରିତ ସାମରିକ କଳା, ଯାହା ଜୁଡୋ, କରାଟେ, ଏବଂ ତାଇକଓ୍ୱାଣ୍ଡୋ ଖେଳର ସମାହାର। ଏହି ଖେଳ ଭାରତର ବିଭିନ୍ନ ରାଜ୍ୟ ସମେତ ବିଦେଶରେ ମଧ୍ୟ ଅନେକ ପ୍ରସିଦ୍ଧି ଲାଭ କରିଛି। ଓଡ଼ିଶାର ମଧ୍ୟ ଅନେକ ଜିଲ୍ଲାରେ ଏହି ଖେଳ ପାଇଁ ତାଲିମ୍ ଦିଆଯାଉଛି। ଏଣୁ ରାଜ୍ୟରେ ଏହି ଜୁଡୋ ଖେଳର ପ୍ରସାର ଓ ଏହି ଖେଳକୁ ମାନ୍ୟତା ଦେବା ପାଇଁ ଏହି ଆସୋସିଏସନ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଖେଳାଳୀଙ୍କ ସହ କଥା ହୋଇ ସେମାନଙ୍କୁ ଅଭ୍ୟାସ ଜାରି ରଖିବାପାଇଁ କହିଥିଲେ ଏବଂ ଏହି କ୍ରୀଡ଼ାକୁ ରାଜ୍ୟସ୍ତରୀୟ ମାନ୍ୟତା ଦେବାପାଇଁ ବିଚାର କରାଯିବ ବୋଲି ସେ କହିଥିଲେ। ଜୁଡୋ ଖେଳାଳୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ଜୁଡୋ ଆସୋସିଏସନ ଅଫ ଓଡ଼ିଶାର ମୁଖ୍ୟ କୋଚ ନିତାଇ ଶଙ୍କର ଗୁଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପାକିସ୍ତାନ କ୍ରିକେଟ ବୋର୍ଡଁର ବଡ଼ ନିଷ୍ପତ୍ତି

# ପିଏସ୍ଏଲ୍ର ମ୍ୟାଚ୍ ଦୁବାଇ ସ୍ଥାନାନ୍ତର



ଇସଲାମାବାଦ: ଭାରତ-ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ଯୋଗୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏକ ବଡ଼ ନିଷ୍ପତ୍ତି ନେଇଛି। ପିଏସ୍ଏଲ ସିଜିନ ୧୦ର ବାକି ମ୍ୟାଚ୍ ଗୁଡ଼ିକ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହେବ। ଦୁଇ ଦେଶ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଗୁରୁବାର ରାତିରେ ଭାରତୀୟ ସେନା ଓ ବାୟୁସେନା ପକ୍ଷରୁ ପାକିସ୍ତାନ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନାନୁସାରେ ରାଜଧାନୀ ଇସ୍ଲାମାବାଦ ସମେତ ଲାହୋର, କରାଚୀ, ସିଆଲକୋଟ୍ ?, ବାହଓ୍ୱଲପୁର ଉପରେ ମିଳିତ ଅପରେଶନ୍ ହୋଇଥିବା ଜଣାପଡ଼ିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ଙ୍କ ସରକାରୀ ବାସଭବନରୁ କିଛି ଦୂରରେ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି। ପଞ୍ଜାବରେ ଏମର୍ଜେନ୍ସି ଜାରି ହୋଇଥିବା ବେଳେ ଅନେକ ପ୍ରଦେଶରେ କର୍ଫ୍ୟୁ ଲାଗୁ କରାଯାଇଛି। ଏଭଳି ସମୟରେ ୨୦୨୨ରେ ନୌସେନାର ଓ୍ୱେଷ୍ଟର୍ନ ନାଭାଲ କମାଣ୍ଡ୍ ସାମିଲ ହୋଇଥିବା ଏୟାରକ୍ରାଫ୍ଟ କ୍ୟାରିୟର ବିକ୍ରାନ୍ତ କରାଚୀରେ ଆକ୍ରମଣ କରିବା ଯୁଦ୍ଧର ଭୟାବହତାକୁ ଦର୍ଶାଉଛି। ଅପରପକ୍ଷେ ବେଲୁଚ୍ ଲିବରେଶନ୍ ଆର୍ମି (ବିଏଲ୍ଏ) ପାକିସ୍ତାନୀ ସେନାକୁ ଆକ୍ରମଣ କରିଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଆଇପିଏଲ୍ ମ୍ୟାଚ୍କୁ ମଧ୍ୟ ଭାରତ ଏକ ସପ୍ତାହ ପାଇଁ ବନ୍ଦ କରି ଦେଇଛି।

**GOVERNMENT OF JHARKHAND**
**AGRICULTURE, ANIMAL HUSBANDRY & CO-OPERATIVE DEPARTMENT**
**(CO-OPERATIVE DIVISION)**
**OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI**
**INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI**

**Short e-Tender Notice**

Tender Notice No:- ICDP/RANCHI/04/2025-26 DATE:- 09.05.2025

| SL No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (A) | Construction of 500 MT Capacity Godown in Lamps/Pacs Of Districts Ranchi, Ramgarh and khunti | 15 | 12,07,87,500.00 | 10,000.00 | 12,07,900.00 | 12 Months |
| | (B) | Construction of 500 MT Capacity Godown in Lamps Of Districts East Singhbhum (Jamshedpur), Saraikela-Kharsawan and West Singhbhum (Chaibasa) | 16 | 12,88,40,000.00 | 10,000.00 | 12,88,400.00 | |
| | (C) | Construction of 500 MT Capacity Godown in Lamps/Pacs Of Districts Sahebganj, Godda and Pakur. | 15 | 12,07,87,500.00 | 10,000.00 | 12,07,900.00 | |
| | (D) | Construction of 500 MT Capacity Godown in Pacs of Districts Bokaro and Dhanbad. | 14 | 11,27,35,000.00 | 10,000.00 | 11,27,400.00 | |
| 02. | | Date Of Publication of on Website | 22.05.2025 AT 11:00 AM | | | | |
| 03. | | Last Date & Time of Submission of bids | 31.05.2025 AT 05:00 PM | | | | |
| 04. | | Name & Address of Office Inviting Tender | State Monitoring Officer, ICDP Cell, Ranchi, Pasupalan-Sahkarita Bhawan Singh More, Hesag, Hatia, Ranchi. 834003 | | | | |
| 05. | | Contact No of Procurement Officer | 7250895727, 9431782508 | | | | |

06. Bid document with details terms and conditions will be available online on e-tendering portal, http:// Jharkhandtenders.gov.in from 22.05.2025 at 11:00 AM to 31.05.2025 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 31.05.2025. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 02.06.2025
07. Estimate Cost May Vary.
08. Corrigendum/Amendment if any will be published only on the above mentioned website.

Sd/-
State monitoring Officer
ICDP Cell, Ranchi

PR 352113 (Co-opretive) 25-26 (D)

**Government of Jharkhand**
**Department of School Education and Literacy**
**(Jharkhand Education Project Council, Ranchi)**
**J.S.C.A. Stadium Road, Sector.-III, Dhurwa, Ranchi-834004**
**Phone:0651-2444501, E-Mail: jepcranchi1@gmail.com**

**e-Procurement Notice**

JEPC invites Separate Technical & Financial Bids through e-procurement method from eligible and interested contractors for construction of 100 Bedded Hostel for PVTG at Godda, Palamu, East Singhbhum, Sahebganj & Gumla Division in Jharkhand. Interested and eligible bidders are requested to submit their proposal latest by 03.06.2025 at 2.00 PM.

The details of tender document can be seen and applied through website **http://.jharkhandtenders.gov.in** only.

Ref. No.: JEPC/ CIV/03/1544/2025/ 1773 Ranchi, Date :- 08 .05.2025

Sd/-
State Project Director
Jharkhand Education Project Council

PR 352062 Jharkhand EducationProject Council(25-26)#D

**MINISTRY OF ROAD TRANSPORT & HIGHWAYS, NEW DELHI**
**OFFICE OF THE EXECUTIVE ENGINEER**
**NATIONAL HIGHWAYS DIVISION, GUMLA.**
**E-mail: eenhgumlajhr@gmail.com & eenhgumla-jhr@nic.in**

**Notice Inviting Bid(2nd Call)**

Bid/ Package no.- **NH/Gumla/EPC/01/2025-26** Dated-**09.05.2025**

RFP for **Construction of HL Bridges at Ch.195/2, Ch.198/2, Ch.198/3, Ch. 199/4, Ch. 208/1, Ch.208/4, Ch.210/1, Ch.211/1 on NH-143 (old NH-23) in the State of Jharkhand.** The Ministry of Road Transport & Highways through **Chief Engineer, National Highway Wing, Jharkhand, Ranchi** is engaged in the development of National Highways and as part of this endeavor, it has been decided to undertake **Construction of HL Bridges at Ch.195/2, Ch.198/2, Ch.198/3, Ch. 199/4, Ch. 208/1, Ch.208/4, Ch.210/1, Ch.211/1 on NH-143 (old NH-23) in the State of Jharkhand** through an Engineering, Procurement and Construction (EPC) Contract. [The Ministry of Road Transport & Highways/ ~~National Highways Authority of India~~ / State Public Works Department/~~Border Road Organization~~ represented by its DG(RD)&SS / ~~Chairman~~ / CE (NH) PWD State ~~/ DGBR~~] now invites bids from eligible contractors for the following project:

| State | NH No. | ICB No. | Name of Work | Estimated Cost (In Rs. Cr.) | Completion Period | Maintenance period |
|---|---|---|---|---|---|---|
| Jharkhand | 23 | | Construction of HL Bridges at Ch.195/2,Ch.198/2, Ch.198/3, Ch. 199/4, Ch. 208/1, Ch.208/4, Ch.210/1, Ch.211/1 on NH-143 (old NH-23) in the State of Jharkhand on EPC mode. (JOBNo:-NH-143 (OLDNH-23)/JHR/202425/03) | 27.4611622 (including GST and Labour Cess and all other taxes) | 18 (Eighteen Months) | 10 (Ten years) after Completion |

The complete BID document can be viewed / downloaded from official portal of the CPPP website https:// eprocure.gov.in/eprocure/app from 13.05.2025 to 09.06.2025 (up to 15:00 Hrs. IST). Bidder must submit its financial bid and Technical Bid at https:// eprocure.gov.in/eprocure/app on or before 09.06.2025 (up to15:00 Hrs.). Bids received online shall be opened on 10.06.2025. (at 15:00 hours IST).

Bid through any other mode shall not be entertained. However, Bid Security as form E-Bank Guarantee/ Insurance surety Bond, Receipt of document fee, Power of Attorney and Joint Bidding Agreement etc. shall be submitted physically by the Bidder on or before 09.06.2025 (at 15:00 hours IST), Please note that the Ministry/Authority/ Executing Agency reserves the right to accept or reject all or any of the BIDs without assigning any reason whatsoever.

Tender document fee of **Rs. 10,000/-(Rupees Ten thousand only)** shall be submitted through "BHARATHKOSH" portal towards payment of cost of Bid document [PAO (NH), Kolkata code No. 034756 and DDO Code No. 202122 Purpose: Sale of Tender Documents.] through online payment only. The **GST of Rs. 1800/-** (Rs. One Thousand Eight hundred only) applicable on the sale of tender document shall also be submitted through "BHARATHKOSH" portal towards payment of cost of Bid document [PAO (NH), Kolkata code No. 034756 and DDO Code No. 202122.

**Sd/-Executive Engineer National Highway Division, Gumla**
**Phone No. 8789523476**
**Email id: eenhgumlajhr@gmail.com**

PR 352071 (Road)25-26*D

# ଯୁଦ୍ଧକୁ ଓହ୍ଲାଇବେ ଧୋନି !



ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଉଭୟ ଦେଶ ତିନି ଦିନ ଧରି କ୍ରମାଗତ ଭାବେ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି। ଆଗାମୀ ଦିନରେ ଯଦି ଏପରି ପରିସ୍ଥିତି ଲାଗି ରୁହେ ତେବେ ଯୁଦ୍ଧ ପାଇଁ ଆଞ୍ଚଳିକ ସେନାକୁ ମଧ୍ୟ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଏମଏସ ଧୋନି ଓ ସଚିନ ତେନ୍ଦୁଲକର ମଧ୍ୟ ଏହି ଆଞ୍ଚଳିକ ସେନାର ଜଣେ ସଦସ୍ୟ ଅଟନ୍ତି। ସେହିପରି ସଚିନ ପାଇଲଟ ମଧ୍ୟ ଏହାର ଅଂଶ। ଯଦି ଆବଶ୍ୟକ ପଡ଼େ ତେବେ ଏମ୍ଏସ୍ ଧୋନିଙ୍କୁ ମଧ୍ୟ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ ପଡିବ। ଭାରତକୁ ତିନୋଟି ଆଇସିସି ଟାଇଟଲ ଜିତାଇଥିବା ଅଧିନାୟକ ଏମଏସ ଧୋନି ଏବେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସମ୍ପ୍ରତି ଧୋନିଙ୍କୁ ଆଇପିଏଲରେ ଖେଳୁଥିବା ଦେଖିବାକୁ ମିଳିଥିଲା। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ଆଇପିଏଲକୁ ସ୍ଥଗିତ ରଖାଯାଇଛି। ଏପରି ପରିସ୍ଥିତିରେ ସମସ୍ତ ଖେଳାଳି ଧୀରେ ଧୀରେ ନିଜ ଘରକୁ ଫେରି ଯାଉଛନ୍ତି। ଯୁଦ୍ଧ ଭଳି ପରିସ୍ଥିତିକୁ ଦେଖି ଭାରତ ସରକାର ମଧ୍ୟ ଏହି ସମ୍ପୂର୍ଣ୍ଣ ମାମଲାର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଥିବା ସହିତ ଭାରତୀୟ ଆଞ୍ଚଳିକ ସେନାକୁ ପ୍ରସ୍ତୁତ ରହିବାକୁ ସୂଚନା ଦେଇଛନ୍ତି। ଯଦିଓ ଭାରତୀୟ ଆଞ୍ଚଳିକ ସେନା ସିଧାସଳଖ ମୋର୍ଚ୍ଚା ଗ୍ରହଣ କରେ ନାହିଁ, କିନ୍ତୁ ଯେତେବେଳେ ଯୁଦ୍ଧ ସମୟ ଆସେ, ଏହାକୁ ଯୁଦ୍ଧକ୍ଷେତ୍ରରେ ନିୟୋଜିତ କରାଯାଇଥାଏ। ଏହା ଭାରତୀୟ ସେନାର ଏକ ଅଂଶ ଓ ସ୍ୱେଚ୍ଛାସେବୀ ସଂଗଠନ। ଠିକ୍ ସମୟରେ ଉପଯୋଗୀ ପାଇଁ ସେନା ପକ୍ଷରୁ ଆଞ୍ଚଳିକ ସେନାକୁ ତାଲିମ ଦିଆଯାଇଥାଏ। ସଙ୍କଟ ସମୟରେ ଆଭ୍ୟନ୍ତରୀଣ ସୁରକ୍ଷା ଯୋଗାଇବା ହେଉଛି ଏହି ସେନାର କାମ । ଆଞ୍ଚଳିକ ସେନାର ସଦସ୍ୟମାନଙ୍କୁ ଆବଶ୍ୟକ ପଡ଼ିଲେ ଯୁଦ୍ଧକ୍ଷେତ୍ରକୁ ଯିବାକୁ ପଡ଼ିଥାଏ।

**OFFICE OF THE EXECUTIVE ENGINEER**
**PLANNING AND INVESTIGATION DIVISION**
**ROAD CONSTRUCTION DEPARTMENT (RCD),RANCHI**
**Nirupan Bhawan, 3rd Floor, Room No. 401, 56-Set, Doranda, Ranchi-834002**

**Invitation of Proposal (e-procurement Tender Notice)**
**Letter of Invitation (LOI) No.-5/2025-26 (4th Call)**
**NATIONAL COMPETITIVE BIDDING**
**e-Tender Ref No:–RCD/PID/RANCHI/5/2025-26 Date:-05.05.2025**

| | | |
|---|---|---|
| 1 | Name Of Work | Consultancy Services for the Preparation of comprehensive plan for development /improvement of Road Network of Roads / Flyovers / Ring-Roads / ROB's / Bypass etc., under the State of Jharkhand. |
| 2 | Tentative Area | For entire State of Jharkhand - ( Area - Approx 80,000 $Km^2$ ) |
| 3 | Period of Completion of Work | 180 Days |
| 4 | Cost of Tender documents | Cost of Tender Document Rs 10,000/- (Ten Thousand only) Earnest Money Deposit Rs- 5,00,000/- (Rupees Five Lakhs only) **As per the Departmental Letter no.- 4652(S) dated06.10.2023, cost of tender document and Earnest Money Deposit will be received in online mode only through eprocurement portal (https://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e Governance Department, Government of Jharkhand vide letter no 120 dated 03.10.2023.** |
| 5 | Mode of Bid Submission | e-tendering(https://jharkhandtenders.gov.in) |
| 6 | Date/Time of Publicationof Tender on Website | 13.05.2025,17:00 PM |
| 7 | Last Date/Time of Submission of Bid | 03.06.2025 12:00 Noon |
| 8 | Date and Time of Bid opening | 04.06.2025 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | ExecutiveEngineer, Planning and Investigation Division,RCD, Ranchi, Mob No.-9471650883 |
| 11 | Advt. no. | PR 333555(Road) 24-25 (D) |

Note:- Only e-Tender shall be accepted.

**Executive Engineer,**
**Planning & Investigation Division,**
**Road Construction Department, Ranchi**

PR 352050 Road (25-26)_D

**MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍**

**Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.**
**CIN: U65929KL1997PLC011518, Ph: +91 471 4911400, 2331427**

ଏତଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି up to 30.06.2024 & MSGL ,SPL 16 ,One Plus, Guide prepaid, Super value, ADGL and all other 6 months tenure gold loans up to 30.09.2024 and MSGB ,SME Suvarna & EMI due upto 31.03.2025.Also those gold loans where interest is due and not paid up to 31.03.2025 are also included in this auction ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 26.05.2025 ସକାଳ 10 ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।

**KENDRAPARA DISTRICT - KENDRAPARA:** 4060000001, 4060000008, 4060000009, 4060000012, 4060000013, 4060000016, 4060000020, 4060000023, 4060000024, 4060000025, 4060000035, 4060000038, 4060000040, 4060000049, 4060000179, 4060000181, 4060000186, 406001137, 406001160, 406001166, 406001167, 406001170, 406001174, 406001175, 406001180, 406001182, 406001183, 406001197, 406001200, 406001210, 406001223, 406001225, 406001231, 406001239, 406001262, 406001282, 406001292, 406001293, 406001304, 406001305, 406001306, 406001309, 406001313, 406001326, 406001327, 406001330, 406001333, 406001334, 406001335, 406001341, 406001346, 406001347, 406001356, 406001357, 406001362, 406001365, 406001370, 406001373, 406001380, 406001381, 406001383, 406001386, 406001388, 406001390, 406001391, 406001393, 406001398, 406001399, 406001401, 406001403, 406001404, 406001406, 406001408, 406001409, 406001421, 406001436, 406001437, 406001441, 406001443, 406001444, 406001449, 406001450, 406001451, 406001454, 406001457, 406001460, 406001461, 406001464, 406001465, 406001468, 406001469, 406001470, 406001471, 406001472, 406001479, 406001481, 406001482, 406001485, 406001486, 406001487, 406001488, 406001489, 406001499, 406001501, 406001513, 406001516, 406001517, 406001518, 406001519, 406001528, 406001530, 406001533, 406001539, 406001540, 406001547, 406001552, 406001553, 406001563, 406001579, 406001581, 406001585, 406001598, 406001610, 406001614, 406001626, 406001627, 406001635, 406001639, 406001641, 406001645, 406001649, 406001660, 406001664, 406001670, 406001672, 406001673, 406001677, 406001680, 406001681, 406001694, 406001695, 406001703, 406001709, 406001712, 406001720, 406001721, 406001731, 406001738, 406001746, 406001750, 406001755, 406001763, 406001797, 406001798, 406001800, 406001801, 406001802, 406001808, 406001818, 406001828, 406001830, 406001833, 406001835, 406001836, 406001841, 406001843, 406001848, 406001850, 406001854, 406001859, 406001861, 406001872, 406001873, 406001874, 406001880, 406001882, 406001883, 406001885, 406001897, 406001898, 406001899, 406001908, 406001911, 406001913, 406001916, 406001922, 406001942, 406001948, 406001949, 406001950, 406001951, 406001957, 406001958, 406001965, 406001970, 406001972, 406001977, 406001984, 406001988, 406001996, 406001998, 406002000, 406002002, 406002005, 406002006, 406002012, 406002013, 406002020, 406002022, 406002026, 406002029, 406002036, 406002038, 406002040, 406002041, 406002044, 406002047, 406002060, 406002062, 406002063, 406002066, 406002067, 406002075, 406002076, 406002079, 406002081, 406002085, 406002096, 406002104, 406002107, 406002108, 406002119, 406002121, 406002129, 406002135, 406002142, 406002143, 406002145, 406002151, 406002152, 406002156, 406002162, 406002169, 406002174, 406002179, 406002187, 406002192, 406002193, 406002194, 406002195, 406002200, 406002201, 406002202, 406002203, 406002204, 406002207, 406002208, 406002209, 406002210, 406002212, 406002218, 406002220, 406002227, 406002228, 406002232, 406002233, 406002234, 406002235, 406002240, 406002242, 406002243, 406002244, 406002245, 406002246, 406002247, 406002248, 406002252, 406002257, 406002258, 406002262, 406002263, 406002264, 406002267, [illegible]

398501819, 398501823, 398501825, 398501826, 398501831, 398501836, 398501839, 398501840, 398501849, 398501873, 398501878, 398501890, 398501898, 398501923, 398501924, 398501930, 398501944, 398501948, 398501955, 398501959, 398501968, 398501972, 398501976, 398501979, 398501981, 398501986, 398501987, 398501988, 398501991, 398501993, 398501995, 398502002, 398502003, 398502004, 398502009, 398502011, 398502012, 398502013, 398502014, 398502017, 398502024, 398502030, 398502038, 398502044, 398502054, 398502057, 398502058, 398502059, 398502060, 398502066, 398502074, 398502085, 398502086, 398502087, 398502089, 398502094, 398502095, 398502098, 398502099, 398502101, 398502106, 398502110, 398502112, 398502117, 398502118, 398502121, 398502123, 398502124, 398502125, 398502126, 398502131, 398502133, 398502140, 398502144, 398502148, 398502150, 398502153, 398502154, 398502156, 398502157, 398502158, 398502169, 398502170, 398502174, 398502175, 398502177, 398502178, 398502181, 398502188, 398502194, 398502200, 398502207, 398502213, 398502222, 398502226, 398502229, 398502232, 398502234, 398502238, 398502242, 398502244, 398502245, 398502251, 398502255, 398502261, 398502263, 398502274, 398502275, 398502277, 398502278, 398502280, 398502281, 398502283, 398502285, 398502286, 398502292, 398502295, 398502296, 398502297, 398502304, 398502305, 398502308, 398502312, 398502320, 398502326, 398502331, 398502332, 398502335, 398502339, 398502347, 398502348, 398502349, 398502350, 398502351, 398502352, 398502354, 398502356, 398502357, 398502359, 398502360, 398502362, 398502364, 398502365, 398502366, 398502367, 398502372, 398502375, 398502381, 398502383, 398502385, 398502386, 398502388, 398502394, 398502395, 398502397, 398502400, 398502403, 398502404, 398502406, 398502408, 398502409, 398502410, 398502411, 398502415, 398502416, 398502421, 398502422, 398502426, 398502428, 398502429, 398502435, 398502436, 398502442, 398502448, 398502457, 398502461, 398502462, 398502464, 398502465, 398502466, 398502468, 398502469, 398502470, 398502471, 398502472, 398502473, 398502477, 398502480, 398502481, 398502482, 398502483, 398502489, 398502491, 398502492, 398502493, 398502495, 398502496, 398502501, 398502513, 398502514, 398502517, 398502518, 398502519, 398502523, 398502524, 398502533, 398502534, 398502537, 398502539, 398502541, 398502544, 398502548, 398502551, 398502553, 398502554, 398502558, 398502559, 398502564, 398502565, 398502572, 398502573, 398502575, 398502591, 398502594, 398502595, 398502599, 398502600, 398502601, 398502602, 398502606, 398502613, 398502616, 398502620, 398502625, 398502628, 398502629, 398502633, 398502638, 398502639, 398502641, 398502645, 398502658, 398502663, 398502668, 398502672, 398502675, 398502677, 398502679, 398502688, 398502694, 398502695, 398502696, 398502700, 398502701, 398502703, 398502704, 398502705, 398502710, 398502712, 398502717.

ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 05.06.2025 ସକାଳ 10 **KENDRAPARA:** First Floor, Baldevjew Bajaj Show Room Building , Plot No-23/3,Mauja-Mahiapl,Po-Kendrapara, Town Road, Besidehdfc Bank , Kendrapara, Orissa , 754211. **PURI:** First Floor, Above Odisha Gramya Bank , Plot No -935 , Grand Road, Daitapadasahi, Oppositebagala Dharmasala , Puri, Orissa , 752001. **BARIPADA:** First Floor,Plot No-223/391, Khatyan No-142/34, Ward No-5, Roxy Cinema Hall Road, Baripada, Mayurbhanj-757001. **NAYAGARH:** Ground Floor, Nayak Complex , Plot No 1328/3051, Khandapada Road, Besideidbi Bank , Nayagarh, Orissa , 752069. ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରନ୍ତୁ । ସଫଳ ନିଲାମୀଦାତା ଆରଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ ।

ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍

# ବିବିଧବର୍ଣ୍ଣା



ମସୁରରେ ଅନେକ ପୋଷକ ତତ୍ତ୍ୱ ଭରି ରହିଥାଏ ଯାହା ଚର୍ମ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ମସୁର ପେଷ୍ଟ ତିଆରି କରି ଏହାକୁ ମୁହଁରେ ଲଗାଇବା ତ୍ୱଚା ପାଇଁ ଅନେକ ଲାଭ ଦେଇଥାଏ । ମସୁର ଡାଲି ଭାରତୀୟ ରୋଷେଇ ଘରର ଏକ ମୁଖ୍ୟ ଏବଂ ପୁଷ୍ଟିକର ଖାଦ୍ୟ ଏବଂ ଅନେକ ଉପକାରରେ ଭରପୂର ହୋଇରହିଥାଏ । ଏହାକୁ ମୁହଁରେ ଲଗାଇଲେ ଚର୍ମ ପାଇଁ ଅନେକ ଲାଭ ମିଳିଥାଏ । ମସୁର ଗୁଣ୍ଡ କରିବା ଏବଂ ଏହାକୁ ମୁହଁରେ ଲଗାଇବା ଏବଂ ଏହା କିପରି ବ୍ୟବହାର କରାଯାଇପାରିବ ଆସନ୍ତୁ ଜାଣିବା । ମସୁର ପେଷ୍ଟ ଚର୍ମ ପାଇଁ ଏକ ପ୍ରାକୃତିକ ଏବଂ ପ୍ରଭାବଶାଳୀ ଚିକିତ୍ସା । ଏହା କେବଳ ଚର୍ମକୁ ପୋଷଣ ଯୋଗାଏ ନାହିଁ ବରଂ ଏହାକୁ ସଫା, ଚମକ ଏବଂ ସୁସ୍ଥ କରିଥାଏ  ଡେଡ୍ସ ଚର୍ମକୁ ବାହାର କରିବାରେ ସାହାଯ୍ୟ କରେ: ଡାଲି ଗ୍ରାଇଣ୍ଡ୍ କରି ଏହାର ଏକ ପେଷ୍ଟ ତିଆରି କରି ଏହାକୁ ଏକ ପ୍ରାକୃତିକ ସ୍କ୍ରବ୍ ଭାବରେ କାମ କରିଥାଏ । ଏହା ମୃତ ଚର୍ମକୁ ବାହାର କରିବାରେ ସାହାଯ୍ୟ କରିଥାଏ ଏବଂ ଚର୍ମକୁ ଉଜ୍ଜ୍ୱଳ କରିଥାଏ । ଚର୍ମକୁ ପୋଷଣ ଯୋଗାଏ: ମସୁରରେ ପ୍ରୋଟିନ୍, ଭିଟାମିନ୍ ଏବଂ ମିନେରାଲ୍ସ ରହିଥାଏ ଯାହା ଚର୍ମକୁ ପୁଷ୍ଟିକର କରିଥାଏ । ଚର୍ମକୁ ଶକ୍ତିଶାଳୀ ଏବଂ ସୁସ୍ଥ ରଖିବାରେ ମଧ୍ୟ ଏହା ସହାୟକ ହୋଇଥାଏ ।



## ଗରମ ପ୍ରବାହରୁ ପ୍ରାଣୀଙ୍କୁ ରକ୍ଷା କରିବେ କିପରି ?



*ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି, ପଶୁମାନଙ୍କୁ ଗରମ ପ୍ରବାହରୁ ରକ୍ଷା କରିବା ପାଇଁ ପରାମର୍ଶ ଜାରି କରିଛି । ଗରମ ଦିନରେ ଅଧିକ ଗରମ ପବନ ପ୍ରବାହ ଯୋଗୁଁ ପଶୁ ପକ୍ଷୀଙ୍କୁ ଲୁ ଲାଗିବାର ଅଧିକ ସମ୍ଭାବନା ରହିଥାଏ । ସେଥିପାଇଁ ସେମାନଙ୍କ ଧ୍ୟାନ ଅଧିକ ରଖିବା ଜରୁରୀ ।*

■ ଗରମକୁ ଦୃଷ୍ଟିରେ ରଖି, ପଶୁଚିକିତ୍ସା ଗରମ ଲହରୀରୁ ପ୍ରାଣୀମାନଙ୍କୁ ସୁରକ୍ଷା ଦେବା ପାଇଁ ପରାମର୍ଶ ଜାରି କରାଯାଇଛି । ଫପଶୁପାଳନ ଏବଂ ଗାଈମାନଙ୍କୁ ସିଧାସଳଖ ସୂର୍ଯ୍ୟକିରଣରୁ ରକ୍ଷା କରିବା ଉଚିତ ଏବଂ ଗାଈ ଗୁହାଳରେ ପର୍ଯ୍ୟାପ୍ତ ବାୟୁଚଳନ ବ୍ୟବସ୍ଥା ହେବା ଜରୁରି, ଯାହା ଦ୍ୱାରା ପଶୁମାନଙ୍କୁ ଗରମ ପବନରୁ ରକ୍ଷା କରାଯାଇପାରିବ ।

■ ଏଥିପାଇଁ ଗୋଶାଳା ଚାରିପାଖରେ ଗଛ ଲଗାଯିବା ଉଚିତ ଏବଂ ଗୋଶାଳା ଭିତରେ ପରଦା କିମ୍ବା ଓଦା ବସ୍ତା ବାନ୍ଧିବା ଉଚିତ । ଗୋଶାଳାର ଛାତ ଉପରେ ଘାସ ବିଛାଇ ଦିଅନ୍ତୁ, ଯାହା ଦ୍ୱାରା ଗୋଶାଳା ଭିତରେ ଘାସ ଥଣ୍ଡା ରହିବ । ପ୍ରାଣୀମାନଙ୍କୁ ଦିନକୁ ୪-୫ ଥର ଏବଂ ଆବଶ୍ୟକତା ଅନୁସାରେ ଥଣ୍ଡା ପାଣି ଦିଅନ୍ତୁ ।

■ କ୍ଷୀର ଦେବାର ଅଧ ଘଣ୍ଟା ପୂର୍ବରୁ ପଶୁକୁ ପାଣିରେ ଗାଧୋଇବା ଉଚିତ, ଏହା ସଠିକ୍ କ୍ଷୀର ଉତ୍ପାଦନ ସୁନିଶ୍ଚିତ କରିବ । ଗ୍ରୀଷ୍ମ ଋତୁରେ ମଶା ଏବଂ ମାଛି ଅଧିକ ଦେଖାଯାଏ, ତେଣୁ କୀଟନାଶକ ସ୍ପ୍ରେ କରନ୍ତୁ । ପ୍ରାଣୀମାନଙ୍କୁ ୟୁରିଆ ପ୍ରକ୍ରିୟାକୃତ ନଡ଼ା ଏବଂ ସାଇଲେଜ୍ ଖାଇବାକୁ ଦିଅନ୍ତୁ । କୃମିନାଶକ ଔଷଧ ଦିଅନ୍ତୁ । ପଶୁମାନଙ୍କୁ ପାଦ ଏବଂ ମୁହଁ ରୋଗ, ଆନ୍ଥ୍ରାକ୍ସ ଏବଂ ଏକଟାଙ୍ଗିଆ ରୋଗ ବିରୁଦ୍ଧରେ ଟୀକା ଦିଅନ୍ତୁ । ଏହି ଋତୁରେ, ଯେତେବେଳେ ପ୍ରାଣୀମାନେ ଗର୍ଭଧାରଣ କରନ୍ତି, କୃତ୍ରିମ ପ୍ରଜନନ ପାଇଁ ବିଶେଷ ଯତ୍ନ ନିଅନ୍ତୁ । କୃତ୍ରିମ ପ୍ରଜନନ ପରେ, ପଶୁମାନଙ୍କୁ ଛାଇ ସ୍ଥାନରେ ରଖନ୍ତୁ । ଅଧିକ ଦେହ ଖରାପ ରହିଲେ ନିକଟରେ ଥିବା ପଶୁ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।





## ବିଶ୍ୱର ସବୁଠୁ ଉତ୍ତପ୍ତ ସ୍ଥାନ ଯେଉଁଠି ତାପମାତ୍ରା ୭୦ ଡିଗ୍ରୀ

ଭାରତର ସବୁଠାରୁ ଗରମ ମାସ ହେଉଛି ମେ’ ଏବଂ ଜୁନ । ଦେଶର ଅନେକ ସ୍ଥାନରେ ପ୍ରବଳ ଗରମ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । କିନ୍ତୁ ବିଶ୍ୱରେ ଏମିତି ଏକ ସ୍ଥାନ ଅଛି, ଯେଉଁଠି ତାପମାତ୍ରା ୭୦ ଡିଗ୍ରୀରେ ସେଲସିୟସରେ ପହଞ୍ଚିଯାଏ । ଦୁନିଆର ସବୁଠାରୁ ଉତ୍ତପ୍ତ ସ୍ଥାନ ବିଷୟରେ କଥା ଆସିଲେ ଇରାନର ନାମ ପ୍ରଥମେ ଆସେ । ଇରାନର ବନ୍ଦର-ଏ-ମହଶାହର ସହର ହେଉଛି ପୃଥିବୀର ସବୁଠାରୁ ଉତ୍ତପ୍ତ ସ୍ଥାନ । ଜୁଲାଇ ୨୦୧୫ରେ ଏହି ସ୍ଥାନର ସର୍ବାଧିକ ତାପମାତ୍ରା ୭୪ ଡିଗ୍ରୀ ସେଲସିୟସରେ ରେକର୍ଡ କରାଯାଇଥିଲା । ଆଫ୍ରିକାର ସାହାରା ମରୁଭୂମିର ନାମ ମଧ୍ୟ ଦୁନିଆର ସବୁଠାରୁ ଉତ୍ତପ୍ତ ସ୍ଥାନ ତାଲିକାରେ ସମାଲ ଅଛି । ସାହାରା ମରୁଭୂମିରେ ହାରାହାରି ତାପମାତ୍ରା ୩୨ ରୁ ୪୨ ଡିଗ୍ରୀ ସେଲସିୟସ । କେବଳ ଏତିକି ନୁହେଁ, ବର୍ଷସାରା ୧୦୦ ମିମିରୁ କମ ବର୍ଷା ହୋଇଥାଏ । ସୁଦାନର ୱାଡି ହାଲଫା ସହରରେ କୌଣସି ବର୍ଷା ହୁଏ ନାହିଁ, ଏଠାରେ ହାରାହାରି ତାପମାତ୍ରା ସର୍ବଦା ୪୧ ଡିଗ୍ରୀ ସେଲସିୟସ । ୧୯୬୭ରେ ଏଠାରେ ସର୍ବାଧିକ ତାପମାତ୍ରା ୫୩ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ଏହା ବ୍ୟତୀତ କାଲିଫର୍ନିଆରେ ଅବସ୍ଥିତ ଡେଟ ଭ୍ୟାଲି ମଧ୍ୟ ଦୁନିଆର ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବରେ ପରିଗଣିତ ହୁଏ । ୧୯୧୩ରେ ଏଠାରେ ସର୍ବାଧିକ ତାପମାତ୍ରା ୫୬.୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ଜଣେ ସାଧାରଣ ଲୋକ ଏହି ସ୍ଥାନରେ ରହିବା ଅତ୍ୟନ୍ତ କଷ୍ଟକର । କାହାକୁ ଅସୁସ୍ଥ କରିବା ପାଇଁ ଏଠାରେ ଉତ୍ତାପ ଯଥେଷ୍ଟ ।

## ଘରେ ତିଆରି କରନ୍ତୁ ବାଦାମ ଚିକ୍କି



**ଆବଶ୍ୟକ ସାମଗ୍ରୀ:** ଚିନାବାଦମ୍, ଗୁଡ଼, ଘିଅ, ପାଣି,

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚୁଲିରେ କଡେଇ ବସେଇ ବାଦାମକୁ ଭଲ ଭାବେ ଭାଜି ଦିଅନ୍ତୁ । ଏହାପରେ ବାଦାମକୁ ଭାଜି ଏକ ପାତ୍ରରେ ରଖନ୍ତୁ । ଏହାପରେ କଡେଇରେ ଅଳ୍ପ ଘିଅ ପକାନ୍ତୁ । ଘିଅ ଗରମ ହୋଇଗଲେ ସେଥିରେ ଗୁଡ଼ ପକାନ୍ତୁ । ଏହାପରେ ସେଥିରେ ଗୁଡ ଏବଂ ପାଣି ପକାଇ ଏକ ମିଶ୍ରଣ ତିଆରି କରନ୍ତୁ । ଏହାପରେ ସେଥିରେ ଭଜା ଚିନାବାଦାମ ପକାଇ ମିଶାନ୍ତୁ । ଏହାପରେ ବାଦାମ ଓ ଗୁଡ଼ ଭଲଭାବେ ମିଶିଗଲେ ଗ୍ୟାସକୁ ବନ୍ଦ କରି ଦିଅନ୍ତୁ । ଏହାପରେ ଏକ ଥାଳିରେ ସବୁଆଡେ ଘିଅ ଲଗାଇ ଦିଅନ୍ତୁ ।

ଗୁଡ ଏବଂ ଚିନା ବାଦାମର ମିଶ୍ରଣକୁ ଥାଳିକୁ ବାହାର କରି ଆଣନ୍ତୁ । ଏହାକୁ ଥଣ୍ଡା କରିବାକୁ କିଛି ସମୟ ଛାଡ଼ି ଦିଅନ୍ତୁ । କିଛି ସମୟ ପରେ ଏହା ଥଣ୍ଡା ହୋଇଗଲେ ଆପଣ ଯେଉଁ ଆକାରରେ ଖାଇବାକୁ ଚାହିଁବେ ସେହି ଆକାରରେ ଗଢ଼ନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ସୁଆଦିଆ ‘ବାଦାମ ଚିକ୍କି’ । ଆଜି ଘରେ ଏହାକୁ ବନାନ୍ତୁ । ନିଜେ ଖାଆନ୍ତୁ ଓ ଘର ପରିବାର ଲୋକଙ୍କୁ ପରଷନ୍ତୁ ।

## ପାଣି ପିଅନ୍ତୁ, ସୁସ୍ଥ ରୁହନ୍ତୁ



*ବୈଜ୍ଞାନିକଙ୍କ ମତରେ ଜଳ ହିଁ ଜୀବନର ମୂଳତତ୍ତ୍ୱ । ଜଳ ଆମ ଶରୀରୁ ବାହାରୁ ଥିବା ଅନାବଶ୍ୟକ ପଦାର୍ଥକୁ ବାହାର କରି ସତେଜତା ବଢ଼ାଇଥାଏ । ଖାଇବା ପୂର୍ବରୁ ଗୋଟିଏ କିମ୍ବା ଦୁଇ ଗ୍ଲାସ ପାଣି ପିଇଲେ ସାଧାରଣତଃ ଶରୀରକୁ ଆରାମ ଲାଗିଥାଏ । ଏହା କମ୍ ଖାଇବା ଓ ଡିହାଇଡ୍ରେସନ୍‌ରେ ମଧ୍ୟ ସାହାଯ୍ୟ କରିଥାଏ । ଦୈନନ୍ଦିନ ସ୍ୱାସ୍ଥ୍ୟ ସମସ୍ୟାରେ ଏଚଟୁଓର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ବିଭିନ୍ନ ରୋଗବ୍ୟାଧିର ଉପଶମରେ ସହାୟ ହୋଇଥାଏ । ସେଗୁଡ଼ିକ ହେଲା...*

### ମେଟାବୋଲିଜିମ୍‌କୁ ବଢ଼ାଇଥାଏ

ଜଳପାନ ଦ୍ୱାରା ଶରୀରର ଅଧିକ କ୍ଷମତା ଆସିଥାଏ । ଏକ ସର୍ଭେ ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁସାରେ ଏଣ୍ଡୋକ୍ରିନୋଲୋଜି ଏବଂ ମେଟାବୋଲିଜିମ୍ ପାନୀୟ ଜଳରେ ଥିବା ଜର୍ନାଲ ଅଫ୍ କ୍ଲିନିକାଲ ପତ୍ରିକାରେ ପ୍ରକାଶିତ ହୋଇଛି । ତେଣୁ ଅଧିକ ପାଣି ପିଉଥିବା ୩୦ ଭାଗ ସୁସ୍ଥ ମହିଳା ଏବଂ ପୁରୁଷଙ୍କର ମେଟାବୋଲିକ୍ ବଢ଼ିଥାଏ । ପାଣି ପିଇବାର ୩୦-୪୦ ମିନିଟ୍ ପରେ ମେଟାବୋଲିକ୍‌ର ମାତ୍ରା ବୃଦ୍ଧି ପାଇଥାଏ ।

### ହୃତ୍‌ପିଣ୍ଡକୁ ସୁରକ୍ଷା ଦିଏ

ଅଧିକ ପାଣି ପିଇବା ଦ୍ୱାରା ହୃଦ୍‌ଘାତ ହେବାର ଆଶଙ୍କା କମ୍ ଥାଏ । ୬୦ ବର୍ଷର ପରୀକ୍ଷା ପରେ ଆମେରିକାର ଇପିଡ଼େମିଓଲୋଜି ପତ୍ରିକାରେ ପ୍ରକାଶିତ ହୋଇଥିଲା ଦିନକୁ ଦୁଇଗ୍ଲାସରୁ କମ୍ ପାଣି ପିଉଥିବା ବ୍ୟକ୍ତିଙ୍କ ଠାରୁ ପାଞ୍ଚ ଗ୍ଲାସରୁ ଅଧିକ ପାଣି ପିଉଥିବା ବ୍ୟକ୍ତିଙ୍କର ହୃଦ୍‌ଘାତ ହେବାର ସମ୍ଭାବନା କମ୍‌ଥାଏ । ଅଧିକମାତ୍ରାରେ ପାଣି ପିଇବା ଦ୍ୱାରା କର୍କଟରୋଗକୁ କମ୍ କରାଯାଇପାରିବ । ରିସର୍ଚ୍ଚରୁ ଜଣାପଡ଼ିଛି ଯେ ହାଇଡ୍ରେଡ଼ ଦ୍ୱାରା ବୃହଦାନ୍ତ୍ର କର୍କଟକୁ ୪୫ ଭାଗ ରୋକାଯାଇପାରିବ, ମୂତ୍ରାଶୟ କର୍କଟ ୫୦ ଭାଗ ଏବଂ ସ୍ତନ କର୍କଟକୁ ମଧ୍ୟ ରୋକା ଯାଇପାରିବ ।

### ମୁଣ୍ଡବିନ୍ଧା ଦୂରକରେ

ବୈଜ୍ଞାନିକମାନେ ମାଇଗ୍ରୋନ୍‌କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରିଛନ୍ତି । ଗୋଟିଏ ପ୍ଲେସବୋ ନେବା ଅନ୍ୟଟି ଦୈନିକ ୧.୫ ଲିଟର ପାଣି ପିଇବା । ଦୁଇ ସପ୍ତାହ ପରେ ଦେଖିବାକୁ ମିଳିଥିଲା ଯେ ପ୍ଲେସ୍‌ବୋ ନେଉଥିବା ଲୋକଙ୍କ ଅପେକ୍ଷା ପାଣି ପିଉଥିବା ଲୋକଙ୍କ ମୁଣ୍ଡ ବିନ୍ଧା ଦୂର ହୋଇଥିଲା ।

### ବୁଦ୍ଧି ବଢ଼ାଇବାରେ ପାଣିର ଭୂମିକା


ଆମ ମସ୍ତିଷ୍କ କାର୍ଯ୍ୟ କରିବା ପାଇଁ ଅମ୍ଳଜାନ ଦରକାର କରିଥାଏ । ତେଣୁ ଅଧିକ ମାତ୍ରାରେ ପାଣି ପିଇବା ଦ୍ୱାରା ଆମ ଶରୀରକୁ ଦରକାର କରୁଥିବା ଉପାଦାନ ମିଳିଯାଇଥାଏ । ଦିନକୁ ୮ରୁ ୧୦ କପ୍ ପାଣି ପିଇଲେ ଆମର ସଂଜ୍ଞାନାତ୍ମକ ନିଷ୍ପାଦନର ୩୦ ଭାଗ ବଢ଼ିଥାଏ ।

୬୦ ପ୍ରତିଶତ ଯୁକ୍ତରାଷ୍ଟ୍ରର ଲୋକେ ପାଣି ବୋତଲ କିଣି ପିଇଥାନ୍ତି । ଏହା ଜୁସ୍, ସୋଡ଼ା ଏବଂ ଷ୍ଟାରବକ ଠାରୁ ଶସ୍ତା ହୋଇଥାଏ । ଏହାଦ୍ୱାରା ସେମାନଙ୍କ ପଇସା ବଞ୍ଚିଯାଏ । ପ୍ରତିଦିନ ସୋଡ଼ାଠାରୁ ଗୋଟେ ଗ୍ଲାସ ପାଣି ଶ୍ରେୟସ୍କର ହୋଇଥାଏ ।

### ସତେଜ ରଖେ

କର୍ମକ୍ଷେତ୍ରରେ ସତେଜ ରଖିବା ସହ ଡିହାଇଡ୍ରେସନ୍‌ର ପରିମାଣକୁ କମ୍ କରି ମେମୋରୀକୁ ବଢ଼ାଏ ।

ବର୍ତ୍ତମାନ ଖରାଦିନ ହୋଇଥିବାରୁ ଶରୀରକୁ ଯଥେଷ୍ଟ ପରିମାଣର ଜଳ ଆବଶ୍ୟକ ହୋଇଥାଏ ଏହା କେବଳ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିନଥାଏ ବରଂ ସମ୍ଭାବ୍ୟ ଶରୀରୁ ଜଳୀୟ ହ୍ରାସ ଜନିତ କ୍ଷତିରୁ ବଞ୍ଚାଇଥାଏ । ଫୁଟା ହୋଇ ମାଟି ପାତ୍ରରେ ରହିଥିବା ପାଣି ସବୁଠାରୁ ସ୍ୱାସ୍ଥ୍ୟ ପାଇଁ ଭଲ । ଫ୍ରିଜରେ ରହିଥିବା ଥଣ୍ଡା ପାଣି ଶରୀର ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ ।



କଥାରେ ଅଛି ‘ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ’ ଠିକ ସେହିପରି ଶରୀର ପାଇଁ ଅତ୍ୟଧିକ ପରିମାଣର ଜଳ ମଧ୍ୟ ଅହିତକାର ହୋଇଥାଏ । ତେଣୁ ଆପଣଙ୍କ ଖାଦ୍ୟ ଓ ଶରୀରର ଓଜନକୁ ଦୃଷ୍ଟିରେ ରଖି ସର୍ବନିମ୍ନ ଦିନକୁ ବିଶୁଦ୍ଧ ଆଠଗ୍ଲାସ ପାଣି ପିଅନ୍ତୁ । ଏହା ଆପଣଙ୍କ ଶରୀରର ଉର୍ଜ୍ଜା ବଢ଼ାଇବା ସହିତ ଫୁର୍ତ୍ତି ସୃଷ୍ଟି କରିଥାଏ ।

***ଡାକ୍ତର ଗୁରୁପଦ ମିଶ୍ର, ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ***

## ଜବରଦସ୍ତ ଲୁକ୍ ଦେଖାଇଲେ ଦିଶା



ଦିଶା ପରମାର ଜଣେ ପ୍ରସିଦ୍ଧ ଟିଭି ଅଭିନେତ୍ରୀ । ସେ ‘ବଡେ ଅଛେ ଲଗତେ ହେଁ’ ଶୋ’ରୁ ନା’ ଏବଂ ଖ୍ୟାତି ପାଇଥିଲେ । ଦିଶାଙ୍କ ଅଭିନୟକୁ ଲୋକେ ଖୁବ୍ ପସନ୍ଦ କରନ୍ତି । ଅଭିନେତ୍ରୀଙ୍କ ଲୁକ୍ ମଧ୍ୟ ଭାଇରାଲ୍ ହେଉଛି । ଦିଶା ପରମାର ନିକଟରେ କିଛି ଫଟୋ ଶେୟାର କରିଛନ୍ତି । ଏହି ଫଟୋସୁଟ୍ ସୋସିଆଲ ମିଡିଆରେ ଚର୍ଚ୍ଚାରେ ଅଛି ।ନିକଟରେ, ଅଭିନେତ୍ରୀ ଏକ ଜବରଦସ୍ତ ଫଟୋସୁଟ୍ କରାଇଛନ୍ତି । ଏହି ଫଟୋସୁଟରେ ସେ ବହୁତ ସୁନ୍ଦର ଦେଖାଯାଉଛନ୍ତି । ଦିଶାଙ୍କ ଏହି ଦମଦାର ଷ୍ଟାଇଲ୍ ଭାଇରାଲ ହେଉଛି । ହସ ଠାରୁ ଆରମ୍ଭ କରି ଘାତକ ଲୁକ୍ ପର୍ଯ୍ୟନ୍ତ, ଦିଶାଙ୍କ ଷ୍ଟାଇଲ୍ ଭାଇରାଲ୍ ହେଉଛି । ଦିଶା ତାଙ୍କ ଫଟୋସୁଟ୍ ପାଇଁ ଏକ ମାଟିଆ ରଙ୍ଗର ୱାନ୍ ସୋଲ୍ଡର ଡ୍ରେସ୍ ପିନ୍ଧିଥିଲେ । ଏହି ଡ୍ରେସ୍‌ରେ ସେ ତାଙ୍କର ସ୍ଲିମ୍ ଫିଗର ଦେଖାଇଥିବାକୁ ଚେଷ୍ଟା କରିଛନ୍ତି । ଦିଶା ଏହି ଲୁକ୍‌କୁ ହାଇ ହିଲ୍ସ ଏବଂ କାନ୍‌ଫୁଲ ସହିତ ସମାପ୍ତ କରିଛନ୍ତି । ସେ ଏକ ସାଇଡ୍-ପାର୍ଟେଡ୍ ହେୟାରଷ୍ଟାଇଲ୍ କରିଛନ୍ତି ।ଏହା ବ୍ୟତୀତ ଦିଶା ତାଙ୍କ ଆଖିକୁ ଧୂଆଁଳିଆ ମେକଅପ୍ ଏବଂ ଓଠ ମାଟିଆ ରଙ୍ଗର ଲିପ୍‌ଷ୍ଟିକ୍‌ରେ ସଜେଇଛନ୍ତି । ଶୋ’ ‘ପ୍ୟାର କା ଦର୍ଦ ହେ, ମିଠା ମିଠା ପ୍ୟାର୍ ପ୍ୟାର୍’ ପାୟରା ଠାରୁ ଦିଶା ସ୍ୱୀକୃତି ପାଇଥିଲେ । ଏହା ବ୍ୟତୀତ ତାଙ୍କର ଶୋ ’ବଡେ ଅଛେ ଲଗ୍‌ତେ ହେ’ ମଧ୍ୟ ବହୁତ ଚର୍ଚ୍ଚାରେ ଥିଲା ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଇପିଙ୍ଗ ଗ୍ରାମର ବିଶିଷ୍ଟ ସମାଜସେବୀ ମହିୟସୀ ମହିଳା କୁମୁଦିନୀ ତ୍ରିପାଠୀଙ୍କ ଏକାଦଶାହ ଅନୁଷ୍ଠିତ ହୋଇଛି। ଏହି ଶ୍ରାଦ୍ଧ ଉତ୍ସବ ଅବସରରେ ଏକ ସ୍ମୃତିଚାରଣ ସଭା ସଭାପତି ସଦାନନ୍ଦ ଗୌଡ଼ଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇ ଥିଲା। ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା 'ଅଳକାପୁରେ କୁମୁଦିନୀ' ନାମକ ପୁସ୍ତକ ଉନ୍ମୋଚନ ହୋଇଥିଲା। ଏଥିରେ ଆମ ପୁସ୍ତକ ମେଳା ସଂଗଠନର ସମ୍ପାଦକ ବିଷ୍ଣୁପ୍ରସାଦ ଦଳେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ସାରସ୍ୱତ ସାଧକ କାଶୀନାଥ ଜେନା ଶ୍ରୀମଦ ଭାଗବତ ଗୀତାର ପଞ୍ଚଦଶ ଅଧ୍ୟାୟରେ ମାନବ ଜନ୍ମ ସାର୍ଥକ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପାରିକୁଦ ମାଲୁଦ ଅଞ୍ଚଳର ସାରସ୍ୱତ ସାଧକ ଦେବରାଜ ଜେନା, ବିଦ୍ୟାଧର ପ୍ରଧାନ, ସନାତନ ତରେଇ, ସୁରେନ୍ଦ୍ର ନାଥ ପ୍ରଧାନ, ମନୋଜ ବାରିକ, ପ୍ରେମଚାନ୍ଦ ପାତ୍ର ଓ ଶରତ ଚନ୍ଦ୍ର ବାରିକ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସମସ୍ତ କାର୍ଯ୍ୟକୁ ସ୍ୱର୍ଗତ ତ୍ରିପାଠୀଙ୍କ ସୁପୁତ୍ର ନୀଳକଣ୍ଠ ତ୍ରିପାଠୀ ପରିଚାଳନା କରିଥିଲେ।

## କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ତାଳପଦା ପଞ୍ଚାୟତ ଅଧୀନ ଆଗିରିଆ କେନାଲରୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯୁବକଙ୍କ ପରିଚୟ ଗୁଆମାଳ ପଞ୍ଚାୟତ ଅଧୀନ ଗଣେଶପୁରର ଗ୍ରାମର ବେଙ୍ଗ ବାରିକ(୪୫) ବୋଲି ଜଣାଯାଇଛି। ଯୁବକ ବେଙ୍ଗ ଶୁକ୍ରବାରରେ କୌଣସି କାମରେ ତାଳପଦା ଯାଇଥିଲେ। ସେଠାରୁ ଘରକୁ ଫେରିବା ବେଳେ କେନାଲରେ ପଡ଼ିବା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ପରେ ସ୍ଥାନୀୟ ଲୋକେ ଏ ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏଥିସହ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଛେଦ ପାଇଁ ପଠାଇଥିବା ଜଣାଯାଇଛି।

## ଶ୍ରେଷ୍ଠ ସମାଜସେବୀ ଭାବେ ଅଜିତ ଯୋଶୀ ସମ୍ବର୍ଦ୍ଧିତ



ମୁରିବାହାଲ/ବଙ୍ଗୋମୁଣ୍ଡା, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବାସିନ୍ଦା ବରିଷ୍ଠ ସାମାଜସେବୀ ଅଜିତ ଯୋଶୀ ଶୁକ୍ରବାର ଭୁବନେଶ୍ୱର ଠାରେ ଓଡ଼ିଶାର ଏକ ଘରୋଇ ଟେଲିଭିଜନ ଚ୍ୟାନେଲର ବାର୍ଷିକ ଉତ୍ସବରେ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀଙ୍କ ହାତରେ ବଲାଙ୍ଗିର ଜିଲ୍ଲାର ଶ୍ରେଷ୍ଠ ସମାଜସେବୀ ଭାବେ କଳିଙ୍ଗ ଗୌରବ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେ ସବୁବେଳେ ଅସହାୟ ପାଇଁ ସାହାରା ହୋଇଥାନ୍ତି। କରୋନା ସମୟରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଅନେକ ଲୋକଙ୍କୁ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ ପ୍ରଦାନ କରିବା ସହ ଛାତ୍ରଛାତ୍ରୀଙ୍କୁ ଖାତା, କଲମ, ଶୀତବସ୍ତ୍ର ଆଦି ବିଭିନ୍ନ ସମୟରେ ଲୋକଙ୍କୁ ସହଯୋଗ କରିଥାନ୍ତି। ଏବେ ମଧ୍ୟ ଲୋକଙ୍କୁ ସହାୟତା କରିବା ଜାରି ରଖିଛନ୍ତି। ବର୍ତ୍ତମାନ ବଙ୍ଗୋମୁଣ୍ଡା ପଞ୍ଚାୟତର ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇ ଲୋକଙ୍କ ଦରଦୀ ବନ୍ଧୁ ଭାବେ ଅଞ୍ଚଳରେ ବେଶ ପରିଚିତ ଅଜିତ। ଅନାଥ ପିଲାମାନଙ୍କୁ ସେ ସବୁବେଳେ ସହାୟତର ହାତ ବଢ଼ାଇ ପାଠପଢ଼ି ବଡ଼ମଣିଷ ହେବାର ରାସ୍ତା ଦେଖାଇଥାନ୍ତି। କୌଣସି ଲୋକ ଅସୁବିଧାରେ ଥିବା ଖବର ପାଇବା ମାତ୍ରେ ତୁରନ୍ତ ସହାୟତର ହାତବଢାନ୍ତି ଅଜିତ। ସେଥିପାଇଁ ଅଜିତ ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ସମ୍ମାନରେ ସମ୍ବର୍ଦ୍ଧିତ ହୋଇସାରିଛନ୍ତି। ପୁଣି ଥରେ ଓଡ଼ିଶାର ବାଚସ୍ପତିଙ୍କ ଠାରୁ ଅଜିତ କଳିଙ୍ଗ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ ହେବା ପରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ମୃତ୍ୟୁର ଦେଢ଼ ମାସ ପରେ ବି ମିଳୁନି ବ୍ୟବଚ୍ଛେଦ ରିପୋର୍ଟ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଦୁର୍ଘଟଣାରେ ମୃତ୍ୟୁ ହେବାର ଦେଢ଼ ମାସ ହୋଇଥିଲେ ସୁଦ୍ଧା ମିଳୁନାହିଁ ଶବ ବ୍ୟବଚ୍ଛେଦ ରିପୋର୍ଟ। ଯାହାଫଳରେ ସରକାରୀ ସହାୟତା ଯୋଜନାଗୁଡ଼ିକରୁ ବଞ୍ଚିତ ହେଉଛନ୍ତି ପରିବାର ଲୋକ। ତା' ସାଙ୍ଗକୁ ବୋଝ ଉପରେ ଲଳିତାବିଡ଼ା ସାଜୁଛନ୍ତି ବିଭିନ୍ନ ଘରୋଇ ଋଣ ସଂସ୍ଥା। ପ୍ରକାଶ ଥାଉକି ଗତ ମାର୍ଚ୍ଚମାସ ୧୮ ତାରିଖରେ ଘଟଗାଁ ଥାନା ଅଧୀନ ଦେହୁରୀପଡା ଗ୍ରାମର କେଦାର ନାଏକ (୨୭)ଙ୍କୁ ସନ୍ଧ୍ୟା ୬ ଟାରେ ସୁନାରିପଶି ଛକ ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କେଦାର ନାଏକଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଦୁର୍ଘଟଣା ଖବର ପାଇ ଘଟଗାଁ ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ୧୯ତାରିଖ ଶବ ବ୍ୟବଚ୍ଛେଦ ନିମନ୍ତେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଡିଜିଟାଲ ବ୍ୟବସ୍ଥା କରିଥିବା ବେଳେ ମୃତ୍ୟୁର ଦେଢ଼ମାସରୁ ଉର୍ଦ୍ଧ୍ୱ ସମୟ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ବ୍ୟବଚ୍ଛେଦ ରିପୋର୍ଟ ମିଳିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ବିଳମ୍ବ ହେତୁ ମୃତ୍ୟୁ ପ୍ରଣାମପତ୍ର ହୋଇପାରୁ ନାହିଁ। ଫଳରେ ସରକାରୀ ସହାୟତା ଏବଂ ଯୋଜନାଗୁଡ଼ିକରୁ ବଞ୍ଚିତ ହେଉଛନ୍ତି ତାଙ୍କ ଧର୍ମପତ୍ନୀ ଶାନ୍ତିଲତା ନାଏକ। ଅନ୍ୟପକ୍ଷରେ ଦୁଇ ଛୋଟଛୁଆଙ୍କୁ ଧରି ପରିବାର ଚଳାଇବା ଶାନ୍ତିଲତାଙ୍କୁ କଷ୍ଟ ହେଉଥିବା ବେଳେ ମୃତ୍ୟୁ ପ୍ରଣାମ ପତ୍ର ଦେଖାଇ ନପାରିବାରୁ ଘରୋଇ ଋଣ ସଂସ୍ଥାକାରୀଙ୍କ ଜୁଲୁମ ଦିନକୁଦିନ ବଢ଼ିଯାଉଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଯଥାଶୀଘ୍ର ମିଳିଲେ ସମସ୍ତ ଅସୁବିଧା ଦୂର ହୋଇପାରନ୍ତା ବୋଲି ପ୍ରଶାସନକୁ ନିବେଦନ କରିଛନ୍ତି ଶାନ୍ତିଲତା।

## ଚୋରି ଘଟଣାରେ ୩ ଗିରଫ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ତ ପୋଦୋନା ଗ୍ରାମରେ ଗତ ୨୨ ତାରିଖରେ ନିରଞ୍ଜନ ଲେଙ୍କାଙ୍କ ଘରୁ କବାଟ ଭାଙ୍ଗି ସୁନା, ରୁପା, ଟଙ୍କା ଚୋରି ହୋଇଥିବା ନେଇ ନିଆଳି ଥାନାରେ ଅଭିଯୋଗ ହୋଇଥିଲା। ନିଆଳି ପୋଲିସ ଥାନାରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଗୁରୁବାର ଉକ୍ତ ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୋଦନା ଗ୍ରାମର ସବ୍ୟସାଚୀ ମଲିକ (୩୫), ବଡାର ଗ୍ରାମର ସୁମନ୍ତ ସାହୁ (୩୦), ବଡାର ଗ୍ରାମର ସୁଧୀର ମଲିକ (୩୨)। ଏମାନଙ୍କ ଠାରୁ ଟଙ୍କା ଓ ରୂପା ଜବତ କରାଯାଇଥିବା ବେଳେ ଆସନ୍ତା କାଲି ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ନିଆଳି ଥାନା ଅଧିକାରୀ ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

## ଚିତ୍ରକଳା ପ୍ରତିଯୋଗିତା

କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବଡ ଅଁଳାହାଇ ସ୍କୁଲ ଠାରେ ଆନ୍ତର ର୍ଜାତୀୟ ଜୈବ ବିବିଧତା ଦିବସ ୨୦୨୫ ଦିବସରେ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷ୍ଣପ୍ରସାଦ ବ୍ଲକର ଡ. ମାୟାଧର ମାନସିଂହ ମେମୋରିଆଲ ହାଇସ୍କୁଲ, ନନ୍ଦଲା ସାନଶୀମା ନୋଡାଲ ହାଇ ସ୍କୁଲ ଓରା ବଟେଶ୍ୱର ହାଇ ସ୍କୁଲ, ମୋରଡା ବଡ଼ ଅଇଁଳ ହାଇସ୍କୁଲର ପ୍ରାୟ ୨୦ରୁ ଅଧିକ ଛାତ୍ର ଛାତ୍ରୀ ଏହି ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ବଡ଼ ଅଇଁଳ ଗ୍ରାମ ପଂଚାୟତ ସରପଞ୍ଚ ଶ୍ରୀମତୀ ବୀଣାପାଣି ପ୍ରଧାନ ପ୍ରୋଜେକ୍ଟ ଡାଇରେକ୍ଟର ମନୋରଞ୍ଜନ ମିଶ୍ର, ଜୈବ ବିବିଧତା ଗବେଷକ ଡ. ଓମ ପ୍ରକାଶ ମହାନ୍ତି, ଡ. ମହାଲିକ, ଡ. ସତ୍ୟ ରଞ୍ଜନ ବେହେରା, ଜୈବ ବିବିଧତା ସଚିବ ନିହାର ରଞ୍ଜନ ନାୟକ, ଡ. ଶୁଭ୍ରାଂଶୁ ନାୟକ ଓ ଡ. ପ୍ରଶାଦ ଦାସ ପ୍ରମୁଖଙ୍କ ଉପସ୍ଥିତରେ ସମସ୍ତ ପ୍ରତିଯୋଗୀଙ୍କୁ ମୂଲ୍ୟାୟନ କରି ପାଞ୍ଚଜଣ ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଥିଲା। ଏହି ପ୍ରତିଯୋଗୀ ଜିଲ୍ଲାସ୍ତରରୁ ମନୋନୀତ ହୋଇ ରାଜ୍ୟସ୍ତରର ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ ବୋଲି ସ୍ୱପ୍ନା ଅନୁଷ୍ଠାନର ପ୍ରୋଜେକ୍ଟ ଡାଇରେକ୍ଟର ମନୋରଞ୍ଜନ ମିଶ୍ର କହିଛନ୍ତି।

## ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ବିଳମ୍ବ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ-ଡୁବରୀ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବା ନେଇ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ମୁଖ୍ୟ ଉପଦେଷ୍ଟା ଚନ୍ଦନକୁମାର ନାୟକ ଯାଜପୁର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଏହି କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ଦାବି କରିଥିଲେ। ଗତ ୬ତାରିଖ ଦିନ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ଆଲୋଚନାଚକ୍ର ଜିଲ୍ଲାପାଳ ପି ଅନ୍ୱେଷା ରେଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ଟ୍ରକ ଓ ବସ ମାଲିକ ସଂଘର କର୍ମକର୍ତ୍ତାମାନେ ସାମିଲ ହୋଇ ଥିଲେ। ଏହି ଆଲୋଚନାଚକ୍ରରେ ପାଣିକୋଇଲି ଠାରୁ ଛତିଆ, ଚଣ୍ଡିଖୋଲ ଠାରୁ ଡୁବୁରୀ ଓ ଚଣ୍ଡିଖୋଲ ଠାରୁ ପାରାଦୀପ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତି ବିଭିନ୍ନ ଆଲୋଚନା କରାଯାଇଥିଲା। ତେବେ ଚଣ୍ଡିଖୋଲ-ଡୁବୁରୀ ରାସ୍ତା ସମ୍ପସାରଣ କାର୍ଯ୍ୟ ଦୀର୍ଘ ୧୦ବର୍ଷ ଧରି ଚାଲୁଥିବା ବେଳେ ତାହା ଆଜିପର୍ଯ୍ୟନ୍ତ ଶେଷ ହୋଇପାରିଲା ନାହିଁ। ଫଳରେ ଏହି ଚଳଚଞ୍ଚଳ ଜାତୀୟ ରାଜପଥ ଦେଇ ଦୈନିକ ଯାତାୟତ କରୁଥିବା ବିଭିନ୍ନ ଗାଡି ଓ ବାଇକ ଅରୋହି ନାହି ନନଥିବା ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି ବୋଲି ମୁଖ୍ୟ ଉପଦେଷ୍ଟା ନାୟକ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଏହି ରାଜପଥର ସୁଭଦ୍ରାପୁର ସ୍ଥିତ ସେତୁର ଅବସ୍ଥା ଶୋଚନୀୟ ହୋଇପଡିଥିବା ଏବଂ ତିନିତିନିଟି ଜାତୀୟ ରାଜପଥର ସଂଯୋଗସ୍ଥଳ ଭାବେ ପରିଚିତ ଚଣ୍ଡିଖୋଲ ଛକର ଅବ୍ୟବସ୍ଥା ସମ୍ପର୍କରେ ନାୟକ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏହି ଆଲୋଚନା ଚକ୍ରରେ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ସମ୍ପାଦକ ଅଜାମ୍ବର ସାହୁ ଓ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ପୁଷ୍ପରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପି.ଇ.ଓ. ବଦଳିକୁ ବିରୋଧ କରି ବିଡିଓଙ୍କୁ ଦାବିପତ୍ର



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ପାଟୁଳି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବିଡିଓ ଗତ ଗୁରୁବାର ବଦଳି କରିଛନ୍ତି। ଏହି ବଦଳି ବିରୋଧରେ ସରପଞ୍ଚଙ୍କ ସମତେ ବହୁ ୱାର୍ଡ ସଦସ୍ୟ/ସଦସ୍ୟା ସ୍ୱର ଉତ୍ତୋଳନ କରି ବିଡିଓଙ୍କୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରି ବଦଳି ବାତିଲ ପାଇଁ ଚେତାବନୀ ଦେଇଥିବା ଜଣାଯାଇଛି। ମାତ୍ର ଦେଢବର୍ଷ ପୂର୍ବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ମିଶ୍ରଙ୍କୁ ପାଟୁଳି ପଞ୍ଚାୟତ ଦାୟିତ୍ୱ ଅର୍ପଣ କରାଯାଇଥିଲା। ମିଶ୍ର ସମସ୍ତଙ୍କ ଆସ୍ଥା ଭାଜନ ହୋଇ କାର୍ଯ୍ୟ ସମ୍ପାଦନ କରିଆସୁଥିଲେ। ତାଙ୍କ ବିରୋଧରେ କୌଣସି ଅଭିଯୋଗ ମଧ୍ୟ ନଥିଲା। ହେଲେ ଗତ ଗୁରୁବାର ତାଙ୍କୁ ପାଟୁଳି ପଞ୍ଚାୟତରୁ ରାଜେନ୍ଦ୍ରପୁର ପଞ୍ଚାୟତକୁ ବ୍ଲକ ପକ୍ଷରୁ ଉଦ୍ଦେଶ୍ୟମୂଳକ ଭାବେ ବଦଳି କରାଯାଇଛି। ଏ ସମ୍ପର୍କରେ ସରପଞ୍ଚଙ୍କ ସହ ସାମାନ୍ୟତମ ପରାମର୍ଶ କରାଯାଇ ନାହିଁ। ଅନ୍ୟପକ୍ଷରେ ବ୍ଲକରେ ଦୀର୍ଘବର୍ଷ ଧରି ଗାଦି ମାଡି ବସିଥିବା ଦୁର୍ନିତୀଗ୍ରସ୍ତ କାର୍ଯ୍ୟନିର୍ବାହୀ ବିକ୍ରମ ସାହୁଙ୍କୁ ରାଜେନ୍ଦ୍ରପୁର ପଞ୍ଚାୟତରୁ ପାଟୁଳି ପଞ୍ଚାୟତକୁ ବଦଳି କରାଯାଇଛି। ବିଭିନ୍ନ ଯୋଜନାର ହିତାଧିକାରୀ ଚୟନ, ବିଲ ପୈଠ ଆଦିରେ ଚଞ୍ଚକତା କରିବା ବହୁ ଅଭିଯୋଗ ସାହୁଙ୍କ ନାମରେ ରହିଛି। ସାହୁଙ୍କୁ ଆଦୌ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଗ୍ରହଣ କରାଯାଇପାରିବ ନାହି ବୋଲି ସରପଞ୍ଚ ଅନିତା ରାଉତ, ନାଏବ ସରପଞ୍ଚ ଗଜେନ୍ଦ୍ର ପାଲ, ୱାର୍ଡ ସଦସ୍ୟ ରାଜକିଶୋର ଦତ୍ତ, ନମିତା ପାଲ, ରଶ୍ମିତା ଯେନା, ସାବିତ୍ରୀ ପାଲ, ଗୋପାଳ ସୂତାର, ସସ୍ମିତା ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ବିଦ୍ୟୁତଲତା ଦାସ ପ୍ରମୁଖ ବିଡିଓଙ୍କୁ ଏଥିନେଇ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ଏହି ବଦଳି ବାତିଲ ପାଇଁ ଦାବି କରିଛନ୍ତି। ଅନ୍ୟଥା ଏଥିନେଇ ଆନ୍ଦୋଳନ କରାଯିବ ବୋଲି ବିଡିଓଙ୍କୁ ଚେତାବନୀ ଦେଇଥିବା ଜଣାଯାଇଛି।

## ଅଧ୍ୟାପକ ଦଉକୃଷ୍ଣ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମପଞ୍ଚାୟତର ଫୋରଡ ଗ୍ରାମର ଅଧ୍ୟାପକ ଦଉକୃଷ୍ଣ ଜେନାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ହେମନ୍ତ କୁମାର ଜେନା, ଅରକ୍ଷିତ ଜେନା, ଦିଲ୍ଲିପ କୁମାର ସିଂ, ନିରଞ୍ଜନ ନାୟକ, ବାଦଲ ସାମନ୍ତରାୟ, ବବଲୁ ଜେନା, ଲାଲୁ ଜେନା, ରଶ୍ମୀରଞ୍ଜନ ରାଉତ, ଅଙ୍କିତା ଜେନା, ସୋନାଲି ଜେନା, ରୋନାଲି ଜେନା ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ସମସ୍ତେ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିବା ସହ ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଅଧ୍ୟାପକ ସ୍ୱର୍ଗତ ଜେନାଙ୍କ ଏକ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା।

## କଲେଜ ଛାତ୍ରୀଙ୍କଠାରୁ ସୁନାଚେନ ଛଡ଼ାଇ ନେଲେ ଦୁର୍ବୃତ୍ତ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଥାନା ଅଂଚଳରେ ପୋଲସର ବାଇକ ଆତଙ୍କ ଖେଲାଇଛି। ଶୁକ୍ରବାର ଦିନ କରଞ୍ଜିଆ ଥାନା ଅନ୍ତର୍ଗତ ତାଟୋ ନିକଟ ଗିଧିବାସ ଛକ ଠାରୁ ଅଳ୍ପ ଦୂରରେ ଥିବା କାଜୁ ବଗିଚା ପାଖରେ ଦୁଇଜଣ ପଲସର ମଟର ସାଇକେଲ ଆରୋହୀ ଜଣେ କଲେଜ ଛାତ୍ରୀ ଠାରୁ ସୁନା ଚେନ ଚିଣ୍ଡାଇ ଚମ୍ପଟ ମାରିଛନ୍ତି। ସୁନା ଚେନର ଆନୁମାନିକ ମୂଲ୍ୟ ପ୍ରାୟ ଦୁଇଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। କରଞ୍ଜିଆ ବନ ଖଣ୍ଡ ଅଧୀନରେ କାର୍ଯ୍ୟ କରୁଥିବା ବିଦ୍ୟାଧର ମହାନ୍ତଙ୍କ ଝିଅ ବର୍ଷା ମହାନ୍ତ ବୋଲି ଜଣାପଡିଛି। ବର୍ଷା କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ଶୁକରବାର ସ୍କୁଟି ଯୋଗେ ନିଜ ଗ୍ରାମ ହଳଦିଆପୋଷିକୁ ଯାଉଥିବା ବେଳେ କରଞ୍ଜିଆରୁ ଦୁଇଜଣ ବାଇକ ଆରୋହୀ ବର୍ଷାଙ୍କୁ ପିଛା କରୁଥିଲେ। ଗିଧିବାସ କାଜୁ ବଗିଚା ନିକଟରେ ବର୍ଷା ବେକରୁ ସୁନା ଚେନ ଚିଣ୍ଡାଇ ନେଇ ଯାଇଥିଲେ। ତେବେ ବର୍ଷା ପ୍ରତିରୋଧ କରିବାରୁ ଜଣେ ଛୁରୀ ଦେଖାଇ ମାରିବାକୁ ଉଦ୍ୟମ କରିଥିଲା ଓ ବର୍ଷା ସାମାନ୍ୟ ଆହତ ହୋଇଥିଲେ। ଛିନତାଇ ପରେ ଅବିଳମ୍ବେ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ଜାରିରଖିଛି।

## ମୃତ ଠିକାଶ୍ରମିକଙ୍କ ପରିବାରକୁ ଆର୍ଥିକ ସହାୟତା ବୃଦ୍ଧି



କଣିହାଁ, (ଭାସ୍କର ନ୍ୟୁଜ୍): ଏନଟିପିସି କଣିହାଁରେ କାର୍ଯ୍ୟସ୍ଥଳରେ ଦୁର୍ଘଟଣାରେ ମୃତ ପରିବାର ସଦସ୍ୟଙ୍କୁ ୧୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଓ ପରିବାର ସଦସ୍ୟଙ୍କ ମଧ୍ୟରୁ କଣ୍ଟ୍ରାକ୍ଟରଙ୍କ ଅଧିନରେ ନିଯୁକ୍ତି ଏବଂ ଏହି ଆର୍ଥିକ ସହାୟତା ପ୍ରତିବର୍ଷ ୪୦ହଜାର ଟଙ୍କା ବୃଦ୍ଧି ନିମନ୍ତେ ଏକ ତ୍ରିପାକ୍ଷିକ ଏଗ୍ରିମେଣ୍ଟ ୯ ମେ ୨୦୨୫ରେ ସହକାରୀ ଶ୍ରମ କମିଶନର (କେନ୍ଦ୍ରୀୟ), ଅନୁଗୁଳଙ୍କ ଅଫିସ ଠାରେ ସ୍ୱାକ୍ଷରିତ ହୋଇଛି। ଏହି ଏଗ୍ରିମେଣ୍ଟ ୫ ବର୍ଷ ପାଇଁ ସ୍ୱାକ୍ଷରିତ ହୋଇଛି। ଏନଟିପିସି କଣିହାଁର ଏଚ୍‌ଆର୍ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ କଣ୍ଟ୍ରାକ୍ଟର ଆସୋସିଏସନର କର୍ମକର୍ତ୍ତା ଏବଂ ଏଆଇୟୁଟିୟୁସି ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନଟିପିସି) ସମେତ ୪ଟି ୟୁନିୟନଙ୍କ ମଧ୍ୟରେ ସହକାରୀ ଶ୍ରମ କମିଶନର (କେନ୍ଦ୍ରୀୟ)ଙ୍କ ଅନୁମୋଦନ କ୍ରମେ ସମ୍ପାଦିତ ହୋଇଛି। ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ(ଏନଟିପିସି)ର ସଭାପତି ଜୟସେନ ମେହେର ଓ ଯୁଗ୍ମସମ୍ପାଦକ ଟୁନା ନାଏକ ଏହି ଏଗ୍ରିମେଣ୍ଟରେ ସ୍ୱାକ୍ଷର କରିଛନ୍ତି। ଏଆଇୟୁଟିୟୁସି ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ(ଏନଟିପିସି)ର ଲଗାତାର ଆନ୍ଦୋଳନ ଓ ପ୍ରଚେଷ୍ଟାରେ ଏହି ତ୍ରିପାକ୍ଷିକ ଏଗ୍ରିମେଣ୍ଟ ହୋଇଛି ବୋଲି ୟୁନିୟନ ପକ୍ଷରୁ କୁହାଯାଇଛି। ଏନଟିପିସି ମଜଦୁର ସଭାର ସାଧାରଣ ସମ୍ପାଦକ ଅରେନ କୁମାର ପାଣି, ଏନଟିପିସି ମଜଦୁର ସଂଘ ସାଧାରଣ ସମ୍ପାଦକ ସତ୍ୟାନନ୍ଦ ସାହୁ, ଏନଟିପିସି ଠିକା ମଜଦୁର ସଂଘ ସାଧାରଣ ସମ୍ପାଦକ ସୁଲେନ୍ କୁମାର ଧର, ଏନଟିପିସି ଠିକାଦାରଙ୍କ ଉପକାରୀ ପାଣ୍ଠି ସଂସ୍ଥାର ସଭାପତି ବିମଳ କୁମାର ହୋତା, ସମ୍ପାଦକ ବିଦ୍ୟାଧର କୁମାର, ସଭ୍ୟ ଦୁଷ୍ମନ୍ତ କୁମାର ସାହୁ, ବିରଞ୍ଚିନାରାୟଣ ସାହୁ, ପବିତ୍ର ମୋହନ ସାହୁ, ଏନଟିପିସି ଏଚଆର ଏଜିଏମ ସୁଜିତ ରଥ, ସିନିୟର ମ୍ୟାନେଜର ଜିତେନ୍ଦ୍ର କୁମାର, ସାଇରାଜ କ୍ଷୀରସାଗର, ସହକାରୀ ଶ୍ରମ କମିଶନର (କେନ୍ଦ୍ରୀୟ), ଅନୁଗୁଳ ବିକାଶ ସିଂହ ଏହି ଚୁକ୍ତିନାମାରେ ଉପସ୍ଥିତ ରହି ସହମତି ପ୍ରଦାନ କରିଥିଲେ। ଏନଟିପିସି କଣିହାଁରେ କାର୍ଯ୍ୟରତ ଠିକାଶ୍ରମିକଙ୍କ ନ୍ୟାୟସଂଗତ ଦାବିଗୁଡିକୁ ନେଇ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନଟିପିସି) ପକ୍ଷରୁ ୨୨ ଏପ୍ରିଲ ୨୦୨୫ରେ ଏନଟିପିସି କଣିହାଁ କର୍ତ୍ତୃପକ୍ଷଙ୍କୁ ଆନ୍ଦୋଳନ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି ଏବଂ ପୋଲିସ ଭେରିଫିକେସନ ସମସ୍ୟା ସମାଧାନ ପାଇଁ ୨୯ଏପ୍ରିଲ ୨୦୨୫ରେ ଅନୁଗୁଳ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଶ୍ରମିକ ବିକ୍ଷୋଭ ସଂଗଠିତ କରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମସ୍ତ ଦାବି ହାସଲ ପାଇଁ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ ନେତୃତ୍ୱରେ ଏନଟିପିସି କଣିହାଁର ଠିକାଶ୍ରମିକମାନେ ଶକ୍ତିଶାଳୀ ଆନ୍ଦୋଳନ ସଂଗଠିତ କରିବାକୁ ନିବେଦନ କରାଯାଇଛି। ୨୦ ମେ ୨୦୨୫ରେ ହେବାକୁ ଥିବା ସର୍ବଭାରତୀୟ ସାଧାରଣ ଧର୍ମଘଟରେ ସାମିଲ ହେବାପାଇଁ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନଟିପିସି) ପକ୍ଷରୁ ଏନଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କୁ ଷ୍ଟ୍ରାଇକ୍ ନୋଟିସ୍ ପ୍ରଦାନ କରାଯାଇଛି ଏବଂ ଏହାର ନକଲ ସହକାରୀ ଶ୍ରମ କମିଶନର (କେନ୍ଦ୍ରୀୟ)ଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ୨୦ମେ ୨୦୨୫ର ଏହି ଧର୍ମଘଟରେ ଏନଟିପିସି କଣିହାଁର ସମସ୍ତ ଠିକାଶ୍ରମିକ ଓ ନିୟମିତ କର୍ମଚାରୀ ସକ୍ରିୟ ଭାବେ ସାମିଲ ହେବାକୁ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନଟିପିସି)ର ସାଧାରଣ ସମ୍ପାଦକ ପ୍ରହ୍ଲାଦଚନ୍ଦ୍ର ସାହୁ ଆହ୍ୱାନ ଦେଇଛନ୍ତି।

## ପାଟକୁରା ବିଧାୟକଙ୍କ ଦ୍ୱାରା କାର୍ଯ୍ୟାଦେଶ ବଂଟନ




ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଆଜି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ତାଙ୍କ ବିଧାୟକ ପାଣ୍ଠିରେ ବ୍ଲକ ଅନ୍ତର୍ଗତ ୨୬ ଗୋଟି ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏହି ଉପଲକ୍ଷେ ବ୍ଲକ୍ ସଭାକକ୍ଷରେ ବିଡ଼ିଓ ନମିତା ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପାଟକୁରା ବିଧାୟକ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟାଦେଶ ସବୁ ବଣ୍ଟନ କରିଥିଲେ। ବିଧାୟକଙ୍କର ଏହି ପାଣ୍ଠିରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ରାସ୍ତାଘାଟ, ସ୍କୁଲ, ମନ୍ଦିର ଇତ୍ୟାଦିର ଉନ୍ନତିକରଣ କାର୍ଯ୍ୟ କରାଯିବ ବୋଲି ଜଣାଯାଇଛି। ବିଧାୟକ ମହାପାତ୍ର ତାଙ୍କ ପ୍ରତିକ୍ରିୟାରେ ପାଟକୁରାର ଉନ୍ନତି ପାଇଁ ସେ ସଦାସର୍ବଦା ଉଦ୍ୟମ କରିଆସୁଥିବା ବେଳେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ୨ କୋଟି ୨୧ ଲକ୍ଷ ୨୦ ହଜାର ଟଙ୍କାର ବିଧାୟକ ହାତପାଣ୍ଠିରେ ଡେରାବିଶ ଅଞ୍ଚଳର ବେଶ ଉନ୍ନତି ହୋଇପାରିବ ବୋଲି କହିଥିଲେ। ଆଜିର କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟଙ୍କ ସମେତ ବ୍ଲକ ଅନ୍ତର୍ଗତ ୨୬ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏବଂ ବ୍ଲକ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ଉଡ଼ାଣ ଯୋଜନାରୁ ମାଲକାନଗିରି ବାଦ୍

ମାଲକାନଗିରି, (ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଉଡ଼ାଣ ଯୋଜନାରୁ ମାଲକାନଗିରି ଜିଲ୍ଲା ବିମାନବନ୍ଦର ବାଦ୍ ପଡ଼ିବା ପରେ ଜିଲ୍ଲାବାସୀଙ୍କ ପାଇଁ ଉଡ଼ାଜାହାଜରେ ଯାତ୍ରା କରିବା ସ୍ୱପ୍ନ ପାଲଟିଛି। ବର୍ତ୍ତମାନ କୌଣସି ଘରୋଇ ବିମାନ ଏଠାରୁ ନିୟମିତ ଉଡ଼ାଣ ନେଇ ନିର୍ଦ୍ଦେଶ ମିଳିନାହିଁ । ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳବାସୀ କହିଛନ୍ତି, ବିମାନ ବନ୍ଦର ନିର୍ମାଣ ପାଇଁ ଗାଁ'ଉଠିଲା। ଲୋକଙ୍କୁ ଭିଟାମାଟି ଛାଡିବାକୁ ପଡିଲା। ଏଠାରୁ ଜରୁରି ସମୟରେ ଗୁରୁତର ରୋଗୀଙ୍କୁ ଦୂର ତଥା ବଡ଼ ଡାକ୍ତରଖାନାକୁ ନେଇ ବଞ୍ଚାଇ ହେବ ବୋଲି ଆଶା ଥିଲା। ହେଲେ ତାହା ଆଉ ପୂରଣ ହେଲା ନାହିଁ। ରାଜଧାନୀ ଭୁବନେଶ୍ୱରରୁ ମାଲକାନଗିରି ଜିଲ୍ଲା ୬୫୫ କିମି ଦୂରରେ ରହିଛି। ଗୁରୁତର ରୋଗୀକୁ କଟକ କିମ୍ବା ଭୁବନେଶ୍ୱର କିମ୍ବା ବିଶାଖାପାଟଣା ହସ୍ପିଟାଲ ଯିବାକୁ ହେଲେ ୨ଦିନ ସମୟ ଲାଗୁଛି। ନେବା ବେଳେ ବାଟରେ ରୋଗୀଙ୍କ ମୃତ୍ୟୁ ମଧ୍ୟ ଘଟୁଛି। ଜିଲ୍ଲାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୦୬ ନଭେମ୍ବର ୧୧ରେ ସଦର ମହକୁମାରୁ ୫ କିମି ଦୂର ଗୌଡଗୁଡା ପଞ୍ଚାୟତ ବାଟପାଲି ମୌଜା କଟଲିଗୁଡା ଗାଁରେ ବିମାନବନ୍ଦର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ନିର୍ମାଣକୁ ୧୯ବର୍ଷ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ କିଛି କିଛି କାମ ବାକି ରହିଛି। ଆଜିଯାଏଁ ୭୮ କୋଟି ଟଙ୍କା ଖର୍ଚ୍ଚ ହେଲାଣି। କିନ୍ତୁ କାମ ସମ୍ପୂର୍ଣ୍ଣ ହୋଇପାରିନି କିମ୍ବା ବିମାନ ଚଳାଚଳ କରିପାରୁ ନାହିଁ। ଗତ ନିର୍ବାଚନ ସମୟରେ ୨୦୨୪ ଜାନୁୟାରୀ ୯ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନୂତନ ବିମାନବନ୍ଦରକୁ ତରବରିଆ ଭାବେ ଲୋକାର୍ପିତ କରିଥିଲେ। ନିର୍ବାଚନ ପରେ ଏହାର କାର୍ଯ୍ୟକ୍ଷମ ହେଲାନାହିଁ। ନିକଟରେ ଉଡ଼ାଣ ଯୋଜନାରେ ଏଠାକାର ବିମାନବନ୍ଦରକୁ ସାମିଲ କରଯାଇ ନଥିବା ଜଣାପଡ଼ିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ବିମାନବନ୍ଦର କାର୍ଯ୍ୟ ପ୍ରାୟ ସରିବାକୁ ବସିଲାଣି। ପୂର୍ବରୁ ପରୀକ୍ଷା ମୂଳକ ଭାବେ ଜାହାଜ ଉଡ଼ିସାରିଛି। କେନ୍ଦ୍ର ସରକାରଙ୍କ ଉଡାଣ ଯୋଜନାରେ ସାମିଲ ନଥିବାରୁ ବିଧିବଦ୍ଧ ଭାବେ ବିମାନ ଚଳାଚଳରେ ବିଳମ୍ବ ହେଉଛି। ଅନ୍ୟପକ୍ଷେ ପୂର୍ତ୍ତ ଓ ଗୃହ ନିର୍ମାଣ ନିର୍ବାହୀଯନ୍ତ୍ରୀ ରବୀନ୍ଦ୍ର କୁମାର ବେହେରା କହିଛନ୍ତି, ବନ୍ଦର କାମ ପ୍ରାୟ ୯୦ପ୍ରତିଶତ ସରିଯାଇଛି। ଉଡ଼ାଜାହାଜ ଉଡିବାରେ ଅସୁବିଧା ନାହିଁ। କେବଳ ସୁରକ୍ଷା ବାହିନୀଙ୍କ ପାଇଁ ଘର, ୱାଚ ଟାୱାର, ଉଜ୍ଜ୍ୱଳ ଆଲୋକ, ଚିକିତ୍ସାକେନ୍ଦ୍ର, ବନ୍ଦରରୁ ମୁଖ୍ୟ ରାଜପଥକୁ ୮୫୦ମିଟର ୪ଥାକିଆ ପିଚୁରାସ୍ତା କାମ ବାକିରହିଛି। ଖୁବଶୀଘ୍ର ଏହା ସରିଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଲେ ବିମାନ ଚଳାଚଳ ଆରମ୍ଭ ହେବ। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସଧାରଣରେ ଦାବି ହୋଇଛି।

## ଆଳିର ଦେବାଶିଷ ପାଲଟିଲେ ସଫଳ ଉଦ୍ୟୋଗୀ



ଆଳି,(ଭାସ୍କର ନ୍ୟୁଜ୍): ନିଜେ କରିଥିବା ଛୋଟିଆ ବେକରି ସପ୍ ଆଜି ଏକ ବଡ଼ ବେକରୀ ସପ ବ୍ୟବସାୟରେ ପରିଣତ ହୋଇଛି। କେବଳ ଯେ ବଡ଼ ଉଦ୍ୟୋଗରେ ପରିଣତ ହୋଇଛି ତାହା ନୁହେଁ ଅନେକ ପରିବାରକୁ ବଞ୍ଚିବାପାଇଁ ସାହାରା ମଧ୍ୟ ଦେଇଛି। ଆଜି ଅନେକ ପରିବାରର ଯୁବକମାନେ ଏଠାରେ କାମ କରି ରୋଜଗାରକ୍ଷମ ହୋଇପାରିଛନ୍ତି। ଏ ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଗିରିବନ୍ଧ ଗ୍ରାମରେ ଥିବା ଦେବାଶିଷଙ୍କ ବେକରି ଉଦ୍ୟୋଗ। ଦେବାଶିଷ ସାମଲ ୨୦୧୮ ମସିହାରେ ୪୦ରୁ ୫୦ ହଜାର ଟଙ୍କାରେ ପ୍ରଥମେ ନିଜେ ଏକ ବେକରି ସପ ଆରମ୍ଭ କରିଥିଲେ। ପରେ ପରେ ଦେବାଶିଷଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହି ବେକରି ସପଟି ଆଜି ବଡ଼ ଉଦ୍ୟୋଗରେ ପରିଣତ ହୋଇଛି। ଦେବାଶିଷ କୁହନ୍ତି, ମୁଁ ନିଜେ ଥରେ ଆମ ଘର ଝିଅର ଜନ୍ମଦିନ ପାଇଁ କେକ ଆଣିବାକୁ ବଜାରକୁ ଯାଇଥିଲି କେକ ଘରକୁ ଆଣିବା ପରେ ତାର ସ୍ୱାଦ ଭଲ ନଥିଲା। ମୁଁ ସେଇଠୁ ଅନୁଭବ କଲି ଯେ ଆମ ବଜାରରେ ମିଳୁଥିବା କେକ କଟକ, ଭୁବନେଶ୍ୱରରୁ କେକ ଆସି ଆମ ବଜାରରେ ପହଂଚୁଛି କିନ୍ତୁ ଲୋକେ ଚାହୁଁଥିବା କ୍ୱାଲିଟି ଆଉ ଡିଜାଇନ ପାଇପାରୁ ନାହାନ୍ତି କି ତାଜା କେକ୍ ମିଳିପାରୁନାହିଁ। କମ ଟଙ୍କାରେ ଭଲ କେକ ଲୋକଙ୍କ ପାଖରେ ପହଁଚାଇବା ମୋର ଲକ୍ଷ୍ୟ। ଆରମ୍ଭରେ ପ୍ରଥମେ ପ୍ରଥମେ ବହୁତ କଷ୍ଟ ଥିଲା କିନ୍ତୁ ଆଜିର ଦିନରେ ୧୦ ରୁ ୧୨ ଜଣ କାର୍ଯ୍ୟ କରୁଛନ୍ତି। ସମସ୍ତ ଖର୍ଚ୍ଚ ଯାଇ ମାସକୁ ୩୦ ରୁ ୪୦ ହଜାର ଟଙ୍କା ଲାଭ ହେଉଛି। ଦେବାଶିଷଙ୍କ ଲକ୍ଷ୍ୟ ରହିଛି ଆଗକୁ ଏହି ବ୍ୟବସାୟକୁ ଆହୁରି ବୃହତର କରାଇ ଆଗକୁ ୪୦ ରୁ ୫୦ ଜଣ ପିଲା କାମ କରିବା ସହିତ ତାଙ୍କ ପରିବାରକୁ ପ୍ରତିପୋଷଣ କରିପାରିବେ। ଦେବାଶିଷ କୁହନ୍ତି ଏବେ କେକ ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ, ଗୋବିନ୍ଦପୁର, କଣ୍ଡିଆ, ସିଂହପୁର, ଚାନ୍ଦବାଲି ଓ ଯାଜପୁର ଅଞ୍ଚଳର ବଜାରମାନଙ୍କୁ ବିକ୍ରି ପାଇଁ ପଠାଯାଉଛି। କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ ପ୍ରକାଶ କୁମାର ନାୟକ ତାଙ୍କ ଘର ପଟ୍ଟାମୁଣ୍ଡାଇରୁ ଆସି ଏଠି କାର୍ଯ୍ୟରତ ଭାବେ ସେ କୁହନ୍ତି ମୁଁ ଆଗରୁ ବେକାରୀ ହୋଇ ଗାଁରେ ବୁଲୁଥିଲି ମୁଁ ଏଠି ୧୦ ହାଜର ଟଙ୍କା ଦରମା ପାଉଛି। ମୁଁ ଏଠି କାମ କରିବା ପରେ ମୋ ସହିତ ମଧ୍ୟ ମୋ ପରିବାର ଖୁସିରେ ଚଳିପାରୁଛୁ। ଆମେ ଏଠି କାମ କରି ବହୁତ ଖୁସିଅଛୁ। ସେହିଭଳି ଜଣେ ଗ୍ରାହକ କୁହନ୍ତି ଆମେ ଆଗରୁ ବଜାରରୁ କିଣୁଥିବା କେକ ବାହାରୁ ଆସୁଥିଲା ତାକୁ ଆମେ କିଣୁଥିଲୁ ଯାହା ଖରାପ ପଡୁଥିଲା। ଏଠି ତିଆରି ହେବା ଦ୍ୱାରା ଆମକୁ ତାଜା କେକ ମିଳିବା ସହିତ ରେଟ ମଧ୍ୟ କମ୍‌ରେ ପାଇଲୁ। ଇଚ୍ଛାଶକ୍ତି ଥିଲେ ସଫଳତା ମିଳେ ଯାହାର ଉଦାହରଣ ହେଉଛନ୍ତି ଦେବାଶିଷ। ଦେବାଶିଷ ବେକାରୀ ଯୁବକମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ବୋଲି ଆଳି ଅଞ୍ଚଳରେ ବୁଦ୍ଧିଜୀବୀ ମହଲରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି।

## ଟ୍ରକ୍ ପଛରେ ପିଟିହୋଇ ୨ବାଇକ୍ ଆରୋହୀଙ୍କ ମୃତ୍ୟୁ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ରାଜରାସ୍ତାରେ ଦୁର୍ଘଟଣାରେ ଲୋକଙ୍କୁ ମୃତ୍ୟୁ ଜାରି ରହିଛି। ଶୁକ୍ରବାର ୨ ବାଇକ୍ ଆରୋହୀଙ୍କ ଜୀବନଯାଇଛି। ପଳାଶପଙ୍ଗା ଗ୍ରୀନ ଫିଲ୍ଡ ସ୍କୁଲ ସାମ୍ନାରେ ଏକ ଚଳନ୍ତା ଟ୍ରକ୍ ପଛରେ ଏକ ବାଇକ୍ ଭାରସାମ୍ୟ ହରାଇ ଧକ୍କା ଦେବାରୁ ୨ ଜଣ ବ୍ୟକ୍ତି ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଏହି ବ୍ୟକ୍ତିଦ୍ୱୟ ହେଲେ ପର୍ଜନପୁର ପଞ୍ଚାୟତର କଲଣ୍ଡା ଗ୍ରାମର ସନ୍ତୋଷ କୁମାର ମହାକୁଡ଼(୩୮) ଓ ଦୀପକ କୁମାର ମହାକୁଡ଼ (୩୨)। ଏହି ଦୁଇଜଣ ଝୁମ୍ପୁରାରୁ କାମ ସାରି ପଳାଶପଙ୍ଗା ଆଡ଼େ ଫେରୁଥିଲେ। ଉଲ୍ଲେଖଯୋଗ୍ୟ କି ଜାତୀୟ ରାଜପଥ ନଂ ୨୦ ଉପରେ ଥିବା ସ୍ୱଞ୍ଚ ଛକ ଦିନରାତି ଲୌହ ପଥର ପରିବହନ କରୁଥିବା ଟ୍ରକ୍‌ମାନଙ୍କ ଲାଗି ମରଣଯନ୍ତା ପାଲଟିଛି। ଏହି ଛକରେ ଅନେକ ଜୀବନ ଗଲାଣି। ଲୋକେ ମରିବା ଏଠାରେ ସାଧାରଣ କଥା ଯେପରି। ଜନତାଙ୍କ ପକ୍ଷରୁ ଏହି ଦୁଇ ମୃତବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ପଳାଶପଙ୍ଗା ବିଟ ପକ୍ଷରୁ ଏହି ଦୁର୍ଘଟଣା ପରେ ମାମଲା କରି ତଦନ୍ତ ଚାଲିଛି।



ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଲେବଡ଼ା ପଞ୍ଚାୟତରେ ମାଁ ପାଟଣେଶ୍ୱରୀ ଓ କାଳିକା ମନ୍ଦିର ପ୍ରତିଷ୍ଠା ଆରମ୍ଭ ହୋଇଯାଇଛି। ଗାଁ'ର ବହୁ ସଂଖ୍ୟକ ମହିଳା ଓ ପୁରୁଷ କୀର୍ତ୍ତନ କରି ଗାଁ'ରେ ଥିବା ଶିବମନ୍ଦିର ବନ୍ଧରୁ ପାଣି ବୁଡେଇ କଳସ ଯାତ୍ରା ଆରମ୍ଭ କରି ମଣ୍ଡପରେ ସ୍ଥାପନ କରିଥିଲେ। ମାଁ'ପାଟଣେଶ୍ୱରୀ ମନ୍ଦିରର ମୂଖ୍ୟ ପୂଜକ ଛନ୍ଦାଚରଣ ମିଶ୍ର ଥିବାବେଳେ ମୁଖ୍ୟ କର୍ତ୍ତା ଇନ୍ଦ୍ରମଣି ମାଝୀ ଓ ତାଙ୍କ ଧର୍ମ ପତ୍ନୀ ଶକୁନ୍ତଳା ମାଝୀ ଓ କାଳିକା ମନ୍ଦିର ମୁଖ୍ୟ କର୍ତ୍ତା ଭାବେ ଫକୀର ଲୁହା ଓ ତାଙ୍କ ଧର୍ମ ପତ୍ନୀ ମାଧବୀ ଲୁହା କାର୍ଯ୍ୟ ତୁଲାଇଛନ୍ତି। ମଙ୍ଗଳବାର ଅଙ୍କୁରା ରୋପଣ ମଣ୍ଡଳୀ କରଣ, ବୁଧବାର କଳସ ଯାତ୍ରା ବନ ଯୋଗ, ଗୁରବାର ପଞ୍ଚକୁଣ୍ଡିୟ ଯଜ୍ଞାରମ୍ଭ ଓ ସନ୍ଧ୍ୟାରେ ଯପଙ୍କର ଗର୍ଭ ଧାନ କର୍ମ, ଶୁକ୍ରବାର ଦିନ ମନ୍ଦିର ମହାସ୍ନାନ ଓ ଜୀବନ୍ୟାସ ରହିଥିବା ବେଳେ ଶନିବାର ପୂର୍ଣ୍ଣାହୁତି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜିତ କରାଯାଇଛି। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବହୁ ଦୂରଦୁରାନ୍ତରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିରହିଛି। କମିଟି ସଭାପତି ଡମ୍ବୁରୁଧର ମାଝୀ, ସମ୍ପାଦକ ହେମସାଗର ସାହୁ, କୋଷାଧକ୍ଷ ନବକିଶୋର ହାତୀ ଦାୟିତ୍ୱ ନେଇଥିବା ବେଳେ ଗ୍ରାମବାସୀ ଓ ଅଞ୍ଚଳବାସୀ ଏହି କାର୍ଯ୍ୟରେ ସହଯୋଗ କରିଛନ୍ତି।



# ବିପୁଳ ପରିମାଣର ଗୁଳି ସହ ୩ ବନ୍ଧୁକ ଜବତ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଟାଉନଥାନା ଅଧିନ କ୍ୟୁରେସୀ ମହଲାରେ ଗୁରୁବାର ବିଳମ୍ବିତ ରାତିରେ ବିପୁଳ ପରିମାଣର ଗୁଳି ଓ ବନ୍ଧୁକ ଥିବା ସୂଚନା ମିଳିବା ପରେ ଟାଉନ ଥାନା ପୋଲିସର ପକ୍ଷରୁ ଚଢାଉ କରାଯାଇଥିଲା। ଶୁକ୍ରବାର ମଧ ସେହି ସେହି ଚଢାଉ ଜାରି ରହିଥିବା ପୋଲିସ କହିଛି। ଏହି ବନ୍ଧୁକ ଓ ଗୁଳି ରଖିଥିବା ଯୁବକଙ୍କ ପାକିସ୍ତାନ ଲିଙ୍କ ରହିଥିବା ସନ୍ଦେହ କରାଯାଉଥିବା ବେଳେ ପୋଲିସ ଏ ଦିଗରେ କିଛି ସ୍ପଷ୍ଟ ସୂଚନା ଦେଉନାହିଁ। ସମ୍ପୃକ୍ତ ଯୁବକ ଜଣକ ଫେରାର ଥିବାରୁ ବିଶେଷ କିଛି ତଥ୍ୟ ମିଳିପାରୁନାହିଁ ବୋଲି କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ କହିଛନ୍ତି। ସେ କହିଛନ୍ତି ଯେ ବିଶେଷସୂତ୍ରରୁ ଖବର ମିଳିଲା ଯେ ଜଣେ ଯୁବକଙ୍କ ଘରେ ବହୁ ପରିମାଣର ଗୁଳି ଓ ବନ୍ଧୁକ ମହଜୁଦ ରହିଛି। ଏହି ଖବର ପାଇବା ପରେ କେନ୍ଦ୍ରାପଡ଼ା ଟାଉନ୍ ଥାନା ପୋଲିସର ଏକ ଟିମ୍ କ୍ୟୁରେସୀ ମହଲାରେ ଚଢାଉ କରିଥିଲା। ଚଢାଉ ବେଳେ ୩ଟି ବନ୍ଧୁକ ଓ ୭୦ ରାଉଣ୍ଡ ଗୁଳି ସମେତ ୫ଟି ମାଗାଜିନ ଜବତ କରାଯାଇଥିଲା। ତେବେ ଯୁବକ ଜଣକ କେଉଁ ଉଦ୍ଦେଶ୍ୟରେ ବନ୍ଧୁକ ରଖିଥିଲେ ଓ ସେ ଏତେ ପରିମାଣର ଗୁଳି କେଉଁଠୁ ଆଣିଲେ ସେ ନେଇ କିଛି ସ୍ପଷ୍ଟ ତଥ୍ୟ ମିଳି ପାରିନାହିଁ। ଯୁବକ ଜଣକ ଗିରଫ ହେବା ପରେ ପ୍ରକୃତ ତଥ୍ୟ ମିଳିବ ବୋଲି ଏସ୍‌ଡିପିଓ ଗୌଡ଼ କହିଛନ୍ତି। ଅପରପକ୍ଷରେ ପୋଲିସ ଯୁବକଙ୍କ ପତ୍ନୀଙ୍କୁ ଥାନାକୁ ଆଣି ଜେରା କରିଥିଲା। ହେଲେ ବିଳମ୍ବିତ ରାତିରେ ଜେରା ଚାଲିଥିବା ବେଳେ ଯୁବକଙ୍କ ସପକ୍ଷରେ ଶତାଧିକ ମହିଳା ଥାନାକୁ ଆସି ଥାନା ଘେରାଉ କରିଥିଲେ। ଫଳରେ ପୋଲିସ ବାଧହୋଇ ମହିଳାଙ୍କୁ ଥାନାରୁ ଛାଡି ଦେଇଥିଲା। ତେବେ ଏଠାରେ ପ୍ରଶ୍ନ ଉଠୁଛି ଭାରତ ପାକିସ୍ତାନ ଉପରେ ଆକ୍ରମଣ କରିବା ପରେ ଭାରତରେ ଥିବା ପାକିସ୍ତାନର ଖୁପିଆ ସଂଗଠନ ଗୁଡିକ ସକ୍ରିୟ ହୋଇ ଉଠିଛନ୍ତି। ଏହି ସଂଗଠନ ଗୁଡିକ ଭାରତରେ ଅଶାନ୍ତି ସୃଷ୍ଟି କରିବା ପାଇଁ ଯୋଜନା କରୁଥିବା ସନ୍ଦେହ କରାଯାଉଛି। ଅତୀତରେ ମଧ ଭାରତରେ ପାକିସ୍ତାନ ସହ ସମ୍ପର୍କ ଥିବା ଅନେକ ସଂଗଠନ ଭାରତରେ ହମଲା କରିଛନ୍ତି। ସେହିଦୃଷ୍ଟିରୁ ଜଣେ ମୁସଲମାନ ଯୁବକଙ୍କ ଘରୁ ଏତେ ପରିମାଣର ଗୁଳି ଓ ବନ୍ଧୁକ ମିଳିବା ଘଟଣା ନେଇ ସନ୍ଦେହ ସୃଷ୍ଟି ହୋଇଛି। ହେଲେ ପୋଲିସ ଏ ଦିଗରେ ସ୍ପଷ୍ଟ ସୂଚନା ଦେଇପାରୁ ନାହିଁ। ଥାନାଧିକାରୀ ଦିଲ୍ଲୀପ କୁମାର ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ ଯେ ଆମେ ମଧ ଆଶ୍ଚର୍ଯ୍ୟଚକିତ ଯେ ଯୁବକଜଣକ ଏତେ ପରିମାଣର ଗୁଳି ଓ ବନ୍ଧୁକ ଆଣି ଘରେ କାହିଁକି ରଖିଥିଲେ। ତାଙ୍କ ଉଦ୍ଦେଶ୍ୟ କ'ଣ ଥିଲା। ଯେପର୍ଯ୍ୟନ୍ତ ଯୁବକଜଣକ ଗିରଫ ହୋଇନାହିଁ ସେ ପର୍ଯ୍ୟନ୍ତ ସଠିକ ତଥ୍ୟ ଜଣାପଡିବ ନାହିଁ। ଯୁବକଙ୍କୁ ଗିରଫ କରାଯିବା ପରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ ବୋଲି ଥାନା ଅଧିକାରୀ ସାହୁ କହିଛନ୍ତି।

# ଶିମିଳିପାଳରେ ଅବୈଧ ଶିକାର, ତିନି ଗିରଫ



ବାରିପଦା, (ଭାସ୍କର ନ୍ୟୁଜ୍): ଓଡ଼ିଶାର ଗୌରବ, ଜାତୀୟ ଉଦ୍ୟାନ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ ଶିମିଳିପାଳରେ ଅବୈଧ ଶିକାର ଘଟଣାରେ ବନ ବିଭାଗ ଓ ମୟୁରଭଞ୍ଜ ଜିଲ୍ଲା ପୋଲିସ ଏକ ମିଳିତ ଅଭିଯାନରେ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଏହି ଅଭିଯୁକ୍ତ ମାନେ ବନ୍ୟପ୍ରାଣୀ ଶିକାର ପାଇଁ ଆଧୁନିକ ଅସ୍ତ୍ର, ବନ୍ଧୁକ ଓ ଗୁଳିର ବ୍ୟବହାର କରୁଥିବା ବନବିଭାଗ ତଥ୍ୟ ଦେଉଛନ୍ତି। ପୋଲିସ ଅଭିଯାନରେ ଏଆଇ କ୍ୟାମେରା ମାଧ୍ୟମରେ ଧରାପଡ଼ିଲେ ଅଭିଯୁକ୍ତ। ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରେ ରଖାଯାଇଥିବା ଏଆଇ ଆଧାରିତ ଟ୍ରେଲ୍‌ଗାର୍ଡ କ୍ୟାମେରାରେ ତିନି ଅଭିଯୁକ୍ତଙ୍କ ଚିତ୍ର ଧରାପଡ଼ିଥିବା ପରେ ବନବିଭାଗ ସଚେତନ ହୋଇଥିଲା। ବନବିଭାଗ ଓ ପୋଲିସ ଟିମ୍ ସେମାନଙ୍କ ଉପରେ ନଜର ରଖି ଅଞ୍ଚଳରେ ତଦନ୍ତ ଚଳାଇ ବିଶେଷ ଅଭିଯାନ ଆରମ୍ଭ କରିଥିଲେ। ଶେଷରେ, ସଠିକ୍ ସୂଚନା ଓ ତଥ୍ୟ ଆଧାରରେ ତିନି ଶିକାରୀ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନଙ୍କ ପାଖରୁ ୩ଟି ସିଙ୍ଗଲ ବାରେଲ ଲୋଡ଼ିଙ୍ଗ (ଏସ୍‌ବିବିଏଲ୍) ବନ୍ଧୁକ, ୧୭ଟି ଗୁଳି ଜବତ୍ କରାଯାଇଛି। ସେଥି ମଧ୍ୟରୁ ୫ଟି ଗୁଳି ଜୀବନ୍ତ ଜବତ କରାଯାଇଛି। ଏଥିରୁ ସ୍ପଷ୍ଟ ଯେ, ସେମାନେ ଦେଶୀ ବନ୍ଧୁକ ନୁହେଁ ବରଂ ଆଧୁନିକ ଅସ୍ତ୍ର ବ୍ୟବହାର କରି ସଂଗଠିତ ଶୀକାରର ଚେଷ୍ଟା କରୁଥିଲେ। ଗିରଫ ହୋଇଥିବା ଅଭିଯୁକ୍ତ ମାନେ ମୟୁରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଜୁହା ଗାଁ'ର ବସିନ୍ଦା ଅଟନ୍ତି। ସେମାନଙ୍କ ନାମ ବିନୁ ମୁର୍ମୁଙ୍କ ପୁତ୍ର ଲଛୁ ମୁର୍ମୁ (୪୮ବର୍ଷ), ଈଶ୍ୱର ଚନ୍ଦ୍ର ମୁର୍ମୁଙ୍କଙ୍କ ପୁତ୍ର ମଧୁସୂଦନ ମୁର୍ମୁ (୩୮ବର୍ଷ), ମାସାଙ୍ଗ ଟୁଡୁଙ୍କ ପୁତ୍ର ଘାସିରାମ ଟୁଡୁ (୩୫ ବର୍ଷ) ବୋଲି ଚିହ୍ନଟ କରାଯାଇଛି। ତିନି ଅଭିଯୁକ୍ତଙ୍କ ବିରୁଦ୍ଧରେ ବାଙ୍ଗିରିପୋସି ପୋଲିସ ଥାନାରେ ଆର୍ମସ୍ ଆକ୍ଟ ୧୯୫୯ ଅନୁଯାୟୀ ମାମଲା ଦାଖଲ କରାଯାଇଛି। ଗିରଫ ପରେ ସେମାନଙ୍କୁ ବାରିପଦା ସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ମାନ୍ୟବର କୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି।

## ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ପ୍ରବଚନ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ସଦର ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ମଜୁରୀ ଛକ ଠାରେ ୧୯ତମ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ପ୍ରବଚନ ପାରାଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି। ୮ତାରିଖରେ କଳସଯାତ୍ରା ଆରମ୍ଭ ହୋଇ ଏହା ୫ଦିନବ୍ୟାପୀ ଆସନ୍ତା ୧୨ତାରିଖେର ପୂର୍ଣ୍ଣାହୁତି ହେବ। ଏହି ପାରାୟଣ ପ୍ରବଚନେର ପ୍ରେତ୍ୟକ ଦିନ ସନ୍ଥ ଶିରୋମଣୀ ବାବାଜୀ ଦଧିବାମନ ଦାସ ମହାରାଜଜୀ ପ୍ରବଚନ କାର୍ଯ୍ୟକ୍ରମେର ପ୍ରବକ୍ତା ଭବେ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଆଚାର୍ଯ୍ୟ ପ୍ରସନ୍ନ କୁମାର ଦାଶଜୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପାଞ୍ଚଦିନ ଧରି ପ୍ରଶାନ୍ତକୁମାର ସ୍ୱାଇଁ, କୀର୍ତ୍ତିଚନ୍ଦ୍ର ଦାସ, ବଲ୍ଲଭ ଚନ୍ଦ୍ର ଦାସ, ନିମାଇଁ ନାୟକ, ମାନସ ପଧାନ, ଜଳନ୍ଧର ସାହୁ, ପ୍ରମୋଦ ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଭାସ୍କର ଚନ୍ଦ୍ର ସ୍ୱାଇଁ, ଜିତେନ୍ଦ୍ର ସେନାପତି ଏବଂ ପାଣ୍ଡବ ଚନ୍ଦ୍ର ଦାସ ପ୍ରମୁଖ ସଦସ୍ୟମାନେ ସହେଯାଗ କରି ସମ୍ପାଦନ କରୁଛନ୍ତି।

## ବିଧାୟକଙ୍କ ହସ୍ତକ୍ଷେପରେ ଗୁରୁତର ରୋଗୀଙ୍କ ସଫଳ ଅପରେସନ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ଜଣେ ଗୁରୁତର ରୋଗୀ ରାଧାମଣି ଓଡ଼ି ଗ୍ରାମ କେନ୍ଦୁଗୁଡ଼ା, ବ୍ଲକ - ମାଲକାନଗିରି ଭର୍ତ୍ତି ହୋଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆର୍ଥିକ ସ୍ଥିତି ବାଧକ ସାଜିଥିବାରୁ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମିଙ୍କ ନିର୍ଦ୍ଦେଶରେ ବିଜୟ ମହାରଣା ରୋଗୀଙ୍କ ପାଇଁ ମାଲକାନଗିରିରୁ ଭୁବନେଶ୍ୱରର ସମ୍ ହସ୍ପିଟାଲ ପର୍ଯ୍ୟନ୍ତ ମାଗଣା ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିଲେ। କିନ୍ତୁ ସମ୍ ହସ୍ପିଟାଲରେ ଅପରେସନ ସମୟରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ୍-ଜେଏୱାଇ) କାର୍ଡରେ ରୋଗୀଙ୍କ ନାମ ଯୋଡ଼ା ହୋଇନଥିବା ବା କିଛି ତାଲିକାକରଣ ସମସ୍ୟା ଥିବା ଜଣାପଡ଼ିଥିଲା। ଏହାକୁ ଦୃଷ୍ଟିରେ ରଖି ହସ୍ପିଟାଲ କର୍ତ୍ତୃପକ୍ଷ ରୋଗୀଙ୍କୁ ଅପରେସନ ପାଇଁ ୨ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ଜଣାଇଥିଲେ। ଏହି ଘଟଣା ସମ୍ପର୍କରେ ଖବର ପାଇ ବିଧାୟକ ମାଡ଼କାମି ତୁରନ୍ତ ସମ୍ ହସ୍ପିଟାଲ ପରିଦର୍ଶନ କରି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସକ୍ରିୟ ହସ୍ତକ୍ଷେପ ଯୋଗୁଁ ପିଏମ୍-ଜେଏୱାଇ ଯୋଜନାରେ ଥିବା ସମସ୍ୟାର ସମାଧାନ ହୋଇଥିଲା। ଫଳସ୍ୱରୂପ, ରୋଗୀଙ୍କର ଅପରେସନ ପିଏମ୍-ଜେଏୱାଇ ଯୋଜନା ଅଧୀନରେ ମାଗଣାରେ ସଫଳତାର ସହ ସମ୍ପନ୍ନ ହୋଇଛି ଏବଂ ରୋଗୀ ଏହି ଯୋଜନାର ସମ୍ପୂର୍ଣ୍ଣ ଲାଭ ପାଇଛନ୍ତି। ବିଧାୟକଙ୍କ ଏହି ମାନବୀୟ ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଉଛି।

## ମହିମା ସମାଜ ଜିଲ୍ଲା ସଭାପତି ଗଣେଶ ବାବାଙ୍କ ପରଲୋକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ମହିମା ଧର୍ମାବଲମ୍ବୀ ତଥା ମହିମା ସମାଜର ଜିଲ୍ଲା ସଭାପତି ଗଣେଶ ବାବାଙ୍କ ୮୨ ବର୍ଷରେ ପରଲୋକ ହୋଇଛି। ଭଦ୍ରକ ଜିଲ୍ଲା ତିହିଡ଼ି ସ୍ଥିତ ଅଲେଖ ମହିମା ଆଶ୍ରମରେ ଶୁକ୍ରବାର ସକାଳ ୯. ୨୦ରେ ତାଙ୍କର ଦେହାନ୍ତ ହୋଇଛି। ସେ ଗତ କିଛି ମାସ ହେଲା ହୃଦଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ ଗଣେଶ ବାବା କୌପିନଧାରୀ ମହିମା ସମାଜର ଜିଲା ସଭାପତିରହି ମହିମା ସମାଜର ସଙ୍ଗଠନକୁ ସୁଦୃଢ଼ କରିବା ସଙ୍ଗେସଙ୍ଗେ ମହିମା ଧର୍ମର ପ୍ରସାର ପ୍ରଚାର କରିଥିଲେ। ସେ ଗାଁ ଗାଁ ବୁଲି ଅଖଣ୍ଡ ମେଳା କରି ସନ୍ଥ କବି ଭୀମଭୋଇଙ୍କ ମହିମା ଧର୍ମର ଭଜନ ଗାଇ ରାତ୍ରି ଉଜାଗର ରହି ମେଳା କରୁଥିବା ପରିବାର ସହିତ ସମାଜର ମଙ୍ଗଳ କାମନା କରିଆସୁଥିଲେ। ମକର ସଂକ୍ରାନ୍ତି ଜୋରନ୍ଦା ମେଳା ସମୟରେ ସେ ଗାଁ'କୁ ଯାଇ ଲୋକମାନଙ୍କ ଠାରୁ ଆର୍ଥିକ ସାହାଯ୍ୟ ଆଣି ଜୋରନ୍ଦା ମେଳାକୁ କରୁଥିଲେ। ଏହାଛଡ଼ା ବିଭିନ୍ନ ସମସ୍ୟାରେ ଲୋକମାନେ ତାଙ୍କୁ ନିଜ ଘରକୁ ଡକାଉଥିଲେ। ସେ ମଧ ଲୋକମାନଙ୍କ ସମସ୍ୟାର ସମାଧାନ କରିପାରୁଥିଲେ। ଯେଉଁଥିପାଇଁ ସେ ସମସ୍ତଙ୍କର ପ୍ରଶଂସା ଭାଜନ ହୋଇପାରିଥିଲେ। ତାଙ୍କ ଦେହାନ୍ତ ବେଳେ ଆଶ୍ରମରେ ଲକ୍ଷ୍ମୀଧର ମଲ୍ଲିକ, ରଘୁନାଥ ପାତ୍ର, ଲକ୍ଷ୍ମୀଧର ଦାସ, ବିଷ୍ଣୁଚରଣ ନାୟକ, ଧ୍ରୁବ ବାବା, ପ୍ରକାଶ ବାବା, ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଖବର ପାଇ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମେତ ବିଭିନ୍ନ ଅଲେଖ ମହିମା ଆଶ୍ରମର ବାବାମାନେ ତିହିଡ଼ି ସ୍ଥିତ ଆଶ୍ରମରେ ପହଞ୍ଚି ତାଙ୍କର ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ପରିକ୍ରମା କରାଯିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ୫୮ ଲିଟର ମଦ ସହ ଦୁଇ ବାଇକ ଜବତ

ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ଼ ଅଞ୍ଚଳରେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳରେ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଚଢାଉରେ ୫୮ ଲିଟର ଦେଶୀ ମଦ ଓ ଦୁଇଟି ବାଇକ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବେଗୁନିଆ ଅବକାରୀ ଥାନା ଉପ ନୀରିକ୍ଷକ ରାଜେନ୍ଦ୍ର ଖେସଙ୍କ ସୂଚନା ଅନୁଯାୟୀ ଅଭିଯୁକ୍ତ ଦ୍ୱୟ ହେଲେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦେଉଳି ଓ ପିଚୁକୁଳି ଗ୍ରାମର ବୋଲି ଜଣାପଡ଼ିଛି।

# କୃଷି ସମ୍ପ୍ରସାରଣ କର୍ମଚାରୀ ଓ କୃଷକ ସାଥିଙ୍କ ତାଲିମ ଶିବିର




ଉମରକୋଟ, (ଭାସ୍କର ନ୍ୟୁଜ୍): ଉମରକୋଟ କୃଷି ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କୃଷି ଓ ଅନୁସଙ୍ଗିକ ବିଭାଗର କୃଷି ସମ୍ପ୍ରସାରଣ କର୍ମଚାରୀ ଏବଂ କୃଷକ ସାଥି ମାନଙ୍କୁ ନେଇ ରାଜ୍ୟ ଯୋଜନା ସମ୍ପର୍କିତ ଦୁଇ ଦିବସୀୟ ତାଲିମଶିବିର ଅନୁଷ୍ଠିତ ହୋଇଯାଇଛି। ଉମରକୋଟ କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜିତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ତାଲିମ ଶିବିରରେ କୃଷି ଓ ଅନୁସଙ୍ଗିକ ବିଭାଗରେ ଥିବା ବିଭିନ୍ନ ଯୋଜନା ବିଷୟରେ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ ଯୋଗଦେଇ ବିଭାଗରେ ଥିବା ବିଭିନ୍ନ ଯୋଜନା ଯଥା-ଧାନ ଚାଷ ପରେ ପତିତ ଜମି ର ପରିଚାଳନା, କାଳିଆ, ପିଏମ୍ କିଷାନ, ରାଜ୍ୟ ଯୋଜନା, ରାଜ୍ୟ ଖାଦ୍ୟ ନିରାପତ୍ତା ମିଶନ, ଆତ୍ମା, ସମନ୍ୱିତ କୃଷି ଆଦି ଯୋଜନାରେ ଚାଷୀମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ କୃଷି ସିଚାଇ ପ୍ରମୁଖ ଯୋଜନା ଚାଷୀଙ୍କ ସମସ୍ତ ସୁବିଧା ବିଷୟରେ ନବରଙ୍ଗପୁର ଜିଲ୍ଲା କୃଷି ବିଭାଗ ଯୋଜନା ଅଧିକାରୀ ଆଲୋକପାତ କରିଥିଲେ। ଏହା ପରେ ମୃତ୍ତିକା ନମୁନା ସଂଗ୍ରହ,ଅମ୍ଳମାଟିର ପରିଚାଳନା, ମୃତ୍ତିକା ପରୀକ୍ଷା ପରେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ହିସାବରେ ଅନୁମୋଦିତ ସାର ପ୍ରୟୋଗ ସହ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସେଥିପ୍ରତି ଧ୍ୟାନ ଦେଇ ପରିବର୍ତ୍ତିତ ଚାଷ ପଦ୍ଧତି ବିଷୟରେ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ. ଶଶାଙ୍କ ଲେଙ୍କା ଯୋଗଦେଇ ବର୍ଣ୍ଣନା କରିଥିଲେ। ପ୍ରଧାନମନ୍ତ୍ରୀ କୃଷି ସିଚାଇ ପ୍ରମୁଖ ଯୋଜନାରେ ଚାଷୀଙ୍କ ପାଇଁ ଥିବା ସମସ୍ତ ସୁବିଧା ସମ୍ପର୍କରେ ଓ କୃଷି ବିଭାଗରେ ଥିବା ବିଭିନ୍ନ ଯୋଜନା ବିଷୟରେ ସହକାରୀ କୃଷି ଯନ୍ତ୍ରୀ ଇଂ ସୌରଭ ଗାଇନ ସୂଚନା ପ୍ରଦାନ କରିଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ର ପ୍ଲାଣ୍ଟ ପ୍ରୋଟେକ୍ସନ ଅଧିକାରୀ ରୁଦ୍ର ପ୍ରସନ୍ନ ମହାଳିକ ଫସଲରେ ବିଭିନ୍ନ ରୋଗ ପୋକ ସମ୍ପର୍କିତ ନିରାକରଣ ଦିଗରେ ବିଶେଷ ସୂଚନା ଦେଇଥିଲେ। ଆୟୋଜିତ ଶିବିରରେ ରାଇଘର ବ୍ଲକ କୃଷି ଅଧିକାରୀ ରଶ୍ମିକାନ୍ତ ସାହୁ, ଉମରକୋଟ ବ୍ଲକ କୃଷି ଅଧିକାରୀ ସନ୍ତୋଷ ନାୟକ, ଏଟିଏମ୍ ନଳିନୀ କାନ୍ତ ପାଢୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଶିବିରରେ ଉମରକୋଟ କୃଷି ଜିଲ୍ଲା ଅନ୍ତର୍ଗତ ଉମରକୋଟ, ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡି ଆଦି ୪ଟି ବ୍ଲକର ଶତାଧିକ କୃଷି ଓ ଅନୁସଙ୍ଗିକ ବିଭାଗର କୃଷି ସମ୍ପ୍ରସାରଣ ଅଧିକାରୀ ଏବଂ କୃଷକ ସାଥି ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।

# ମାଓ ଦମ୍ପତିଙ୍କ ଆତ୍ମସମର୍ପଣ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରିରେ ମାଓ ଦମ୍ପତିଙ୍କ ପୁଲିସ ନିକଟରେ ଆତ୍ମସମର୍ପଣର ସୂଚନା ମିଳିଛି। ସୂଚନା ଅନୁଯାଇ ଛତିଶଗଡର କୋଣ୍ଡାଗାଁଓ ଜିଲ୍ଲା ପୁଲିସ କାର୍ଯ୍ୟଳୟରେ ଶୁକ୍ରବାର ଦିନ ଜଣେ ମହିଳା ଏବଂ ପୁରୁଷ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓ ଦମ୍ପତି ହେଲେ ରୈସିଂଗ କୁମେଟି ଏବଂ ମହିଳା ମାଓବାଦୀ ପୁନାୟ ଆଚଲା। ଆତ୍ମସମର୍ପଣ କରିଥିବା ମାଓ ଦମ୍ପତି ୨୦୦୨ରୁ ୨୦୨୩ ପର୍ଯ୍ୟନ୍ତ ଛତିଶଗଡର ବିଭିନ୍ନ ଜିଲ୍ଲାରେ ସକ୍ରିୟ ରହି ଅନେକ ମାଓ ହିଂସାକାଣ୍ଡରେ ଜଡିତ ରହି ମାଓ କାର୍ଯ୍ୟକଳାପ କରୁଥଲେ। ମାଓ ସଂଗଠନ ଛାଡି ମାଓ ଦମ୍ପତି ପୋଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ଛତିଶଗଡ ଆତ୍ମସମର୍ପଣ ନୀତି-୨୦୨୫ ଅନୁଯାଇ କୋଣ୍ଡାଗାଁଓ ଏସପି ୱାଇ ଅକ୍ଷୟ କୁମାର ଦ୍ୱାରା ୫୦-୫୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ମାଓ ଦମ୍ପତିଙ୍କୁ ପ୍ରଦାନ କରାଯାଇଥିବା ବେଳେ ଆଗାମୀ କିଛିଦିନ ମଧ୍ୟରେ ଅନ୍ୟ ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯିବା ନେଇ କୋଣ୍ଡାଗାଁଓ ପୋଲିସ ପକ୍ଷରୁ କୁହାଯାଇଛି।

## ଯବାନ ପବିତ୍ର ମୋହନ ଶ୍ରୀଚନ୍ଦନଙ୍କ ସ୍ମୃତିଚାରଣ ସଭା

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ସ୍ଥିତ କବିତୀର୍ଥ ସାନପଦର ଗ୍ରାମର ଯବାନ ପବିତ୍ର ମୋହନ ଶ୍ରୀଚନ୍ଦନଙ୍କ ଏକାଦଶ ଅବସରରେ ଦୁର୍ଗା ମଣ୍ଡପ ଠାରେ ଗୁରୁବାର ସନ୍ଧ୍ୟାରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ସାନପଦର ବିଶିଷ୍ଟ ଶିକ୍ଷାବିତ ରାଜ କିଶୋର ବ୍ରହ୍ମାଙ୍କ ସଭାପତିତ୍ୱରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ସାନପଦର ଗ୍ରାମ ପଞ୍ଚାୟତର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର, ସମାଜସେବୀ ଅର୍ଜୁନ ପଟ୍ଟନାୟକ,ଶିକ୍ଷକ ରମେଶ ସାହୁ, ଗ୍ରାମ ସଭାପତି ସୁରେନ୍ଦ୍ର କୁମାର ନାୟକ, ଶିକ୍ଷାବିତ୍ ବିଜୟ କୁମାର ସାହୁଙ୍କ ପ୍ରମୁଖ ସ୍ମୃତି ଚାରଣ ସଭାରେ ସ୍ୱର୍ଗତ ଯବାନ ଶ୍ରୀଚନ୍ଦନଙ୍କ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ବିଧାୟକ ସାହୁ ଯବାନମାନେ ଅହରହ ପରିଶ୍ରମ କରି ଆମକୁ ଶାନ୍ତିରେ ଶୋଇବାକୁ ଦେଉଛନ୍ତି, ସେହିପରି ଚାଷୀ ଅହରହ ପରିଶ୍ରମ କରି ଆମକୁ ଦାନା ଯୋଗାଉଛି। ଜୟ ଯବାନ ଜୟ କିଷାନ କହି ସ୍ଲୋଗାନ ଦେଇ ପବିତ୍ରଙ୍କ ଆତ୍ମାର ସଦଗତି ହେଉ ଏବଂ ସେ ଅମର ହୋଇ ଦେଶ ପାଇଁ ଏ ମାଟି ପାଇଁ ରହିଗଲେ ବୋଲି କହିଥିଲେ। ଏହି ସ୍ମୃତି ସଭାରେ କବି ସାହିତ୍ୟିକ ଶ୍ରୀକାନ୍ତ ନାୟକ, ସଂଯୋଜନା କରିଥିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ସମିତି ସଭ୍ୟ ସୁରେନ୍ଦ୍ର କୁମାର ସମନ୍ତସିଂହାର ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ଗୋଁଡ ସମାଜ ଭବନ ଉଦ୍‌ଘାଟିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ତେଲକୋଇ ବ୍ଲକ ସଦର ମହକୁମା ଗାନ୍ଧୀ ନଗର ସାହିରେ ଥିବା ଗୋଁଡ ସମାଜ ଭବନ ର ଗୁରୁବାର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପୂର୍ବତନ ମନ୍ତ୍ରୀ ଓ ବିଧାୟକ ପ୍ରେମାନନ୍ଦ ନାୟକ, ପୂର୍ବତନ ବିଧାୟକ ପ୍ରାଣ ବଲ୍ଲଭ ନାୟକ, ତେଲକୋଇ ବ୍ଲକ ଗୋଁଡ ସମାଜ ସଭାପତି କଳ୍ପତରୁ ନାୟକ, ତେଲେଙ୍ଗାନା ରାଜ୍ୟ ସଂଯୋଜକ ଜେ. ଜେ. ଏସ ରାଓ, ମୁଖ୍ୟ ବକ୍ତା ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ଗଣଙ୍କୁ ସ୍ୱାଗତ ସମ୍ବର୍ଦ୍ଧିତ କରାଯାଇ ଫଳକ ଉନ୍ମୋଚନ ଓ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ପରେ ସାମାଜିକ ପାରମ୍ପାରିକ ଜଙ୍ଗା ଦେଓ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସାମାଜିକ କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ମନ୍ତ୍ରୀ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟକ ପ୍ରେମାନନ୍ଦ ନାୟକଙ୍କ ଉଦ୍ୟମ ଓ ଅନୁଦାନ ରାଶିରେ ଉଦଘାଟିତ ସାମାଜିକ ଗୃହ ନିର୍ମାଣ ହୋଇପାରି ଥିବାରୁ ସମାଜ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହା ସହିତ ଗୋଁଡ ସମାଜର ସକ୍ରିୟ ସଦସ୍ୟ ତଥା ସ୍ଥାନୀୟ ହାଲପୁଡ଼ି ଗ୍ରାମର ପୀତବାସ ନାୟକଙ୍କ ସହାନୁଭୂତିରେ ବିନା ମୂଲ୍ୟରେ ସମାଜ ଗୃହ ପାଇଁ ଆବଶ୍ୟକ ଜମି ପ୍ରଦାନ କରିଥିବାରୁ ସେ ମଧ ଏ ସମାଜ ପାଇଁ ଚିର ସ୍ମରଣୀୟ ବୋଲି କୁହାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଗୋଁଡ ସମାଜ ସଭାପତି ଜନାର୍ଦ୍ଦନ ନାୟକ, ସମ୍ପାଦକ ହରେକୃଷ୍ଣ ନାୟକ, ଅବସର ପ୍ରାପ୍ତ ଆଇଏଏସ ସଦାନନ୍ଦ ନାୟକ, ଶିକ୍ଷାବିତ୍ ଅଲେଖ ନାୟକ, ତେଲକୋଇ ଗୋଣ୍ଡ ସମାଜ ସାଧାରଣ ସମ୍ପାଦକ ଶରତ ନାୟକଙ୍କ ସହିତ ସମସ୍ତ ପଲ୍ଲୀରୁ କର୍ମକର୍ତ୍ତା ଏବଂ ସଦସ୍ୟ ଯୋଗ ଦେଇଥିଲେ।

## ୧୩ନଂ ଜିଲ୍ଲା ପରିଷଦ ଓ ୭ ୱାର୍ଡ଼ ସଭ୍ୟ ପଦବୀ ନିମନ୍ତେ ଉପନିର୍ବାଚନ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅନ୍ତର୍ଗତ ୧୩ ନଂ ଜୋନ୍‌ରେ ଜିଲ୍ଲା ପରିଷଦ ପଦବୀର ଉପନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଡେରାବିଶ ବ୍ଲକର ତିନୋଟି ଜିଲ୍ଲା ପରିଷଦ ଜୋନ୍ ୧୨, ୧୩ ଓ ୧୪ ମଧ୍ୟରୁ ୧୩ ଜୋନ୍‌ର ସଦସ୍ୟା ଗତ ୨୦୨୪ ବିଧାନସଭା ନିର୍ବାଚନ ବେଳେ ତାଙ୍କର ପଦବୀରୁ ଇସ୍ତଫା ଦେଇ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହୋଇଥିଲେ। ଫଳରେ ସେବେଠାରୁ ଏହି ଜିଲ୍ଲା ପରିଷଦ ଜୋନ୍‌ଟି ଫାଙ୍କା ପଡ଼ିଥିଲା। ବେଣିପୁର, ମଙ୍ଗଳପୁର, ଛୋଟି, ନହଙ୍ଗ, ରଘୁଦେଇପୁର, କୁରୁଜଙ୍ଗା, କାଉପଡ଼ା, ଗୁଆଲସିଂ, କୁଶିଆପାଳ ଓ ବାରିମୂଳ ପଞ୍ଚାୟତକୁ ନେଇ ଏହି ୧୩ ନଂ ଜୋନ୍‌ଟି ଗଠିତ ହୋଇଛି। ନିର୍ବାଚନ କମିଶନରଙ୍କ ଆଦେଶ ମୁତାବକ ଏଥି ନିମନ୍ତେ ୱାର୍ଡ଼ ସ୍ତରୀୟ ଭୋଟର ତାଲିକା ପ୍ରସ୍ତୁତି, ବିଭକ୍ତିକରଣ, ଅଭିଯୋଗ, ଦାବି ଓ ଆପତି ଶୁଣାଣୀ କାର୍ଯ୍ୟ ସରିଯାଇଛି। ଗତ ୧୭ ଏପ୍ରିଲ ରୁ ୨୨ ଏପ୍ରିଲ ମଧ୍ୟରେ ପ୍ରାଥମିକ ଭୋଟର ତାଲିକା ପ୍ରସ୍ତୁତି ପାଇଁ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଥିଲେ। ପରେ ୨୪.୪.୨୫ ରୁ ୩୦.୪.୨୫ ପର୍ଯ୍ୟନ୍ତ ଚୁଡ଼ାନ୍ତ ଭୋଟର ତାଲିକା ସମ୍ପୃକ୍ତ ପଞ୍ଚାୟତମାନଙ୍କର ପ୍ରକାଶନ କରାଯାଇଥିଲା। ୩୦ ଏପ୍ରିଲ ସୁଦ୍ଧା ଏ ସମ୍ପନ୍ଧରେ ଦାବି ଆପତ୍ତି ଲୋକମାନଙ୍କ ଠାରୁ ଗ୍ରହଣ କରାଯାଇଥିଲା। ସେହିପରି ୨ ମଇ ରୁ ୫ ମଇ ପର୍ଯ୍ୟନ୍ତ ଇଲୋକ୍ଟୋରାଲ ରେଜିଷ୍ଟର ଅଫିସର ତଥା ବିଡ଼ିଓ ଡେରାବିଶଙ୍କ ସମ୍ମୁଖରେ ଦାବି ଆପତ୍ତିର ଫଇସାଲା ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଜିପିଓ ନନ୍ଦିନୀ ଶତପଥିଙ୍କ କହିବା ମୁତାବକ ଧାର୍ଯ୍ୟ ତାରିଖ ସୁଦ୍ଧା କୌଣସି ଆପତ୍ତି ଅଭିଯୋଗ ଆସି ନଥିବା ବେଳେ ମୃତ ବ୍ୟକ୍ତିଙ୍କ ନାମ ଭୋଟର ଲିଷ୍ଟରୁ କଟାଯାଇଛି। ତେବେ ନିର୍ବାଚନ ତାରିଖ ଘୋଷଣା ହୋଇନଥିବା ବେଳେ ଖୁବ୍ ଶିଘ୍ର ଭୋଟ ହେବ ବୋଲି ଆକଳନ କରାଯାଇଛି। ତେବେ ଏହି ୧୩ ନଂ ଜିଲ୍ଲା ପେରିଷଦ ଆସନଟିକୁ ହାତେଇବା ପାଇଁ ରାଜନୈତିକ ଦଳମାନେ ବିଭିନ୍ନ ଲାଗି ପଡ଼ିଲେଣି। ଯାହାକୁ ନେଇ ଡେରାବିଶରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଏଥିସହିତ ଦାନପୁର ପଞ୍ଚାୟତର ୧୧ ନଂ ୱାର୍ଡ଼, ଏଣ୍ଡର ପଞ୍ଚାୟତର ୧୩ନଂ ୱାର୍ଡ, କାଉପଡ଼ା ପଞ୍ଚାୟତର ୧୧ ନଂ ୱାର୍ଡ଼, ଲକ୍ଷ୍ମିନାରାୟଣପୁର ପଞ୍ଚାୟତର ୫ ନଂ ୱାର୍ଡ଼, ମଙ୍ଗଳପୁର ପଞ୍ଚାୟତର ୩ ନଂ ୱାର୍ଡ଼, ନହଙ୍ଗ ପଞ୍ଚାୟତର ୧୧ ନଂ ୱାର୍ଡ଼ ଓ ରତାଦିଆ ଖଣ୍ଡସାହି ପଞ୍ଚାୟତର ୫ ନଂ ୱାର୍ଡ଼ ସଭ୍ୟ ପଦବୀ ମଧ ଫାଙ୍କା ପଡ଼ିଥିବା ବେଳେ ସେଠାରେ ମଧ ଉପନିର୍ବାଚନ ହେବ ବୋଲି ସୂଚନା ମିଳିଛି।

# ନାଟକ 'ପାଞ୍ଚାଳୀ' ମଞ୍ଚସ୍ଥ

ବାରିପଦା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଶହୀଦ ସ୍ମୃତି ଭବନ ପ୍ରେକ୍ଷାଳୟରେ ଇନ୍ଦୁଭୂଷଣ କାନୁନ୍‌ଗୋଙ୍କ ରଚିତ ଓ ରାଜେଶ ଦାଶଙ୍କ ନିର୍ଦ୍ଦେଶିତ ଏକ ଭିନ୍ନ ସ୍ୱାଦର ନାଟକ 'ପାଞ୍ଚାଳୀ' ସମ୍ଭାବନା ସାଂସ୍କୃତିକ ପରିଷଦ ଦ୍ୱାରା ମଞ୍ଚସ୍ଥ ହୋଇଯାଇଛି। ଜଣେ କିନ୍ନର ପ୍ରତି ସମାଜର ମନୋଭାବ ଏବଂ ତା'ର ସଂଘର୍ଷ ଉପରେ ଆଧାରିତ ଏହି ନାଟକକୁ ପ୍ରଥମଥର ବାରିପଦାର ଦର୍ଶକ ଟିକେଟ୍ କାଟି ଉପଭୋଗ କରିଥିଲେ। ଭରପୁର ଦର୍ଶକ ଭିତରେ ନାଟକଟି ପ୍ରଦର୍ଶିତ ହୋଇ ଦର୍ଶକଙ୍କ ମନକୁ ଜିଣିପାରିଥିଲା। ବିଭିନ୍ନ ଭୂମିକାରେ ଅଂଶଗ୍ରହଣ କରିଥିଲେ ଜ୍ଞାନ ପଣ୍ଡା, ରଣଜିତ୍, ଗୋକୁଳ ବାବୁ, ପ୍ରସନ୍ନ ମହାନ୍ତି, ଗୁହୀରାମ, ଧରମଜିତ୍, ସୁଜୟ, କ୍ରିଷ୍ଣା, ଚିନ୍ମୟ, ଶୁଭମ୍, ଜ୍ୟୋତିର୍ମୟୀ, ରାଜେଶେନୀ, ସ୍ରିଷ୍ଟି ସାନଭୀ ଓ ଅରିତା ଓ ସଂଗୀତ ନିର୍ଦ୍ଦେଶନା ଦେବାନନ୍ଦ ପାତ୍ର ଏବଂ ସ୍ୱର ଦେଇଥିଲେ ଧରମଜିତ୍। ପ୍ରାରମ୍ଭରେ ନାଟ୍ୟକାର ଏବଂ ମୟୁରଭଞ୍ଜ ଟ୍ରାନ୍ସଜେଣ୍ଡର ଆସୋସିଏସନର ସଭାପତି ମନିଷା ସାହୁଙ୍କୁ ସମ୍ଭାବନା ତରଫରୁ ସମ୍ମାନୀତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ସୋମନାଥ ସିଂହ, ଦର୍ଶନା, ସର୍ମିଷ୍ଠା, ଉର୍ଜା, ଅନ୍ୱେଷିତା, ବୈଷ୍ଣବୀ, ଦିବ୍ୟା ଏବଂ ପ୍ରାଚୀ। ଏଭଳି ଏକ ଭିନ୍ନ ଧରଣର ପ୍ରୟୋଗାତ୍ମକ ନାଟକକୁ ଦର୍ଶକ ଆରମ୍ଭରୁ ଶେଷପର୍ଯ୍ୟନ୍ତ ଉପଭୋଗ କରିବା ସହିତ ସମୟ ସମୟରେ କରତାଳି ଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଉପସ୍ଥିତ ଥିବା ସମସ୍ତ କିନ୍ନରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



ରାଉରକେଲା (ଭାସ୍କର ନ୍ୟୁଜ୍) : ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଜାରି ପରାମର୍ଶନାମା ଅନୁଯାୟୀ, ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଅଗ୍ନିଶମ ସେବା ବିଭାଗ ଦ୍ୱାରା ମଇ ୮ ତାରିଖରେ ବ୍ୟାପକ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା। ଏହି ଅଭ୍ୟାସ ଜରୁରୀକାଳୀନ ପ୍ରସ୍ତୁତି କ୍ଷମତା ବୃଦ୍ଧି କରିବା ଲକ୍ଷ୍ୟରେ ଆରଏସପିର କେନ୍ଦ୍ରୀୟ ଅଗ୍ନିଶମ କେନ୍ଦ୍ର ଏବଂ ସହର ସେବା ବିଭାଗରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ଅଗ୍ନିଶମ କେନ୍ଦ୍ରରେ ଅନୁଷ୍ଠିତ ଏହି ମକ୍ ଡ୍ରିଲ୍ ରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସି ଆଇ ଏସ ଏଫ), ଅଗ୍ନିଶମ ସେବା, ବିଭିନ୍ନ ବିଭାଗର ବିଭାଗୀୟ ସୁରକ୍ଷା ଅଧିକାରୀ (ଡି ଏସ ଓ) ଏବଂ ସୁରକ୍ଷା ପର୍ଯ୍ୟବେକ୍ଷକ ଏବଂ ଅଧିକାରୀମାନଙ୍କ ସମେତ ପ୍ରାୟ ୫୫ ଜଣ କର୍ମଚାରୀ ଯୋଗ ଦେଇଥିଲେ। ଏହି ଅବସରରେ ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା, ଅଗ୍ନିଶମ ସେବା ବିଭାଗର ଜିଏମ୍, କେ.ବି. ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିଭଳି, ସହର ସେବା ଆସେୟେଲି ପଏଣ୍ଟରେ ଅନୁଷ୍ଠିତ ମକ୍ ଡ୍ରିଲ୍ ରେ ବହୁ ଅଧିକାରୀ ଏବଂ ସହରାଞ୍ଚଳ ବାସିନ୍ଦାଙ୍କ ସମେତ ପ୍ରାୟ ୧୦୦ ଜଣ ବ୍ୟକ୍ତି ଉକ୍ତ ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସହର ସେବା ଓ ସିଏସଆର ବିଭାଗ ର ସି ଜି ଏମ୍ ଟି ଜି କାନେକର, ଜି ଏମ୍ ଶ୍ରୀ ଏସ୍ କେ ଦେଓ ଙ୍କ ସମେତ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଅପହରଣ ମାମଲା: ଥାନାରେ ଅଭିଯୋଗ

ଜଳେଶ୍ୱର (ଭାସ୍କର ନ୍ୟୁଜ): ଜଳେଶ୍ୱର ଥାନା ଅନ୍ତର୍ଗତ ଅଗ୍ରୱାଲା ଛକ ନିକଟ ବିଜୟ ବେହେରାଙ୍କ ଘରେ ଭଡାରେ ରହୁଥିବା ପଶ୍ଚିମବଂଗର ବେଲଦା ନିବାସୀ ଦୁର୍ଗା ମୁର୍ମୁର ୮ବର୍ଷର ଝିଅ ତିଥି ମୁର୍ମୁକୁ ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଫୁଲାଡି ଗାଁର କ୍ରିଷ୍ଣା ସାହୁଙ୍କ ପୁତ୍ର ରମିୟ ସାହୁ ଅପହରଣ କରିନେଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ, ଅଗ୍ରୱାଲା ଛକ ନିକଟ ବିଜୟ ବେହେରାଙ୍କ ଘରେ ଦୁର୍ଗା ମୁର୍ମୁ ତାର ପରିବାର ନେଇ ଭଡାରେ ରହୁଥିଲା। ସେହିପରି ସେହି ଘରେ ଅନ୍ୟଏକ କୋଠରୀରେ ଫୁଲାଡି ଗାଁର ରମିୟ ସାହୁ ମଧ୍ୟ ଭଡା ନେଇ ରହୁଥିଲେ। ଦୁର୍ଗା ମୁର୍ମୁର ଫ୍ୟାନ ନଥିବାରୁ ତାର ୮ବର୍ଷର ଝିଅ ତିଥି ମୁର୍ମୁ ରମିୟ ସାହୁଙ୍କ ଘରେ ଗୁରୁବାର ରାତିରେ ଶୋଇଥିଲେ। ଆଜି ସକାଳେ ରମିୟ ସାହୁର ଘର ଚାବି ମରାଯାଇଥିବା ଓ କୁନିଝିଅ ତିଥି ନ ଥିବା ଦେଖି ଫୋନ ଦ୍ୱାରା ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସୁଇଚ୍ଅଫ ଥିବା କାରଣରୁ ସନ୍ଦେହ ପ୍ରକାଶ ପାଇଛି । ତେଣୁ ତିଥିକୁ ଅପହରଣ କରାଯାଇଥିବା ଓ ବିକ୍ରି କରିଦେବାର ସମ୍ଭାବନା ଥିବା କାରଣରୁ ଦୁର୍ଗା ମୁର୍ମୁ ଜଳେଶ୍ୱର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏପରି ଘଟଣା ପ୍ରଚାରିତ ହେବାପରେ ଅଭିଭାବକ ମହଲରେ କକୁଆଭୟ ସୃଷ୍ଟି ହୋଇଛି।

**ପବିତ୍ର ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

## ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କୁ କ୍ରାଇମବ୍ରାଞ୍ଚର ଜେରା

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଗୁଲନଗର ପଞ୍ଚାୟତ ଅନ୍ତର୍ଗତ ଦଣ୍ଡାମୁଣ୍ଡ ଛକରେ ଥିବା ଘର ମାଲିକ ପବିତ୍ର ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜ ସାହୁଙ୍କୁ ଜେରା କରିଛି। କ୍ରାଇମବ୍ରାଞ୍ଚର ଅଧିକାରୀମାନେ ଶ୍ରୀ ସାହୁ, ତାଙ୍କ ଡ୍ରାଇଭର, ଜଣେ ସରପଞ୍ଚଙ୍କ ସ୍ୱାମୀ, ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ଏବଂ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଡକାଇ ପଚରାଉଚରା କରିଛନ୍ତି। ପୂର୍ବରୁ କ୍ରାଇମବ୍ରାଞ୍ଚ ୪ ଥର କେନ୍ଦ୍ରାପଡ଼ାକୁ ଆସି ତଦନ୍ତ କରିଥିଲେ ମଧ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶ୍ରୀ ସାହୁ ଫେରାର ହୋଇ ଯାଉଥିଲେ। କିନ୍ତୁ ଶୁକ୍ରବାର ଶ୍ରୀ ସାହୁଙ୍କୁ କ୍ରାଇମବ୍ରାଞ୍ଚଜେରା କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ ଗତ୨୦୨୨ମସିହା ମାର୍ଚ୍ଚମାସ ୨୫ ତାରିଖ ରାତିରେ ସ୍ୱର୍ଗତ ପ୍ରଧାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ପ୍ରଧାନଙ୍କ ଏହି କୋଠାର ତଳ ମହଲାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ ଭଡ଼ାରେ ରହୁଥିଲେ। କିନ୍ତୁ ଦୀର୍ଘଦିନ ଧରି ସେ ଘରଭଡ଼ା ଦେଇ ନ ଥିଲେ। ଏପରିକି ତାଙ୍କ ଉପରେ ଏକ ଲକ୍ଷ ଟଙ୍କା ଘରଭଡ଼ା ବାକି ଥିଲା। କିନ୍ତୁ ସେ ଏହାକୁ ଦେଉ ନଥିଲେ। ଏ ନେଇ ଅଦାଲତରେ ଏକ ମାମଲା ରୁଜୁ ହୋଇଛି ବୋଲି ସ୍ୱର୍ଗତ ପ୍ରଧାନଙ୍କ ପୁଅ ଉଜ୍ୱଳ କହିଛନ୍ତି। ସେ କହିଛନ୍ତି ଘରଭଡ଼ା ବାବଦ ବାକି ଟଙ୍କା ନ ଦେବା ପାଇଁ ଓ ଏହି ଘରକୁ କବଜା କରିନେବା ଉଦେଶ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶ୍ରୀ ସାହୁ ତାଙ୍କ ବାପାଙ୍କୁ ହତ୍ୟା କରିଥିଲେ। ଏପରିକି ଦଣ୍ଡାମୁଣ୍ଡ ଜମି ପଟ୍ଟାରେ ତାଙ୍କ ବାପାଙ୍କ ନାମକୁ କାଟି ଦେବା ପାଇଁ ମଧ ସେ କାରାସାଦି କରିଥିଲେ। ତହସିଲଦାରଙ୍କୁ ବହୁ ଗୁହାରି ପରେ ତାଙ୍କ ବାପାଙ୍କ ନାମ ଏବେ ରେକର୍ଡଭୁକ୍ତ ହୋଇଛି ବୋଲି ପୁଅ ଉଜ୍ୱଳ କହିଛନ୍ତି। ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ନେବା ପାଇଁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ନାହିଁ।

## କୋଟିପତି ଜେଇଙ୍କ ୪ ବର୍ଷରୁ ଉର୍ଦ୍ଧ୍ୱ ହେଲା ବଦଳି ହୋଇନି

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦୀର୍ଘ ୪ବର୍ଷରୁ ଉର୍ଦ୍ଧ ହେବ ଜଣେ କନିଷ୍ଠ ଯନ୍ତ୍ରୀ ଆସ୍ଥାନ ଜମାଇ ରହିଛନ୍ତି। ଏହି କନିଷ୍ଠ ଯନ୍ତ୍ରୀ ଜଣକ ବ୍ୟାପକ ଆୟ ବର୍ହିଭୂତ ସମ୍ପତି ଠୁଳ କରି କୁବେର ପାଲଟିଥିଲା ବେଳେ ରହସ୍ୟ ଜନକ ଭାବେ ତାଙ୍କ ବିରୁଦ୍ଧରେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ସରକାର ପରେ ସରକାର ପରିବର୍ତନ ହେଉଛି। କିନ୍ତୁ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଭାଗ୍ୟର ପରିବର୍ତ୍ତନ ଘଟୁନଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟରେ ଦୀର୍ଘ ଦିନ ହେଲା ସ୍ଥାୟୀ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ଖାଲି ପଡିଛି। ଏହି କାର୍ଯ୍ୟାଳୟରେ ୪ଜଣ କନିଷ୍ଠ ଯନ୍ତ୍ରୀ ରହିବାର ନିୟମ ରହିଛି। ମାତ୍ରଏହିକାର୍ଯ୍ୟାଳୟରେ ୨ଜଣ କନିଷ୍ଠ ଯନ୍ତ୍ରୀ ରହିଥିବାର ଜଣାଯାଇଛି। ସରକାରଙ୍କ ତରଫରୁ ଏହି କାର୍ଯ୍ୟାଳୟ ଯନ୍ତ୍ରୀଙ୍କ ରହଣୀ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟରେ ଗୃହ ନିର୍ମାଣ କରାଯାଇଛି। ମାତ୍ର ଏହି ଗୃହରେ କୌଣସି ବିଭାଗୀୟ ଯନ୍ତ୍ରୀ ନରହିବା କାରଣରୁ ଏହା ଭୁତକୋଠିରେ ପରିଣତ ହୋଇଛି। ତେବେ ଜରୁରୀ କାଜାମ କାର୍ଯ୍ୟ ନିମନ୍ତେ ଏଠାକୁ ଲୋକେ ଆସି ବିଭାଗୀୟ ଯନ୍ତ୍ରୀଙ୍କୁ ନପାଇ ନିରାଶରେ ଫେରିବାକୁ ବାଧ୍ୟ ହେଉଛନ୍ତି। ଏପରିକି ଯନ୍ତ୍ରୀଙ୍କୁ ଫୋନ କଲେ ସେ ଲୋକଙ୍କ ଫୋନ ଉଠାନ୍ତି ନାହିଁ। କିମ୍ବା ନିୟମିତ କାର୍ଯ୍ୟାଳୟକୁ ଆସନ୍ତି ନାହିଁ। ଏହି କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେବାକୁ ଆସୁଥିବା କନିଷ୍ଠ ଯନ୍ତ୍ରୀଙ୍କୁ ନା ନା ପ୍ରକାର ହଇରାଣ ହରକତ ଯୋଜନାବଦ୍ଧଭାବେ କରାଯିବା କାରଣରୁ ସେମାନେ ସ୍ଥାନ ଛାଡି ଚାଲିଯିବାକୁ ବାଧ ହୋଇଥାନ୍ତି। ତେବେ କଟକ ଜିଲ୍ଲାର ପଡୋଶୀ କେନ୍ଦ୍ରାପଡା ଜିଲ୍ଲାର ଜଣେ କନିଷ୍ଠ ଯନ୍ତ୍ରୀ ଦୀର୍ଘ ୪ବର୍ଷରୁ ଉର୍ଦ୍ଧ ହେଲା ଏଠାରେ ଆସ୍ଥାନ ଜମାଇ ରହିଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ଯନ୍ତ୍ରୀ ଜଣକ ଅସାଧୁ ଉପାୟରେ କୋଟି କୋଟି ଟଙ୍କାର ଆୟ ବର୍ହିଭୂତ ସମ୍ପତି ଠୂଳ କରିଥିବାର ଅଭିଯୋଗ ହୋଇଛି। ଏପରିକି ସମ୍ପୃକ୍ତ ଯନ୍ତ୍ରୀଙ୍କୁ ପିସିନଦେଲେ ଫାଇଲ ଘୁଂଚେ ନାହିଁ। ଠିକାଦାରଙ୍କ ବିଲ ପ୍ରଦାନରେ ନା ନା ପ୍ରକାର ସମସ୍ୟା ସୃଷ୍ଟି କରିଥାନ୍ତି। ଫଳରେ ଏଠାରେ ଠିକାଦାରମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ତେବେ ଲୁଟି ଖାଅ ବଟିଦି ନ୍ୟାୟରେ ସମ୍ପୃକ୍ତ ଯନ୍ତ୍ରୀ ନା ନା ପ୍ରକାର ନିର୍ମାଣ କାର୍ଯ୍ୟରେ ଠକେଇ କରି ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟି ନେଉଥିଲେ ମଧ ବିଭାଗୀୟ ସ୍ତରରେ ତାଙ୍କ ବିରୁଦ୍ଧରେ କଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବୁଦ୍ଧିଜୀବୀ ସମ୍ମିଳନୀ ଓ ଆଲୋଚନାଚକ୍ର

ବୌଦ୍ଧ (ଭାସ୍କର ନ୍ୟୁଜ୍) :ଶୁକ୍ରବାର ସନ୍ଧ୍ୟା ୬.୩୦ ମିନିଟ ସମୟରେ ବୌଦ୍ଧ ଟାଉନ ହଲ୍ ଠାରେ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ସମ୍ପର୍କୀତ ବୁଦ୍ଧିଜୀବି ସମ୍ମିଳନୀ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ଜିଲ୍ଲା ବିଜେପି ଉପ ସଭାପତି ଶ୍ୟାମ ସୁନ୍ଦର ପୁରୋହିତ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ଆଇନଜୀବି ଚିତ୍ତ ରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ ଜିଲ୍ଲାର ବରିଷ୍ଠ ଆଇନଜୀବି ଚନ୍ଦ୍ର ବିଜୟ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସେହିପରି ସମ୍ମାନୀତ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ମିଶ୍ର, ପୁରୁଣା କଟକ ଭୈରବୀ ଡିଗ୍ରୀ କଲେଜର ଅଧ୍ୟାପକ ଲଳିତ କୁମାର ମେହେର ଯୋଗ ଦେଇ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମରେ ବୌଦ୍ଧ ସହରର ବିଭିନ୍ନ ବର୍ଗର ବୁଦ୍ଧିଜୀବି ଓ ଜନସାଧାରଣ ଯୋଗ ଦେଇଥିଲେ।

# ନୀଳକଣ୍ଠେଶ୍ୱର ଲୋକୋତ୍ସବ ଉଦ୍‌ଘାଟିତ




ବୋଲଗଡ଼ (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ପିଚୁକୁଳି ବଜାର ନୀଳକଣ୍ଠେଶ୍ୱର ବଣିକ ସଂଘ ଆୟୋଜନରେ ସ୍ଥାନୀୟ ମହୋତ୍ସବ ପଡ଼ିଆରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି ନୀଳକଣ୍ଠେଶ୍ୱର ଲୋକୋତ୍ସବ - ୨୦୨୫। ଏହାକୁ ମହୋତ୍ସବ କମିଟି ଅଧ୍ୟକ୍ଷ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ।ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ,ବ୍ଲକ ଉପାଧକ୍ଷ ରମେଶ ସାହୁ, ପିଚୁକୁଳି ସରପଞ୍ଚ ଜୟନ୍ତୀ ପ୍ରଧାନ ଓ ସମିତିସଭ୍ୟ ସଞ୍ଜୟ ଗୁମାନସିଂହ, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ,ସାନପଦର ସରପଞ୍ଚ ବୈକୁଣ୍ଠ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଆରମ୍ଭରୁ ଭାରତର ସହିଦ ସୈନିକ ମାନଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ମହୋତ୍ସବ କମିଟି ସଭାପତି ପବିତ୍ର ମୋହନ ମାଝି ପୌରୋହିତ୍ୟ କରି ସ୍ୱାଗତଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ । ସ୍ଥାନୀୟ ଅଞ୍ଚଳର ଐତିହ୍ୟ, ସଂସ୍କୃତି, ପରମ୍ପରା ସହ ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣ ଲକ୍ଷ୍ୟ ନେଇ ୪ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବର ପ୍ରଥମ ଦିବସର ମୁକ୍ତାକାଶ ରଙ୍ଗମଞ୍ଚରେ ଝଲସିଥିଲା ପାରମ୍ପରୀକ ବିବିଧ ନୃତ୍ୟ,ବିଭିନ୍ନ ଲୋକକଳା ସହ ସମ୍ବଲପୁରୀ, ଓଡିଶୀ ଓ ଅନ୍ୟାନ୍ୟ ଲୋକନୃତ୍ୟ ଆଦି।ସ୍ଥାନୀୟ ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଚମ୍ପାଇଲୋ ଦାମୋଦରପୁର ମ.ଇ ବିଦ୍ୟାଳୟ ଓ ଟୀକାତାଳ ସ୍ୱାମୀ ବିବେକାନନ୍ଦ ସଂସ୍କୃତ ବିଦ୍ୟାପୀଠ ଛାତ୍ରୀଛାତ୍ର ଙ୍କ ଦ୍ୱାରା ବିବିଧ ନୃତ୍ୟ ଓ ବାହ୍ୟ ସାଂସ୍କୃତିକ ଦଳ ମଧ୍ୟରେ ଭୁବନେଶ୍ୱର ଉତ୍କଳ ଡ୍ୟାନସ ଗ୍ରୁପ ଦ୍ୱାରା ଗୋଟିପୁଅ,ବଲାଙ୍ଗୀର ପଞ୍ଚମ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ନୃତ୍ୟ, କେନ୍ଦ୍ରାପଡ଼ା ଗଡ ମେକର ଡ୍ୟାନସ ଏକାଡେମୀ ପକ୍ଷରୁ ଓଡ଼ିଶୀ ଓ ଜଟଣୀର ରଙ୍ଗିଲା ଦ୍ୟାଂଶ ଗ୍ରୁପ ଦ୍ୱାରା ମଦର୍ନ ଦ୍ୟାଂଶ ଆଦି ଦର୍ଶକଙ୍କ ଭରପୁର ମନୋରଞ୍ଜନ କରିଥିଲା। ସଭାକାର୍ଯ୍ୟ ମଧ୍ୟରେ ପ୍ରତିଭାବାନ ବ୍ୟକ୍ତିତ୍ୱ ଖବର ଦାତା ନିରଞ୍ଜନ ସେଠୀ,ଶିକ୍ଷାବିତ୍ ବିଭୂତି ଦଳାଇ ଓ ସୁକାନ୍ତ ବ୍ରହ୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ ସାହୁଙ୍କ ସଂଯୋଜନାରେ ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶ୍ରୀକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ସାମାଜିକ କର୍ମୀ ଶିଶିର ଆଚାର୍ଯ୍ୟ ଓ ମନୋଜ ପଣ୍ଡାଙ୍କ ସମେତ ମହୋତ୍ସବ କମିଟି ସଦସ୍ୟ ମାନେ ସହଯୋଗ କରିଥିଲେ।ଶେଷରେ ସମ୍ପାଦକ ଚିତ୍ତରଞ୍ଜନ ସାମନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମହିଳାଙ୍କ ଉପରେ ମରଣାନ୍ତକ ଆକ୍ରମଣ ଅଭିଯୋଗ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ତରତଶାସନ ବାମରା ଗ୍ରାମରେ ଶାଶୁଘର ଲୋକେ ମିଳିମିଶି ଜଣେ ମହିଳାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବାର ନରେନ୍ଦ୍ରପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ଫାଣ୍ଡି ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ତରତଶାସନ ଗ୍ରାମପଂଚାୟତ ଦେବରାଳ ଗ୍ରାମର ନିରଞ୍ଜନ ସାହୁଙ୍କ କନ୍ୟା ମମତା ସାହୁ ୨ବର୍ଷ ତଳେ ସ୍ଥାନୀୟ ବାମରା ଗ୍ରାମର ବିଷ୍ଣୁ ଚରଣ ଦାସଙ୍କ ପୁତ୍ର ସନାତନ ଦାସଙ୍କୁ ବିବାହ କରିଥିଲେ। ତେବେ ବିବାହର ମାତ୍ର କିଛି ଦିନ ପରେ ଶାଶୁଘର ତରଫରୁ ବାରମ୍ବାର ମମତାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦିଆଯାଇ ଆସୁଥିଲା। ଏପରିକି ମମତାକୁ ତାର ବାପଘରକୁ ୨-୩ଥର ଆସିରହିବାକୁ ପଡିଥିଲା। ତେବେ ଶାଶୁଘର ଲୋକେ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ସହ ଘଟଣାର ଆପୋଷ ବୁଝାମଣା କରି ମମତାକୁ ଶାଶୁଘରକୁ ନେଇଥିଲେ। ନିକଟରେ ଶାଶୁଘର ଲୋକେ ମିଳିମିଶି ଯୋଜନାବଦ୍ଧଭାବେ ମମତାକୁ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ମମତା ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ମମତାର କରୁଣ ଚିତ୍କାର ଶୁଣି ପଡୋଶୀମାନେ ଘଟଣାସ୍ଥଳରେ ପହଂଚି ତାକୁ ଉଦ୍ଧାର କରିଥିଲେ। ଏସମ୍ପର୍କରେ ମମତା ନରେନ୍ଦ୍ରପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ରିପୋର୍ଟ ଲେଖାହେଲା ବେଳକୁ ଫାଣ୍ଡିପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାର ଅଭିଯୋଗ ହୋଇଛି। ପୋଲିସ ପ୍ରଶାସନ ତରଫରୁ ତୁରନ୍ତ ଏହି ଘଟଣା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

## ରବି ଧାନ କ୍ରୟ ସମ୍ପର୍କିତ ପ୍ରସ୍ତୁତି ବୈଠକ

ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଆସନ୍ତା ୧୭ ତାରିଖ ଠାରୁ ହେବାକୁ ଥିବା ରବି ଧାନ ସଂଗ୍ରହ ସମ୍ପର୍କୀତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ସମବାୟ ସମିତି ସମୁହର ଉପ ନିବନ୍ଧକ ହାଡ଼ିବନ୍ଧୁ ମହାକୁଡ, ସହକାରୀ ନିବନ୍ଧକ ଫକୀର ଚରଣ ବାଘ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଓ ସମବାୟ, ଯୋଗାଣ ବିଭାଗର ଅଧିକାରୀ, ଧାନ କ୍ରୟ ପାଇଁ ନିଯୁକ୍ତ ନୋଡାଲ ଅଫିସର୍ ଓ ମଣ୍ଡି ସୁପର ଭାଇଜର ମାନେ ଉପସ୍ଥିତ ଥିଲେ କ୍ଷ ରବି ଧାନ ଜିଲ୍ଲାର ସମସ୍ତ ମଣ୍ଡିରେ କିଭଳି ଶୃଙ୍ଖଳିତ ଭାବରେ ହୋଇ ପାରିବ ସେ ସମ୍ପର୍କରେ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ନୂତନ ସମବାୟ ପ୍ରତିଷ୍ଠାନ ପାଇଁ ଜୋର ଧରିଲା ଦାବି

ଜଗତସିଂହପୁର (ଭାସ୍କର ନ୍ୟୁଜ): କୃଷକଙ୍କ ସମୂହିକ କଲ୍ୟାଣ ଓ ସମବାୟ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ନେଇ ଜଗତସିଂହପୁର ବ୍ଲକ ସମଙ୍ଗ ପଞ୍ଚାୟତ ନିମନ୍ତେ ଏକ ନୂତନ ସମବାୟ ପ୍ରତିଷ୍ଠାନ ଦାବି କରାଯାଇ ପାଇଛି। ଅଞ୍ଚଳର ସମୀର ପଟ୍ଟନାୟକ, ତପନ ରାଉ ଉତରାୟ, ଶିଶିର ପଟ୍ଟନାୟକ, ବିନୋଦ ତରାଇ,ବୀରବର ନାୟକ, ଅଧୀର ଜେନା,ସଚିକାନ୍ତ ଜେନା, ପ୍ରବୀର ପରିଡ଼ା ଏହି ମର୍ମରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଦରଖାସ୍ତ କରିଛନ୍ତି । ବର୍ତ୍ତମାନ ସମୟ ରେ ସମଙ୍ଗ ପଞ୍ଚାୟତର ଚାଷୀମାନେ ୩ କିମି ଦୂର ପଳାଶୋଳ ସେବା ସମବାୟ ସମିତି ଅଧୀନରେ ରହିଛନ୍ତି। ୧୧ଟି ୱାର୍ଡକୁ ନେଇ ଗଠିତ ସମଙ୍ଗ ପଞ୍ଚାୟତର ୮୦ ଭାଗ ଲୋକ ଚାଷ ଉପରେ ରେ ନିର୍ଭରଶୀଳ। ଖରିଫ୍ ଋତୁରେ ଧାନ ସହ ରବି ଫସଲ ଭାବେ ମୁଗ, ବିରି ସହିତ ମିଶ୍ରିତ କୃଷି ମତ୍ସ୍ୟ, କୁକୁଡ଼ା, ଗୋପାଳନ କରି ଅଞ୍ଚଳର ଚାଷୀମାନେ ଆତ୍ମନିର୍ଭରଶୀଳ। ଏହାସତ୍ତ୍ୱେ ସମଙ୍ଗ ପଞ୍ଚାୟତର କୃଷକମାନେ ପଳାଶୋଳ ସେବା ସମବାୟ ସମିତି ସହ ଅନୁବନ୍ଧିତ ହୋଇ ଚାଷ ବାବଦ ଅର୍ଥିକ ଋଣ ସହାୟତା ପାଇ ଆସୁଛନ୍ତି। ଏବଂ ଉତ୍ପାଦିତ କୃଷିଜାତ ଫସଲ ବିକ୍ରି ନିମନ୍ତେ ଉକ୍ତ ସେବା ସମବାୟ ସମିତି ମଣ୍ଡି ଉପରେ ନିର୍ଭର କରିଥାନ୍ତି । ପଳାଶୋଳ ସେବା ସମବାୟ ସମିତି ତିନୋଟି ପଞ୍ଚାୟତ ଯଥା ଅୟର, ସମଙ୍ଗ ଓ ପଳାଶୋଳର କୃଷକଙ୍କୁ ନେଇ ଗଠିତ। ତେବେ ସମଙ୍ଗଠାରୁ ଉକ୍ତ ସେବା ସମବାୟ ସମିତିର ଦୂରତା ୩ କିମି। ଏବଂ ସମିତି ପରିଚାଳନାରେ ତ୍ରୁଟି ମଧ ପରିଲକ୍ଷିତ ହେଉଛି। ଦୂରତା ସହ ଚାଷୀଙ୍କ ସମୂହ କଲ୍ୟାଣ ପାଇଁ ସମଙ୍ଗ ପଞ୍ଚାୟତର କେନ୍ଦ୍ରସ୍ଥଳରେ ଏକ ନୂତନ ସମବାୟ ପ୍ରତିଷ୍ଠାନ ମଞ୍ଜୁର ନିମନ୍ତେ ସ୍ୱର ଉଠିଛି, ଆଜିର ଦିନରେ ନିକଟରେ ଥିବା ପଂଚାୟତ ମାନଙ୍କରେ ଦୁଇ ଦୁଇଟି ସେବା ସମବାୟ ସମିତି ଥିବାବେଳେ ଏଠାରେ ତିନୋଟି ପଂଚାୟତ କୁ ନେଇ କିଭଳି ଗୋଟିଏ ସମବାୟ ସମିତି କାର୍ଯ୍ୟ କରୁଛି ତାହା ସମସ୍ତ ଚାସିଙ୍କ ମନରେ ସର୍ବଦା ଦ୍ୱନ୍ଦ୍ୱ ସୃଷ୍ଟିର କାରଣ ପାଲଟିଛି।


## ତାର ଚୋରି ଉଦ୍ୟମ:୧୭ ଘଣ୍ଟା ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ



ବୁର୍ଲା/ବରଗଡ଼ (ଭାସ୍କର ନ୍ୟୁଜ୍) : ବରଗଡ଼ ଜିଲ୍ଲାର ଅତାବିରା ବ୍ଲକ ଅନ୍ତର୍ଗତ ଦାଡଙ୍ଗାପାଲି ଗ୍ରାମ ନିକଟରେ ଗତ ବୁଧବାର ରାତିରେ ଏକ ଗୁରୁତର ବିଦ୍ୟୁତ୍ ଚୋରି ଉଦ୍ୟମ କରାଯାଇଥିଲା। ଏହି ଅପରାଧିକ କାର୍ଯ୍ୟରେ ଲିପ୍ତଥିବା ଦୁର୍ବୃତ୍ତମାନେ ୧୬ଗୋଟି ବିଦ୍ୟୁତ୍ ଖୁଣ୍ଟରୁ ବିଦ୍ୟୁତ ତାର ସବୁ କାଟି ନେଇଯିବାକୁ ଉଦ୍ୟମ କରିଥିଲେ। ମାତ୍ର ବିଦ୍ୟୁତ୍ ବିଭାଗର ନାଇଟ୍ ପାଟ୍ରୋଲିଂ ଦଳ ତଥା ସ୍ଥାନୀୟ ବାସିନ୍ଦା ପ୍ରଚେଷ୍ଟା ଯୋଗୁଁ ଦୁର୍ବୃତ୍ତମାନଙ୍କ ଏହି ଅପରାଧିତ କାର୍ଯ୍ୟ ପଣ୍ଡ ହୋଇଥିଲା। ବିଦ୍ୟୁତ୍ ତାର ଗୁଡ଼ିକୁ ଦୁର୍ବୃତ୍ତମାନେ କାଟି ଦେବା ଫଳରେ ଉକ୍ତ ଅଞ୍ଚଳର ବିଦ୍ୟୁତ୍ ଭିତ୍ତିଭୂମିରେ ବ୍ୟାପକ କ୍ଷତି ଘଟିଥିଲା ଏବଂ ଅନେକ ଗାଁରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଥିଲା। ସୂଚନାଥାଉ କି, ଏହି ଅପରାଧିକ କାର୍ଯ୍ୟକଳାପ ଯୋଗୁଁ ପ୍ରାୟ ୭୫ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ପ୍ରଭାବିତ ହୋଇଥିଲା । ଯାହା ଫଳରେ ଖାରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଚୁଲଧର, ଲାଣ୍ଡିଜୁରୀ, ଜୁନାପାଣି, ଘନଘାଟି, ବେଲବାହାଲି, ନିରାଲପଡ଼ା, ରୁଣିପାଲି, ଗଡଗଡଦଲା, ଆର୍ଥାନପଡ଼ା, ଚୁନଭାଟିପଡ଼ା,ଟିକିରାପଡ଼ା ଏବଂ ଜୁନାନି ଗ୍ରାମର ପ୍ରାୟ ୭୦୦ଗ୍ରାହକଙ୍କ ଘରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍)ର ଉତ୍ସର୍ଗୀକୃତ କ୍ଷେତ୍ର ରକ୍ଷଣାବେକ୍ଷଣ ଦଳ ଦ୍ୱାରା ନିରନ୍ତର ପ୍ରୟାସ ଯୋଗୁଁପ୍ରାୟ ୧୭ ଘଣ୍ଟା ମଧ୍ୟରେ ପ୍ରଭାବିତ ଅଞ୍ଚଳ ଗୁଡିକରେ ଗୁରୁବାର ସନ୍ଧ୍ୟାରେ ବିଦ୍ୟୁତ୍ ସେବା ପୁନଃସ୍ଥାପିତ କରାଯାଇପାରିଥିଲା। ତେବେ ଏହି ଘଟଣା ନେଇ ନିକଟସ୍ଥ ଆତାବିରା ଥାନାରେ ଏକ ମାମଲା ଦାୟର କରାଯାଇଛି ଏବଂ ପୋଲିସ ଘଟଣାର ଖୋଳତାଡ ଆରମ୍ଭ କରିଛି। ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ସମସ୍ତ ଗ୍ରାହକ ତଥା ପଶ୍ଚିମ ଓଡ଼ିଶାର ଜନସାଧାରଣମାନଙ୍କୁ ପୁନଃ ଅନୁରୋଧ କରାଯାଉଅଛି ଯେ, ଯଦି କୌଣସି ବିଦ୍ୟୁତ୍ ଭିତ୍ତିଭୂମି ନିକଟରେ ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଆପଣମାନଙ୍କ ନଜିରକୁ ଆସେ, ତେବେ କମ୍ପାନୀର ଟୋଲ୍-ଫ୍ରି ନମ୍ବର: ୧୮୦୦-୩୪୫୬-୭୯୮କିମ୍ବା ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟରେ ତୁରନ୍ତ ରିପୋର୍ଟ କରନ୍ତୁ। ଚୋରି ଏବଂ ବିଦ୍ୟୁତ୍ ଭିତ୍ତିଭୂମି ଭଙ୍ଗାରୁଜା କାର୍ଯ୍ୟ କେବଳ ଅତ୍ୟାବଶ୍ୟକ ବିଦ୍ୟୁତ୍ ସେବାକୁ ବାଧାପ୍ରାପ୍ତ କରେ ନାହିଁ ବରଂ ଜନସାଧାରଣଙ୍କ ପାଇଁ ଗମ୍ଭୀର ସୁରକ୍ଷା ବିପଦ ମଧ ସୃଷ୍ଟି କରେ। ଟିପିଡବ୍ଲ୍ୟୁଓଡିଏଲ୍ଏହାର ପକ୍ଷରୁ ସମସ୍ତ ଗ୍ରାହକ ତଥା ପଶ୍ଚିମ ଓଡ଼ିଶାର ଜନସାଧାରଣମାନ ନିରବଚ୍ଛିନ୍ନ ତଥା ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ।

## ୧୩ରୁ ଶ୍ରୀମନ୍ଦିର ସେବକ ବାଳକ ବାଳିକା ସନ୍ତରଣ ପ୍ରଶିକ୍ଷଣ

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିର ସେବକ ବାଳକ ବାଳିକା ମାନଙ୍କ ପାଇଁ ଏକ ସନ୍ତରଣ ପ୍ରଶିକ୍ଷଣ ଶିବିର ଚଳିତ ମାସ ୧୩ ତାରିଖ ରୁ ଜୁନ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶ୍ରୀଜଗନ୍ନାଥ ଷ୍ଟାଡିୟମ ସନ୍ତରଣାଗାରରେ ଏହି ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।ଟାଉନ ହଲ ଠାରେ ଏ ସମ୍ପର୍କରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏଥିରେ ଯୋଗ ଦେଇ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢୀ ପ୍ରତ୍ୟେକ ଙ୍କ ମଧ୍ୟରେ ପ୍ରତିଭା ରହିଛି ଓ ଏହାର ଉନ୍ମେଷ ର ଆବଶ୍ୟକତା ରହିଛି ବୋଲି କହିଥିଲେ।ନିଜକୁ ସୁସ୍ଥ ଓ ନୀରୋଗ ରଖିବାକୁ ଯୋଗ, ବ୍ୟାୟାମ ପରି କ୍ରୀଡା ମଧ ଏକ ଶ୍ରେଷ୍ଠ ମାଧ୍ୟମ ବୋଲି କହିବା ସହ ସନ୍ତରଣ ପ୍ରତି ପିଲା ମାନଙ୍କ ଆଗ୍ରହ ପାଇଁ ଶୁଭେଚ୍ଛା ଜଣାଇଥିଲେ।ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ପିଲା ମାନଙ୍କ ଶୃଙ୍ଖଳା ଓ ଚରିତ୍ର ଗଠନ ପାଇଁ ଏହା ବେଶ ଉପାଦେୟ ହୋଇ ପାରିବ ବୋଲି କହିଥିଲେ।ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ସେବକ କଲ୍ୟାଣର ବରିଷ୍ଠ ସହାୟକ ସୂର୍ଯ୍ୟ ନାରାୟଣ ମହାପାତ୍ର ବିସ୍ତୃତ ସୂଚନା ଦେଇ ୩ଟି ସ୍ଲଟରେ ସନ୍ତରଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି କହିଥିଲେ।ସୋମବାର ବ୍ୟତୀତ ସକାଳ ୭.୧୫ ମି ରୁ ୮ ଘଟିକା,ସକାଳ ୯ ଟାରୁ ୯.୪୫ ଘଟିକା ପର୍ଯ୍ୟନ୍ତ ବାଳକ ମାନଙ୍କର ଓ ୯.୪୫ ମିନିଟ ରେ ସକାଳ ୧୦.୩୦ ଘଟିକା ପର୍ଯ୍ୟନ୍ତ ବାଳିକା ମାନଙ୍କ ର ପ୍ରଶିକ୍ଷଣ ଅନୁଷ୍ଠିତ ହେବ।ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ସନ୍ତରଣ କଷ୍ଟ୍ୟୁମ ବା ପୋଷାକ ରେ ସନ୍ତରଣ କରିବେ ବୋଲି ସେମାନେ କହିଥିଲେ।କାର୍ଯ୍ୟକ୍ରମ ରେ ଶ୍ରୀମନ୍ଦିର ସହକାରୀ ପ୍ରଶାସକ ଶୁଭଶ୍ରୀ ସୁଚିସ୍ମିତା,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ , ବରିଷ୍ଠ ସେବାୟତ ଓ ଅନ୍ୟାନ୍ୟ ସେବାୟତ ଏବଂ କୁନି ପ୍ରତିଯୋଗୀ ମାନେ ଯୋଗ ଦେଇଥିଲେ।ଶେଷରେ ପ୍ରତିଯୋଗୀଙ୍କୁ କିଟ୍ସ ପ୍ରଦାନ କରାଯାଇଥିଲା।




## ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରୀ କମିଟି ବୈଠକ



କଣାସ (ଭାସ୍କର ନ୍ୟୁଜ୍) : କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତିରେ ଏବିଡ଼ିଓ ମଙ୍ଗଳ କିଷାନ ହେମ୍ବ୍ରମ ରୋଗୀ କଲ୍ୟାଣ ସମିତି ବୈଠକରେ ସଭାପତିତ୍ୱ କରିଥିଲେ। ଡାକ୍ତର କ୍ଷମାନିଧି ସେଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଗତ ବର୍ଷରେ ଉନ୍ନତି ହୋଇଥିବା ରୋଗୀ ସେବା ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ। ରିପୋର୍ଟ ଅନୁସାରେ ପୂର୍ବ ବର୍ଷ ତୁଳନାରେ ଗତ ବର୍ଷ ଓପିଡ଼ି ରୋଗୀ ସଂଖ୍ୟା, ଅନ୍ତର୍ବିଭାଗ ରୋଗୀ ସଂଖ୍ୟା, ନିଦାନ ପରୀକ୍ଷା, ପରିବାର ନିୟୋଜନ ଅସ୍ତ୍ରୋପଚାର ସଂଖ୍ୟା ଆଦିରେ ଅଭିବୃଦ୍ଧି ଦେଖା ଦେଇଛି। ମାତ୍ର ବିଶେଷଜ୍ଞ ଡାକ୍ତର ଓ ନର୍ସିଙ୍ଗ ଷ୍ଟାଫଙ୍କ ପଦବୀ ଗୁଡିକ ବହୁତଦିନ ଧରି ଖାଲି ପଡୁଥିବାରୁ ଆନୁଷ୍ଠାନକ ପ୍ରସବ ସଂଖ୍ୟାରେ ହ୍ରାସ ପରିଲକ୍ଷିତ ହୋଇଛି। ସେହିଭଳି ଦୀର୍ଘ ଦିନ ଧରି ଆୟୁର୍ବେଦିକ ଔଷଧ ଯୋଗାଣ ହେଉ ନଥିବାରୁ ଆୟୁଷ ଓପିଡ଼ି ସଂଖ୍ୟାରେ ମଧ ହ୍ରାସ ହେଉଛି। କଣାସ ବ୍ଲକର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ଉତ୍ତମ ଗୁଣବତା ସେବା ଦେଉଥିବାରୁ ଗତବର୍ଷ ସମସ୍ତ ଉଣିଷ ଗୋଟି ଉପକେନ୍ଦ୍ର, ପାଞ୍ଚଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକେନ୍ଦ୍ର ଓ ଗୋଟିଏ ବ୍ଲକ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଥିବା କଥା ବିପିଏମ କମିଟିକୁ ଅବଗତ କରାଇଥିଲେ। କଣାସ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା ହୋଇ ଥିଲା। ସେଥି ମଧ୍ୟରୁ ପାନୀୟ ଜଳ ସମସ୍ୟା, ବୈଦୁତିକ ସମସ୍ୟା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଜାଗା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କୋଠାବାଡ଼ି ଗୁଡିକର ବାର୍ଷିକ ମରାମତି, ବାଉଣ୍ଡାରୀ, ଇତ୍ୟାଦି ନିର୍ମାଣ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖିବା ପାଇଁ ଆଲୋଚନା ହୋଇଥିଲା। ଆଗାମୀ ଜୁନ ମାସରେ ବିଧାୟକଙ୍କ ଅଧକ୍ଷତାରେ ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ କରିବା ପାଇଁ ପ୍ରସ୍ତାବ କରାଯାଇଥିଲା। ଏହି ବୈଠକରେ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରା, ଶିଶୁ ବିକାଶ ଅଧିକରିଣୀ ସ୍ମିତା ମହାନ୍ତି, ରୋଗୀ କଲ୍ୟାଣ ସମିତି ମନୋନୀତ ସଭ୍ୟ ସୁଶାନ୍ତ କୁମାର ନରେନ୍ଦ୍ର, ସସ୍ମିତା ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ଆନ୍ତରାଜ୍ୟ ବସ୍ ଟର୍ମିନାଲ ଲାଗି ପ୍ରଶାସନର ସ୍ଥାନ ପରିଦର୍ଶନ



ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ପ୍ରତି ବ୍ଲକରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ସରକାର ପଦକ୍ଷେପ ଗ୍ରହଣ କରିଥିବା ବେଳେ ଅଦ୍ୟାବଧି ଜଳେଶ୍ୱରରେ ଏହା ସମ୍ଭବ ହୋଇନାହିଁ । କିନ୍ତୁ ଏକ ଆନ୍ତରାଜ୍ୟ ବସ୍‌ଟର୍ମିନାଲ ନିର୍ମାଣ ପାଇଁ ୬୦ନଂ ଜାତୀୟ ରାଜପଥ ଲକ୍ଷ୍ମଣନାଥ ପୁରୁଣା ତନଖି ଫାଟକ ପଢିଆରୀପୁର ମୌଜାଠାରେ ୩ ଏକର ୫ଡିସିମିଲ ସ୍ଥାନ ଚିହ୍ନଟ ହୋଇଥିଲା । ଟର୍ମିନାଲ ନିର୍ମାଣ ଲାଗି ୩୨ କୋଟି ଟଙ୍କା ମଂଜୁର ହୋଇ ପଡିରହିଥିବା ବେଳେ ବାଣିଜ୍ୟକର ବିଭାଗ ନାମରେ ଥିବା ଉକ୍ତି ଜମିକୁ ପରିବହନ ବିଭାଗକୁ ହସ୍ତାନ୍ତର ହୋଇନଥିବା ଜଣାଯାଇଛି । ଫଳରେ ନିର୍ମାଣ କାର୍ଯ୍ୟ ଅଟକି ରହିଛି। ଅଦ୍ୟାବଧି ଜଳେଶ୍ୱର ବ୍ଲକ ସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇନଥିବାରୁ ଜନସାଧାରଣ ବହୁ ହଇରାଣ ହରକତ ହେଉଛନ୍ତି। ପରିବହନ ବିଭାଗର ବସ୍ ଗୁଡିକ ବସ୍‌ଷ୍ଟାଣ ଅଭାବରୁ ରାସ୍ତାକଡରେ ଛିଡା ହୋଇ ରହୁଛି । ଷ୍ଟେସନବଜାର ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ସ୍ଥାନ ଅଭାବ ଯୋଗୁଁ ଜଳେଶ୍ୱରରୁ ଚନ୍ଦନେଶ୍ୱର, ଦୀଘା, କଟକ, ଭୁବନେଶ୍ୱର, ବାଲେଶ୍ୱର, ବାରିପଦା, ରାଉରକେଲା, କେଉଁଝର, ପୁରୀ, ମେଦିନୀପୁର, କୋଲକତା, ଭୋଗରାଇ ଇତ୍ୟାଦି ବିଭିନ୍ନ ସ୍ଥାନକୁ ବସ୍ ଗଲାବେଳେ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏ ସଂପର୍କରେ ବିଧାନସଭାରେ ବାରମ୍ବାର ଆଲୋଚନା ହୋଇଥିଲେ ମଧ୍ୟ ଅଦ୍ୟାବଧି ନିର୍ମାଣ ସମ୍ଭବ ହୋଇନଥିଲା । ଫଳରେ ପରିବହନ ବିଭାଗ ପକ୍ଷରୁ ୩୨କୋଟି ଟଙ୍କା ମଂଜୁର ହୋଇଥିବା ବେଳେ ଏହାକୁ ପୁଲିସ୍ ହାଉସିଂ ବୋର୍ଡ ନିର୍ମାଣ କରିବ ବୋଲି ପ୍ରକ୍ରିୟା ଆରମ୍ଭ ହୋଇଛି । ତେଣୁ ୬୦ନଂ ଜାତୀୟ ରାଜପଥ ଲକ୍ଷ୍ମଣନାଥ ଠାରେ ବାଣିଜ୍ୟ ବିଭାଗର ଅଧିନରେ ଥିବା ସ୍ଥାନ ମଧ୍ୟରୁ ୩.୦୫ ଏକର ଜମି ପରିବହନ ବିଭାଗକୁ ହସ୍ତାନ୍ତର କରାଯିବା କଥା ମାତ୍ର ଅଦ୍ୟାବଧବ ତାହା ହୋଇନଥିବାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏ ସଂପର୍କରେ ରାଜ୍ୟ ବାଣିଜ୍ୟ ପରିବହନ ବିଭାଗର ଡେପୁଟି ଡାଇରେକ୍ଟର ତଥା ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଜିଲା ଅଧିକାରୀଙ୍କ ସହିତ ଜଳେଶ୍ୱର ଭାରପ୍ରାପ୍ତ ତହସିଲଦାର ଗୌରାଙ୍ଗ ଚରଣ ଘୋଷ ମଧ୍ୟ ଉପସ୍ଥିତ ଥିଲେ । ଏହି ଟର୍ମିନାଲରେ ଯାତ୍ରୀ ନିବାସ, ମାର୍କେଟ କମ୍ପ୍ଲେକ୍ସ, ଡ୍ରାଇଭରଙ୍କ ବିଶ୍ରାମାଗାର, ଯାନ ଧୋଇବା ପ୍ଲାଟଫର୍ମ, ଯାନ ମରାମତି ପ୍ଲାଟଫର୍ମ, ଆମ୍ବୁଲାନ୍ସ ରହଣି ସହିତ ଟର୍ମିନାଲକୁ ଯିବା ଆସିବା ଲାଗି ଗେଟ ସହିତ ଫୁଏଲ ଷ୍ଟେସନ, ଇଭି ଚାର୍ଜି ସେଣ୍ଟର ରହିବ ବୋଲି ବୈଷୟିକ କମିଟି ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମକୁ ଭୂମି ଆସୋସିଏସନ୍ ନାମକ ଘରୋଇ ସଂସ୍ଥା ସମସ୍ତ ଡିପିଆର୍ ପ୍ରସ୍ତୁତ କରିଥିବା ଜଣାଯାଇଛି । ଅତିଶୀଘ୍ର ଏହି ବସ୍ ଟର୍ମିନାଲ ନିର୍ମାଣ ହେଲେ ଯାତ୍ରୀମାନେ ଉପକୃତ ହୋଇପାରିବେ ବୋଲି ଦାବି ହେଉଛି।

## ବୈଠକରେ ନିଶା ନିବାରଣ ପାଇଁ ନିଷ୍ପତ୍ତି

ବୌଦ୍ଧ (ଭାସ୍କର ନ୍ୟୁଜ୍) : ଶୁକ୍ରବାର ସନ୍ଧ୍ୟା ୬ ଘଣ୍ଟା ସମୟରେ ପ୍ରାପ୍ତ ସୁଚନା ଅନୁଯାୟୀ ଆଜି ଜିଲ୍ଲା ଆଦିମ କନ୍ଧ ସମାଜ ମୁଣ୍ଡାପଡ଼ା କେନ୍ଦ୍ର ପକ୍ଷରୁ ଭୁକ୍ତାପଡା ଗ୍ରାମରେ ନିଶା ନିବାରଣ ସମ୍ପର୍କୀତ ଏକ ବୈଠକ ଦିନ ୨ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଭାରେ କେନ୍ଦ୍ର ସଭାପତି. ଜାତକ ନାୟକ ଅଧ୍ୟକ୍ଷତା କରିଥିଲେ । କେନ୍ଦ୍ର ସମ୍ପାଦକ ଜୋଗୀନ୍ଦ୍ର କନ୍‌ହରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଆଦିବାସୀ କନ୍ଧ ସମାଜ ମଦ୍ୟପାନରୁ ଦୁରେଇ ରହି ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହେବାକୁ ନିଷ୍ପତି ଗ୍ରହଣ କରା ଯାଇଥିଲା କ୍ଷ ସହ ସମ୍ପାଦକ ଅରୁଣ କୁମାର ସାହୁ, ସାତ ମଲିକ ପ୍ରଗଣାର ସଭାପତି ସଂଜିତ ମହାମଲିକ, ସମ୍ପାଦକ ସୁନାସିର ମଲିକ ଓ ରାଜ କୁମାର ମହାମଲିକ, ସୁଶାନ୍ତ ମଲିକ ଏବଂ ଜିଲ୍ଲା ସଂଯୋଜକ ଦେବ ରଞ୍ଜନ କହଁର ଅସ୍ଥାୟୀ ସଭାପତି ଭଗବାନ ଝାଙ୍କର ଯୋଗ ଦେଇ ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର






କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ସ୍କାଉଟ ଗାଇଡ କମିଶନରଙ୍କ ଦ୍ୱାରା ମନୋନୀତ ହୋଇଥିବା କଟକ ଜିଲ୍ଲାର ଭାରତ ସ୍କାଉଟ ଓ ଗାଇଡ ଚଳିତବର୍ଷ ରାଜ୍ୟସ୍ତରୀୟ ପୁରସ୍କାର ହାସଲ କରିଛି। ଶୁକ୍ରବାର ଦିନ ଭୁବନେଶ୍ୱର ରାଜ୍ୟପାଳଙ୍କ ବାସଭବନ ଅଭିଷେକ ହଲ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଚଳିତ ବର୍ଷ ଭାରତ ସ୍କାଉଟ ଓ ଗାଇଡର ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ରାଜ୍ୟ ସ୍କାଉଟ କମିଶନର କଟକ ଜିଲ୍ଲା ସ୍କାଉଟ ଗାଇଡ ସର୍ବାଧିକ ପଏଣ୍ଟ ହାସଲ କରି ଚଳିତ ବର୍ଷ ଶ୍ରେଷ୍ଠ ଜିଲ୍ଲା ଭାବେ ବିବେଚିତ ହୋଇ ରାଜ୍ୟସ୍ତରୀୟ ପୁରସ୍କାର ରାଜ୍ୟପାଳଙ୍କ ଠାରୁ ଜିଲ୍ଲା କମିଶନର ଡକ୍ଟର ସନ୍ତୋଷ କୁମାର୍ ରାଉତ, ଜିଲ୍ଲା ସମ୍ପାଦକ ସୌଦାମିନୀ ଦାସ ଗ୍ରହଣ କରିଥିଲେ। ରାଜ୍ୟପାଳ ଏହି ପୁରସ୍କାର ପ୍ରଦାନ କରି କହିଲେ ସ୍କାଉଟ୍ ଗାଇଡ ଏକ ସ୍ୱେଚ୍ଛାସେବୀ ସଂଗଠନ। ଏହାର ମୂଳ ଲକ୍ଷ୍ୟ ହେଲା ଲୋକଙ୍କୁ ଆପଦ ବିପଦ କାଳରେ ସେବା କରିବା। ତେଣୁ ସମାଜ ପ୍ରତି ସେମାନଙ୍କର ଗୁରୁ ଦାଇତ୍ୱ ରହିଛି। ସ୍କାଉଟ୍ ଗାଇଡର ବିଭିନ୍ନ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ନିଜକୁ ସେବା କ୍ଷେତ୍ରରେ ଉତ୍ସର୍ଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଯୋଗଦେଇ ବିଦ୍ୟାଳୟ ସ୍ତରରେ ସ୍କାଉଟ୍ ଗାଇଡକୁ ସକ୍ରିୟ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ରାଜ୍ୟ ସ୍କାଉଟ୍ ଗାଇଡ କମିଶନର କାଳି ପ୍ରସନ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟ ପୁରସ୍କାର ବିତରଣ ସମାରୋହ

# ସ୍କାଉଟ୍ସ ଓ ଗାଇଡ୍ସର ସଦସ୍ୟ ଉତ୍ତମ ଭବିଷ୍ୟତର ମଶାଲ ବାହକ ହୁଅନ୍ତୁ: ରାଜ୍ୟପାଳ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ସଦସ୍ୟମାନେ ଏକ ଉତ୍ତମ ଭବିଷ୍ୟତର ମଶାଲ ବାହକ ହୁଅନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଚଳିତ ମଇ ୯ତାରିଖ ଦିନ ରାଜ ଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଦେଶ ପାଇଁ ବର୍ତ୍ତମାନ ସ୍କାଉଟ୍ସ ଓ ଗାଇଡ୍ସର ପୂର୍ବ ଅପେକ୍ଷା ଅଧିକ ସମର୍ପଣ, ଶୃଙ୍ଖଳା ଏବଂ ମୂଲ୍ୟବୋଧର ଆବଶ୍ୟକତା ରହିଛି। ସେବା, ଆତ୍ମ ନିର୍ଭରଶୀଳତା ଏବଂ ନୈତିକ ସାଧୁତା ମାଧ୍ୟମରେ ଦାୟିତ୍ୱସଂପନ୍ନ ନାଗରିକ ତିଆରି କରିବାରେ ସ୍କାଉଟ୍ସ ଓ ଗାଇଡ୍ସ ଆନ୍ଦୋଳନର ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡିଶାର ମାନ୍ୟବର ଫାଷ୍ଟ୍ ଲେଡି ଜୟଶ୍ରୀ କମ୍ଭମ୍ପାଟି ଉପସ୍ଥିତ ଥିଲେ। ଏହି ସମାରୋହରେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବକ୍ତବ୍ୟ ପ୍ରଦାନ କରି ଶୃଙ୍ଖଳା ସୃଷ୍ଟି ସହ ଆହ୍ୱାନପୂର୍ଣ୍ଣ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେବାରେ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ଭୂମିକା ସଂପର୍କରେ ଅବତାରଣା କରିଥିଲେ। ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରି ଶିକ୍ଷା ଓ ସଂସ୍କାର, ଦେଶ ପାଇଁ ସମର୍ପିତ ହୋଇ ସେବା ନିମନ୍ତେ ସ୍କାଉଟ୍ସ ଏବଂ ଗାଇଡ୍ସ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ପ୍ରାରମ୍ଭରେ ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ମୁଖ୍ୟ କମିଶନର ଡ. କାଳୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଭ୍ରମଣ ପୁସ୍ତକ 'ପ୍ରାଚୁର୍ଯ୍ୟର ଇଲାକାରେ ଗୋଟିଏ ମାସ' ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବରିଷ୍ଠ ଲେଖକ ତଥା ପର୍ଯ୍ୟଟକ ବିଶ୍ୱମୋହନ ପଟ୍ଟନାୟକ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ଭେଟି ତାଙ୍କ ଲିଖିତ ଦୁଇଟି ଭ୍ରମଣ ପୁସ୍ତକର ପ୍ରଥମ ଖଣ୍ଡ ପ୍ରଦାନ କରିଛନ୍ତି । ଏହି ଦୁଇ ପୁସ୍ତକ ହେଲା ଓଡିଆରେ ଲିଖିତ 'ପ୍ରାଚୁର୍ଯ୍ୟର ଇଲାକାରେ ଗୋଟିଏ ମାସ' ଏବଂ ଏହାର ଇଂରାଜୀ ଅନୁବାଦ । ମୁଖ୍ୟମନ୍ତ୍ରୀଙ୍କୁ ଏହି ଦୁଇ ପୁସ୍ତକର ପ୍ରଥମ ଖଣ୍ଡ ଉପହାର ଦେବା ଅବସରରେ ଲେଖକ କହିଛନ୍ତି ଯେ ଏକ ବିଶାଳ ଏବଂ ସୁନ୍ଦର ଦେଶ ଆମେରିକା ପରିଦର୍ଶନ କରିବାର ସୌଭାଗ୍ୟ ପାଇଥିଲି । ପୃଥିବୀର ଅନେକ ଦେଶ ବୁଲିଥିଲେ ବି ଆମେରିକାରୁ ଫେରିବା ପରେ, ସେଠାରେ ମୋର ରହଣିର ସ୍ମୃତିକୁ ଲେଖିବାର ଇଚ୍ଛାକୁ ନିୟନ୍ତ୍ରଣ କରିପାରି ନଥିଲି । ଭ୍ରମଣ ପୁସ୍ତକ ପ୍ରାଚୁର୍ଯ୍ୟର ଇଲାକାରେ ଗୋଟିଏ ମାସର ପ୍ରଥମ ଖଣ୍ଡ ଗ୍ରହଣ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଲେଖକଙ୍କ ପ୍ରୟାସର ସଫଳତା ଏବଂ ଶୁଭକାମନା କରିଥିଲେ। ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ପୁସ୍ତକର ପ୍ରଥମ ସଂଖ୍ୟା ଗ୍ରହଣ କରି ପୁସ୍ତକର ପ୍ରକାଶିକା ଜୟଶ୍ରୀ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ଉଭୟ ଲେଖକ ଓ ପ୍ରକାଶିକାଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିପାଇଁ ଅନୁଷ୍ଠିତ ସମାବେଶରେ ଶିକ୍ଷାବିତ ତଥା ସୁସାହିତ୍ୟିକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ସ୍ତମ୍ଭକାର ଜାନକୀଶ ବଡ଼ପଣ୍ଡା ତଥା ଲେଖକଙ୍କ ସୁପୁତ୍ର ଅଭିଜିତ ଉପସ୍ଥିତ ଥିଲେ।

## ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ଫାଇନାଲ ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦେଶର ଯୁଦ୍ଧକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ଫାଇନାଲ ପରୀକ୍ଷା ସ୍ଥଗିତ ରଖାଯାଇଛି। ପରୀକ୍ଷା ନେଇ ପୁଣି ଥରେ ପରବର୍ତ୍ତୀ ମୁହୂର୍ତ୍ତରେ ବିଜ୍ଞପ୍ତି ପ୍ରକାଶ କରିବ ଓ ପରୀକ୍ଷାର୍ଥୀ ମାନଙ୍କୁ ୱେବସାଇଟ ସହ ଯୋଡି ହୋଇ ରହିବାକୁ ସୂଚନା ଦିଆଯାଇଛି ।

## ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟ ଅବକାରୀ ନୀତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଚଳିତମାସ ଶେଷ ସୁଦ୍ଧା ଆଣିବାକୁ ଯାଉଛନ୍ତି ରାଜ୍ୟ ଅବକାରୀ ନୀତି। ଏହି ପଲିସି ତିନିବର୍ଷ ପାଇଁ କାର୍ଯ୍ୟକାରୀ ହେବ। ପୂର୍ବରୁ ଅବକାରୀ ନୀତି କେବଳ ଗୋଟିଏ ବର୍ଷ ପାଇଁ କାର୍ଯ୍ୟକାରୀ ହେଉଥିଲା। ଏହାପରେ ଅଧିକ ବିଚାରବିମର୍ଶ କରି ରାଜ୍ୟ ସରକାର ପଲିସିରେ କିଛିଟା ପରିବର୍ତ୍ତନ କରିବାକୁ ଯାଉଛନ୍ତି । ବିଭିନ୍ନ ରାଜ୍ୟର ଅବକାରୀ ନୀତିକୁ ତର୍ଜମା କରାଯାଇ ପୋଲିସିରେ ପରିବର୍ତ୍ତନ ସହ ଏହାକୁ କାର୍ଯ୍ୟକାରୀ କରିବାକୁ ଚିନ୍ତା କରାଯାଉଥିବା କହିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

## ଭାରତୀୟ ସଶସ୍ତ୍ର ବଳକୁ ଶୁଭକାମନା ଜଣାଇଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ସଶସ୍ତ୍ର ବଳକୁ ଶୁଭକାମନା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ନବୀନ କହିଛନ୍ତି ଯେ, ଭାରତୀୟ ଆର୍ମର୍ଡ ଫୋର୍ସ ସଫଳତାର ସହ ପାକିସ୍ତାନର ବିଭିନ୍ନ ଆତଙ୍କବାଦୀ ସ୍ଥାନକୁ ନଷ୍ଟ କରିଛନ୍ତି । ସେଥିପାଇଁ ସେମାନଙ୍କୁ ଶୁଭେଚ୍ଛା ଜଣାଉଛି ।

## ଭାରତ-ପାକିସ୍ତାନ ବିବାଦ ଭିତରେ ରାଜ୍ୟକୁ ଫେରୁଛନ୍ତି ଲୋକେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତ-ପାକିସ୍ତାନ ବିବାଦ ଭିତରେ ରାଜ୍ୟକୁ ଫେରିଛନ୍ତି ଓଡ଼ିଶାର ଲୋକେ । ଦିଲ୍ଲୀରୁ ଓଡିଶା ଫେରିଥିବା ଯାତ୍ରୀ କହିଛନ୍ତି ଯେ, ଏବେ ନିଜକୁ ରିଲାକ୍ସ ଫିଲ ହେଉଛି। ଦିଲ୍ଲୀ ଓ ଭୁବନେଶ୍ୱର ଏୟାରପୋର୍ଟରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଓଡିଶା ପହଞ୍ଚିଗଲା ମାତ୍ରେ ଶାନ୍ତି ଲାଗୁଛି। ଆମେରିକାରୁ ସିଧା ଓଡିଶା ଆସିଲି। ଯୁଦ୍ଧ ସ୍ଥିତି ଦେଖି ଭୟଭୀତ ଥିଲି। ୯ ଘଣ୍ଟା ଫ୍ଲାଇଟ ଡିଲେ ପରେ ବମ୍ବେ ଏବଂ ପରେ ଭୁବନେଶ୍ୱର ପହଁଞ୍ଚିଲି। ସବୁ ଏୟରପୋର୍ଟ ଫାଙ୍କା ଅଛି। ଶୀଘ୍ର ଏ ଯୁଦ୍ଧ ସ୍ଥିତି ଟଳି ଯାଉ, ଲୋକେ ଭଲରେ ରୁହନ୍ତୁ ବୋଲି ସେ କାମନା କରିଛନ୍ତି ।

## ୩୭ତମ ରାଜ୍ୟ ସର୍ବକନିଷ୍ଠ କରାଟେ ପ୍ରତିଯୋଗିତା ଆରମ୍ଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ୩୬ ତମ ରାଜ୍ୟ କ୍ୟାଡେଟ, ଜୁନିଅର ଓ ୩୭ ତମ ରାଜ୍ୟ ସର୍ବ କନିଷ୍ଠ କରାଟେ ପ୍ରତିଯୋଗୀତା ଉଦଘାଟିତ ହୋଇଯାଇଅଛି । ବିଭିନ୍ନ ଜିଲ୍ଲାରୁ ମୋଟ ୭୦୦ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ତିନିଦିନ ହେବାକୁ ଥିବା ଏହି ପ୍ରତିଯୋଗିତାର ଆଜି ପ୍ରଥମ ଦିନରେ କ୍ୟାଡେଟ, ଜୁନିଅର ଓ ୧୩ ବର୍ଷ ବିଭାଗର ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀତା ଶେଷ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ଓଡିଶା ବିଜେପିର ବରିଷ୍ଠ ସଦସ୍ୟ ତଥା ସମାଜ ସେବି ଜଗନ୍ନାଥ ପ୍ରଧାନ ଉପସ୍ଥିତ ରହି ବିଜୟୀ ପ୍ରତିଯୋଗୀଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଛନ୍ତି ।

### 'ଓଡିଶା ଭିଜନ ୨୦୩୬ ଓ ୨୦୪୭' ପାଇଁ 'ପରାମର୍ଶ କର୍ମଶାଳା'

# ଭିଜନ ଡକ୍ୟୁମେଣ୍ଟ ସାଢ଼େ ୪ କୋଟି ଓଡିଆଙ୍କ ସ୍ୱପ୍ନର ରୋଡମ୍ୟାପ୍




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ହେବ। ଏଥିପାଇଁ ୩୬ଟି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଓଡିଶାକୁ ୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରାଯିବ। ୨୦୩୬ ସୁଦ୍ଧା ସମାଜର ଶେଷ ସ୍ତରରେ ଥିବା ଲୋକମାନେ ଯେପରି ସବୁ ପ୍ରକାରର ମୌଳିକ ସୁବିଧା ପାଇପାରିବେ, ସେଥିପାଇଁ ପଦକ୍ଷେପ ନିଆଯିବ। ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲ୍ ଠାରେ 'ଭିଜନ ଓଡିଶା ୨୦୩୬ ଓ ୨୦୪୭' ପାଇଁ ଆୟୋଜିତ ରାଜ୍ୟସ୍ତରୀୟ 'ପରାମର୍ଶ କର୍ମଶାଳା'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏହି ଭିଜନ ଡକ୍ୟୁମେଣ୍ଟ ସାଢ଼େ ୪ କୋଟି ଓଡ଼ିଆଙ୍କ ସ୍ୱପ୍ନର ଏକ ରୋଡମ୍ୟାପ୍ । ଏହା ଆମ ଭବିଷ୍ୟତର ପିଢିଙ୍କ ପାଇଁ ଏକ ପ୍ରତିଶ୍ରୁତି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଏହି ରାଜ୍ୟସ୍ତରୀୟ କର୍ମଶାଳାରେ ଅଭିଜ୍ଞ ପ୍ରଶାସକ, ଶିକ୍ଷାବିତ୍, ଜନପ୍ରତିନିଧି, ଶିଳ୍ପ ଏବଂ ନାଗରିକ ସମାଜର ପ୍ରତିନିଧି, ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ମାନେ ଯୋଗଦେଇ ନିଜନିଜର ଚିନ୍ତାଧାରା ପ୍ରକାଶ କରିବା ସହିତ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଲେ ଯେ, ଆମର ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର ଲକ୍ଷ୍ୟ, ଏ ଦୁଇଟି ବିଷୟକୁ ନେଇ ଆମର କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ ପଡିବ। ୨୦୩୬ରେ ଓଡିଶାରେ ମହିଳା ସଶକ୍ତି କରଣ କିପରି ହେବ ସେ ବିଷୟରେ ମଧ୍ୟ ସ୍ପଷ୍ଟ ଦିଗ ନିର୍ଦ୍ଧାରଣ କରାଯାଇଛି ବୋଲି ପ୍ରକାଶ କରି ସେ କହିଲେ ଯେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଆଇନ, ଅବକାରୀ ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏକାମ୍ର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବଶ୍ରୀ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ଶକ୍ତି ବିଭାଗ ଷ୍ଟାଣ୍ଡିଂ କମିଟି ପକ୍ଷରୁ ଟିପିସିଓଡିଏଲ୍‌ର ବିଦ୍ୟୁତ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ର ପରିଦର୍ଶନ



ଭୁବନେଶ୍ୱର: ଓଡ଼ିଶା ବିଧାନସଭାର ବିଭାଗୀୟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି-ଏକ୍ସ (ଶକ୍ତି)ର ଏକ ପ୍ରତିନିଧି ଦଳ ଭୁବନେଶ୍ୱରର ପାୱାର ହାଉସ ଛକ ନିକଟରେ ଥିବା ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ)ର ବିଦ୍ୟୁତ ବଂଟନ ପ୍ରଯୁକ୍ତି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନର ଲକ୍ଷ୍ୟ ହେଉଛି ଓଡ଼ିଶା ବିଦ୍ୟୁତ ବଂଟନ ବ୍ୟବସ୍ଥାରେ ଡିଜିଟାଲ ଭିତ୍ତିଭୂମି ଓ ପରିଚାଳନାରେ ଚାଲିଥିବା ଉନ୍ନତିର ସମୀକ୍ଷା କରିବା। ଷ୍ଟାଣ୍ଡିଂ କମିଟି-ଏକ୍ସ (୨୦୨୫-୨୬)ର ଅଧ୍ୟକ୍ଷ ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳରେ ବିଧାୟକ ସରୋଜ କୁମାର ପ୍ରଧାନ, ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଓ ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ପ୍ରଯୁକ୍ତି କେନ୍ଦ୍ର ପରିଦର୍ଶନ କରିଥିଲେ। ତାଙ୍କ ସହିତ ଗ୍ରିଡକୋର ପରିଚାଳନା ନିର୍ଦ୍ଦେଶକ, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଏବଂ ଟିପିସିଓଡିଏଲର ନେତୃତ୍ୱ ଦଳ ଉପସ୍ଥିତ ଥିଲେ। ଟିପିସିଓଡିଏଲ ଅଧିକାରୀ କମିଟି ସଦସ୍ୟଙ୍କୁ ସୁପରଭାଇଜରି କଂଟ୍ରୋଲ ଓ ଡାଟା ଆକ୍ୱିଜିସନ (ସ୍କାଡା) ପ୍ଲାଟଫର୍ମ କିଭଳି ବିଦ୍ୟୁତ ନେଟୱର୍କର ବାସ୍ତବ ସମୟ ନିରୀକ୍ଷଣ କରିବା ସହିତ ବୁଦ୍ଧିମତାର ସହ ତ୍ରୁଟିକୁ ଅଲଗା କରୁଛି ଏବଂ ଗ୍ରିଡ ପରିଚାଳନାକୁ ସ୍ୱୟଂକ୍ରିୟ କରିପାରିଛି ତାହା ବୁଲି ଦେଖାଇଥିଲେ । କମିଟିର ସଦସ୍ୟମାନଙ୍କୁ ବିଦ୍ୟୁତ ବଂଟନ ପ୍ରଯୁକ୍ତି କେନ୍ଦ୍ରର ଦକ୍ଷତା ବିଷୟରେ ଅବଗତ କରାଯାଇଥିଲା ଯେଉଁଥିରେ ରହିଛି କେନ୍ଦ୍ରୀୟ ବିଦ୍ୟୁତ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର (ସିପିଏସସିସି) ଓ ଗୁରୁତ୍ୱପୂର୍ଣ୍ଣ ଏରିଆ ପାୱାର ସିଷ୍ଟମ କଂଟ୍ରୋଲ ସେଂଟର (ଏପିଏସସିସି)। ଏହି ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ ମିଳିତ ଭାବେ କାମ କରୁଛି ଯାହା ଦ୍ୱାରା ଚବିଶ ଘଂଟା ନିରୀକ୍ଷଣ, ନିରବଚ୍ଛିନ୍ନ ଯୋଗାଣ ପରିଚାଳନା ଏବଂ ଟିପିସିଓଡିଏଲର ସମଗ୍ର ନେଟୱର୍କରେ ବିଦ୍ୟୁତ ବିଭ୍ରାଟର ଦ୍ରୁତ ସମାଧାନ ସୁନିଶ୍ଚିତ କରାଯାଇପାରୁଛି। ପ୍ରଯୁକ୍ତିରେ ହୋଇଥିବା ଏହି ଉଲ୍ଲେଖନୀୟ ପ୍ରଗତି ସମ୍ପର୍କରେ କମିଟିର ଅଧ୍ୟକ୍ଷ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, 'ବିଦ୍ୟୁତ ବଂଟନ ପ୍ରଯୁକ୍ତି କେନ୍ଦ୍ରରେ ମୂତୟନ କରାଯାଇଥିବା ଅତ୍ୟାଧୁନିକ ବ୍ୟବସ୍ଥା ବାସ୍ତବରେ ପ୍ରଶଂସାଯୋଗ୍ୟ। ବାତ୍ୟା ଓ ଉଗ୍ରବାଦ ଭଳି ଜରୁରୀକାଳୀନ ଓ ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା କରିବାକୁ ଏହି କେନ୍ଦ୍ରରେ ଉତ୍ତମ ବ୍ୟବସ୍ଥା ରହିଛି। ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କମିଟିର ପରିଦର୍ଶନ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଇ କହିଛନ୍ତି ଯେ, 'ଷ୍ଟାଣ୍ଡିଂ କମିଟିର ସମସ୍ତ ସଦସ୍ୟଙ୍କୁ ଆମନ୍ତ୍ରଣ କରି ଏବଂ ସେମାନଙ୍କ ସାମ୍ନାରେ ଓଡ଼ିଶା ବିଦ୍ୟୁତ ବଂଟନ କ୍ଷେତ୍ରରେ ଜାରି ରହିଥିବା ରୂପାନ୍ତରଣକୁ ପ୍ରଦର୍ଶନ କରି ଆମେ ଗର୍ବିତ। ନବସୃଜନ, ପ୍ରଯୁକ୍ତି ଓ ଗ୍ରାହକ କୈନ୍ଦ୍ରିକ ସେବା ଜରିଆରେ ଆମେ ପରିଚାଳନାକୁ ସୁଦୃଢ଼ କରିବା ଜାରି ରଖିଥିବା ବେଳେ ସେମାନଙ୍କ ମତାମତ ବେଶ ମୂଲ୍ୟବାନ ଅଟେ। ସେମାନଙ୍କ ପରିଦର୍ଶନ ଭରସାଯୋଗ୍ୟତା, ଡିଜିଟାଇଜେସନ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ଓଡ଼ିଶାର ଶକ୍ତି ରୂପାନ୍ତରଣ ଆଗକୁ ବଢ଼ାଇବାରେ ଟିପିସିଓଡିଏଲର ଭୂମିକାକୁ ଦୋହରାଉଛି।

### ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

## ୨୩ ଜଣ ସଂଗ୍ରାମୀଙ୍କୁ ମିଳିବ ପେନ୍‌ସନ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଆ ଅସ୍ମିତାର ନିଦର୍ଶନ ସ୍ୱରୂପ ବରପୁତ୍ର ଓ ସଂଗ୍ରାମୀ ମାନଙ୍କୁ ସମ୍ମାନ ଜଣାଇବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ପ୍ରକ୍ରିୟାରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଭତ୍ତା ବୃଦ୍ଧି କରାଯାଇଛି ଏବଂ ଜରୁରୀକାଳୀନ ପରିସ୍ଥିତି ସମୟରେ ମିସା ଆଇନ୍‌ରେ ବନ୍ଦୀ ହୋଇଥିବା ସଂଗ୍ରାମୀ ମାନଙ୍କ ପାଇଁ ମଧ୍ୟ ପେନ୍‌ସନ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ୨୩ ଜଣ ମିସା ବନ୍ଦୀ (୧୯ ଜଣ ମିସା, ୪ ଜଣ ଡି.ଆଇ.ଏସ୍.ଆଇ.ଆର୍) ମାନଙ୍କୁ ପେନ୍‌ସନ ପ୍ରଦାନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପୂର୍ବରୁ ୨୧ ଜଣ ମିସା ବନ୍ଦୀଙ୍କ ପେନ୍‌ସନ ଅନୁମୋଦନ କରାଯାଇଥିଲା । ଏହା ଫଳରେ ସମୁଦାୟ ୪୪ ଜଣ ମିସା ବନ୍ଦୀ ପେନ୍‌ସନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଂଗ୍ରାମୀ ମାନେ ମାସକୁ ୨୦ ହଜାର ଟଙ୍କାର ପେନ୍‌ସନ ପାଇବା ସହିତ ସେମାନଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ସୂଚନାଯୋଗ୍ୟ ଯେ ୨୫ ଜୁନ୍ ୧୯୭୫ ମସିହାରୁ ୨୧ ମାର୍ଚ୍ଚ ୧୯୭୭ ପର୍ଯ୍ୟନ୍ତ ଦେଶର ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି ଅନେକ ସଂଗ୍ରାମୀ ମିସା, ଡିଆଇଆର, ଡିଏସଆଇଆର ଆଦି ଆଇନ ବଳରେ ଗିରଫ ହୋଇ ବିଭିନ୍ନ ଜେଲ୍‌ରେ ବନ୍ଦୀ ହୋଇଥିଲେ। ୧ ଜାନୁଆରୀ ୨୦୨୫ ସୁଦ୍ଧା ଜୀବିତ ଥିବା ସବୁ ସଂଗ୍ରାମୀ ପେନ୍‌ସନ ଓ ଚିକିତ୍ସା ସୁବିଧା ପାଇବେ ବୋଲି ନିଷ୍ପତ୍ତି କରାଯାଇଛି ।

## ଗାଡି ଜାଳି ଯୁବକକୁ ପିଟି ମାରିଥିବା ସନ୍ଦେହ

କଟକ(ଭାସ୍କର ନ୍ୟୁଜ୍): ଶୁକ୍ରବାର ଭୋର ସମୟରେ ଗୋଡିସାହି-ମୁଣ୍ଡଲୀ କେନାଲ ରୋଡର ଲଟାବାସେଲୀ ଠାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଭୋର ସମୟରେ ଏକ ଟ୍ରାଭେରା ଗାଡି ଜଳୁଥିବାର ଦୃଶ୍ୟ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ଗୋଡିସାହି ଫାଣ୍ଡି ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଁଞ୍ଚିବା ପରେ ଜଳୁଥିବା ଗାଡି ନିକଟରେ ଜଣେ ଯୁବକ ସଂଜ୍ଞାହୀନ ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ପରେ ଉକ୍ତ ଯୁବକକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲକୁ ପଠାଇ ଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କର ମୃତ ଘୋଷଣା କରିଥିଲେ। ମୃତ ଜଣକ ହେଲେ ଲାଲବାଗ ଥାନା ଅନ୍ତର୍ଗତ ଦେବାନବଜାରର ସେକ ରାହିଲ ଅଲ୍ଲୀ (୨୫)। ତେବେ ଯୁବକ ଜଣକର ମୃତ୍ୟୁ ସନ୍ଦେହ ଘେରରେ ରହିଛି। ବାରଙ୍ଗ ପୋଲିସ ଘଟଣାର ତଦନ୍ତ ଅବ୍ୟାହତ ରଖିଛି। ଅନ୍ୟ ପକ୍ଷରେ ମୃତକଙ୍କ ବଡ ଭାଇ ସେକ ସାହିଲ ଅଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ ତାଙ୍କ ସାନ ଭାଇକୁ କେହି ଦୁର୍ବୃତ୍ତ ମାରିଦେଇ ଗାଡିକୁ ପୋଡି ଦେଇଛନ୍ତି। ତେବେ ବାରଙ୍ଗ ପୋଲିସ ୫ଜଣକୁ ଅଟକ ରଖି ପଚରା ଉଚରା କରୁଛି ।

## ରାଜ୍ୟସ୍ତରୀୟ ମଦର୍ସ ଡେ' ଉତ୍ସବ ପାଳନ ନ କରିବାକୁ ନିଷ୍ପତ୍ତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦେଶର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ମଇ ୧୧ରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ମଦର୍ସ ଡେ ଦିବସକୁ ଉତ୍ସବ ଭାବରେ ପାଳନ ନ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ବଛା ଯାଇଥିବା ଶ୍ରେଷ୍ଠ ଓ ହୃଦୟସ୍ପର୍ଶୀ ସେଲଫି ଓ ବାର୍ତ୍ତାକୁ ଆଗାମୀ ସୁଭଦ୍ରା ମଞ୍ଚରେ ପୁରସ୍କୃତ କରାଯିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## 'ଆମ କଥା ଆମ ଭବିଷ୍ୟତ'ର ଡିଜିଟାଲ ସଂସ୍କରଣ ଲୋକାର୍ପଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡିଜିଟାଲ ମେଡ଼ିଆ କ୍ଷେତ୍ରରେ ନୂଆ ପଦକ୍ଷେପ ସ୍ୱରୂପ 'ଆମ କଥା ଆମ ଭବିଷ୍ୟତ'ର ଡିଜିଟାଲ ସଂସ୍କରଣ ଭୁବନେଶ୍ୱର ଲୋହିଆ ଏକାଡେମୀ ଠାରେ ପ୍ରଫେସର ସ୍ୱାଧୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପଣ କରାଯାଇଛି । ଏହି ଲୋକାର୍ପଣ ସନ୍ଧ୍ୟାରେ ପ୍ରଫେସର ଧନେଶ୍ୱର ସାହୁ, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ, ଛାଇର ସମ୍ପାଦକ ସତୀଶ ମିଶ୍ର ପ୍ରମୁଖ ଅତିଥି ଯୋଗଦେଇ ସମ୍ବାଦ, ଇତିହାସ, ଅର୍ଥନୀତି, ଖେଳ, ସାହିତ୍ୟ ପରି ସମାଜର ବିଭିନ୍ନ ଦିଗକୁ ଏହା ଅଧିକ ଆଲୋକିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ କୋଭିଡ ମହାମାରୀର କାଳ ସ୍ପର୍ଶରେ ଜନ୍ମ ନେଇଥିବା 'ଆମ କଥା ଆମ ଭବିଷ୍ୟତ' ଏକ ଲୋକପକ୍ଷର ମଂଚ, ଯାହା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସାମ୍ବାଦିକତା ଦୃଷ୍ଟିକୋଣର ଏକ ଜୀବନ୍ତ ଓ ପ୍ରେରଣାଦାୟକ ଉଦାହରଣ। ମହାତ୍ମା ଗାନ୍ଧୀ ସାମ୍ବାଦିକତାକୁ କେବଳ ଖବର ପ୍ରସାରଣର ମାଧ୍ୟମ ଭାବରେ ନୁହେଁ, ବରଂ ଏହାକୁ ଜନମଙ୍ଗଳ, ସତ୍ୟ ପ୍ରତି ନିଷ୍ଠା ଓ ନୈତିକ ଜାଗରଣର ଉପକରଣ ଭାବେ ଦେଖୁଥିଲେ। ସେ ତାଙ୍କର ପତ୍ରିକା 'ଇଣ୍ଡିଆନ ଓପିନିଅନ', 'ହରିଜନ' ଓ 'ୟଙ୍ଗ ଇଣ୍ଡିଆ' ମାଧ୍ୟମରେ ଶେଷ ଧାଡିରେ ଥିବା ମଣିଷଙ୍କ ଦୁଃଖ, ଅନ୍ୟାୟ ଓ ଦାୟିତ୍ୱବୋଧକୁ ସାମ୍ବାଦିକତା ଭାଷାରେ ସ୍ପଷ୍ଟ ଭାବରେ ଉପସ୍ଥାପନ କରିଥିଲେ। 'ଆମ କଥା ଆମ ଭବିଷ୍ୟତ' ମହାତ୍ମା ଗାନ୍ଧୀଙ୍କ ଅହିଂସା, ସତ୍ୟ, ସ୍ୱାବଲମ୍ବନ ଓ ସମାଜସେବା ଆଦର୍ଶକୁ ଆଧାର କରି, ଲୋକଙ୍କର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା, ସମାଲୋଚନା ଆଧାରରେ କାର୍ଯ୍ୟକ୍ଷମ ହେବ ବୋଲି ମତ ଦେଇଛନ୍ତି ଏହାର ପ୍ରତିଷ୍ଠାତା ସମ୍ପାଦକ ମାନସ ପଟ୍ଟନାୟକ। ଆଜିର ଲୋକାର୍ପଣ କାର୍ଯ୍ୟକ୍ରମରେ ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ, ସାମାଜିକ କର୍ମୀ ଅଭିରାମ ମଲ୍ଲିକ, ଡ଼. ସୁମିତ୍ରା ପଟେଲ, ବିଜୟ ମହାନ୍ତି, ଅଶୋକ କୁମାର ସାହୁ, ପ୍ରଶାନ୍ତ ଶତପଥି, ସର୍ବୋଦୟ କର୍ମୀ ରାବେୟା ବେଗମ, ସଚ୍ଚିକାନ୍ତ ପ୍ରଧାନ, ଆଲୋକ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମତ ପ୍ରକାଶ କରିଥିଲେ।

# ବିକାଶ ସମନ୍ୱୟ ଏବଂ ତଦାରଖ କମିଟି ବୈଠକ




କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ତୃତୀୟ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଶୁକ୍ରବାର ପୂର୍ବାହ୍ନରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ତଥା ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ସାଂସଦ, ଜଗତସିଂହପୁର ଲୋକସଭା ବିଭୁ ପ୍ରସାଦ ତରାଇ, ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, କଟକ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, କଟକ ଜିଲ୍ଲା ବିଜେପି ସଭାପତି ରାମ ନାରାୟଣ ଦାସ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ୱତିରନ ଦେଓ, ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାରେ ଜଳ ଜୀବନ ମିଶନର କାର୍ଯ୍ୟକାରିତା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ସମଗ୍ର ଶିକ୍ଷା ଅଭିଯାନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନ ଭୋଜନ ଯୋଜନା ଆଜି ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା । ଏଥିସହ ଦ୍ୱିତୀୟ ଦିଶା ବୈଠକର ଆଲୋଚନା ଉପରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜନ ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀରେ ବୃହତ ପାଇପ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଏହି ବୈଠରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦର ସଭ୍ୟ/ସଭ୍ୟା, ଜିଲ୍ଲାର ବିଭିନ୍ନ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ, ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ, ଗଣମାଧ୍ୟମର ପ୍ରତିନିଧିଙ୍କ ସମେତ ବହୁ ଜନ ପ୍ରତିନିଧିମାନେଉପସ୍ଥିତ ଥିଲେ । ପରିଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, କଟକ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



# ଆମ କଳାହାଣ୍ଡି







## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ସଚେତନତା



କେସିଙ୍ଗା,(ଭାସ୍କର ନ୍ୟୁଜ୍ ) : ପ୍ରଧାନମନ୍ତ୍ରୀ ଆବାସ - ୨ର ପ୍ରଚାର ପ୍ରସାର ଓ ଯୋଜନାରେ ଉପଯୁକ୍ତ ହିତାଧିକାରୀ ଚୟନ ପାଇଁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଛି। ଏନେଇ ଏନ୍ଏସି ସଦଭାବନା ସଭାଗୃହ ଠାରେ ଗୁରୁବାର ଦିନ ୧୦ ଘଣ୍ଟା ସମୟରେ ପ୍ରଧାନମନ୍ତ୍ରୀ ଆବାସ - ୨.୦ର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଶିବିରରେ ଉପାଧ୍ୟକ୍ଷା ସରସ୍ୱତୀ ସାହା, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ଓ ସମସ୍ତ ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ।ଗରିବ, ବସ୍ତିବାସିନ୍ଦା, ନିରାଶ୍ରୟ, ଭୂମିହୀନ ବ୍ୟକ୍ତି ମାନଙ୍କୁ କିପରି ପକ୍କାଘର ଯୋଗାଇ ଦେବାକୁ ହେବ ସେହି ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ - ୨.୦ ରେ ଆବାସ ସହାୟତା ରାଶି ୨.୫ ଲକ୍ଷ ଟଙ୍କା ସହ ଚାରିମାସ ମଧ୍ୟରେ ଆବାସ ସମ୍ପୂର୍ଣ୍ଣ କଲେ ୨୦ ହଜାର ଟଙ୍କା ଅଲଗା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ଓ ୬ ମାସରେ ଆବାସ ସମ୍ପୂର୍ଣ୍ଣ କଲେ ୧୦ ହଜାର ଟଙ୍କା ଅଲଗା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ସୂଚନା ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ପୌର ଯନ୍ତ୍ରୀ ନାରାୟଣ ମହାରଣା ଓ ଅନ୍ୟାନ୍ୟ ଏନ୍ଏସି କର୍ମଚାରୀ ମାନେ ଉପସ୍ଥିତ ଥିବା ବେଳେ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ମୋହନ ସାହୁ।

## ବସଷ୍ଟାଣ୍ଡ ନିର୍ମାଣ ନେଇ ଜବରଦଖଲ ଉଚ୍ଛେଦ

## ୨ ବର୍ଷ ହେଲା ଆଗେଇ ପାରୁନି ନିର୍ମାଣ କାର୍ଯ୍ୟ





କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ସଦର ମହକୁମା ଠାରେ ବସଷ୍ଟାଣ୍ଡ ନିର୍ମାଣ ଲାଗି ଜମି ଚିହ୍ନଟ ହୋଇଛି, ହେଲେ ଜାଗା ଜବର ଦଖଲ ପାଇଁ ନିର୍ମାଣରେ ବାଧା ଉପୁଜିଛି। ଏନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଜବର ଦଖଲ ଉଚ୍ଛେଦ ପାଇଁ ଚେଷ୍ଟା କରାଯାଇଛି। ବିବାଦ ସୃଷ୍ଟି ହେବାରୁ ଉଚ୍ଛେଦ ପ୍ରକ୍ରିୟା ଆଗକୁ ବଢିପାରୁ ନଥିଲା। ଏଣୁ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଦିର୍ଘ ୨ ବର୍ଷରୁ ଅଧିକ ହେବ ଅଟକି ରହିଛି। ଅନ୍ୟପକ୍ଷରେ ସ୍ଥାନୀୟ ଗ୍ରାମବାସୀ ଓ କୋକସରା ସଚେତନ ମଞ୍ଚ ପକ୍ଷରୁ ଜବର ଦଖଲ ଉଚ୍ଛେଦ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଦାବି କରାଯାଇ ଆସୁଥିଲା। ଗୁରୁବାରଠାରୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜଗା ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କ ଉପସ୍ଥିତିରେ ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆଗକୁ ବଢିଛି। ଉଚ୍ଛେଦ ସମୟରେ ଓଏସ୍ଆରଟିସି ମ୍ୟାନେଜର ସ୍ୱଦେଶ କୁମାର ପାତ୍ର, ପୋଲିସ ହାଉସିଂ ବୋର୍ଡ ଡେପୁଟି ମ୍ୟାନେଜର ମିତାଲି ମଧୁସ୍ମିତା ରାଉତ ରାୟ, ପୋଲିସ ହାଉସିଂ ବୋର୍ଡ ଯନ୍ତ୍ରୀ ତରୁଣ କୁମାର ଭୋଇ, ଡେପୁଟି କଲେକ୍ଟର ମନ୍ମଥ ବେହେରା, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, କୋକସରା ରାଜସ୍ୱ ନିରୀକ୍ଷିକା ମମତା ସାଏ, ଓଏସ୍ଆରଟିସି ଆକାଉଣ୍ଟାଣ୍ଟ ଅଭିଜିତ ଦାସ, କୋକସରା ଅଗ୍ନିଶମ ବିଭାଗ ଓଆଇସି ପ୍ରଶାନ୍ତ କୁମାର ବାଘ, କୋକସରା ଥାନା ଏଏସ୍ଆଇ ମମତା ଶବର ସମେତ କୋକସରା ସଚେତନ ମଞ୍ଚର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ସୂଚନା ଯେ' ଏହି ବସଷ୍ଟାଣ୍ଡ ନିର୍ମାଣ ପୋଲିସ ହାଉସିଂବୋର୍ଡ ଦ୍ୱାରା ହେଉଥିବାବେଳେ ଏହାର ଅନୁଦାନ ୬ କୋଟି ୬୯ ଲକ୍ଷ୍ୟ, ୮୦ ହଜାର ୯୨୩ ଟଙ୍କା ମଞ୍ଜୁରୀ ହୋଇଛି। ଏହାକୁ ଠିକା ସଂସ୍ଥା ଆରବିଏସର ହାତକୁ ନେଇନଥିବା ଜଣାପଡିଛି। ଏହି ବସଷ୍ଟାଣ୍ଡ ନିର୍ମାଣ ହେଲେ କୋକସରା ବ୍ଲକର ୨୨ ଗୋଟି ପଞ୍ଚାୟତର ଲୋକେ ସୁବିଧାରେ ବସସେବା ପାଇବା ସହ ଦୂରଦୂରାନ୍ତରୁ ଯିବାରେ ସହଜ ହେବାସହ ଅଞ୍ଚଳର ଅନେକ ଲୋକ ଉପକୃତ ହେବେ।

## କେସିଙ୍ଗା ଡାକଘରକୁ କେବେ ମିଳିବ ସିସିଟିଭି ସୁରକ୍ଷା ?

କେସିଙ୍ଗା,(ଭାସ୍କର ନ୍ୟୁଜ୍ ) : ଭାରତ ସରକାରଙ୍କ ଅର୍ଥବିଭାଗ ପକ୍ଷରୁ ପକ୍ଷରୁ ପ୍ରାୟ ଚାରି ଦଶନ୍ଧି ତଳେ ଲୋକଙ୍କ ସେବା ପାଇଁ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରରେ ଏକ ଡାକଘର ସ୍ଥାପିତ କରାଯାଇ ଲୋକଙ୍କ ସେବାରେ ସମର୍ପଣ କରାଯାଇଥିଲା। ଦୀର୍ଘ ପ୍ରାୟ ଚାରି ଦଶନ୍ଧି ଧରି ଡାକଘର ଅଞ୍ଚଳବାସୀଙ୍କୁ ନିରନ୍ତର ସେବା



ଯୋଗାଇ ଆସୁଛି। ହେଲେ ବର୍ତ୍ତମାନ ଯୁଗ ବଦଳି ଗଲାଣି ସମସ୍ତ ଅର୍ଥ କାରବାର ହେଉଥିବା ସଂସ୍ଥା ମାନଙ୍କରେ ଲାଗିଲାଣି ସିସିଟିଭି କିନ୍ତୁ ଆଜି ପର୍ଯ୍ୟନ୍ତ କେସିଙ୍ଗା ଡାକଘରେ ସିସିଟିଭି ଲାଗିନାହିଁ। ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ଟଙ୍କାର କାରବାର ହେବା ସଙ୍ଗେ ସଙ୍ଗେ କେସିଙ୍ଗା ପୋଷ୍ଟଅଫିସ ଅଣ୍ଡରରେ ସମୁଦାୟ ୨୦ଟି ବ୍ରାଞ୍ଚ ପୋଷ୍ଟ ଅଫିସ କାମ କରିଛି ସେହି ବ୍ରାଞ୍ଚ ପୋଷ୍ଟ ଅଫିସ ମାନକର ସମସ୍ତ ପଇସା ପତ୍ର ଲେଣଦେଣ କେସିଙ୍ଗା ପୋଷ୍ଟ ଅଫିସରେ ହୋଇଥାଏ। ଅନେକ ଅଭିକର୍ତ୍ତା ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କା ଧରି ପୋଷ୍ଟ ଅଫିସକୁ ଜମା କରିବା ପାଇଁ ଆସିଥାନ୍ତି। ଆଜି ପର୍ଯ୍ୟନ୍ତ କିଛି ଅଘଟଣ ଘଟିନଥିଲେ ମଧ୍ୟ ଭବିଷ୍ୟତରେ କିଛି ଅଘଟଣ ନ ଘଟିବ ତାହାର ଗ୍ୟାରେଣ୍ଟି ନାହିଁ। କୌଣସି ଅଘଟଣ ଘଟିବା ପୂର୍ବରୁ କେସିଙ୍ଗା ପୋଷ୍ଟ ଅଫିସରେ ସିସିଟିଭି ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି।

## ପୁସ୍ତକ ' ମ୍ୟାନେଜମେଣ୍ଟ ଜଙ୍ଗଲ' ଲୋକାର୍ପିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଯୁବସଂସ୍କାର ସଭା ଗୃହ ଠାରେ ବାଙ୍ଗାଲୋରର ମ୍ୟାନେଜମେଣ୍ଟ ପ୍ରଫେସର ଡ଼. ସତ୍ୟ ସିଦ୍ଧାର୍ଥ ପଣ୍ଡା ଓ ଡ଼. ବିନୋଦ ମାଳବିୟଙ୍କ ଲିଖିତ ପୁସ୍ତକ 'ମ୍ୟାନେଜମେଣ୍ଟ ଜଙ୍ଗଲ' ଲୋକାର୍ପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ଼. ନିବେଦିତା ନାଥ, ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିବାବେଳେ ଉପ କୁଳସଚିବ ଡ଼. ଜୟଦେବ ସାହୁ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, ସମ୍ବାଦର ଜିଲ୍ଲା ପ୍ରତିନିଧି ଦେବେନ୍ଦ୍ର କୁମାର ବିଶି, ବାଣିଜ୍ୟ ଓ ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ଡ଼. ହଳଧର ସାହୁ ପ୍ରମୁଖ ଉପସ୍ଥିତ ରହି ମ୍ୟାନେଜମେଣ୍ଟ ଜଙ୍ଗଲ ପୁସ୍ତକ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମକୁ ପୁସ୍ତକର ଲେଖକ ପ୍ରଫେସର ଡ଼. ସତ୍ୟ ସିଦ୍ଧାର୍ଥ ପଣ୍ଡା ପରିଚାଳନା କରିଥିଲେ । ଡ଼. ସତ୍ୟସିଦ୍ଧାର୍ଥ ପଣ୍ଡାଙ୍କ ଏହା ଅଷ୍ଟମ ସଙ୍କଳନ ଅଟେ । ଏହି ପୁସ୍ତକଟି ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀମାନଙ୍କ ପାଇଁ ସହାୟକ ହେବା ସହିତ ଏନିମଲ କିଙ୍ଗଡମ୍ ରୁ ପ୍ରାଣୀମାନଙ୍କ ବ୍ୟବହାରକୁ ନେଇ ତଥା ମ୍ୟାନେଜମେଣ୍ଟରେ ଉପଯୋଗିତାକୁ ନେଇ ଏହି ପୁସ୍ତକଟିରେ ପର୍ଯ୍ୟବସିତ ତଥ୍ୟ ଉପଯୋଗୀ ଅଟେ ବୋଲି ଲେଖକ ପ୍ରକାଶ କରିଥିଲେ ।

## କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନର ସମ୍ବର୍ଦ୍ଧନା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ):କଳାହାଣ୍ଡି ଜିଲ୍ଲାରେ ଚଳିତ ଶିକ୍ଷାବର୍ଷରେ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କ ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାର ସଚିନ୍ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ପବିତ୍ର ମୋହନ ସାହୁ, ହେମସାଗର ମହାନନ୍ଦ ଓ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପମଣି ଜାନି ମଞ୍ଚାସୀନ ଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶ୍ରୀୟଂସୀ ସାହୁ, ଅନ୍ୱେଷ ଠାକୁର, ଭବାନୀ ଶଙ୍କର ନାଗ, ରାହୁଲ ବଣିଆ, ତନିଶାରାଣୀ ରଥ ପ୍ରଗତିକା ପଟ୍ଟନାୟକ, କମଳେନ୍ଦ୍ର ନାଏକ, ଶୁଭାଶିଷ ଗୋପାଳ, ଜୟପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଙ୍କିତା ବେହେରା, ଜୁନାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଂଶୁମାନ କଟା, ସ୍ମୃତି ପ୍ରଜ୍ଞା ସାହୁ, ରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଣତି ମିଶ୍ରା ଓ ଜିଜ୍ଞାସୁ ଶବର, ବିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ରିତିକ ମେହେର, ମେଦିନୀପୁର ପଞ୍ଚାୟତ ହାଇସ୍କୁଲର ଭୂପେଶ ନାଏକ, ଭବାନୀପାଟଣା ପୁଲିସ ହାଇସ୍କୁଲର ଝିଲି ସାହୁ, ଦେପୁର ଶ୍ରୀ ଶ୍ରୀ ଧବଳେଶ୍ୱର ଉଚ୍ଚ ବିଦ୍ୟାପୀଠର ଆୟୁଷ କୁମାର ସା ଓ ପ୍ରିୟଙ୍କା ସାହୁ ଏବଂ କଶ୍ଚୁପଡ଼ା ଜନତା ହାଇସ୍କୁଲର ଦୁଷ୍ମନ୍ତ ରଣାଙ୍କୁ ଜିଲ୍ଲାପାଳ ଟ୍ରଫି ଓ ମାନପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

## ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶ



ଟପ୍ପର ଛାତ୍ରୀ ସୁଶ୍ରୀ ସଙ୍ଗୀତା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡିର ସ୍ନାତକୋତ୍ତର ଶେଷ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଶେଷ ସେମିଷ୍ଟାର ପରୀକ୍ଷାରେ ମୋଟ ୪୧୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୩୩୨ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି ଓ ପାଶ୍ ହାର ଶତକଡା ୮୦.୭୮% ପ୍ରତିଶତ ରହିଛି। ପାଶ କରିଥିବା ୪୧୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୧୧ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୧ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୁଶ୍ରୀ ସଙ୍ଗୀତା ସ୍ୱାଇଁ ୦୯.୬୩ ଗ୍ରେଡ ରଖି ବିଶ୍ୱବିଦ୍ୟାଳୟ ଟପର ହୋଇଛନ୍ତି । କଳା ବିଭାଗରୁ ଦିପ୍ତୀମୟୀ ସ୍ୱାଇଁ (ସମାଜ ବିଜ୍ଞାନ),ବାଣିଜ୍ୟ ବିଭାଗରୁ ସଂଗୀତା ମୁର୍ମୁ ଓ ବିଜ୍ଞାନ ବିଭାଗରୁ ସୁଶ୍ରୀ ସଂଗୀତା ସ୍ୱାଇଁ (ପଦାର୍ଥ ବିଜ୍ଞାନ) ଟପର ହୋଇଛନ୍ତି। ସେହିପରି କଳା ବିଭାଗର ବର୍ଷାରାଣୀ ସାହୁ (ନୃତତ୍ତ୍ୱ ବିଜ୍ଞାନ), ବନ୍ଦନା ସାହୁ (ଅର୍ଥନୀତି), ମିନାକ୍ଷୀ ମହାଖୁଡ (ଶିକ୍ଷା), ସୁଶ୍ରୀ ପାରମିତା ପଣ୍ଡା (ଇଂରାଜୀ), ମୁସ୍କାନ ଖାନସମା (ଭୂଗୋଳ), ସଂଗୀତା କଟା (ଇତିହାସ), ଇନ୍ଦୁମତୀ ଭୋଇ (ଓଡ଼ିଆ), ଶ୍ରୀତମ ତ୍ରିପାଠୀ (ରାଜନୀତି ବିଜ୍ଞାନ), ପାୟଲ ବେହେରା (ସଂସ୍କୃତ), ଦିପ୍ତୀମୟୀ ସ୍ୱାଇଁ (ସମାଜ ବିଜ୍ଞାନ), ବାଣିଜ୍ୟ ବିଭାଗର ସଂଗୀତା ମୁର୍ମୁ ଓ ବିଜ୍ଞାନ ବିଭାଗର ସ୍ଥିତିପ୍ରଜ୍ଞା ସ୍ୱାଇଁ (ନୃତତ୍ତ୍ୱ ବିଜ୍ଞାନ), ଶେଫାଳୀ ପ୍ରଭା ଚଲାନ (ଉଦ୍ଭିଦ ବିଜ୍ଞାନ), ସଞ୍ଚିତା ପଣ୍ଡା (ରସାୟନ ବିଜ୍ଞାନ), ଶୋଫିଆ ବେଗମ (ଗଣିତ), ସୁଶ୍ରୀ ସଂଗୀତା ସ୍ୱାଇଁ (ପଦାର୍ଥ ବିଜ୍ଞାନ), ରାଜଲକ୍ଷ୍ମୀ କର (ପ୍ରାଣୀ ବିଜ୍ଞାନ) ବିଭାଗର ଟପର ହୋଇ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ପରୀକ୍ଷା ଫଳ ପ୍ରକାଶିତ ହେବାପରେ କୁଳପତି ତଥା ସମସ୍ତ କର୍ମଚାରୀ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶେଷ ସେମିଷ୍ଟାର ପରୀକ୍ଷାଫଳରୁ ବିଶ୍ୱବିଦ୍ୟାଳୟର ଉତ୍ତମଶୈକ୍ଷିକ ବାତାବରଣର ପରିଚୟ ମିଳିପାରିଛି ବୋଲି ବୁଦ୍ଧିଜୀବୀ ଓ ଅଭିଭାବକମାନେ ମତ ପ୍ରକାଶ କରିଛନ୍ତି।

## କଳାହାଣ୍ଡି ବନ ବିଭାଗର ସଫଳତା

## ବନ୍ଧୁକ ସହ ୨ ସମ୍ବର ଶିଙ୍ଗ ଜବତ, ୨ଗିରଫ



ଭବାନୀପାଟଣା, (ଭାସ୍କର ନିଉଜ୍) : କଳାହାଣ୍ଡି ଜିଲ୍ଲା କର୍ଲାପାଟ ଅଭୟାରଣ୍ୟରେ ଏଆଇ କ୍ୟାମେରା ଆଧାରରେ ବନ ବିଭାଗ ପକ୍ଷରୁ ଚଢଉ କରାଯାଇ ୨ ଜଣ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କଳାହାଣ୍ଡି ବନବିଭାଗ। ସେମାନଙ୍କଠାରୁ ଗୋଟିଏ ବନ୍ଧୁକ ଓ ୨ ଟି ସମ୍ବର ଶିଙ୍ଗ ମଧ୍ୟ ଜବତ କରାଯାଇଥିବା ଜଣା ପଡିଛି। ବିଭାଗୀୟ ସୂଚନା ଅନୁଯାୟୀ ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଶଗଡା ପଞ୍ଚାୟତର ଉପର ରାଚୁଗୁଡ଼ା ଗ୍ରାମର ମଧୁ ମାଝୀ(୨୫) ଓ ନୀଳ ମାଝୀ(୩୯) ବନ୍ଧୁକ ନେଇ କର୍ଲାପାଟ ଅଭୟାରଣ୍ୟର ଯୁଗସାଇପାଟଣା ସେକ୍ସନକୁ ଶୀକାର କରିବାକୁ ଯାଇଥିଲେ। ଏହି ଦୃଶ୍ୟ ଏଆଇ କ୍ୟାମେରାରେ କଏଦ ହୋଇଥିଲା। ଏହାକୁ ନେଇ ବନ ବିଭାଗ ପକ୍ଷରୁ ତନାଘନା ଚାଲିଥିଲା। ଶଗଡ଼ା ଫରେଷ୍ଟର ଯୋଗେନ୍ଦ୍ର ମାଝୀ, କର୍ଲାପାଟ ଫରେଷ୍ଟର ବିଜୟ ଗୋପାଳ, ଫରେଷ୍ଟଗାର୍ଡ ଲୋଚନ ମାଝୀ, ଉମାକାନ୍ତ ପାଣିଗ୍ରାହୀ ଓ ଚିନ୍ମୟ ଦାସଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ଶିକାରୀ ମଧୁ ଓ ନୀଳ ମାଝି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଫଳରେ ଚୋରା ଶିକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ଦୁର୍ଘଟଣାରେ ଜଣେ ଗୁରୁତର

ଧର୍ମଗଡ଼,(ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ଥାନା ବୃନ୍ଦାବାହାଲ ଛକ ଠାରେ ଆଜି ଅପରାହ୍ନ ସମୟରେ ଜଣେ ସାଇକେଲ ଆରୋହୀଙ୍କୁ ଏକ ଅଜଣା ଗାଡି ଧକ୍କା ଦେବା ଫଳରେ ସାଇକେଲ ଆରୋହୀ ଜଣକ ଗୁରୁତର ହେବା ଜଣାପଡିଛି । ସୂଚନା ମତେ ସାଇକେଲ ଆରୋହୀ ଜଣକ ରାସ୍ତାରେ ଯିବା ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ଅଜଣା କାର ପଛ ପଟୁ ଧକ୍କା ଦେଇଥିଲା । ଜାହାରିଫଳରେ ସାଇକେଲ ଆରୋହୀ ଛିଟିକି ପଡିଯାଇଥିଲେ। ଗୁରୁତର ସାଇକେଲ ଆରୋହୀ ଜଣକ ବୃନ୍ଦାବାହାଲ ଗ୍ରାମର ବବ୍ରୁ ମଙ୍ଗରାଜ ( ୪୫) ବୋଲି ଜଣାପଡିଛି। ଗୁରୁତର ଯୁବକଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ପ୍ରଥମେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବା ହେତୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଅନ୍ୟପଟେ ଯୁବକ ଜଣକ ଦିବ୍ୟାଙ୍ଗ ହୋଇଥିବା ବେଳେ ରଙ୍ଗ ମିସ୍ତ୍ରୀ ଭାବେ କାମ କରି ପେଟପାଟଣା କରୁଥିବା ଜଣାପଡିଛି। ତୁରନ୍ତ ଦୁର୍ଘଟଣା ଘଟାଇଥିବା ଗାଡିଟିକୁ ପୋଲିସ ଧରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ବରିଷ୍ଠ ସହାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ ସହାୟକ ଲକ୍ଷ୍ମଣ ସାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଲାଞ୍ଜିଗଡ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଲାଞ୍ଜିଗଡ଼ ରୋଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ଏହି ସମାରୋହରେ ଅତିଥି ଭାବେ ଲାଞ୍ଜିଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଢ଼ଳଦେବ୍ ମୁଣ୍ଡ, ଭାରତଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲି, ସଂଘର ଜିଲ୍ଲା ସଭାନେତ୍ରୀ ଅର୍ଚ୍ଚନା ମିଶ୍ର, ଜିଲ୍ଲା କୋଷାଧ୍ୟକ୍ଷ ଶିବପ୍ରସାଦ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଲାଞ୍ଜିଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସଂପାଦକ ଏମ୍.ଏସ୍. ଶେଖର ସ୍ୱାଗତ ଅଭିଭାଷଣ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂଘ କର୍ମକର୍ତ୍ତା ପ୍ରକାଶ ପ୍ରଧାନ, ରତ୍ନାକର ଦୋରା, ସୌଭାଗ୍ୟରଞ୍ଜନ ସାହୁ, ଗୁରୁଗୋବିନ୍ଦ ମହାନ୍ତି, ଶରତ ଚନ୍ଦ୍ର ସାହାଣୀ ଓ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ତପନ କୁମାର ଭୋଇ, ସୁବାସ ନାୟକ, ବ୍ଲକ୍ କୋର କମିଟି ସଦସ୍ୟ ଜିତେନ୍ଦ୍ର ନାୟକ, ଭବାନୀ ବାରିକ, ନରୋତ୍ତମ ନାଗ, ବରିଷ୍ଠ ଶିକ୍ଷକ ଲିଙ୍ଗରାଜ ପ୍ରଧାନ, ରଘୁନାଥ ବେହେରା, ଥବିର ଦୋରା, ବିନୋଦ ବିହାରୀ ଭୋଇ, ଉତ୍ତମ ସେନାପତି ପ୍ରମୁଖ କାର୍ଯକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷକ ତପନ ଭୋଇ ମଞ୍ଚ ପରିଚାଳନା କରିଥିବାବେଳେ ବାରୁଣୀ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିବାଦ ପାଇଁ ନିର୍ମାଣ ହୋଇପାରୁନି ଗାଡେବନ୍ଧ ପଞ୍ଚାୟତ ଅଫିସି

ନର୍ଲା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଉପାନ୍ତ ଅଞ୍ଚଳରେ ଗାଡ଼େବନ୍ଧ ପଞ୍ଚାୟତ ରହିଛି। ଘଣ୍ଟମାଳ ପଞ୍ଚାୟତରୁ ବିଭାଜନ ପରେ ଏହି ଗ୍ରାମ ପଞ୍ଚାୟତର ସୃଷ୍ଟି । ୨୦୦୧ ମସିହାରୁ ପଞ୍ଚାୟତ ବିଭାଜନ ପରେ ଘଣ୍ଟମାଳ ପଞ୍ଚାୟତରୁ ବିଭାଜନ ହୋଇ ୭ଟି ଗ୍ରାମର ୧୧ ଟି ୱାର୍ଡକୁ ନେଇ ଗାଡେବନ୍ଧ ଗ୍ରାମ ପଞ୍ଚାୟତ ଗଠିତ। ଏହି ପଞ୍ଚାୟତ ମଧ୍ୟରେ ରହିଥିବା ଗାଡେବନ୍ଧ ଓ ରାଣିପଟା ଦୁଇଟି ପ୍ରମୁଖ ବଡ ଗାଁ। ଏହି ଦୁଇ ଗ୍ରାମ ମଧ୍ୟରେ ପଞ୍ଚାୟତ ଅଫିସ ହେଡକ୍ୱାର୍ଟର୍ସକୁ ନେଇ ବିବାଦଲାଗି ରହିଛି। ୨୦୦୨ ମସିହାରେ ଗାଡେବନ୍ଧର ପଞ୍ଚାୟତ କାର୍ଯ୍ୟ ପ୍ରଥମେ ମୁଳ ଅଫିସ ଘଣ୍ଟମାଳରେ ହିଁ ଚାଲିଥିଲା। ୨୦୦୬ ମସିହାରୁ ଗାଡ଼େବନ୍ଧର ପଞ୍ଚାୟତ ଅଫିସ ପ୍ରଥମ ୫ ବର୍ଷ ଗାଡେବନ୍ଧ ଗ୍ରାମରେ ତତ୍କାଳିନ ସରପଞ୍ଚଙ୍କ ଘରେ ଓ ଏହାପରେ ରାଣିପଟା ଠାରେ ଅସ୍ଥାୟୀ ଅଫିସ ଚାଲିଲା। ବାଦ ବିବାଦ ମଧ୍ୟରେ ବିଭିନ୍ନ ଛୋଟଛୋଟ ଘଟଣାକୁ ନେଇ ୧୩/୬/୨୦୧୮ରେ ମଧ୍ୟ ୱାର୍ଡ ସଭ୍ୟ/ସଭ୍ୟ ମାନେ ପଞ୍ଚାୟତ ଅଫିସରେ ତାଲା ମାରିଥିଲେ। ତତ୍କାଳୀନ ବିଡିଓ କୈଳାସ ଚନ୍ଦ୍ର ସିଆଳ ସମସ୍ତଙ୍କୁ ନେଇ ମିଟିଂ କରି ବୁଝା ବୁଝି କରିବା ପରେ ତାଲା ଖୋଲା ଯାଇଥିଲା। ଗ୍ରାମ ପଞ୍ଚାୟତ ଗାଡ଼େବନ୍ଧ ନାମରେ ରହିଥିବା ବେଳେ ଅଫିସ କିନ୍ତୁ ରାଣିପଟା ଗ୍ରାମରେ ଚାଲି ଆସିଥିଲା। ଏବେ ମଧ୍ୟ ଏହା ଅସ୍ଥାୟୀ ଭାବରେ ଖମନ ପଡ଼ା ପ୍ରାଥମିକ ବିଦ୍ୟାଳୟରେ ଚାଲିଛି। ଦୁଇ ଗ୍ରାମର ଝଗଡ଼ାରେ ସ୍ଥାନ ନିରୁପଣ ହୋଇପାରୁ ନଥିବାରୁ ଅଫିସ ଗୃହ ନିର୍ମାଣ ମଧ୍ୟ ହୋଇପାରୁନି। ଏହାର ସମାଧାନ ପାଇଁ ଏବଂ ମାସିକ ମିଟିଂ ମାସ ମାସ ଧରି ହୋଇପାରୁ ନଥିବାରୁ ୨୦୧୭ ଓ ୨୦୧୮ରେ ଉପଜିଲ୍ଲାପାଳଙ୍କୁ ମଧ୍ୟ ଉପରୋକ୍ତ ୱାର୍ଡ ସଭ୍ୟ ମାନେ ଅନେକ ଥର ଅଭିଯୋଗ କରିଛନ୍ତି। ୱାର୍ଡ ସଭ୍ୟା/ସଭ୍ୟ ଓ ଶତାଧିକ ଗ୍ରାମବାସୀ ଏସବୁ ସମସ୍ୟାର ସମାଧାନ ପାଇଁ ତା୨୯/୧/୨୦୧୮ରେ ନର୍ଲାରେ ଜିଲ୍ଲାପାଳଙ୍କ ପ୍ରାଥମିକ ବିଦ୍ୟାଳୟରେ ଅସ୍ଥାୟୀ ଭାବରେ ଚାଲିଛି। ଅଭିଯୋଗ ଶୁଣାଣି ବେଳେ ଅଭିଯୋଗ କରିଥିଲେ। ଏହାପରେ ଗୋଟିଏ ଥର ଜିଲ୍ଲା ପ୍ରଶାସନ ଗୁଣ୍ଡୁପୁର ଗ୍ରାମରେ ଗାଡ଼େବନ୍ଧ ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଏହାର ସମାଧାନ ନେଇ ପ୍ରୟାସ କରିଥିଲେ। ହେଲେ ତାହା ମଧ୍ୟ ବିଫଳ ହେଲା। ୨୦୦୨ରେ ଗାଡ଼େବନ୍ଧ ଗ୍ରାମର ପ୍ରଥମ ସରପଞ୍ଚ ଭାବରେ ନିର୍ବାଚିତ ହୋଇଥିବା ସରପଞ୍ଚ କୈଳାସ ମାଝୀଙ୍କ ମତାମତ ନେବାରୁ ୨୦୦୩ରେ ଗାଡେବନ୍ଧ ଗ୍ରାମରେ ପଞ୍ଚାୟତ ଅଫିସ ନିର୍ମାଣ ନେଇ ପିଟିସନ ଦାଏର କରାଯାଇଥିଲା ଓ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ୨୦୧୯ରେ ଜିଲ୍ଲାପାଳଙ୍କ ତରଫରୁ ପିଡି ଆସି ଜନସାଧାରଣଙ୍କ ମତାମତ ନେଇ ରିପୋର୍ଟ ମଧ୍ୟ ପ୍ରଦାନ କରିଥିଲେ । ସରକାର ଗାଡେବନ୍ଧର ପଞ୍ଚାୟତ ଅଫିସ ଭବନ ନିର୍ମାଣକୁ ଗୁରୁତ୍ୱ ଦେଇ ଶୀଘ୍ର ଅଫିସ ନିର୍ମାଣ କାମ କରିଦେବା ବିଧେୟ ବୋଲି ସେ କହିଛନ୍ତି। ବର୍ତ୍ତମାନର ସରପଞ୍ଚ କବିତା ବାଗଙ୍କ ମତାମତ ନେବାରୁ ଆଗରୁ ବିଡିଓ ରହିଥିବା ଦୁଇ ଦୁଇ ଜଣ ପ୍ରଶାସନିକ ଅଧିକାରୀ ବିଡିଓ ପଞ୍ଚାୟତ ଅଫିସ ନିର୍ମାଣ ପାଇଁ ପ୍ରୟାସ କରିଛନ୍ତି ହେଲେ ଭବନ ନିର୍ମାଣ ହୋଇପାରିନାହିଁ। ଆମେ ମଧ୍ୟ ଅନେକ ଥର ଆପୋସ ଆଲୋଚନା କରି ସାରିଛୁ ହେଲେ ଏହାର ସମାଧାନ ହୋଇ ପାରିନାହିଁ। ଏହାର ଏକମାତ୍ର ବିକଳ୍ପ ଜିଲ୍ଲାପାଳ ଏହାର ନେତୃତ୍ୱ ନେଇ ଗ୍ରାମସଭା ମାଧ୍ୟମରେ ଏଥିପାଇଁ ବିହୀତ ପଦକ୍ଷେପ ନେଲେ ସମାଧାନ ହୋଇ ପାରନ୍ତା। ଗ୍ରାମ ପଞ୍ଚାୟତ ଅଧିନସ୍ଥ ନିର୍ବାଚିତ ଲୋକ ପ୍ରତିନିଧ, ବ୍ଲକ ସ୍ତରୀୟ ଲୋକ ପ୍ରତିନିଧି, ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଜନସାଧାରଣ ଏଥିପାଇଁ ପ୍ରୟାସ କଲେ ସମସ୍ତଙ୍କ ସହଯୋଗରେ ଭବନ ନିର୍ମାଣ ହୋଇପାରନ୍ତା। ଗାଡେବନ୍ଧ ଗ୍ରାମ ପଞ୍ଚାୟତର ବିକାଶ ହୋଇପାରନ୍ତା ବୋଲି ସେ କହିଛନ୍ତି। ନର୍ଲା ବିଡିଓ ବିପିନ ବିହାରୀ ଦୀପଙ୍କ ମତାମତ ନେବାରୁ ସେ କହିଛନ୍ତି। ସମସ୍ତଙ୍କ ସହଯୋଗରେ ପୁଣିଥରେ ପ୍ରୟାସ କରିବା । ରାଣୀ ପଟା ଓ ଗାଡେବନ୍ଧ ଗ୍ରାମର ବରିଷ୍ଠ ବ୍ୟକ୍ତି, ନିର୍ବାଚିତ ଲୋକ ପ୍ରତିନିଧି, ବ୍ଲକସ୍ତରୀୟ ଅଧିକାରୀଙ୍କୁ ନେଇ ଏହାର ସମାଧାନ ନିମନ୍ତେ ଖୁବ ଶୀଘ୍ର ପ୍ରୟାସ କରି ଗ୍ରାମ ପଞ୍ଚାୟତ ଅଫିସ ଭବନ ନିର୍ମାଣ ନିମନ୍ତେ ପଦକ୍ଷେପ ନେବା । ସମସ୍ୟାର ନିଶ୍ଚୟ ସମାଧାନ କରାଯିବ ବୋଲି ସେ କହିଛନ୍ତି ।

## ରାଶିଫଳ


ଶନିବାର, ୧୦ ମଇ ୨୦୨୫




**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୈଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ, ଏହା ସମାପ୍ତ ହେବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ।




**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ ଚାକିରି ପାଇପାରିବେ। ରିସ୍କ ଏବଂ ଚାପ ନିଅ ନାହିଁ। ନିଜ ଜୀବନସାଥୀଙ୍କ ପ୍ରତି ଭଲ ହୁଅନ୍ତୁ।



**ମିଥୁନ:** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ। ଛାତ୍ରମାନଙ୍କର ଭଲ ଦିନ ଅଛି। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ।




**କର୍କଟ:** ଆଜି, ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ।




**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି। ସ୍ଥାନାନ୍ତର ବିଜ୍ଞପ୍ତି ମିଳିପାରିବ। ଆପଣଙ୍କର କାମ ଆଗକୁ ବଢିବ।



**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ। ବିନିଯୋଗ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଆପଣ କାମ ଭଲ କରିବେ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଯୁବକମାନେ ସଫଳତା ପାଇବେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ।




**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରୀରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।




**ଧନୁ:** ଆଜି କୈଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକାରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ।




**ମକର:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ଆଜି ଅଟକି ରହିଥିବା କାମ ଶେଷ ହେବ। କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ।



**ମୀନ:** ଆଜି ଏକ ଭଲ ଦିନ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଜୀବନରେଖା କୁହାଯାଉଥିବା ୨୦ନମ୍ବର ଜାତୀୟ ରାଜପଥରେ ବିଭିନ୍ନ ସ୍ଥାନରେ ଏବେ ରାସ୍ତା ଅବସ୍ଥା ମରଣଯନ୍ତା ପାଲଟିଛି।ଦୈନିକ ଛୋଟ ବଡ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଯୋଡା-ବଡବିଲ ସିଧା ଖଣିକ୍ଷେତ୍ରକୁ ଟନ୍ ଟନ୍ ବିଶିଷ୍ଟ ଭାରୀଯାନ ଗୁଡିକ ଯାତାୟତ କରିବା ଯୋଗୁଁ ସ୍ଥାନେ ସ୍ଥାନେ ରାସ୍ତାରେ ଖାଲ ଖମା ସୃଷ୍ଟି ହୋଇଛି ଓ କେଉଁଠି ଦବିଯାଇଛି।ଏନେଇ ବାଇକ୍ କାର୍ ଧରି ଲୋକେ ଯାତାୟତ କରୁଥିବାବେଳେ ସୁରକ୍ଷିତ ଭାବେ ଘରେ ପହଞ୍ଚିବା ପାଇଁ ଚିନ୍ତାଗ୍ରସ୍ତ ରହୁଛନ୍ତି।ଘରୁ ଗୋଡ କାଢି ନିଜର ଗନ୍ତବ୍ୟ ସ୍ଥଳକୁ ଗଲାବେଳେ ସୁରକ୍ଷିତ ଫେରୁନାହାନ୍ତି।ବଡବିଲ ବ୍ଲକ ଅନ୍ତର୍ଗତ ସରାସକୋଲା ସଞ୍ଚଳକ ଦୁର୍ଘଟଣା ପ୍ରବଣ ଅଞ୍ଚଳ ପାଲଟିଛି। ବହୁଥର ଦୁର୍ଘଟଣାରେ ରାଜପଥ ମୃତ୍ୟୁ ନେଇଛି।ଏଠାରେ ହମ୍ପ ନିର୍ମାଣ କରାଯାଇନଥିବାରୁ ଦୈନିକ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।ଏହାଛଡା ବସପୁର-କାଳିମାଟି,କେନ୍ଦୁଝର-ଯୋଡା-ବଡବିଲ ଅଞ୍ଚଳର ଗାଡିକୁ ଶହଶହ ଭାରୀଯାନ ଗୁଡିକ ଦିବାରାତ୍ର ଯାତାୟତ କରୁଛନ୍ତି।ତେବେ ରାସ୍ତାରେ ହମ୍ପ ନିର୍ମାଣ ହୋଇନଥିବାରୁ ଗାଡି ଗୁଡିକ ନିୟନ୍ତ୍ରଣରେ ରହୁ ନଥିବା ଜଣାପଡିଛି। ଫଳରେ ସବୁବେଳେ ଦୁର୍ଘଟଣା ଘଟୁଛି।ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ବଜାର ଓ ପଳାସପଙ୍ଗା ଅଞ୍ଚଳକୁ ଗଲାବେଳେ ଟ୍ରାଫିକ୍ ସମସ୍ୟା ଏହି ସ୍ଥାନରେ ଲାଗି ରହୁଛି। ବହୁ ସମୟଧରି ଛକରେ ଲୋକେ ଅଟକି ରହୁଛନ୍ତି। ସଞ୍ଜ ଛକ ଜନଜୀବନ ପ୍ରତି ଚିନ୍ତା ବଢାଉଛି। ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟିଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହୋଇଛି।



# ବୁଲା କୁକୁର ଓ ଗାଈଙ୍କ ଉପଦ୍ରବରେ ଲୋକେ ଅତିଷ୍ଠ



କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ସହରର ରାଜରାସ୍ତାରେ ଗୃହପାଳିତ ଗାଈ, ବଳଦଙ୍କ ରାସ୍ତା ଅବରୋଧ ସାଙ୍ଗକୁ ବୁଲା କୁକୁରଙ୍କ ଉପଦ୍ରବ ଯୋଗୁଁ ସାଧାରଣ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରର ପ୍ରାୟ ପ୍ରତ୍ୟେକ ରାସ୍ତାରେ ଏହି ଗୋରୁଗାଈଙ୍କ ଚଳପ୍ରଚଳ ଖୋଦ କେନ୍ଦୁଝର ଜିଲା ସଦର ମହକୁମାରେ ହେଉଥିବାବେଳେ ଏହାକୁ ନେଇ ଲୋକେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ବୁଲା କୁକୁରଙ୍କ ସଂଖ୍ୟା ଦିନକୁ ଦିନ ଆଶାତୀତ ଭାବରେ ବୃଦ୍ଧି ପାଉଥିବାବେଳେ ଏହାକୁ ନେଇ ସାଧାରଣ ଲୋକେ ବିଶେଷ କରି ପଥଚାରୀମାନେ ହଇରାଣରେ ପଡୁଛନ୍ତି। ବୁଲା କୁକୁରଗୁଡିକ ରାସ୍ତା ମଝିରେ,ଗୁରୁତ୍ୱପୂର୍ଣ୍ଣ ଛକମାନଙ୍କରେ, ସ୍କୁଲ କଲେଜ ସମ୍ମୁଖରେ ମାଳ ମାଳ ବୁଲୁଥିବାରୁ ଅନେକ ସମୟରେ ବାଇକ୍ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଅନେକ ସମୟରେ କୁକୁରମାନେ ଛୋଟ ଛୋଟ ପିଲା ଏବଂ ମହିଳାମାନଙ୍କୁ ଆକ୍ରମଣ କରୁଥିବା ନଜିର ରହିଛି । ବୁଲା କୁକୁରଙ୍କ ପ୍ରାଦୁର୍ଭାବରେ ଲୋକେ ଅତିଷ୍ଠ ହୋଇ ପଡୁଥିବାବେଳେ ପ୍ରଶାସନ ମଧ୍ୟ ଏହି ସମ୍ବେଦନ ଶୀଳ ପ୍ରସଙ୍ଗରୁ ଦୂରେଇ ଯାଉଥିବା ଲକ୍ଷ୍ୟ କରାଯାଉଛି । ଗତ ଦଶବର୍ଷ ତଳେ ବୁଲା କୁକୁରମାନଙ୍କୁ ପୌରପାଳିକା ପକ୍ଷରୁ ବିଷାକ୍ତ ଖାଦ୍ୟ ଦେଇ ମାରି ଦିଆଯାଉଥିବାବେଳେ ପଶୁମାରଣ ଆଇନକୁ କଟକଣା କରାଯିବା ପରେ କୁକୁରମାନଙ୍କୁ ଏବେ ବିଷାକ୍ତ ଖାଦ୍ୟ ଦେଇ ମାରିବା ବେଆଇନ ହୋଇପଡିଛି । ତେବେ ବୁଲା କୁକୁରମାନଙ୍କୁ ବନ୍ଧ୍ୟାକରଣ କରାଯିବା କଥା । ବନ୍ଧ୍ୟାକରଣ କରାଗଲେ ବୁଲା କୁକୁରଙ୍କ ସଂଖ୍ୟା ହ୍ରାସ ପାଇପାରନ୍ତା । କିନ୍ତୁ ବନ୍ଧ୍ୟାକରଣ ବ୍ୟବସ୍ଥା ହେଉନାହିଁ ବା କୁକୁରମାନଙ୍କୁ କାବୁ କରି ଅନ୍ୟତ୍ର ଛାଡିବାର ବ୍ୟବସ୍ଥା ହେଉନଥିବାରୁ ସହରରେ ଏବେ ମାଳ ମାଳ ବୁଲା କୁକୁର ଦେଖିବାକୁ ମିଳୁଛନ୍ତି । ସହରର ବିଭିନ୍ନ ଛକ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଏହି ବୁଲା କୁକୁରମାନେ ରାତି କିମ୍ବା ଭୋର ସମୟରେ ବସଷ୍ଟାଣ୍ଡ, ମେଡିକାଲ, ବଜାର କିମ୍ବା ଅନ୍ୟାନ୍ୟ କୌଣସି କାମରୁ ଘରକୁ ଫେରିବା ସମୟରେ କୁକୁରମାନଙ୍କ ମିଳିତ ଆକ୍ରମଣର ଶିକାର ହେଉଛନ୍ତି । ସେହିପରି ଗୋ ସେବା ଆଇନ ବଳରେ ପୂର୍ବପରି ଆଉ ଗାଈ, ବଳଦମାନଙ୍କୁ କାଞ୍ଜିଆରେ ରଖାଯାଇପାରୁ ନଥିବାବେଳେ ଏହି ଗୃହପାଳିତ ପଶୁମାନଙ୍କର ମାଲିକମାନେ ମଧ୍ୟ ଗାଈଗୋରୁମାନଙ୍କୁ ନେଇ ନିଜ ଗୁହାଳରେ ରଖୁ ନାହାନ୍ତି । ଥରେ ଦୁଇଥର ବୁଲା ଗାଈମାନଙ୍କୁ ଆଣି ସର୍ବସାଧାରଣରେ ନିଲାମ କରାଗଲେ ପରିସ୍ଥିତି କିଛି ପରିମାଣରେ ସୁଧୁରିବା ସହିତ ଗାଈ ରଖି କେବଳ କ୍ଷୀର ଖାଇ ବାହାରେ ଛାଡୁଥିବା ମାଲିକ ମାନେ ମଧ୍ୟ ସଠିକ ରାସ୍ତାକୁ ଆସିପାରନ୍ତେ । ପୌର ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସହରବାସୀ ଦାବି ଜଣାଇଛନ୍ତି ।

# ଆଣ୍ଠେଇଛି ଅନ୍ତ୍ୟୋଦୟ ଗୃହ ଯୋଜନା

- କାର୍ଯ୍ୟାଦେଶ ଦେଇ ଭୁଲିଗଲେ
- ହିତାଧିକାରୀଙ୍କ ଖାତାକୁ ଟଙ୍କାଟିଏ ବି ଆସିନି
- କାର୍ଯ୍ୟାଦେଶର ୪୦ଦିନ ପରେ ବି ମିଳୁନି ଅର୍ଥ




ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ସମାଜର ଆର୍ଥିକ ଅନଗ୍ରସରଙ୍କ ପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ କରିଛନ୍ତି ରାଜ୍ୟ ସରକାର। ବିଭିନ୍ନ ସରକାରୀ କଟକଣା ଯୋଗୁଁ ପୂର୍ବରୁ ଜାରୀ ରହିଥିବା ଆବାସ ଯୋଜନାରୁ ବଂଚିତ ଗରିବ ଓ ନିରାଶ୍ରୟ ଲୋକଙ୍କ ନିମନ୍ତେ ରାଜ୍ୟ ସରକାର ନୂତନ କରି ଅନ୍ତ୍ୟୋଦୟ ଗୃହ ଯୋଜନା ମାର୍ଚ୍ଚ ୩୦ତାରିଖରେ ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ପ୍ରଥମ ପର୍ଯ୍ୟାୟରେ ୧୦ଜଣ ହିତାଧିକାରୀଙ୍କୁ ଉପସ୍ଥିତ ଅତିଥି କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କିନ୍ତୁ ଏହାରି ଭିତରେ ମାସେ ଭିତି ଯାଇଥିଲେ ବି ପ୍ରଥମ କିସ୍ତି ଦିଆଯାଇନି। ଯଦ୍ଦ୍ୱାରା ଘର ନିର୍ମାଣ କାମ ଆରମ୍ଭ ହୋଇପାରୁନି। ଏହାକୁ ନେଇ ହିତାଧିକାରୀ ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ନାବାଳକ ଥିବା ବିଧବା ମହିଳା, ପରିବାର ମୁଖ୍ୟ ଉପାର୍ଜନକାରୀ ଭିନ୍ନକ୍ଷମ, ବିଭିନ୍ନ ଗୁରୁତର ରୋଗରେ ଆକ୍ରାନ୍ତ ଥିବା ପରିବାର, କୁଷ୍ଠ ରୋଗରୁ ମୁକ୍ତି, ମୁକ୍ତ ଗୋତି ଶ୍ରମିକ, ସହିଦ ପରିବାର, ପ୍ରାକୃତିକ କିମ୍ବା ମନୁଷ୍ୟକୃତ ଭାବେ ବଡ଼ ବିପର୍ଯ୍ୟୟ ସମ୍ମୁଖୀନ ହୋଇଥିବା ପରିବାର ବା ପୀଡିତଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସ୍ପଷ୍ଟ ହୋଇଥିଲା। ଅର୍ଥାତ ସବୁ ଅସହାୟ ବର୍ଗଙ୍କ ନିମନ୍ତେ ସରକାର ଏହି ମହତାକାଂକ୍ଷା ଯୋଜନା ଆଣିଛନ୍ତି। ଏ ନେଇ ଗତ ମାର୍ଚ୍ଚ ୩୦ତାରିଖରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୧୦ଜଣ ହିତାଧିକାରୀ ଙ୍କୁ ଗୃହ ନିର୍ମାଣ ପାଇଁ ଏକ ସଭା କରି ବିଡ଼ିଓଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏହି ଯୋଜନାରେ ଗୃହ ନିର୍ମାଣ ପାଇଁ ୩ଟି ପର୍ଯ୍ୟାୟରେ ମୋଟ ୧ଲକ୍ଷ ୨୦ହଜାର ଟଙ୍କା ହିତାଧିକାରୀମାନଙ୍କୁ ଦିଆଯିବାର ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟରେ ୪୦ହଜାର, ଦ୍ୱିତୀୟ ପର୍ଯ୍ୟାୟରେ ୬୫ହଜାର ଏବଂ ତୃତୀୟ ପର୍ଯ୍ୟାୟ ରେ ୧୫ହଜାର ଟଙ୍କା ଦିଆଯିବା ପାଇଁ ସ୍ଥିର ହୋଇଛି। ମାତ୍ର ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ଦିଆଯିବାର ୪୦ଦିନ ବିତି ଯାଇଥିଲେ ମଧ୍ୟ ପ୍ରଥମ କିସ୍ତି ଟଙ୍କା ବ୍ୟାଙ୍କ ଖାତାକୁ ଆସିନାହିଁ। ଟଙ୍କା ଆସିବ ବୋଲି ହିତାଧିକାରୀ ଚାତକ ପରି ଚାହିଁ ବସିଛନ୍ତି। ଆଗକୁ ବର୍ଷା ଦିନ ଆସୁଛି। ବର୍ଷା ଦିନେ ଘର ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେବ। ନିର୍ମାଣ ସାମଗ୍ରୀ ଦର ବି ବଢ଼ିଯିବ। ଅନୁରୂପ ଭାବେ ଘର ନିର୍ମାଣ ଖର୍ଚ୍ଚ ଅଧିକ ହୋଇଯିବ। କାର୍ଯ୍ୟାଦେଶ ମିଳିବାର ୪ମାସ ମଧ୍ୟରେ ଘର ସମ୍ପୂର୍ଣ୍ଣ କଲେ ୨୦ହଜାର ଏବଂ ୬ମାସରେ ସାରିଲେ ୧୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବାର ନିୟମ ରହିଛି। ଏ ଭିତରେ ଟଙ୍କା ନ ମିଳି ମାସେ ବିତିଗଲାଣି। ୩ମାସ ମଧ୍ୟରେ ଘର ନିର୍ମାଣ ସାରିବା ଅସମ୍ଭବ। ସରକାରୀ ଅବହେଳା ଯୋଗୁଁ ସେମାନେ ପ୍ରୋତ୍ସାହନ ରାଶି ପାଇବାରୁ ବଂଚିତ ହେବେ। ଏହାକୁ ଆଖିରେ ରଖି ତୁରନ୍ତ ହିତାଧିକାରୀଙ୍କ ଖାତାକୁ ପ୍ରଥମ କିସ୍ତି ଟଙ୍କା ପଠାଇବାକୁ ହିତାଧିକାରୀ ମାନେ ଦାବୀ କରିବା ସହ ସେବେ ଠାରୁ ଅବଧି ଆରମ୍ଭ ବ୍ୟବସ୍ଥା କରାଯାଉ।ଏ ସମ୍ପର୍କରେ ବୁଝିବାକୁ ଅସ୍ତରଙ୍ଗ ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରାଙ୍କ ସହ ଯୋଗାଯୋଗ କରିଥିଲୁ କିନ୍ତୁ ସମ୍ଭବ ହୋଇନାହିଁ।

# ବିପଦରେ ଗାଁ ଅର୍ଥନୀତିର ପ୍ରମୁଖ ଆଧାର ଗୋସମ୍ପଦ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଜବରଦଖଲରେ ଗୋଚର ଜମି। ଚାରଣ ଜମି ଅଭାବରୁ ଏବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ ଅଞ୍ଚଳରେ ଥିବା ଗାଁ ରେ ଗାଈଗୋରୁଙ୍କ ସଂଖ୍ୟା ହ୍ରାସ ଘଟୁଛି। ପୂର୍ବରୁ ଏହି ଗୋ ସମ୍ପଦ ଗାଁ ଅର୍ଥନୀତିକୁ ସୁଦୃଢ କରୁଥିଲା। ଆଉ ଏବେ ଚାରଣ ଜମି ଅଭାବରୁ ଗୋ ସମ୍ପଦ ହ୍ରାସ ଦ୍ୱାରା ଗ୍ରାମ୍ୟ ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଛି। ଏହି ପ୍ରସଙ୍ଗକୁ ନେଇ ବୁଦ୍ଧିଜୀବୀ ମାନେ ବାରମ୍ବାର ପ୍ରଶାସନ ଆଗରେ ଉପସ୍ଥାପନ କରି ଆସୁଥିଲେ ମଧ୍ୟ ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି ଅସ୍ତରଙ୍ଗ ଅଞ୍ଚଳର ବରିଷ୍ଠ ଓ ଅଭିଜ୍ଞ ସାମ୍ବାଦିକ ବିଜୟ ବେହେରା। ପୂର୍ବରୁ ଗାଁର ଅଧିକାଂଶ ପରିବାର ଗାଈ ଗୋରୁ ପାଳୁଥିଲେ। ପ୍ରତି ଗାଁ ଗୋଠରୁ ଜଣେ ଜଣେ ଯାଉଥିଲେ ଜଗିବାକୁ। ପ୍ରତିଦିନ ଗାଈ ଗୋରୁଙ୍କୁ ଫିଟାଇ ଚରାଇବାକୁ ନେଉଥିଲେ। ସଞ୍ଜ ନଇଁବା ପୂର୍ବରୁ ଗାଈ ଗୋଠ ନେଇ ଗାଁକୁ ଫେରୁଥିଲେ। ହେଲେ ଏବେ ବହୁ ଗାଁରେ ଆଉ ଗାଈ ଗୋଠ ଦେଖିବାକୁ ମିଳୁନି। ଗାଈର ଦୁଗ୍ଧ, ଗୋବର, ମୂତ୍ର ଆଦି ଔଷଧୀୟ ଗୁଣରେ ଭରପୁର।ଏହା ସହ ଗୋ ମୂତ୍ରରୁ ଫିନାଇଲି, ପଞ୍ଚ ଗବ୍ୟ ଭଳି ଔଷଧ ପ୍ରସ୍ତୁତ ଓ ବିକ୍ରି ବଟା କରି ଆର୍ଥିକ ସ୍ଥିତି ସୁଦୃଢ କରିବାକୁ ଚେଷ୍ଟା କରୁଛନ୍ତି। ଏହା ପୂର୍ବରୁ ଗୋବର ଖତ, ଗୋମୂତ୍ର, ଘଷି, ଦୁଗ୍ଧ, ଦହି, ଘିଅ ଆଦି ପ୍ରସ୍ତୁତି ଓ ବିକ୍ରିବଟା ଦ୍ୱାରା ଗାଁ ଅର୍ଥନୀତି ସୁଦୃଢ ହେଉଥିଲା। ଚାଷ ଓ ଚାଷୀଙ୍କର ଆର୍ଥିକ ଅଭିବୃଦ୍ଧିର କାରଣ ପାଲଟିଥିବା ଗୋ ସମ୍ପଦ ଏବେ କିନ୍ତୁ ଗୋଚର ଜମି ଜବର ଦଖଲ ଯୋଗୁଁ ଅସ୍ତିତ୍ୱ ସଙ୍କଟରେ ପଡ଼ିଛି। ଗୋପାଳକ ଏବେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ନିର୍ଯାତିତ ହେଉଛି। ଗୋ ସୁରକ୍ଷା ପାଇଁ ସରକାର ଗୋଚର ଜମିରୁ ଜବରଦଖଲ ହଟାଇବା ସହ ଏହାରି ଆଧାରରେ ଗାଁ ଅର୍ଥନୀତିକୁ ସୁଦୃଢ କରିବା ଆବଶ୍ୟକ ବୋଲି ମତ ଦେଇଛନ୍ତି। ଅପରପକ୍ଷରେ ଗ୍ରାମାଞ୍ଚଳରେ ଗୋଚର ଜମିକୁ ଜବରଦଖଲ ମୁକ୍ତ କରି ଚାରଣଭୂମି ସୃଷ୍ଟି ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଦାବୀ ହୋଇଛି।

# କବାଟ ଭାଙ୍ଗି ଲୁଟିନେଲେ ଲକ୍ଷ ଲକ୍ଷ ଟଙ୍କାର ସୁନା



ଚିକିଟି (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଗୋଳନ୍ଥରା ଥାନା ଅଧିନସ୍ଥ ଦାନପୁର ଗ୍ରାମରେ ଗତ ଗୁରୁବାର ବିଳମ୍ବିତ ରାତିରେ ଚୋର ମାନେ ଗ୍ରିଲକାଟି କବାଟ ଭାଙ୍ଗି ଲକ୍ଷ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରିକରି ଫେରାର ହୋଇଯାଇଛନ୍ତି । ସୂଚନା ପ୍ରକାରେ ଗତ ରାତିରେ ଗୋଳନ୍ଥରା ଥାନା ଅଧିନସ୍ଥ ଦାନପୁର ଗ୍ରାମର ଦେବରାଜ ମହାନ୍ତିଙ୍କ ସହ ପରିବାର ନିଜର ନିତ୍ୟକର୍ମ ସାରି ଶୋଇପଡ଼ିଥିବା ବେଳେ ଚୋରମାନେ ପ୍ରଥମେ ଗ୍ରିଲକାଟି ଘରେ ପଶିଥିଲେ । ଘରର ଗୋଟିଏ ପରେ ଗୋଟଏ କବାଟ ଭାଙ୍ଗି ଶେଷରେ ଆଲମିରା ଭାଙ୍ଗି ଲକର ରେ ଥିବା ପଚିଶି ଭରି ସୁନା ଚୋରି କରି ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏଣେ ତେଣେ ଫିଙ୍ଗି ଉଭାନ ହୋଇଯାଇଥିଲେ। ପରିବାରର ସଦସ୍ୟ ଉଠି ଦେଖିଲାବେଳେ ଘର ସାରା ଲୁଗାପଟା କାଗଜ ପତ୍ର ଏଣେ ତେଣେ ବିଞ୍ଚି ହୋଇପଡ଼ିଛି। ଘରର ସମସ୍ତ କବାଟ ଭଂଗାଯାଇଥିବା ମଧ୍ୟ ଦେଖିବାକୁ ପାଇଥିଲେ। ପରେ ପରେ ଥାନାରେ ଅଭିଯୋଗ ପ୍ରଦାନ କରିଥିଲେ । ଅଭିଯୋଗ ପାଇ ଗୋଳନ୍ଥରା ଥାନା ପୋଲିସ ପହଂଚି ଘଟଣାର ଅନୁଧ୍ୟାନ କରି ସନ୍ଧାନୀ କୁକୁର ଆଣି ତଦନ୍ତ କରିଥିବା ମଧ୍ୟ ପ୍ରକାଶ ପାଇଛି । ପ୍ରକାଶଯୋଗ୍ୟ ଯେ ଆଜକୁ ପ୍ରାୟ ତିନରୁ ଚାରିମାସ ହେଲା କେ. ନୂଆଗାଁ ଥାନା,ଗୋଳନ୍ଥରା ଥାନା ଇଲାକାରେ ଲଗାତର ଚୋରି ହୋଇ ଆସୁଥିବା ବେଳେ ପୋଲିସର କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନଥିବା ହେତୁ ଚୋର ମାନଙ୍କୁ ସୁବର୍ଣ୍ଣ ସୁଯୋଗ ମିଳୁଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

# ଓଡ଼ିଶା ରକ୍ତଦାତା ସଂଘର ପ୍ରତିଷ୍ଠା ଦିବସ ପାଳିତ



ଜଳେଶ୍ୱର(ଭାସ୍କର ନ୍ୟୁଜ): ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ଓଡିଶା ରକ୍ତଦାତା ସଂଘର ଦଶମ ପ୍ରତିଷ୍ଠା ଦିବସ ଜଳେଶ୍ୱର ସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି।ସଂଗଠନର ସଭାପତି ଭିକାରୀ ଚରଣ ମିଶ୍ରୀ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜଳେଶ୍ୱର ସ୍ଥିତ ଦୀନକୃଷ୍ଣ ମହାବିଦ୍ୟାଳୟର ଯୁବ ରେଡକ୍ରସ କାଉନସେଲର ଡ.ମାନସ କୁମାର ଦାଶ ଯୋଗଦେଇ ସ୍ୱେଚ୍ଛା ରକ୍ତଦାନର ମହନୀୟତା ଓ ରେଡକ୍ରସର ଜନକ ଜନ ହେନରୀ ଡୁନାଣ୍ଟଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।ସମ୍ମାନିତ ଅତିଥି ଭାବେ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଅଶୋକ କୁମାର ରଥ ଓ ଯୁବ ରେଡକ୍ରସ କାଉନସେଲର ଅଧ୍ୟାପକ ଜ୍ଞାନ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇଥିଲେ। ଯୁବ ସମାଜ ଓ ସାମାଜିକ ଅନୁଷ୍ଠାନ ଅଧିକରୁ ଅଧିକ ଭାବେ ସ୍ୱେଚ୍ଛା ରକ୍ତଦାନ କ୍ଷେତ୍ରରେ ସହଯୋଗ କରିବା ପାଇଁ ଅତିଥିମାନେ ଉପସ୍ଥିତ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ଗୋଟିଏ ରକ୍ତ ଗୋଟିଏ ଜୀବନ କେବଳ ସ୍ଲୋଗାନରେ ନୁହଁ କାର୍ଯ୍ୟରେ ପରିଣତ କରିବାର ସମୟ ଆସିଛି ବୋଲି ଏହି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି ।ଏହାଦ୍ୱାରା ଚିକିତ୍ସା କ୍ଷେତ୍ରରେ ରକ୍ତ ସଙ୍କଟକୁ କିଛି ମାତ୍ରାରେ ଦୂର କରାଯାଇ ପାରିବ ବୋଲି ଅତିଥିମାନେ ରକ୍ତଦାନ ଶିବିର ଆୟୋଜକ ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଧ୍ୟାପକ ଶ୍ରୀହରୀ ଶଙ୍କର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଧନଞ୍ଜୟ ଜେନା, ଆଶୁତୋଷ ପାତ୍ର, ସମ୍ବିତ କୁମାର ପ୍ରଧାନ, ଶ୍ରବଣ କୁମାର ନାଥ, ନିରଞ୍ଜନ ବାରିକ ଓ ପଦ୍ମଲୋଚନ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରବୀନ୍ଦ୍ର କୁମାର ବେହେରା, ରେଶମ ଆଫ୍ରଜ ଓ ତେଜଶ୍ରୀ ମହାନ୍ତି ପ୍ରମୁଖ ସ୍ୱେଚ୍ଛା ରକ୍ତଦାନ ଶୀର୍ଷକ କବିତା ପାଠ କରିଥିଲେ। ଯଜ୍ଞେଶ୍ୱର ଗିରି, ମନ୍ମଥ କୁମାର ଦଳେଇ, ତାପସ ବେହେରା, ବିନୋଦ କୁମାର ଦାସ, ଅମ୍ବିକା ରାଉତ, ଅର୍ପିତା ରଣା ଓ ପୂଜା ରାୟ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ରଶ୍ମିତା ମଣ୍ଡଳ, ଅନୁରାଧା ଦାସ, ଗୀତା ଦଳାଇ, ଅର୍ଚ୍ଚନା ଆଚାର୍ଯ୍ୟ ଓ ସାବିତ୍ରୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ନେତା ମନୁଆଁ ମହାନ୍ତିଙ୍କ ପରଲୋକ

କରଞ୍ଜିଆ(ଭାସ୍କର ନ୍ୟୁଜ୍): କଟକର ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଡାକ୍ତରଖାନାରେ ବୁଧବାର ଦିନ ଯଶିପୁରର କଂଗ୍ରେସ ନେତା ପ୍ରକାଶଚନ୍ଦ୍ର ମହାନ୍ତି ଓରଫ୍ ମନୁଆଁ ମହାନ୍ତି (୫୬)ଙ୍କର ପରଲୋକ ଘଟିଛି। ମୃତ୍ୟୁବେଳକୁ ଯଶିପୁର-ଜାମଦାସାହି ବସ ମାଲିକ ସଂଘର ସଂପାଦକ, ପଶ୍ଚିମ ମୟୂରଭଂଜ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସଂପାଦକ ଦାୟିତ୍ୱରେ ଥିଲେ। ସେ ଛାତ୍ରାବସ୍ଥାରେ ଯଶିପୁର ମହାବିଦ୍ୟାଳୟ ଛାତ୍ର ସଂଘର ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ସେ ଦଳୀୟ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ସ୍ଥାନୀୟ ଜନସାଧାରଣଙ୍କ ସୁଖଦୁଃଖରେ ସାମିଲ୍ ହୋଇ ଆସୁଥିଲେ। ତାଙ୍କରି ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ମନୁଆଁଙ୍କ ଶେଷ ଦର୍ଶନ ପାଇଁ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ, ପୂର୍ବତନ ସାଂସଦ ସୁଶୀଳା ତିରିଆ, ରାଇରଙ୍ଗପୁର ପୂର୍ବତନ ବିଧାୟକ ଶ୍ୟାମଚରଣ ମୁର୍ମୁ, ପଶ୍ଚିମ ମୟୂରଭଂଜ ସାଙ୍ଗଠନିକ ଜିଲ୍ଲା ସଭାପତି ଭୁବନବିହାରୀ ସାହୁ, କଂଗ୍ରେସ୍ ନେତା ଲାଳନ ସିଂ, ଠାକୁରମୁଣ୍ଡା ବ୍ଲକର ପୂର୍ବତନ ଚେୟାରମେନ ତଥା ନାରୀନେତ୍ରୀ ଜବାମଣି ଟୁଡୁ, ଉତ୍କଳ ସାମ୍ବାଦିକ ସଂଘର ପୁର୍ବତନ ରାଜ୍ୟ ସଭାପତି ମନୋଜ ଦାସ, ଯଶିପୁର ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ତାଙ୍କରି ଶେଷ ଦର୍ଶନ କରିଥିଲେ ।

# ଭାଜପାର ଅପରେସନ 'ସିନ୍ଦୁର' ବିଜୟ ଉତ୍ସବ ପାଳିତ



ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ଭାଜପା ତରଫ ଦଳୀୟ କାର୍ଯ୍ୟାଳୟ ଠାରେ ଭାରତୀୟ ସେନାର ଅପରେସନ ସିନ୍ଦୁର ବିଜୟ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଗତ ୨୨ ତାରିଖ ଦିନ ଜାମ୍ମୁ ଓ କାଶ୍ମୀର ପହଲଗାଁଓ ଠାରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ମାନେ ଧର୍ମ ପଚାରି ବାଛି ବାଛି ହିନ୍ଦୁ ପୁରୁଷ ମାନଙ୍କୁ ଯେଉଁଭଳି ବର୍ବରତାର ସହ ନିର୍ମମ ହତ୍ୟା କରିଥିଲେ । ଏହି ଘଟଣା ଶୁଣି ସାରା ଦେଶ ସ୍ତବ୍ଧ ହୋଇଯାଇଥିଲା ।ପ୍ରଧାନମନ୍ତ୍ରୀ ମୋଦି ଦେଶବାସୀଙ୍କୁ ଭରସା ଦେଇଥିଲେ ଏହାର ପ୍ରତିଶୋଧ ନିଆଯିବ ବୋଲି କହିବା ସହ ଭାରତୀୟ ସେନାଙ୍କୁ ସଂମ୍ପୂର୍ଣ୍ଣ ଖୋଲା ଚ୍ୟାଲେଞ୍ଜ ଦେଇଥିଲେ। ଠିକ୍ ୧୫ ଦିନ ପରେ ତଥା ଗତ ଅଧ ରାତ୍ରିରେ ଅପରେସନ ସିନ୍ଦୁର ନାମରେ ଭାରତୀୟ ସେନା ପାକ ସୀମା ପାର କରି ପାକିସ୍ତାନ ଭିତରେ ଥିବା ୯ ଗୋଟି ଆତଙ୍କୀ ଆଡା ସ୍ଥଳୀକୁ ଧ୍ୱଂସ କରିଛନ୍ତି। ଏହି ଅପରେସନରେ କୁଖ୍ୟାତ ଆତଙ୍କବାଦୀ ମସୁଦ ଆଜାରଙ୍କ ପରିବାରର ୧୪ ଜଣ ସଦସ୍ୟ ମୃତ୍ୟୁ ବରଣ କରିବା ସହ ଶତାଧିକ ଆତଙ୍କବାଦୀ ଏଥିରେ ନିପାତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଉମରକୋଟ ଭାଜପା କର୍ମୀ ରାଜ ରାସ୍ତାରେ ସରକାର ଓ ଭାରତୀୟ ସେନାଙ୍କୁ ସମ୍ମାନ ଜଣାଇ ନାରାବାଜି କରି ବାଣ ଫୁଟେଇ ପଥଚାରୀ ଲୋକଙ୍କୁ ମିଠା ବାଣ୍ଟି ଅପରେସନ ସିନ୍ଦୁରର ବିଜୟ ଉତ୍ସବ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦଙ୍କ ପ୍ରତିନିଧି ରାମ ନାୟକ, ପ୍ରଭାତ କୁମାର ନାୟକ, ନାଗେଶ୍ୱର ନାୟକ, ଗୋପୀନାଥ ସାହୁ, ବାବୁ ଶର୍ମା, ଅମିତ ହାଲଦାର, ସୂଦେବ ନନ୍ଦୀ, ଦିଲିପ ବିଶ୍ୱାସ, ଦୁଃଖଲୁ ମେହେର, ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଲିଛି ଡ୍ରପ୍ ଆଉଟ୍ ସର୍ଭେ

- ନିର୍ଦ୍ଧାରିତ ସମୟରେ ସରିବା ନେଇ ଆଶଙ୍କା
- ପରିବାର ମୁଖ୍ୟ ସଠିକ ତଥ୍ୟ ଦେଉନଥିବା ଜଣାପଡିଛି



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ମେ ପହିଲାରୁ ଆରମ୍ଭ ହୋଇଛି ଡ୍ରପ୍ ଆଉଟ ସର୍ଭେ। ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଘରକୁ ଘର ଯାଇ ସର୍ଭେ କରୁଛନ୍ତି। ସର୍ଭେ ଶେଷ ମେ ୭ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଆଉ ୨ ଦିନ ବଢ଼ାଇ ଦିଆଯାଇଛି। ସର୍ଭେ ସମୟରେ ଅନେକ ପ୍ରତିକୂଳ ପରିସ୍ଥିତି ସାମ୍ନା କରୁଛନ୍ତି ଶିକ୍ଷକ, ଶିକ୍ଷୟିତ୍ରୀ। ସରକାରଙ୍କୁ ଘାରିଛି ସ୍କୁଲ ଡ୍ରପ ଆଉଟ ଚିନ୍ତା। ବିଦ୍ୟାଳୟଠାରୁ ବାହାରେ ଥିବା ପିଲାଙ୍କୁ ଚିହ୍ନଟ କରାଯାଉଛି। ୧ବର୍ଷରୁ ୧୮ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଚିହ୍ନଟ ପାଇଁ ଏହି ସର୍ଭେ କରାଯାଉଛି। ଘର ଘର ବୁଲି ସର୍ଭେ ଆରମ୍ଭ କରିଛନ୍ତି ଶିକ୍ଷକ ଓ ଶିକ୍ଷୟିତ୍ରୀ। ପ୍ରାଥମିକ, ଉଚ୍ଚ ମାଧ୍ୟମିକ ସ୍କୁଲକୁ କେଉଁ କାରଣରୁ ଛାତ୍ର, ଛାତ୍ରୀ ଯାଉ ନାହାନ୍ତି ତାର କାରଣ ସଂଗୃହିତ ତଥ୍ୟରୁ ଖୋଜାଯିବ। ଡ୍ରପ ଆଉଟ କମାଇବାକୁ ନେଇ ଅନେକ ଯୋଜନା କରାଯାଉଥିବା ବେଳେ ସବୁ କିଛି ଥାଇ ମଧ୍ୟ ସ୍କୁଲକୁ ଯିବାକୁ ଅମଙ୍ଗ ହେଉଛନ୍ତି ଛାତ୍ର, ଛାତ୍ରୀ। ତେବେ କଣ ପାଇଁ ସ୍କୁଲକୁ ପିଲାମାନେ ଆସୁ ନାହାନ୍ତି ? ଅଧାରୁ କଣ ପାଇଁ ଛାଡୁଛନ୍ତି ପାଠପଢା? ସେ ନେଇ ସର୍ଭେ ଗଣଶିକ୍ଷା ବିଭାଗ ତରଫରୁ ହେଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ୧୨ଜଣ ସାଧନ ସଂଯୋଜକ କାର୍ଯ୍ୟର ନିରୀକ୍ଷଣ କରୁଥିବା ବେଳେ ୨୯୩ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ନିୟୋଜିତ ହୋଇ ସର୍ଭେ ତଥ୍ୟ ସଂଗ୍ରହ କରୁଛନ୍ତି ବୋଲି ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ କହିଛନ୍ତି। ମୋବାଇଲ ଆପ ଜରିଆରେ ତଥ୍ୟ ସଂଗ୍ରହ ଚାଲିଛି। ପ୍ରତିଦିନ ସର୍ଭେ ସରିବା ପରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ପ୍ରଧାନଶିକ୍ଷକ ଙ୍କ ମାଧ୍ୟମରେ ସାଧନ ସଂଯୋଜକଙ୍କୁ ଦୈନିକ ରିପୋର୍ଟ ପ୍ରଦାନ କରୁଛନ୍ତି। ଯାହା ଜଣାପଡିଛି ୨୦୧୧ଜନ ଗଣନା ତୁଳନାରେ ଗୃହ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଥିବା ବେଳେ କିନ୍ତୁ ସ୍ଥାନୀୟ ଅଞ୍ଚଳ କିଛି ଲୋକ ଓ ପରିବାର ମୁଖ୍ୟ ସଦସ୍ୟ ପରିବାର ସଠିକ ତଥ୍ୟ ଦେଉନ ଥିବାରୁ ପ୍ରକୃତ ରେ ସ୍ପଷ୍ଟ ତଥ୍ୟ ମିଳିପାରୁନାହିଁ।

# ଅସ୍ତିତ୍ୱ ହରାଉଛି ଛତିଆର ଐତିହାସିକ 'ଅମରାବତୀ ଦୁର୍ଗ'




ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ତଥା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆର ଐତିହାସିକ ଅମରାବତୀ ଦୁର୍ଗ ଏବେ ତା'ର ଅସ୍ତିତ୍ୱ ହରାଇବାକୁ ବସିଛି। ଭଗ୍ନ ଅବସ୍ଥାରେ ପଡିରହିଛି ଇନ୍ଦ୍ର ଇନ୍ଦ୍ରାଣୀଙ୍କର ବିରଳ ମୂର୍ତ୍ତି ଆଉ ପରିତ୍ୟକ୍ତ ଅବସ୍ଥାରେ ରହିଛି ବିଚାର ମଣ୍ଡପ । ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏହି ଐତିହାସିକ ଦୁର୍ଗ ଖୁବ ଅବହେଳିତ ଅବସ୍ଥାରେ ପଡି ରହିଥିବା ଦେଖିବାକୁ ମିଳୁଛି । କିମ୍ବଦନ୍ତୀ କହେ ଖ୍ରୀଷ୍ଟପୂର୍ବ ୭୩୬ ରୁ ଖ୍ରୀ ୯୫୦ ପର୍ଯ୍ୟନ୍ତ ଭୌମକର ମାନେ ଗୁହଦେବ ପାଟକ (ଆଧୁନିକ ଯାଜପୁର)ରୁ ଓଡିଶା ଶାସନ କରୁଥିଲେ । ଭୌମକର ମାନେ ମୁଖ୍ୟତଃ ଯୁଦ୍ଧଖୋର ପ୍ରକୃତିର ଥିଲେ ଓ ସେମାନଙ୍କର ସୈନ୍ୟବାହିନୀ ଖୁବ ଶକ୍ତିଶାଳୀ ଥିଲେ । ଏଣୁ ମନେ ହୁଏ ଅମରାବତୀ କଟକ ଭୌମକରମାନଙ୍କ ସମୟରେ ନିର୍ମିତ ହୋଇଥିଲା । ସୋମବଂଶର ରାଜା ପ୍ରଥମ ଜନ୍ମେଜୟ ନିମ୍ନ ମହାନଦୀ ଅବବାହିକାରେ ଚୌଦ୍ୱାର ଅଞ୍ଚଳ ଦଖଲ କରିବା ସମୟରେ ଏହା ସେମାନଙ୍କ ହାତକୁ ଯାଇଥିଲା । ପରେ ସୋମବଂଶର ଶେଷ ରାଜା କର୍ଣ୍ଣଦେବଙ୍କ ଠାରୁ ଚୋଡ଼ଗଙ୍ଗ ଦେବ ଏହାକୁ ଦଖଲ କରି ନେଇଥିଲେ । ଏହା ବ୍ୟତୀତ କେତେକ ଖୋଦିତ ପ୍ରସ୍ତର ଖଣ୍ଡ ଓ ଇଟାଖଣ୍ଡରୁ ଜଣାଯାଏ ଯେ, ସେଗୁଡିକ ୮ମ ଓ ୯ମ ଶତାବ୍ଦୀ ଭୌମକର ସମୟର ବୋଲି । ତେବେ ଛତିଆର ଏହି ଐତିହାସିକ ଦୁର୍ଗ ଯାଜପୁର ଜିଲ୍ଲା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଥିବା ବେଳେ ଏହି ଦୁର୍ଗର ରକ୍ଷଣାବେକ୍ଷଣ ଉପରେ କାହିଁକି ଗୁରୁତ୍ୱ ଦିଆଯାଉ ନାହିଁ ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୂଚନା ମୁତାବକ ୧୬ ନମ୍ବର ଜାତୀୟ ରାଜପଥର ଛତିଆ ବଜାର ନିକଟ ଧନିଆ ପାହାଡ଼ ପାଦ ଦେଶରେ ୯ ଏକର ୩୬ ଡ଼ିସିମିଲ ପରିମିତ ଜମିରେ ଏହି ଦୁର୍ଗ ଅବସ୍ଥିତ । ଏହା ଭିତରେ ରାଜ ମଣ୍ଡପ,ରାଣୀହଂସପୁର ଓ ବିଚାର ମଣ୍ଡପ ରହିଛି । ଯୁଦ୍ଧ ସମୟରେ ଏହି ଦୁର୍ଗରେ ସେନାପତିଙ୍କ ସହିତ ସୈନ୍ୟବାହିନୀ ରହୁଥିଲେ । ଏହି ଦୁର୍ଗର ପ୍ରବେଶ ଦ୍ୱାରରେ ପ୍ରସ୍ତର ନିର୍ମିତ ତୋରଣ ରହିଛି । ଯାହା ଏବେ ଭଗ୍ନ ଅବସ୍ଥାରେ । ତେବେ ଅନ୍ୟ ଏକ ସୂଚନା ମୁତାବକ ଏହି ଦୁର୍ଗ ସମ୍ପର୍କରେ ଅବଗତ ହୋଇ ତତ୍କାଳୀନ ଓଡ଼ିଶାର ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ଗତ ୧୯୪୦ ରୁ ୧୯୪୫ ମସିହା ମଧ୍ୟରେ ଏହି ଦୁର୍ଗର ବଡ଼ ବଡ଼ କୁଦକୁ ସେତେବେଳେ ଖନନ କରିଥିଲେ । ଖନନ ସମୟରେ କୁଦ ତଳୁ ଇନ୍ଦ୍ର ଇନ୍ଦ୍ରାଣୀ ମୂର୍ତ୍ତି ସହିତ ସେହି ସମୟର ପିତଳ ବାସନ, ବିଭିନ୍ନ ମୂର୍ତ୍ତି ଓ ପ୍ରସ୍ତର ନିର୍ମିତ ଖଣ୍ଡା ଆଦି ବାହାରିଥିଲା । ସେତେବେଳେ ବାହାରିଥିବା ଏହି ବିରଳ କୀର୍ତ୍ତିରାଜିକୁ ପ୍ରତ୍ନତତ୍ତ୍ୱ ବିଭାଗ ଭୁବନେଶ୍ୱରର ମିଉଜିୟମକୁ ନେଇଯାଇଥିବା ବେଳେ କିଛି ମୂର୍ତ୍ତି ଏଠାରେ ରହିଥିଲା । ସେଥିମଧ୍ୟରୁ ଇନ୍ଦ୍ର ଇନ୍ଦ୍ରାଣୀ ମୂର୍ତ୍ତି ଅନ୍ୟତମ । ତେବେ ଅନ୍ୟ କିଛି ଦୁର୍ଲଭ ପ୍ରସ୍ତର ନିର୍ମିତ ମୂର୍ତ୍ତି ମଧ୍ୟ ଏବେ ଏଠାରେ ପଡି ରହିଥିବା ଦେଖିବାକୁ ମିଳୁଛି । ଅନ୍ୟ ଏକ ସୂଚନା ମୁତାବକ ଏହି ଦୁର୍ଗର ଗାରିମା ବୃଦ୍ଧି ପାଇଁ ଏହାର ସମ୍ମୁଖ ଭାଗକୁ ଲାଗି ରହିଥିବା ୩ ଏକର ଜମିରେ ତୁଳସୀବଣ କରିବା ପାଇଁ ୧୯୬୫ ମସିହାରେ ତତ୍କାଳୀନ କଟକ ଜିଲ୍ଲାପାଳ ଅମରବତୀ ପୀଠର ସେତେବେଳର ପିଠାଧିଶ ଅଲେଖ ଚନ୍ଦ୍ର ଗୋସ୍ୱାମୀଙ୍କ ମାରଫତରେ ତିନି ଏକର ଜମିକୁ ଲିଜ ଆକାରରେ ଦେଇଥିଲେ । ହେଲେ ପରବର୍ତ୍ତୀ ସମୟରେ ଚକ୍ରାନ୍ତ କରି କେତେକ ବ୍ୟକ୍ତି ସେହି ଜମିକୁ ନିଜ ନାମରେ କରି ନେଇଥିଲେ । ଏନେଇ ଉଚ୍ଚ ନ୍ୟାୟାଳୟରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ମାମଲା ରୁଜୁ କରିଥିଲେ । ତେବେ ମାମଲା ପରେ ସେହି ଜମି ଏବେ ଦେବତ୍ତୋର ବିଭାଗକୁ ଫେରି ଆସିଥିବାବେଳେ ଆଉ ୪ଟି ମାମଲା ଏବେ ବିଚାରଧୀନ ରହିଥିବା ଜଣାଯାଇଛି। ତେବେ ଛତିଆ ମାଟିର ଗୌରବ ବହନ କରୁଥିବା ଏଭଳି ଏକ ଐତିହାସିକ ଦୁର୍ଗ ଏବେ ଘଞ୍ଚ ଜଙ୍ଗଲିଆ ପରିବେଶ ମଧ୍ୟରେ ରହିଥିବା ଦେଖିବାକୁ ମିଳୁଛି । ଏହାର ରକ୍ଷଣାବେକ୍ଷଣ ଉପରେ କେହି ଯେମିତି ଗୁରୁତ୍ୱ ଦେଉନାହାନ୍ତି । ତୁରନ୍ତ ଏହାର ରକ୍ଷଣାବେକ୍ଷଣ ସହିତ ପର୍ଯ୍ୟଟକ,ଗବେଷକ ଓ ପରବର୍ତ୍ତୀ ପିଢ଼ି ପାଇଁ ଏହି ଦୁର୍ଗକୁ ଯତ୍ନର ସହିତ ସୁରକ୍ଷିତ କରି ରଖିବା ପାଇଁ ଛତିଆ ଅଞ୍ଚଳବାସୀ ସରକାରଙ୍କ ପାଖରେ ଦାବି କରାଯାଇଛି ।